# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, December 2/2025 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 9 | ମୂଲ୍ୟ ₹୭/-




## ହରେନ୍ଦ୍ର ସିଂଙ୍କ ଇସ୍ତଫା

ବ୍ୟକ୍ତିଗତ କାରଣ ଦର୍ଶାଇ ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି ହରେନ୍ଦ୍ର ସିଂ।


୧୪ | ୦୨


## ପୁଣି ବିବାହ କଲେ ସାମନ୍ଥା

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ସୋମବାର ଦି ଫ୍ୟାମିଲି ମ୍ୟାନ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କୁ ବିବାହ କରିଛନ୍ତି।



# ୪ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର

## ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍

**ଭୁବନେଶ୍ୱର,୧।୧୨(ତପନ ସ୍ୱାଇଁ)**

ଶ୍ରୀଲଙ୍କାର କଲମ୍ବୋଠାରେ ଆୟୋଜିତ ପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ମହିଳା କ୍ରିକେଟ୍ ଦଳ ଚାମ୍ପିୟନ ହୋଇ ଇତିହାସ ରଚିଛି। ଭାରତୀୟ ବିଶ୍ୱକପ ଦଳରେ ସାମିଲ ଥିବା ଓଡ଼ିଶାର ୪ ଖେଳାଳି ବାଲେଶ୍ୱରର ଫୁଲ ସୋରେନ, ମୟୂରଭଞ୍ଜର ପାର୍ବତୀ ମାର୍ଣ୍ଡି, ଯମୁନାରାଣୀ ଟୁଡୁ ଏବଂ ବାସନ୍ତୀ ହାଁସଦା ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ବିଶ୍ୱ ଚାମ୍ପିୟନ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇବା ସହ ନିଜ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥି ସହିତ ପ୍ରତ୍ୟେକ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ସ୍ୱରୂପ ୧୧ ଲକ୍ଷ ଟଙ୍କା ଲେଖାଏ ଅର୍ଥ ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଖେଳାଳିଙ୍କର ଦୃଢ଼ ନିଷ୍ଠା ଓ ଉଲ୍ଲେଖନୀୟ ପ୍ରଦର୍ଶନକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ କହିଛନ୍ତି ଯେ "ନିଜର ନିଷ୍ଠା ଓ ଅଧ୍ୟବସାୟ ବଳରେ ଖେଳରେ ଉତ୍କର୍ଷ ପ୍ରଦର୍ଶନ କରି ଆପଣମାନେ ଦେଶ ☞ପୃଷ୍ଠା-୪





କଲମ୍ବୋରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପରେ ଚାମ୍ପିୟନ ଭାରତୀୟ ଦଳରେ ସାମିଲଥିବା ଓଡ଼ିଶାର ୪ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ଦେଶବ୍ୟାପୀ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ

## ଡିଜିଟାଲ ଆରେଷ୍ଟ ମାମଲା

**ନୂଆଦିଲ୍ଲୀ,୧।୧୨(ପି.ଟି.)**

ଡିଜିଟାଲ ଆରେଷ୍ଟ ଦୁର୍ନୀତି ମାମଲାଗୁଡ଼ିକର ଦେଶବ୍ୟାପୀ ଏକୀକୃତ ତଦନ୍ତ କରିବା ପାଇଁ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ସାଇବର ଅପରାଧୀମାନେ ବ୍ୟବହାର କରୁଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଖୋଜି ବାହାର କରିବା ସହ ସେଗୁଡ଼ିକୁ ଅଚଳ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ବ୍ୟବହାର କରୁନାହିଁ କାହିଁକି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ଦେଶରେ ଡିଜିଟାଲ ଆରେଷ୍ଟ ନାମରେ ସାଇବର ଅପରାଧ ବଢ଼ିଚାଲିଛି। ଅପରାଧୀମାନେ ନିଜକୁ ଆଇନ ପ୍ରବର୍ତ୍ତନକାରୀ ବା କୋର୍ଟ ଅଫିସର ଅଥବା ସରକାରୀ ଏଜେନ୍ସିର ଅଫିସର ପରିଚୟ ଦେଇ ଲୋକଙ୍କୁ ଅଡିଓ ଏବଂ ଭିଡିଓ କଲ୍ ଜରିଆରେ ଭୟଭୀତ କରାଇଥାନ୍ତି। ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକପ୍ରକାର ପଣବନ୍ଦୀ କରି ରଖିବା ସହ ଟଙ୍କା ପୈଠ କରିବାକୁ ଚାପ ପକାଇଥାନ୍ତି। ବିରୋଧୀ ଦଳ ଶାସିତ ପଶ୍ଚିମବଙ୍ଗ, ତାମିଲନାଡୁ, କର୍ଣ୍ଣାଟକ ଏବଂ ତେଲଙ୍ଗାନା ସମେତ ସମସ୍ତ ରାଜ୍ୟ ଡିଜିଟାଲ ଆରେଷ୍ଟ ମାମଲାରେ ସିବିଆଇକୁ ତଦନ୍ତ ପାଇଁ ଅନୁମତି ଦେବାକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି।

ସାଇବର ଅପରାଧ ମାମଲାରେ ବ୍ୟବହୃତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଅଚଳ କରିବା ପାଇଁ ଏଆଇ କିମ୍ବା ମେସିନ୍ ଲର୍ନିଂ ପ୍ରଯୁକ୍ତି କାହିଁକି ବ୍ୟବହାର କରାଯାଉ ନାହିଁ, ତାହାର ଜବାବ ☞ପୃଷ୍ଠା-୪

# ବିଦା ହେଲେଣି ୪୯ ବାଂଲାଦେଶୀ: ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀର ଲାଲ୍‌କିଲା ବୋମା ବିସ୍ଫୋରଣ ଘଟଣା ପରେ ସାରା ଦେଶରେ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଜୋରଦାର କରାଯାଇଛି। ଏହିକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ଖୋଳତାଡ଼ ଚାଲିଛି। ସୋମବାର ବିଧାନସଭାରେ ବାଂଲାଦେଶୀ ଅନୁପ୍ରବେଶକାରୀ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଆମ ସରକାର ଆସିବା (୧୨ ଜୁନ୍ ୨୦୨୪) ପରଠାରୁ ଇତିମଧ୍ୟରେ ୫୧ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ୪୯ଜଣଙ୍କୁ ଦେଶାନ୍ତର କରାଯାଇଛି। ଆଉ ୫୦ ଜଣ ସନ୍ଦିଗ୍ଧଙ୍କ ପରିଚୟପତ୍ର ଯାଞ୍ଚ ପ୍ରକ୍ରିୟା ଚାଲିଛି। ଅପରପକ୍ଷେ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୧,୬୪୯ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଥିବା ୨୦୦୫ରୁ ବିଭିନ୍ନ ସମୟରେ ବିଧାନସଭାରେ ତଥ୍ୟ ଉପସ୍ଥାପିତ ହୋଇଛି। ଏଥିସହ ଏହି ଜିଲାରେ ୭୬ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଳାଭାଷୀ ବସବାସ କରୁଛନ୍ତି। କିନ୍ତୁ ଗତ ଅଗଷ୍ଟ ମାସରୁ ଏଠାରେ ବାଂଲାଦେଶୀ ଅନୁପ୍ରବେଶକାରୀ ଖୋଜା ପ୍ରକ୍ରିୟା ଚାଲିଥିବାବେଳେ ଜଣେ ହେଲେ ଏପର୍ଯ୍ୟନ୍ତ ଚିହ୍ନଟ ହୋଇ ନ ପାରିବା ଉଦ୍‌ବେଗର ବିଷୟ ବୋଲି କୁହାଯାଉଛି।**

**ଭୁବନେଶ୍ୱର,୧।୧୨(ରବିନାରାୟଣ ଜେନା)**

କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମେ' ୨ରେ ନିର୍ଦ୍ଦେଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାଂଲାଦେଶୀ ଓ ଅନୁପ୍ରବେଶକାରୀଙ୍କୁ ବିଦା କରିବା ନେଇ ତତ୍ପରତା ଦେଖାଦେଇଛି। ସେମାନଙ୍କୁ କିଭଳି ଚିହ୍ନଟ କରାଯାଇ ଓଡ଼ିଶାରୁ ବିଦା କରାଯିବ ସେନେଇ 'ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ' ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ରାଜ୍ୟରୁ ୪୯ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଯାଇଥିବାବେଳେ ଏବେ ବି ବହୁ ଅଞ୍ଚଳରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଜଣାଇଛନ୍ତି।

ସୋମବାର ବିଧାୟକ ଗୌତମବୁଦ୍ଧ ଦାସ ଓ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଇତିମଧ୍ୟରେ ୫୧ ବାଂଲାଦେଶୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୪୯ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଗଲାଣି। ସେଥିମଧ୍ୟରେ ଖୋର୍ଦ୍ଧା ସହରରୁ ୨୪, କଟକରୁ ୧୫, ଗଞ୍ଜାମ ୬, କନ୍ଧମାଳ ୩, କୋରାପୁଟରୁ ଜଣେ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇ ନିଜ ଦେଶକୁ ପଠାଯାଇଛି। ଅନ୍ୟ ୨ ବାଂଲାଦେଶୀ ଅନୁପ୍ରବେଶକାରୀ ଜାଲ୍ ପାସ୍‌ପୋର୍ଟ କରି ଧରାପଡ଼ିଛନ୍ତି। ସେମାନଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବାଂଲାଦେଶୀଙ୍କୁ ଚିହ୍ନଟ, ଅଟକ ଏବଂ ଦେଶାନ୍ତର କରିବା ପାଇଁ 'ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ' ଗଠନ କରାଯାଇଛି। ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ସମସ୍ତ ଏସ୍‌ପିଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

ଏହି ଅବସରରେ ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ବାଂଲାଦେଶୀଙ୍କୁ ଚିହ୍ନଟ ଓ ଅଟକ ରଖିବା ପାଇଁ ରାଜ୍ୟସ୍ତରରେ ୨ଟି ଏବଂ ଜିଲାସ୍ତରରେ ୧୮ ଗୋଟି କେନ୍ଦ୍ର ଖୋଲାଯାଇଛି। ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଯିବା ପର୍ଯ୍ୟନ୍ତ ରଖାଯାଉଛି। ☞ପୃଷ୍ଠା-୪

## କେନ୍ଦ୍ରାପଡ଼ାରେ ଚିହ୍ନଟ ପ୍ରକ୍ରିୟା ବାଟବଣା

**କେନ୍ଦ୍ରାପଡ଼ା,୧।୧୨(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାରେ ୧,୬୪୯ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଥିବା ୨୦୦୫ ମସିହାରୁ ବିଧାନସଭାରେ ବାରମ୍ବାର ତଥ୍ୟ ଉପସ୍ଥାପନ କରାଯାଉଛି। ଅପରପକ୍ଷେ ସାରା ରାଜ୍ୟରେ ଗତ ଅଗଷ୍ଟ ମାସଠାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଖୋଳତାଡ଼ ଚାଲିଥିବାବେଳେ ଏହିଜିଲାରେ ଚିହ୍ନଟ ପ୍ରକ୍ରିୟା ଅଦ୍ୟାବଧି ଜାରି ରହିଛି। ତେବେ ସୋମବାର ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଅନ୍ୟ ଜିଲାର ୫୧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ମାତ୍ର ଗତ ୪ ମାସ ଧରି କେନ୍ଦ୍ରାପଡ଼ା ଜିଲାର ଜଣେହେଲେ ଅନୁପ୍ରବେଶକାରୀ ଚିହ୍ନଟ ସମ୍ପର୍କରେ ଜିଲା ପୋଲିସ ପକ୍ଷରୁ ତଥ୍ୟ ପ୍ରକାଶ ନ ହେବା ଉଦ୍‌ବେଗର ବିଷୟ କୁହାଯାଉଛି। ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି, ସୁଶାନ୍ତ ନାୟକ, ବୀରେନ୍ଦ୍ର ଦାସ, ଆକାଶ ଦାସ, ମନ୍ମଥ ନାୟକ ପ୍ରମୁଖ କହିଛନ୍ତି, ବଙ୍ଗଭଙ୍ଗ ସମୟରେ ଏହି ଜିଲାରେ ମୋଟ ୧,୨୩୭ ଜଣ ବାଂଲାଦେଶୀଙ୍କୁ ଥଇଥାନ କରାଯାଇଥିଲା। ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୧୯୬୦ ମସିହାରୁ ଏପର୍ଯ୍ୟନ୍ତ ୪୨ଟି ବାଂଲାଭାଷୀଙ୍କ ରାଜସ୍ୱ ଗ୍ରାମ ସୃଷ୍ଟି ହୋଇଛି। ୨୦୧୧ ଜନଗଣନା ଅନୁସାରେ ଜିଲାରେ ବାଂଲାଭାଷୀଙ୍କ ସଂଖ୍ୟା ୭୬ ହଜାରରୁ ଊର୍ଦ୍ଧ୍ୱ ରହିଥିବା ବେଳେ ସାମ୍ପ୍ରତିକ ସମୟରେ ଏହି ସଂଖ୍ୟା ଅଧିକ ହେବ। ଖୋଲାମେଲା ସମୁଦ୍ର ଓ ରାଜପଥ ଯୋଗୁ ଏହି ଜିଲାକୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଆସିବାରେ ବାଧା ନାହିଁ। ଏଠାକୁ ଆସି ରାଜନେତାଙ୍କ ଶରଣରେ ରହି ଭୋଟର କାର୍ଡ, ରାଶନ କାର୍ଡ, ଆଧାର ଆଦି ପ୍ରସ୍ତୁତ ☞ପୃଷ୍ଠା-୪

# ଏନ୍‌ଆର୍‌ଟିଏସ୍ ପରୀକ୍ଷାଫଳ ପ୍ରକାଶ

**କଟକ,୧।୧୨(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍‌ଆର୍‌ଟିଏସ୍) ୨୦୨୫ର ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in-ରେ ଉପଲବ୍ଧ ହୋଇଥିବା ଲିଙ୍କ୍ ଖୋଲିବା ପରେ ନିଜ ରୋଲ୍ ନମ୍ବର କିମ୍ବା ନାମ ପୂରଣ କରି ଫଳ ଦେଖିପାରିବେ। ଗତ ସେପ୍ଟେମ୍ବର ୧୯ ତାରିଖରେ ଅନୁଷ୍ଠିତ ଏହି ପରୀକ୍ଷା ୫୩,୮୧୦ଜଣ ଛାତ୍ରୀଛାତ୍ର ଦେଇଥିଲେ। ଅପରପକ୍ଷରେ ୩୫୫ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସମଗ୍ର ରାଜ୍ୟରେ ୩୫୫ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା।

# 'ରାଜଭବନ' ହେଲା 'ଲୋକ ଭବନ'



**ଭୁବନେଶ୍ୱର,୧।୧୨(ସୁନିତ୍ ମିଶ୍ର)**

ଆନୁଷ୍ଠାନିକ ଭାବେ ଉଭୟ ଭୁବନେଶ୍ୱର ଏବଂ ପୁରୀ 'ରାଜଭବନ' ର ନାମ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ନାମରେ ନାମିତ କରାଯାଇଛି। ଏହି ପରିବର୍ତ୍ତନ ସମ୍ପର୍କରେ ରାଜଭବନ ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ଜାରି କରାଯାଇ ସୂଚନା ଦିଆଯାଇଛି। ଏହା ଓଡ଼ିଶାର ପ୍ରଶାସନିକ ପରିଚୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବୋଲି କୁହାଯାଇଛି। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ୨୦୨୪ରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଆରାବଳିକୁ ମାରିଦେବେ

# ଜୀବନବ୍ୟାପୀ ସଞ୍ଚିତ ଅର୍ଥ ଦାନ କଲେ ଡାକ୍ତର

## ଏମ୍‌ସକୁ ୩ କୋଟି ୪୦ ଲକ୍ଷ ଦାନ: ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବେ ଡାକ୍ତର ଲକ୍ଷ୍ମୀବାଈ



ପ୍ରଫେସର ଡା. କେ. ଲକ୍ଷ୍ମୀବାଈ

**ବ୍ରହ୍ମପୁର,୧।୧୨(ସୁବାସ ଚନ୍ଦ୍ର ପାଢ଼ୀ)**

ଶହେ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ବ୍ରହ୍ମପୁରର ଜଣେ ମହିଳା ଡାକ୍ତର ବଦାନ୍ୟତା ଦେଖାଇଛନ୍ତି। ନିଜର ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟସେବାର ବିକାଶରେ ବିନିଯୋଗ ନିମନ୍ତେ ସେ ଦାନ କରିଛନ୍ତି। ସମ୍ପୃକ୍ତ ଡାକ୍ତର ଜଣଙ୍କ ହେଲେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ଡା. କେ. ଲକ୍ଷ୍ମୀବାଈ। ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ସେ ଭୁବନେଶ୍ୱର ଏମ୍‌ସକୁ ୩ କୋଟି ୪୦ଲକ୍ଷ ଟଙ୍କା ଦେଇଛନ୍ତି। ଏହି ଅର୍ଥ ଏମ୍‌ସ ମହିଳା କର୍କଟ ରୋଗ ଚିକିତ୍ସା ଓ ଯତ୍ନ କେନ୍ଦ୍ରକୁ ଦିଆଯାଇଛି।

୧୯୨୬ ଡିସେମ୍ବର ୫ରେ ଡା. ଲକ୍ଷ୍ମୀବାଈଙ୍କ ଜନ୍ମ। ୧୯୪୫ରୁ ୧୯୫୦ ମଧ୍ୟରେ ସେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ିଥିଲେ। ସେ ଏସ୍‌ସିବିର ପ୍ରଥମ ବ୍ୟାଚ ଏମ୍‌ବିବିଏସ୍ ଛାତ୍ରୀ ଥିଲେ। ୧୯୫୮ରେ ମାଡ୍ରାସ ମେଡିକାଲ କଲେଜରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ପାଠ୍ୟକ୍ରମରେ ଡିପ୍ଲୋମା ଓ ପରେ ମାଷ୍ଟର ଡିଗ୍ରୀ ପଢ଼ା ସାରିଥିଲେ। ପ୍ରଫେସର ଡା. ଲକ୍ଷ୍ମୀବାଈ ୧୯୫୦ରେ ସୁନ୍ଦରଗଡ଼ ଜିଲା ହସ୍ପିଟାଲରୁ ଚାକିରି ଜୀବନ ଆରମ୍ଭ କରି ୧୯୮୬ରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରୁ ଅବସର ନେଇଥିଲେ। ଅବସର ପରେ ସେ ଏବେ ବ୍ରହ୍ମପୁର ଭାବାନଗରସ୍ଥିତ ଘରେ ରହୁଛନ୍ତି। ଆସନ୍ତା ୫ ତାରିଖରେ ୧୦୦ତମ ଜନ୍ମଦିନ ପାଳନ ଅବସରରେ ସେ ଏମ୍‌ସକୁ ଦାନ ସମ୍ପର୍କରେ ଘୋଷଣା କରିବେ ବୋଲି ସୂଚନା ମିଳିଛି। ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟ ସେବା ନିମନ୍ତେ ଦାନ କରି ପ୍ରଫେସର ଡା. ଲକ୍ଷ୍ମୀବାଈ ଅତ୍ୟନ୍ତ ଖୁସିଥିବା କହିଛନ୍ତି। ତାଙ୍କର ଛାତ୍ରୀ ତଥା ଜଣାଶୁଣା ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ପ୍ରଫେସର ପି. ଭାରତୀ ଓ ଡା. ଭାରତୀ ମିଶ୍ର ଏହି କାର୍ଯ୍ୟର ତଦାରଖ କରୁଛନ୍ତି। ସ୍ୱାସ୍ଥ୍ୟସେବା ପ୍ରତି ଗୁରୁଙ୍କ ବଦାନ୍ୟତା ଦେଖି ଉଭୟେ ଖୁସି ହେବା ସହ ତାଙ୍କ ଆଦର୍ଶ ଅନେକଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଫେସର ଡା. ଲକ୍ଷ୍ମୀବାଈ ପୂର୍ବରୁ ଭାରତଜ୍ୟୋତି ଆୱାର୍ଡ, ଇଣ୍ଟରନ୍ୟାଶନାଲ ଫ୍ରେଣ୍ଡଶିପ୍ ସୋସାଇଟି ଆୱାର୍ଡ ଏବଂ ବେଷ୍ଟ ସିଟିଜେନ ଅଫ ଇଣ୍ଡିଆ ଆୱାର୍ଡ ପାଇଛନ୍ତି।

# ଜନଶୁଣାଣି ଶିବିରରେ ବିଧବାଙ୍କ ଆତ୍ମାହୁତି ଉଦ୍ୟମ

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନ ଶୁଣିବାରୁ ଚରମ ନିଷ୍ପତ୍ତି



ସସ୍ମିତା ମାଝୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

**ବାଙ୍କୀ,୧।୧୨(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ସ୍ୱାମୀଙ୍କ ମୃତ୍ୟୁ ପରେ ସହାୟତା ରାଶି ପାଇବା ପାଇଁ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ବାରମ୍ବାର ନିବେଦନ କଲେ। ହେଲେ କେହି ଗୁହାରି ନ ଶୁଣିବାରୁ ଜଣେ ମହିଳା ଚରମ ନିଷ୍ପତ୍ତି ନେଇଛନ୍ତି। କଟକ ଜିଲା ବାଙ୍କୀ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ସସ୍ମିତା ମାଝୀ ନିଜ ଶରୀରରେ ପ୍ଲାଷ୍ଟିକ ବୋତଲରେ ଆଣିଥିବା ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ତେବେ ଏହି ସମୟରେ ନିକଟରେ ଥିବା ପୋଲିସ ଓ ଜିଲାପାଳଙ୍କ ସୁରକ୍ଷା ଅଧିକାରୀ ତାଙ୍କୁ କାବୁ କରିନେଇଛନ୍ତି। ତାଙ୍କ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଖବର ମୁତାବକ, ବାଙ୍କୀ ବୈଦେଶ୍ୱର ପଞ୍ଚାୟତସ୍ଥିତ ରଙ୍ଗଣୀ ସାହିର ସସ୍ମିତାଙ୍କ ସ୍ୱାମୀ ବନମାଳୀ ଖଟୁଆଙ୍କ ୨ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରଠାରୁ ସସ୍ମିତା କେତେବେଳେ ଶାଶୁଘରେ ତ ଆଉ କେତେବେଳେ ☞ପୃଷ୍ଠା-୪

## ଅଭିଯୋଗ ଶୁଣାଣିରେ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

### ଗୁରାଣ୍ଡି ଥାନା ଅଧିକାରୀଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ

**ପାରଳାଖେମୁଣ୍ଡି, ୧।୧୨ (ଗିରିଧାରୀ ପରିଛା)**

ଟଙ୍କା ଧାର ଦେଇଥିଲେ। ବାରମ୍ବାର ମାଗିବା ପରେ ଫେରସ୍ତ ପାଇଲେନି। ଏନେଇ ଥାନା ବାବୁଙ୍କୁ ଅଭିଯୋଗ କରିବାରେ ସେ ନ୍ୟାୟ ଦେବା ପରିବର୍ତ୍ତେ ଅଶ୍ଳୀଳ ଇଙ୍ଗିତ ଦେବାସହ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କଲେ। ଏମିତି ଏକ ସାଂଘାତିକ ଅଭିଯୋଗ ଆଣି ଜଣେ ମହିଳା ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ। ଅପରପକ୍ଷରେ ଏହି ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଅଭିଯୋଗର ତଦନ୍ତ ପାଇଁ ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲକାନ୍ତ ମହାନ୍ତି କହିଛନ୍ତି।

ଏନେଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ମହାଦେଇପୁର ଗ୍ରାମର ମହିଳାଙ୍କ କହିବା ଅନୁଯାୟୀ, ୨୦୨୨ ଓ ୨୦୨୪ରେ ପୃଥକ୍ ପୃଥକ୍ ଭାବେ ଗ୍ରାମର ଗୋଟିଏ ପରିବାରର ପ୍ରଶାନ୍ତ ଧଳ, ହାରା ଧଳ ଓ ଜଗଦୀଶ ଧଳ ନିଜର ସମସ୍ୟା ଜଣାଇ ତାଙ୍କଠାରୁ ଦୁଇଟି କିସ୍ତିରେ ୩ ଲକ୍ଷ ୭୭ ହଜାର ଟଙ୍କା ଧାର ନେଇଥିଲେ। ସମସ୍ତେ କାଗଜପତ୍ରରେ ଲେଖିକରି ଟଙ୍କା ନେଇଥିଲେ। ☞ପୃଷ୍ଠା-୪



ଅପରେଶନ ସାଗରବନ୍ଧୁ: ଶ୍ରୀଲଙ୍କାରେ ବନ୍ୟା ଓ ଭୂସ୍ଖଳନ ପରେ ଉଦ୍ଧାର କାର୍ଯ୍ୟରେ ଭାରତର ଏନ୍‌ଡିଆର୍‌ଏଫ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି।

# ହାସିନାଙ୍କୁ ପୁଣି ୫ ବର୍ଷ ଜେଲଦଣ୍ଡ

ଢାକା,୧।୧୨



ଶେଖ୍ ହାସିନା

ବାଂଲାଦେଶର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଏକ ଜମି ଦୁର୍ନୀତି ମାମଲାରେ ସେଠାର ଏକ ଅଦାଲତ ଦୋଷୀସାବ୍ୟସ୍ତ କରିବା ସହ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ମାମଲାରେ ହାସିନାଙ୍କ ଝିଆରୀ ତଥା ବ୍ରିଟିଶ ପାର୍ଲାମେଣ୍ଟାରିଆନ୍ ଟୁଲିପ୍ ସିଦ୍ଦିକଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ଢାକାର ସ୍ପେଶାଲ ଜଜ୍ କୋର୍ଟ-୪ର ବିଚାରପତି ମହମ୍ମଦ ରାବିଉଲ୍ ଆଲାମ ଏକ ଦୁର୍ନୀତି ମାମଲାରେ ହାସିନାଙ୍କ ଭଉଣୀ ଶେଖ୍ ରେହନାଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିବାବେଳେ ଅନ୍ୟ ୧୪ ଜଣ ଅଭିଯୁକ୍ତଙ୍କୁ ୫ ବର୍ଷ ଲେଖାଏଁ ଜେଲଦଣ୍ଡ ମିଳିଛି। ସମସ୍ତ ୧୭ ଦୋଷୀଙ୍କ ଉପରେ ୧ ଲକ୍ଷ ଟାକା ଜରିମାନା ଲଗାଯାଇଛି। ଏହା ପୈଠ ନକଲେ ସେମାନଙ୍କୁ ଅତିରିକ୍ତ ୬ ମାସ ଜେଲରେ ରହିବାକୁ ପଡ଼ିବ ବୋଲି ବିଚାରପତି କହିଛନ୍ତି। ସିଦ୍ଦିକ ଜଣେ ବ୍ରିଟିଶ-ବାଂଲାଦେଶୀ ଲେବର ପାର୍ଟି ନେତ୍ରୀ। ସେ ରେହନାଙ୍କ ଝିଅ। ୨୦୧୫ରୁ ସେ ବ୍ରିଟେନରେ ଏମ୍‌ପି ଅଛନ୍ତି। ହାସିନାଙ୍କ ଶାସନ କାଳରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଗତ ଏପ୍ରିଲରେ ଅନ୍ତରୀଣ ସରକାର ସିଦ୍ଦିକଙ୍କ ନାଁରେ ଗିରଫ ପରୱାନା ଜାରି କରିଥିଲେ। ସେ ବାହାରେ ରହି ତାଙ୍କ ମାଆ, ମାଉସୀ, ଭାଇ ଓ ଭଉଣୀଙ୍କୁ ପ୍ଲଟ୍ ହାତେଇବା ପାଇଁ ପ୍ରଭାବିତ କରିଥିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଛନ୍ତି। ହାସିନାଙ୍କ ବିରୋଧରେ ଦୁର୍ନୀତି ମାମଲାରେ ଏହା ଚତୁର୍ଥ ରାୟ। କିଛିଦିନ ପୂର୍ବର ୩ଟି ମାମଲାରେ ତାଙ୍କୁ ୨୧ ବର୍ଷ ଜେଲଦଣ୍ଡ ହୋଇଥିଲା। ଗତବର୍ଷ ଅଗଷ୍ଟରେ ଛାତ୍ର ଆନ୍ଦୋଳନକୁ ଦମନ କରିବା ପାଇଁ ସେନାକୁ ବଳ ପ୍ରୟୋଗ କରିବା ଲାଗି ନିର୍ଦ୍ଦେଶ ଦେଇଥିବା ଅଭିଯୋଗରେ ହାସିନାଙ୍କୁ ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ଗତମାସ ୧୭ ତାରିଖରେ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ।

# ଏସ୍‌ଆଇଆର୍‌କୁ ନେଇ ହଟ୍ଟଗୋଳ

## ପ୍ରଥମ ଦିନ ଲୋକ ସଭା ମୁଲତବୀ

ନୂଆଦିଲ୍ଲୀ,୧।୧୨

ଭୋଟର ତାଲିକାର ବିବାଦୀୟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ ଆଲୋଚନା ଦାବିରେ ବିରୋଧୀ ଜୋରଦାର ବିରୋଧ ଜାରି ରଖିବାରୁ ଶୀତ ଅଧିବେଶନର ପ୍ରଥମ ଦିନରେ ସୋମବାର ଲୋକ ସଭାକୁ ମୁଲତବୀ ରଖାଯାଇଛି।

ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଅନେକ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଅତ୍ୟଧିକ କାର୍ଯ୍ୟଚାପରୁ ଆତ୍ମହତ୍ୟା କରିଥିବା ବିରୋଧୀ ଦର୍ଶାଇଥିଲେ। ଅପରାହ୍ନ ୨ଟା ୨୦ରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ପୂର୍ବାହ୍ନ ପ୍ରଶ୍ନୋତ୍ତର କାଳରେ ଏବଂ ପରେ ଅପରାହ୍ନରେ ୨ ଥର ମୁଲତବୀ ହୋଇଥିଲା। ଅନେକ ବିରୋଧୀ ସଦସ୍ୟ ଗୃହ ମଧ୍ୟଭାଗକୁ ଆସି ଏସ୍‌ଆଇଆର୍ ବିରୋଧରେ ସ୍ଲୋଗାନ ଦେବା ସହ ପ୍ରତିବାଦ କରିଥିଲେ।

ହଟ୍ଟଗୋଳ ମଧ୍ୟରେ ମଣିପୁରରେ ସଂଶୋଧିତ ଜିଏସ୍‌ଟି ଆଇନ ଲାଗୁ କରିବା ପାଇଁ ଅଣାଯାଇଥିବା ବିଲ୍ ସ୍ୱଳ୍ପ ଆଲୋଚନା ପରେ ଗୃହୀତ ହୋଇଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଉକ୍ତ ବିଲ୍ ଆଗତ କରିଥିଲେ। ଏଥିସହିତ ଅର୍ଥମନ୍ତ୍ରୀ ତମାଖୁ ଓ ତମାଖୁ ଉତ୍ପାଦ ଉପରେ ଉତ୍ପାଦ ଶୁଳ୍କ ଧାର୍ଯ୍ୟ ଲାଗି ଏବଂ ପାନ ମସଲା ଉତ୍ପାଦନ ଉପରେ ନୂଆ ସେସ୍ ଲଗାଇବା ପାଇଁ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ସଂଶୋଧନ) ବିଲ୍ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଓ ଜାତୀୟ ସୁରକ୍ଷା ସେସ୍ ବିଲ୍ ଆଗତ କରିଥିଲେ।

ରାଜ୍ୟ ସଭାରେ ମଧ୍ୟ ବିରୋଧୀ ଏସ୍‌ଆଇଆର୍ ଉପରେ ତୁରନ୍ତ ଆଲୋଚନା ଦାବି କରିଥିଲେ। ସରକାର ଆଲୋଚନା ପାଇଁ ବିମୁଖ ନୁହନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିବା ସହ ସମୟସୀମା ଧାର୍ଯ୍ୟ କରିବାକୁ ଚାପ ନ ପକାଇବା ପାଇଁ କହିଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ କେତେକ ବିରୋଧୀ ସଦସ୍ୟ କକ୍ଷତ୍ୟାଗ କରିଥିଲେ। ପୂର୍ବରୁ ବିରୋଧୀ ସଦସ୍ୟ ଏସ୍‌ଆଇଟି ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ ଦେଇଥିବାବେଳେ ଗୃହ ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ତାହାକୁ ଅନୁମତି ଦେଇ ନ ଥିଲେ।

## ରୁବୈୟା ସୟିଦ ଅପହରଣ ମାମଲାରେ ସନ୍ଦିଗ୍ଧ ଗିରଫ



ରୁବୈୟା ସୟିଦ

ନୂଆଦିଲ୍ଲୀ,୧।୧୨(ପି.ଟି.)

୧୯୮୯ ଡିସେମ୍ବର ୮ରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ମୁଫ୍‌ତି ମହମ୍ମଦ ସୟିଦଙ୍କ ଝିଅ ରୁବୈୟା ସୟିଦଙ୍କୁ ଜେକେଏଲ୍‌ଏଫ୍ ଆତଙ୍କବାଦୀ ଅପହରଣ କରିନେଇଥିଲେ। ଅପହରଣର ୩୬ ବର୍ଷ ପରେ ଉକ୍ତ ମାମଲା ସହ ସମ୍ପୃକ୍ତ ଜଣେ ସନ୍ଦିଗ୍ଧଙ୍କୁ ସିବିଆଇ ଗିରଫ କରିଥିବା ସୋମବାର କହିଛି। ଅପହରଣର ୫ ଦିନ ପରେ ରୁବୈୟାଙ୍କୁ ମୁକ୍ତ କରିଦିଆଯାଇଥିଲା। ଜେକେଏଲ୍‌ଏଫ୍‌ର ସର୍ତ୍ତ ଅନୁଯାୟୀ ତତ୍କାଳୀନ ଭାଜପା ସମର୍ଥିତ ଭି.ପି. ସିଂ ସରକାର ଏହା ବଦଳରେ ୫ ଆତଙ୍କବାଦୀଙ୍କୁ ଛାଡ଼ିଥିଲେ। ତାମିଲନାଡୁରେ ରହୁଥିବା ରୁବୈୟା ସିବିଆଇ ପାଇଁ ସରକାରୀ ପକ୍ଷର ସାକ୍ଷୀ ଭାବେ କାର୍ଯ୍ୟ କରୁଛନ୍ତି। ୧୯୯୦ରେ ସିବିଆଇ ଉକ୍ତ ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲା। ଅପହରଣ ମାମଲାର ମୁଖ୍ୟ ଅଭିଯୁକ୍ତ ୟାସିନ୍ ମଲିକ ଏବେ ତିହାର ଜେଲରେ ଅଛନ୍ତି।

## ପାର୍ଲାମେଣ୍ଟ ନାଟକ ମଞ୍ଚ ନୁହେଁ: ପ୍ରଧାନମନ୍ତ୍ରୀ





ଶୀତ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି।

ଶୀତ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଗଣମାଧ୍ୟମକୁ ସମ୍ବୋଧିତ କରି କହିଥିଲେ, ପାର୍ଲାମେଣ୍ଟ କୌଣସି ନାଟକ ମଞ୍ଚ ନୁହେଁ, ଏହା ଦେବାର ସ୍ଥାନ। ବିରୋଧୀ ଦଳ ନିର୍ବାଚନ ପାଇଁ କିମ୍ବା ପରାଜୟ ପରେ କୌଣସି ଧୋକାବାଜି ବାହାର କରିବା ଲାଗି ଗୃହକୁ ଏକ ଅଭ୍ୟାସ ଆଖଡ଼ାରେ ପରିଣତ କରିଥିବା ପ୍ରଧାନମନ୍ତ୍ରୀ ଅଭିଯୋଗ କରିଥିଲେ। ଅଧିବେଶନ ରାଜନୈତିକ ନାଟକବାଜି ନ ହୋଇ ଗଠନମୂଳକ ତଥା ଫଳପ୍ରଦାନକାରୀ ବିତର୍କର ମଞ୍ଚ ହେବା ଆବଶ୍ୟକ। ରାଜନୀତିରେ ସକାରାତ୍ମକତା ଆଣିବା ଲାଗି ବିରୋଧୀଙ୍କୁ କେତେକ ଟିପ୍ସ ଦେବା ପାଇଁ ପ୍ରସ୍ତାବ ରଖିଥିଲେ। ଆମକୁ ଦାୟିତ୍ୱପୂର୍ଣ୍ଣ ସହକାରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ବିରୋଧୀ ଦଳ କଡ଼ା ସମାଲୋଚନା କରିଛି। କେନ୍ଦ୍ର ସରକାର କୌଶଳକ୍ରମେ ସଂସଦୀୟ ମର୍ଯ୍ୟାଦାକୁ ନଷ୍ଟ କରୁଛନ୍ତି। ଗତ ୧୧ ବର୍ଷ ହେଲା ସଂସଦୀୟ ବ୍ୟବସ୍ଥା ନଷ୍ଟ ହୋଇଚାଲିଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ମୌସୁମୀ ଅଧିବେଶନରେ ସରକାର ତରବରିଆ ଭାବେ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ବିନା ଆଲୋଚନାରେ କିମ୍ବା ସ୍ୱଳ୍ପ ଆଲୋଚନାରେ ଗୃହୀତ କରାଇ ନେଇଥିଲେ। ପ୍ରଧାନମନ୍ତ୍ରୀ ସବୁଠୁ ବଡ଼ ଡ୍ରାମାବାଜି ବୋଲି ଖାର୍ଗେ କହିଛନ୍ତି। ସେହିପରି କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଏବଂ ଦିଲ୍ଲୀ ବାୟୁ ପ୍ରଦୂଷଣ ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠାଇବା ଡ୍ରାମା ନୁହେଁ।

## ଶ୍ରୀଲଙ୍କାରେ ଫସିଥିବା ଭାରତୀୟଙ୍କୁ ଫେରାଇ ଅଣାଗଲା

କଲମ୍ବୋ,୧।୧୨

ବାତ୍ୟା ଡିଟ୍‌ୱା ପ୍ରଭାବରେ ବନ୍ୟା ଓ ଭୂସ୍ଖଳନରେ ଶ୍ରୀଲଙ୍କାରେ ୩୫୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଅନେକ ଭାରତୀୟ ଫେରି ନ ପାରି ସେଠାରେ ଫସିରହିଥିଲେ। ଅପରେଶନ ସାଗରବନ୍ଧୁ ଜରିଆରେ ଭାରତୀୟ ବାୟୁସେନା ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିଛି। ସୋମବାର କଲମ୍ବୋର ବନ୍ଦରନାଏକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଶେଷ ବ୍ୟାଚ୍‌ରେ ୧୦୪ ଭାରତୀୟ ଯାତ୍ରୀ ବାୟୁସେନା ବିମାନରେ ଆସି ଥିରୁଭନନ୍ତପୁରମ୍‌ରେ ପହଞ୍ଚିଛନ୍ତି। ଶ୍ରୀଲଙ୍କା ବନ୍ୟା ଓ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ସୋମବାର ୩୫୫ରେ ପହଞ୍ଚିଥିବାବେଳେ ୩୬୬ ଜଣ ନିଖୋଜ ରହିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଭାରତୀୟ ବାୟୁସେନା ସାମିଲ ହୋଇଛି। ୨ ଦଶନ୍ଧି ମଧ୍ୟରେ ଉକ୍ତ ଦ୍ୱୀପଦେଶରେ ଏହା ସବୁଠୁ ଭୟାବହ ପ୍ରାକୃତିକ ବିପର୍ଯ୍ୟୟ ଯେଉଁଥିରେ ଉପକୂଳ ସମେତ କେନ୍ଦ୍ରୀୟ ଶ୍ରୀଲଙ୍କାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବର୍ଷା ବିପ୍ୟାତରେ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଫୋନ୍ ବିକ୍ରି ପୂର୍ବରୁ ସଞ୍ଚାର ସାଥୀ ଆପ୍ ସଂଯୋଗ କର

## ସ୍ମାର୍ଟଫୋନ୍ କମ୍ପାନୀଙ୍କୁ କେନ୍ଦ୍ରର ନିର୍ଦ୍ଦେଶ

ନୂଆଦିଲ୍ଲୀ,୧।୧୨

ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଫୋନ୍ ବିକ୍ରି ପୂର୍ବରୁ ସେଥିରେ ସରକାରଙ୍କ ଦ୍ୱାରା ବିକଶିତ ସାଇବର ସୁରକ୍ଷା ଆପ୍ଲିକେଶନ (ସଞ୍ଚାର ଆପ୍) ସଂଯୋଗ କରିବାକୁ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ ନିର୍ମାତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ୟୁଜରଙ୍କୁ ଜାଲିଆତି କଲ୍ ଏବଂ ମେସେଜ୍ ତଥା ମୋବାଇଲ୍ ଫୋନ୍ ଚୋରି ସମ୍ପର୍କରେ ସୂଚନା ମିଳିବ। ୟୁଜରମାନେ ଉକ୍ତ ଆପ୍ଲିକେଶନକୁ ହଟାଇପାରିବେ ନାହିଁ। ସମ୍ପ୍ରତି ବଜାରକୁ ଆସିଥିବା ନୂଆ ସ୍ମାର୍ଟଫୋନ୍‌ଗୁଡ଼ିକରେ ସଞ୍ଚାର ସାଥୀ ଆପ୍ଲିକେଶନ ପୂର୍ବରୁ ଇନ୍‌ଷ୍ଟଲ ହୋଇଛି। ଯେଉଁ ଫୋନ୍‌ଗୁଡ଼ିକ ପୂର୍ବରୁ ବିକ୍ରି ହୋଇଛି, ସେଥିରେ ଉକ୍ତ ଆପ୍ଲିକେଶନ ଉପଲବ୍ଧ କରାଇବା ସହ ସଫ୍ଟୱେର ଅପ୍‌ଡେଟ୍ କରାଇବାକୁ ଟେଲିକମ୍ ବିଭାଗ ନିର୍ଦ୍ଦେଶ ଦେଇଛି। ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ପାଇଁ ୩ ମାସ ସମୟ ଦିଆଯାଇଛି। ଏହା ଆପଲ୍, ସାମ୍‌ସଙ୍ଗ, ସାଓମି, ଓପୋ, ଭିଭୋ ଭଳି ସ୍ମାର୍ଟଫୋନ୍ ନିର୍ମାତାମାନଙ୍କୁ ପ୍ରଭାବିତ କରିବ ବୋଲି ଏହାର ଅଧିକାରୀମାନେ କହିଛନ୍ତି।

# କଶ୍ମୀରରେ ଅନୁପ୍ରବେଶ ଅପେକ୍ଷାରେ ୧୨୦ ଆତଙ୍କବାଦୀ

## ସୀମାରେ ୬୯ ଲଞ୍ଚପ୍ୟାଡ୍ ସକ୍ରିୟ

ଶ୍ରୀନଗର,୧।୧୨



କଶ୍ମୀର ଫ୍ରଣ୍ଟିୟରର ଆଇଜି ଅଶୋକ ଯାଦବ ଗଣମାଧ୍ୟମକୁ କହିଛନ୍ତି, ବିଏସ୍‌ଏଫ୍

ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅତିକ୍ରମ କରି କଶ୍ମୀରରେ ଅନୁପ୍ରବେଶ କରିବାକୁ ସୀମା ସେପାଖ ଲଞ୍ଚପ୍ୟାଡ୍‌ଗୁଡ଼ିକରେ ୧୦୦ରୁ ୧୨୦ ଆତଙ୍କବାଦୀ ଅପେକ୍ଷାରେ ରହିଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଜଣେ ବରିଷ୍ଠ ଅଧିକାରୀ ସୋମବାର କହିଛନ୍ତି। ଏଲ୍‌ଓସିର ପାକିସ୍ତାନ ପାର୍ଶ୍ୱରେ ଆତଙ୍କବାଦୀମାନଙ୍କର ୬୯ଟି ଲଞ୍ଚିଙ୍ଗ୍ ପ୍ୟାଡ୍ ସକ୍ରିୟ ରହିଛି। ବିଏସ୍‌ଏଫ୍‌ର କଶ୍ମୀର ଫ୍ରଣ୍ଟିୟରର ଆଇଜି ଅଶୋକ ଯାଦବ ଗଣମାଧ୍ୟମକୁ କହିଛନ୍ତି, ବିଏସ୍‌ଏଫ୍ ଏଲ୍‌ଓସିରେ ସତର୍କ ରହିବା ସହ ଚଳିତ ବର୍ଷ ୪ଟି ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛି। ସୁରକ୍ଷା ବଳ ଗୁଳିରେ ୮ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେନା, ଜମ୍ମୁ-କଶ୍ମୀର ପୋଲିସ ଏବଂ ସିଆର୍‌ପିଏଫ୍ ଯବାନଙ୍କ ସହ ଏଲ୍‌ଓସିରେ ୨୨ଟି ମିଳିତ ଅଭିଯାନ କରାଯାଇଛି। ଉତ୍ତର କଶ୍ମୀରରେ କେତେଜଣ ଆତଙ୍କବାଦୀ ନିପାତ ହେବା ସହ ସେମାନଙ୍କଠାରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ କରାଯାଇଛି। ଜବତ ଅସ୍ତ୍ର ମଧ୍ୟରେ ଏକେ-୪୭ ରାଇଫଲ, ଏମ୍‌ପି-୫ ରାଇଫଲ, ପିସ୍ତଲ, ହ୍ୟାଣ୍ଡ ଗ୍ରେନେଡ୍, ୟୁବିଜିଏଲ୍, ୟୁବିଜିଏଲ୍ ଗ୍ରେନେଡ୍, ଚାଇନା ଗ୍ରେନେଡ୍ ଆଦି ରହିଛି। ଆତଙ୍କବାଦୀଙ୍କ ବିଭିନ୍ନ ପ୍ରଶିକ୍ଷଣ କ୍ୟାମ୍ପ ଉପରେ ଗୋଇନ୍ଦା ବିଭାଗ ପୂରା ନଜର ରଖିଥିବା ଯାଦବ କହିଛନ୍ତି।

ଫୁର୍‌ସତ୍

# ମଣିଷଙ୍କ ହାଡ଼ରେ ତିଆରି ରାସ୍ତା



ବିଶ୍ୱରେ ଏପରି ଏକ ରାସ୍ତା ଅଛି ଯାହା କେବଳ ପଥର, ମାଟି ଏବଂ ପିଚୁରେ ତିଆରି ନୁହେଁ ବରଂ ଏଥିରେ ମଣିଷ ହାଡ଼ ମଧ୍ୟ ଅଛି। ସେଥିପାଇଁ ଏହି ରାସ୍ତାକୁ ବୋନ୍ ରୋଡ୍ ବା ହାଡ଼ର ରାସ୍ତା କୁହାଯାଏ। ଏହି ନାଁ ଶୁଣିଲେ ଭୟରେ ଦେହ ଥରିଉଠିବ। କିନ୍ତୁ ଏହା ପଛରେ ଥିବା କାହାଣୀ ଆହୁରି ଭୟଙ୍କର। ଏହି ରାସ୍ତାଟି ରୁଷିଆର ଏକ ଅତି ଦୁର୍ଗମ ଏବଂ ଥଣ୍ଡା ଅଞ୍ଚଳରେ ଅବସ୍ଥିତ। ଏହା ପ୍ରକୃତରେ କୋଲିମା ହାଇୱେ ନାମକ ଏକ ଲମ୍ବା ରାଜପଥ। ରୁଷିଆର ଏହି ଅଂଶ ଏତେ ଥଣ୍ଡା ଯେ ଏହା ବର୍ଷର ଅନେକ ମାସ ପର୍ଯ୍ୟନ୍ତ ବରଫାବୃତ୍ତ ଥାଏ। ଆଜି ମଧ୍ୟ ଏହି ରାଜପଥର ଅନେକ ସ୍ଥାନରେ ମଣିଷ ହାଡ଼ ଏବଂ କଙ୍କାଳ ଦେଖିବାକୁ ମିଳେ। ଏହା କୌଣସି ଭୟଙ୍କର ଚଳଚ୍ଚିତ୍ର ପରି ଶୁଭେ, କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ। କୁହାଯାଏ ଯେ ରାସ୍ତାରେ ବରଫ ପଡ଼ିବା ଯୋଗୁ ଯାନବାହନ ଖସିଯାଉଥିଲା। ସେତେବେଳେ ପ୍ରଯୁକ୍ତିବିଦ୍ୟା ସୀମିତ ଥିଲା ତେଣୁ ରାସ୍ତାକୁ ମଜବୁତ କରିବା ପାଇଁ ମଣିଷ ହାଡ଼କୁ ପଥର ଏବଂ ବାଲି ସହିତ ମିଶ୍ରଣ କରାଯାଉଥିଲା। ଏହି ହାଡ଼ଗୁଡ଼ିକ ହଜାର ହଜାର ଶ୍ରମିକ ଏବଂ କଏଦୀଙ୍କର ଥିଲା ଯେଉଁମାନେ ଏହି ରାଜପଥ ନିର୍ମାଣ ସମୟରେ ମୃତ୍ୟୁବରଣ କରିଥିଲେ। ବିଶ୍ୱାସ କରାଯାଏ ଯେ, ଏହି ରାସ୍ତା ନିର୍ମାଣ ସମୟରେ ୨୫୦୦୦ରୁ ୧୦୦୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କର ହାଡ଼ସବୁ ଏହି ରାସ୍ତାରେ ପୋତି ହୋଇ ରହିଛି। ଏହି ରାସ୍ତାଟି ସୋଭିଏତ୍ ଏକଛତ୍ରବାଦୀ ଯୋସେଫ ଷ୍ଟାଲିନ୍‌ଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା। ୧୯୩୦ ଦଶକରେ ଏହା ଆରମ୍ଭ ହେବା ପରେ, ଲକ୍ଷ ଲକ୍ଷ କଏଦୀଙ୍କୁ ଏହି ଅଞ୍ଚଳକୁ ବଳପୂର୍ବକ ଶ୍ରମିକ ପାଇଁ ପଠାଯାଇଥିଲା। କାର୍ଯ୍ୟ ପରିସ୍ଥିତି ଏତେ ଭୟଙ୍କର ଥିଲା ଯେ, କୁହାଯାଏ ଏଠାକୁ ଆସିଥିବା କୌଣସି କଏଦୀ କେବେ ଫେରି ନ ଥିଲେ। ଶୀତ ଏତେ କଠୋର ଥିଲା ଯେ ତାପମାତ୍ରା ପ୍ରାୟତଃ-୫୦ ଡିଗ୍ରୀ ତଳେ ଖସିଯାଉଥିଲା। ଉପଯୁକ୍ତ ଖାଦ୍ୟ, ଆଶ୍ରୟସ୍ଥଳ, ପୋଷାକ ନ ଥିଲା। କାମ କରୁଥିବା ସମୟରେ ଯେଉଁମାନେ ମୃତ୍ୟୁବରଣ କରୁଥିଲେ ସେମାନଙ୍କୁ ସେମାନଙ୍କ ଶରୀରକୁ କବର ଦେବା ପାଇଁ ମଧ୍ୟ ସମୟ ଦିଆଯାଉ ନ ଥିଲା। ସେମାନଙ୍କୁ ସିଧାସଳଖ ରାସ୍ତା ତଳେ କବର ଦିଆଯାଉଥିଲା। ଏହି କାରଣରୁ ଏହି ରାଜପଥ ଲକ୍ଷାଧିକ ମୃତ ଲୋକଙ୍କ ହାଡ଼ ଉପରେ ନିର୍ମିତ ବୋଲି ବିଶ୍ୱାସ କରାଯାଏ। ଲୋକମାନେ ଏହାକୁ ଏକ ଦୁଃସାହସିକ ରାସ୍ତା ବୋଲି ମଧ୍ୟ କୁହନ୍ତି।

# ପୁଣି ବିବାହ କଲେ ସାମନ୍ଥା

ମୁମ୍ବାଇ





ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ପୁଣିଥରେ ବିବାହ କରିଛନ୍ତି। ଦି ଫ୍ୟାମିଲି ମ୍ୟାନ୍ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କୁ ସେ ଗୁପ୍ତ ଭାବେ ବିବାହ କରିଛନ୍ତି। ବିବାହର ଫଟୋ ଶେୟାର କରି ସାମନ୍ଥା କେବଳ ଲେଖିଛନ୍ତି, ୧.୧୨.୨୦୨୫। ସାମନ୍ଥା ଏବଂ ରାଜ ସୋମବାର ସକାଳେ ଇଶା ଯୋଗ କେନ୍ଦ୍ରର ଲିଙ୍ଗ ଭୈରବୀ ମନ୍ଦିରରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିବାହରେ ୩୦ ଜଣ ଅତିଥି ଯୋଗ ଦେଇଥିଲେ। ରାଜ ଏବଂ ସାମନ୍ଥା ଉଭୟଙ୍କ ପାଇଁ ଦ୍ୱିତୀୟ ବିବାହ। ରାଜଙ୍କ ପୂର୍ବତନ ସ୍ତ୍ରୀ ଶ୍ୟାମଳୀ ଦେ ମଧ୍ୟ ଇନ୍‌ଷ୍ଟାଗ୍ରାମରେ ଏକ ଷ୍ଟାଟସ ପୋଷ୍ଟ କରିଥିଲେ, ଯେଉଁଥିରେ ଲେଖାଥିଲା, ହତାଶ ଲୋକମାନେ ହତାଶ କାମ କରନ୍ତି। ଏହି ପୋଷ୍ଟ ସାମନ୍ଥା ଏବଂ ରାଜଙ୍କ ବିବାହକୁ ନେଇ ଚର୍ଚ୍ଚାକୁ ଆହୁରି ତ୍ୱରାନ୍ୱିତ କରିଥିଲା। ରାଜ ଏବଂ ଶ୍ୟାମଳୀ ୨୦୨୨ରେ ଛାଡପତ୍ର ନେଇଥିଲେ। ସାମନ୍ଥ ରୁଥ ପ୍ରଭୁଙ୍କ ପ୍ରଥମ ବିବାହ ନାଗା ଚୈତନ୍ୟଙ୍କ ସହିତ ହୋଇଥିଲା। ୨୦୨୧ରେ ସେମାନଙ୍କର ଛାଡପତ୍ର ହୋଇଗଲା। ନାଗା ଚୈତନ୍ୟ ମଧ୍ୟ ଅଭିନେତ୍ରୀ ସୋଭିତା ଧୂଳିପାଲାଙ୍କୁ ବିବାହ କରିଥିଲେ। ନାଗା ଚୈତନ୍ୟଙ୍କଠାରୁ ଅଲଗା ହେବା ପରେ, ସାମନ୍ଥା ଏବଂ ରାଜ ୱେବ ସିରିଜ 'ଦି ଫ୍ୟାମିଲି ମ୍ୟାନ ୨'ରେ ଏକାଠି କାମ କରିଥିଲେ। ଏହା ପରେ ସେମାନଙ୍କର ନିବିଡ଼ତା ବଢ଼ିଥିଲା।




# ବଡ଼ କମ୍ପାନୀକୁ ସାହାଯ୍ୟ କରିବାକୁ ବିଲ୍ ଆଣୁଛନ୍ତି ସରକାର: ରଣେନ୍ଦ୍ର

ଭୁବନେଶ୍ୱର, ୧।୧୨(ସୁନିତ୍ ମିଶ୍ର)

■ ଗରିବ ଲୋକଙ୍କୁ ନିଯୁକ୍ତି ଦେବା ବିଲ୍‌ର ମୂଳ ଉଦ୍ଦେଶ୍ୟ: ଶ୍ରମମନ୍ତ୍ରୀ ଗଣେଶରାମ

■ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଆଗତ

ରାଜ୍ୟ ସରକାର ଏବେ ବଡ଼ ବଡ଼ କମ୍ପାନୀକୁ ସୁରକ୍ଷା ଦେବା ଲାଗି ଅଣ୍ଟା ଭିଡ଼ିଛନ୍ତି। ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଜରିଆରେ ଏଭଳି ନିଷ୍ପତ୍ତି ନେବା ଲାଗି ପ୍ରୟାସ କରିଛନ୍ତି ; ଯାହା ରାଜ୍ୟର ସାଧାରଣ ଗରିବ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାକୁ ଯାଉଛି। ୨୦ କିମ୍ବା ତା'ଠାରୁ ଅଧିକ କର୍ମଚାରୀ ରଖିଥିବା କମ୍ପାନୀ ଏଣିକି ଏହି ଆଇନ ଆସିବା ପରେ ପଞ୍ଜୀକରଣ ପ୍ରମାଣପତ୍ର ପାଇପାରିବେ। ଏହା ଅତ୍ୟନ୍ତ ସାଙ୍ଘାତିକ ବୋଲି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଶ୍ରମ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ସୋମବାର ଗୃହରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଉପସ୍ଥାପିତ କରିଛନ୍ତି। ଉକ୍ତ ବିଲ୍‌କୁ ନେଇ ବିଜେଡି ପକ୍ଷରୁ ରଣେନ୍ଦ୍ର ଏହି ଆଲୋଚନାରେ ପ୍ରଥମେ ଭାଗ ନେଇ କହିଛନ୍ତି, ବଡ଼ କମ୍ପାନୀକୁ ସାହାଯ୍ୟ କରିବା ପାଇଁ ଏହା ହେଉଛି ଏକ ବହୁତ ବଢ଼ିଆ ବାଟ। ଯଦି ୨୦ କିମ୍ବା ତଦୂର୍ଦ୍ଧ୍ୱ କର୍ମଚାରୀ ଥିବା କମ୍ପାନୀ ଏହି ଆଇନ ବଳରେ ପଞ୍ଜୀକରଣ କରିପାରିବେ, ତେବେ ତା'ଠାରୁ କମ୍ କର୍ମଚାରୀ ଥିବା କମ୍ପାନୀ କାହିଁକି ପଞ୍ଜୀକରଣ କରିପାରିବେ ନାହିଁ। ଏହାଦ୍ୱାରା ବଡ଼ କମ୍ପାନୀଗୁଡ଼ିକ ଏକାଧିକ ସଂସ୍ଥା କରି ସବୁଥିରେ ୧୯ ଜଣ ଲେଖା କର୍ମଚାରୀ ରଖି ଚଳାଇବାକୁ ବାଟ ପାଇଗଲେ। ଭବିଷ୍ୟତରେ ଏହା ବହୁ ବଡ଼ ସମସ୍ୟା ସୃଷ୍ଟିକରିବ। ସେ ଆହୁରି କହିଛନ୍ତି, ଅନ୍ତର୍ଜାତୀୟ ଶ୍ରମ ସଂଗଠନ କହୁଛି ଜଣେ କର୍ମଚାରୀ ଦିନ ଭିତରେ ୮ ଘଣ୍ଟା କାମ କରିବା ଦରକାର, ୮ ଘଣ୍ଟା ପରିବାର ସଦସ୍ୟଙ୍କୁ ସମୟ ଦେବା ସହ ବାକି ୮ ଘଣ୍ଟା ଶୋଇବାର ଆବଶ୍ୟକତା ରହିଛି। ହେଲେ ରାଜ୍ୟ ସରକାର ପ୍ରଥମେ ଜଣେ କର୍ମଚାରୀଙ୍କ କାର୍ଯ୍ୟ କରିବାର ସମୟ ପ୍ରଥମେ ୮ ଘଣ୍ଟା ବଦଳରେ ୯ ଘଣ୍ଟା କାର୍ଯ୍ୟ କରିବାକୁ ସ୍ଥିର କରିଥିବା ବେଳେ ଏବେ ତାହା ୧୦ ଘଣ୍ଟାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଉଛନ୍ତି। ଏହାଦ୍ୱାରା କର୍ମଚାରୀଙ୍କ ଉପରେ ଚାପ ବଢ଼ିବ। ଜଣେ କର୍ମଚାରୀ ଓଭର ଟାଇମ୍ ସହ ଦିନକୁ ମୋଟ ୧୨ ଘଣ୍ଟା କାର୍ଯ୍ୟ କରିପାରିବେ। ମାସକୁ ୫୦ ଘଣ୍ଟା ବଦଳରେ ୧୪୪ ଘଣ୍ଟା ଓଭର ଟାଇମ୍‌କୁ ମିଶାଇ କାମ କରିପାରିବେ। ଯଦି ଜଣେ ମାସକୁ ୧୪୪ ଘଣ୍ଟା କାମ କଲେ ତେବେ ଏହାଦ୍ୱାରା ବହୁ ଜଣଙ୍କୁ ନିଯୁକ୍ତି ସୁଯୋଗ ହରାଇବାକୁ ପଡ଼ିବ। ୫୦ ଘଣ୍ଟାକୁ ଯେଉଁ ୧୪୪ ଘଣ୍ଟାକୁ ବଢ଼ାଗଲା, ଉକ୍ତ ଅଧିକ ସମୟ କାର୍ଯ୍ୟ ଆଉ ୨ ଜଣଙ୍କୁ ନିଯୁକ୍ତି ଦିଆଯାଇପାରି ଥାଆନ୍ତା। ଏହାଦ୍ୱାରା ରାଜ୍ୟର ଗରିବ ଲୋକଙ୍କ ଉପରେ ଚାପ ବଢ଼ିବା ସହ ଅଧିକ ନିଯୁକ୍ତି ସୁଯୋଗର ବାଟ ବନ୍ଦ କରାଗଲା। ସେହିପରି ମହିଳାମାନଙ୍କୁ ରାତ୍ରି ସମୟରେ କାର୍ଯ୍ୟ କରିବାକୁ ଅନୁମତି ଦେବା କଥା ସରକାର ଉଲ୍ଲେଖ କରିଛନ୍ତି। ହେଲେ ମହିଳାଙ୍କୁ ଯେଉଁ ସୁରକ୍ଷା ବ୍ୟବସ୍ଥା ମିଳିବା କଥା ତା'ର ବ୍ୟବସ୍ଥା ନ କରି ରାତ୍ରି ସମୟରେ କାର୍ଯ୍ୟ କରିବାକୁ ଖାଲି ଅନୁମତି ଦେଇଦେଲେ ଏହା କେତେ ଠିକ୍ ହେବ ସେକଥା ସରକାର ବିଚାର କରନ୍ତୁ ବୋଲି ରଣେନ୍ଦ୍ର କହିଛନ୍ତି। ବିଧାୟକ ପ୍ରତାପ ଦେବ ମଧ୍ୟ ଏହି ଆଲୋଚନାରେ ଭାଗନେଇ ଏଭଳି ବିଲ୍‌କୁ ନିନ୍ଦାକରିବା ସହ ଏହା ବ୍ୟବସାୟୀମାନଙ୍କୁ ସୁହାଇବା ଭଳି କାର୍ଯ୍ୟ ହେଉଥିବା କହିଛନ୍ତି।

ମନ୍ତ୍ରୀ ସିଂଖୁଣ୍ଟିଆ ବିରୋଧୀଙ୍କ ଅଭିଯୋଗର ଉତ୍ତରରେ କହିଛନ୍ତି, ଯେଉଁମାନେ ଏନ୍‌ଏସି, ମ୍ୟୁନିସିପାଲିଟି ଅଞ୍ଚଳରେ ରୁହନ୍ତି ସେମାନେ ଭାଗ୍ୟବାନ୍। ଏହି ସଂଶୋଧନ ମୁଖ୍ୟତଃ ସହରାଞ୍ଚଳ ଲୋକଙ୍କ କ୍ଷେତ୍ରରେ ଲାଗୁହେବ। କାରଣ ୪୫,୦୦୦ରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନ ସହରାଞ୍ଚଳରେ ରହିଛି। ଗରିବ ଲୋକଙ୍କୁ ନିଯୁକ୍ତି ଦେବା ଏହି ବିଲ୍‌ର ମୂଳ ଉଦ୍ଦେଶ୍ୟ। ୧୯ ଜଣ ପର୍ଯ୍ୟନ୍ତ ଯେଉଁ କମ୍ପାନୀରେ କର୍ମଚାରୀ ରହିଛନ୍ତି, ସେମାନଙ୍କୁ ପଞ୍ଜୀକୃତ କରାଯିବ ନାହିଁ। ହେଲେ ଯଦି ସେହି କମ୍ପାନୀଗୁଡ଼ିକ କର୍ମଚାରୀଙ୍କୁ ହଇରାଣ କରନ୍ତି ତେବେ ଛଡ଼ାଯିବ ନାହିଁ। ଆନ୍ଧ୍ର ପ୍ରଦେଶ, ତାମିଲନାଡ଼ୁ, ଛତିଶଗଡ଼, ତ୍ରିପୁରା ଭଳି ଅନେକ ରାଜ୍ୟରେ ଏହି ସଂଶୋଧିତ ବିଲ୍ ଲାଗୁ ହୋଇସାରିଛି ବୋଲି ସେ କହିଛନ୍ତି।

# ଭଲ ନିର୍ଦ୍ଦେଶ ; ଅଟକାଉଛନ୍ତି ଅମଲା

ଭୁବନେଶ୍ୱର, ୧।୧୨ (ରବିନାରାୟଣ ଜେନା)

ଓଡ଼ିଶାକୁ ଦେଶର ସର୍ବଶ୍ରେଷ୍ଠ ରାଜ୍ୟରେ ପରିଗଣିତ କରିବା ପାଇଁ ରାଜ୍ୟ ସରକାର ଦିନରାତି ଏକ କରି ଦେଉଛନ୍ତି। ଏପରି କି ମୁଖ୍ୟମନ୍ତ୍ରୀ ଛୁଟିଦିନଗଡ଼ିକରେ ମଧ୍ୟ ଲୋକସେବା ଭବନରେ ବସି କାର୍ଯ୍ୟ କରୁଥିବା ଦେଖାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିକାଶ ଭିଜନ-୨୦୩୬କୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଯେଉଁ ନିର୍ଦ୍ଦେଶନାମା ଜାରି କରୁଛନ୍ତି, ତାହା କାର୍ଯ୍ୟକାରୀ ବେଳେ କେତେକ କ୍ଷେତ୍ରରେ ଅମଲାଙ୍କ ସ୍ତରରେ ଅଟକି ଯାଉଛି। ଫଳରେ ସରକାରଙ୍କ ବିକାଶର ରଥ ଆଗକୁ ଗଡ଼ିପାରୁ ନ ଥିବା ଜଣାଯାଇଛି।

ତଥ୍ୟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟଭାର ସମ୍ଭାଳିବା ପରେ ଓଡ଼ିଶାର ସାମୂହିକ ବିକାଶ ଲାଗି ଇତିମଧ୍ୟରେ ୬୪ଟି ବ୍ୟକ୍ତିଗତ ନିର୍ଦ୍ଦେଶନାମା ବିଭାଗୀୟ ସଚିବମାନଙ୍କୁ ପ୍ରଦାନ କଲେଣି। ଏହାବାଦ୍ ବିଭିନ୍ନ ଯୋଜନା ସମ୍ବନ୍ଧୀୟ ୨୨୭ଟି ନିର୍ଦ୍ଦେଶନାମା ଅମଲାଙ୍କୁ ପ୍ରଦାନ କରିଛନ୍ତି। ଏଠାରେ କେତୋଟି ଉଦାହରଣ ଦିଆଯାଇପାରେ ଯଥା, ସେଥିମଧ୍ୟରେ କେଉଁଠାରେ ମନ୍ତ୍ରୀଙ୍କୁ 'ପ୍ରହରୀ ମନ୍ତ୍ରୀ' ଭାବେ ଜିଲାସ୍ତରରେ ଘୋଷଣା କରିବାକୁ ସରକାର ଲକ୍ଷ୍ୟ ରଖିଥିବାବେଳେ ଅନ୍ୟ କେଉଁଠାରେ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା' କାର୍ଯ୍ୟକାରିତା, ଗୁଟ୍‌ଖାକୁ ସମ୍ପୂର୍ଣ୍ଣ ନିଷେଧ କରିବା, ପୁରୀ ମହାନଗର ନିଗମକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ମହାନଦୀ ମୁହାଁଣରେ ନୂତନ ବନ୍ଦର ନିର୍ମାଣ କରିବା ଭଳି ଶତାଧିକ ବ୍ୟକ୍ତିଗତ ନୋଟ୍‌ଶିଟ୍ ପ୍ରଦାନ କଲେଣି। ହେଲେ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ନିର୍ଦ୍ଦେଶନାମା ଶତପ୍ରତିଶତ କାର୍ଯ୍ୟକାରୀ ହୋଇପାରିନାହିଁ। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିନ୍ତା ପ୍ରକଟ କରାଯିବା ପରେ ମଙ୍ଗଳବାର ଏହାର ସଚିବସ୍ତରୀୟ ସମୀକ୍ଷା ବୈଠକ କରାଯିବାକୁ ରହିଛି।

ଏ ସଂକ୍ରାନ୍ତରେ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ନିର୍ଦ୍ଦେଶକ(ଇ) ସୁଧାପ୍ରିୟା ଦାସ ସମସ୍ତ ବିଭାଗୀୟ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଉକ୍ତ ପତ୍ରର ଅବିକଳ ନକଲ ଛପା ଯାଇଛି। ସେ ଦର୍ଶାଇଛନ୍ତି, ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନ ୧୨ଟା ୩୦ମିନିଟ୍‌ରେ ଲୋକସେବାଭବନରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ସେଥିରେ ପ୍ରଥମରେ ରହିଛି, ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା 'ୟୁଓଆଇ-ନୋଟ୍‌ଶିଟ୍'। ଏହା କେତେଦୂର ବିଭାଗୀୟ ସଚିବମାନେ କାର୍ଯ୍ୟକାରୀ କରିଛନ୍ତି ତାହାକୁ ତନ୍ନତନ୍ନ କରି ସମୀକ୍ଷା କରାଯିବ। ତଥ୍ୟ ଅନୁଯାୟୀ,ଏହି ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ୬୪ଟି ବ୍ୟକ୍ତିଗତ ନୋଟ୍‌ଶିଟ୍‌ର କାର୍ଯ୍ୟକାରିତା ଓ ୨୨୭ଟି ପ୍ରକଳ୍ପ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମାର ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। କେଉଁ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମାକୁ କେତେଦୂର ଅନୁପାଳନ କରିଛନ୍ତି ତାହାର ସମୀକ୍ଷା କରାଯିବ। ଏହାପରେ ଜିଲାସ୍ତରରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତାର ସମୀକ୍ଷା ସାଙ୍ଗକୁ କର୍ମଚାରୀଙ୍କ 'ୱାର୍କ ପାସ୍ ବୁକ୍' କାର୍ଯ୍ୟକ୍ରମ କେତେଦୂର ଗଲା ତାହାର ମଧ୍ୟ ଆଲୋଚନା ହେବ। ଏହି ଅବସରରେ ବିଭାଗୀୟ ସଚିବମାନେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମାର ଆକ୍ସନ ଟେକେନ ରିପୋର୍ଟ(ଏଟିଆର୍) ମଧ୍ୟ ସାଙ୍ଗରେ ଆଣିବାକୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଲୋକଙ୍କ ବିକାଶକୁ ଗୁରୁତ୍ୱ ଦେଇ ସରକାର ରାଜଭବନକୁ ଏବେ ଲୋକଭବନରେ ପରିଣତ କରିଛନ୍ତି। ଲୋକଙ୍କ କଥା ଶୁଣିବାକୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ବୈଠକରେ ଗୁରୁତ୍ୱ ଦେଉଛନ୍ତି। ଏପରି କି ପ୍ରତିମାସରେ ଅନ୍ତତଃ ଥରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କ ଗୁହାରି ଶୁଣି ତା'ର ତ୍ୱରିତ୍ ସମାଧାନ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ବିଳମ୍ବିତ କରାଇବାରେ ଅନେକ ପ୍ରଚେଷ୍ଟା ଲାଗି ରହିଥିବା ଭଳି ପ୍ରତୀୟମାନ ହେଉଛି।


GOVERNMENT OF ODISHA
PLANNING & CONVERGENCE DEPARTMENT
*****

Letter No. 16784(40) /P., Bhubaneswar, Date 28/11/2025
PC-COODI-COODI-0002-2022

From
Smt Sudhapriya Das
Director(E)

To
All Additional Chief Secretaries to Government,
All Principal Secretaries to Government,
All Commissioners-cum Secretaries to Government

Sub: Meeting of All Secretaries on 2nd December, 2025 at 12.30 PM in the 2nd Floor Conference Hall of Loka Seva Bhawan

Madam / Sir,

In inviting a reference to the subject cited above, I am directed to say that the next Meeting of All Secretaries will be held on **2nd December, 2025 at 12.30 PM in the 2nd Floor Conference Hall of Loka Seva Bhawan** under the Chairpersonship of Chief Secretary.

It is, therefore, requested to kindly make it convenient to attend the meeting as per the above schedule for discussion on the following agenda points.

1. Status of the UoI received from Hon'ble Chief Minister
2. Review of Implementation of District Level Projects relating to various Departments
3. Discussion on Work Pass Book
4. Any other matter with permission of the Chair.

The Action Taken on the subject mentioned in the enclosed UoI received from Office of Hon'ble CM and status report of the projects announced by Hon'ble Chief Minister (list enclosed) may kindly be updated.

Further, in order to facilitate incorporation of the Action Taken/ status report of the Projects, soft copy of the project details is being sent through google sheet in the Department's official e mail id. Details of the Link is also mentioned below for kind reference.

It is requested to kindly update the Action Taken/ status report in the google sheet by 29th November, 2025 for kind apprisal of Chief Secretary.

1.https://docs.google.com/spreadsheets/d/1lP4AItr_6X0pFoVB3KvxUr_9pmw77Hpn/edit?usp=sharing&ouid=108523836053301598718&rtpof=true&sd=true
2.https://docs.google.com/spreadsheets/d/15vWI4E7VUldYbjoou8h8g8n6ZaZJ2cpg/edit?usp=sharing&ouid=108523836053301598718&rtpof=true&sd=true.

Encl-As above

Yours faithfully,
28/11/25
Director (E)

PTO

# 'ମୋ' ହୃଦୟ ଯନ୍ତ୍ରଣାରେ ଭରିଯାଉଛି'

ଭୁବନେଶ୍ୱର, ୧।୧୨(ସତ୍ୟଜିତ ରାଉତ)

## ସାମ୍ନାକୁ ଆସିଲା ପୂଜାଙ୍କ ପାଳିତ ମା'ଙ୍କ କୋହଭରା ଚିଠି

ଆମେରିକାରେ ପାଳିତ ମା'ଙ୍କ ନାଁରେ ମିଛ ନିର୍ଯାତନା ଅଭିଯୋଗ ଆଣି ଚର୍ଚ୍ଚାକୁ ଆସିଥିବା ଓଡ଼ିଆ ପୋଷ୍ୟକନ୍ୟା ପୂଜା ନାୟକ ଓରଫ ସେଜଲ ଜୋହନଙ୍କୁ ନେଇ ଚର୍ଚ୍ଚା ଲାଗିରହିଛି। ତେବେ ପୂଜା ବାଲେଶ୍ୱରରେ ଥିବାବେଳେ ତାଙ୍କ ପାଳିତ ମା' ସୁସି ଜୋହନ୍ ଲେଖିଥିବା ଏକ କୋହଭରା ଚିଠି ସୋମବାର ସାମ୍ନାକୁ ଆସିଛି। ଗତ ନଭେମ୍ବର ୨୧ରେ ପୂଜା ଆମେରିକା ଛାଡ଼ିବାବେଳେ ତାଙ୍କ ପାଳିତ ମା' ଏହି ଚିଠି ଦେଇଥିଲେ। ପୂଜାଙ୍କୁ ତାଙ୍କ ପାଳିତ ମା' କେତେ ଭଲପାଉଥିଲେ ତାହା ଉକ୍ତ ଚିଠିରୁ ବାରି ହେଇପଡୁଛି। ଇଂଲିଶରେ ଲେଖାଯାଇଥିବା ଉକ୍ତ ଚିଠିରେ ପାଳିତ ମା' ବେଦନାଭରା କଥା ଲେଖିଛନ୍ତି। ସେଥିରେ ସେ ଲେଖିଥିଲେ, 'ପ୍ରିୟ ସେଜ୍, ତୁମେ ଚାଲିଯାଉଥିବାରୁ ମୋ ହୃଦୟ କଷ୍ଟ ଓ ଯନ୍ତ୍ରଣାରେ ଭରିଯାଉଛି। ମୁଁ ଦୁଃଖିତ ଯେ, ତୁମେ ତୁମ ମା'ଙ୍କ ନାଁରେ କଳଙ୍କ ଲଗେଇଦେଲ। ତୁମେ ଜାଣିଛ, ମୁଁ କେବଳ ତୁମକୁ କେତେ ଭଲ ପାଉଥିଲି ଓ ଯତ୍ନ ନେଇଥିଲି। ତୁମ ତୁମର ଯତ୍ନ ନିଅ, ଭଗବାନ ତୁମର ମଙ୍ଗଳ କରନ୍ତୁ। ତୁମର ସବୁଠୁ ଛୋଟ ଆନନ୍ଦ ଓ ସବୁଠୁ ବଡ଼ ଦୁଃଖ ସମୟରେ ମୁଁ ତୁମ ସହ ଅଛି। ତୁମେ ସବୁଦିନ ମୋ' ହୃଦୟରେ ରହିବ, ସ୍ନେହ ସହ ମୁଁ ତୁମକୁ ବିଦାୟ ଦେଉଛି।'

ଅପରପକ୍ଷରେ ପ୍ରେମିକ ଅମର ଦାସଙ୍କୁ ବିବାହ କରିବାକୁ ପୂଜା ଚାହୁଁଥିବାବେଳେ ତାଙ୍କୁ କାଉନସେଲିଂ କରାଯାଉଛି। ଏବେ ପୂଜା ବାଲେଶ୍ୱରସ୍ଥିତ ନାରୀଶକ୍ତି ସଦନରେ ରହିଛନ୍ତି। ତାଙ୍କ ମାନସିକ ସ୍ଥିତି ସୁଧାରିବାକୁ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଓ କର୍ମଚାରୀମାନେ ବୁଝାଉଛନ୍ତି। ପୂଜା ଆମେରିକାରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ବେଳେ ସେ ଏଠାରେ ନର୍ସିଂ ପଢ଼ିବାକୁ ଚାହୁଁଛନ୍ତି ବୋଲି ସୂଚନା ମିଳିଛି। ତେବେ ପ୍ରଶାସନ ପକ୍ଷରୁ ପୂଜାଙ୍କ ପାଳିତ ମା'ଙ୍କୁ ମଧ୍ୟ ଯୋଗାଯୋଗ କରାଯାଇଛି। ପୂଜା ଚାହିଁଲେ ପୁଣି ଥରେ ପାଳିତ ମା'ଙ୍କ ପାଖକୁ ଆମେରିକା ଚାଲିଯାଇ ସୁନ୍ଦର ଭବିଷ୍ୟତ ଗଢ଼ିପାରିବେ ବୋଲି ମତ ପ୍ରକାଶ ପାଇଛି।


ପୂଜା ନାୟକ ଓରଫ ସେଜଲ ଜୋହନ


ମା' ସୁସି ଜୋହନ୍

ସୂଚନା ଅନୁଯାୟୀ, ପୂଜାଙ୍କୁ ତାଙ୍କ ପାଳିତ ମା' ନିର୍ଯାତନା ଦେଉଥିବା ଘଟଣା ପ୍ରଚାରିତ ହୋଇଥିଲା। ପୂଜା ଅମରଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନଭେମ୍ବର ୭ରେ ଏହି ଖବର ପ୍ରଚାର ହୋଇଥିଲା। ପୂଜା ଭିଡିଓ ସେୟାର କରିଥିବାବେଳେ ସେଥିରେ ସେ କାନ୍ଦି କାନ୍ଦି କୋହଭରା କଣ୍ଠରେ ପାଳିତ ମା'ଙ୍କ ବିରୋଧରେ ମିଛ କାହାଣୀ କହିଥିଲେ। ଏହାପରେ ପୂଜାଙ୍କୁ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଗତ ୨୫ ତାରିଖରେ ଓଡ଼ିଶା ଫେରାଇ ଅଣାଯିବା ପରେ ସେ ପ୍ରେମ ପାଇଁ ମା'ଙ୍କ ବିରୋଧରେ ମିଛ କହିଥିଲେ ବୋଲି ପ୍ରକାଶ କରିଥିଲେ।

# ଖାରବେଳ ଭବନରେ ଖୋଲିଲା ଶିଶୁବାଟିକା 'କଳିକା'

ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)

ଖାରବେଳ ଭବନରେ କାର୍ଯ୍ୟ କରୁଥିବା ମା' ଏବଂ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ସେଠାରେ ଏକ ଶିଶୁବାଟିକା 'କଳିକା' ଆରମ୍ଭ ହୋଇଛି। ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଖାରବେଳ ଭବନରେ ପିଲାମାନଙ୍କୁ ନିରାପଦ, ପୋଷଣ ଡେ-କେୟାର ସହାୟତା ଯୋଗାଇବା ପାଇଁ ବିକଶିତ ପଦକ୍ଷେପ ସରକାରୀ ପ୍ରତିଷ୍ଠାନ ମଧ୍ୟରେ କାର୍ଯ୍ୟ ଜୀବନ ସନ୍ତୁଳନକୁ ମଜବୁତ କରିବ। ଏଥିସହ ଅନ୍ତର୍ଭୁକ୍ତ, ସହାନୁଭୂତିଶୀଳ କାର୍ଯ୍ୟକ୍ଷେତ୍ର ସହାୟତା ପ୍ରଣାଳୀରେ ଆଉ ଏକ ପଦକ୍ଷେପ ଆଗକୁ ବଢାଇବ ବୋଲି ଆଶା କରାଯାଉଛି। ମାତୃତ୍ୱ ଏବଂ ବୃତ୍ତିଗତ ଦାୟିତ୍ୱ ଏକାଠି ଚାଲିବା ଭଳି ଏକ କର୍ମକ୍ଷେତ୍ର ନିର୍ମାଣରେ ଏହି ଶିଶୁବାଟିକା 'କଳିକା' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଲେ, ଯତ୍ନ ଆମ କାର୍ଯ୍ୟ ସଂସ୍କୃତିର ଏକ ଅଂଶ। ଏହି ପଦକ୍ଷେପ କର୍ମଜୀବୀ ମା'ଙ୍କ ଜୀବନକୁ ସହଜ କରିବ ଏବଂ ଏକ ପରିବେଶ ସୃଷ୍ଟି କରିବ। 'କଳିକା'ରେ ଏଥିରେ ପିଲାମାନେ ପ୍ରେମ, ଶିକ୍ଷା ଏବଂ ନିରାପତ୍ତା ସହିତ ବିକଶିତ ହୋଇପାରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରି କର୍ମଚାରୀ କଲ୍ୟାଣ ଓ ଶିଶୁ କେନ୍ଦ୍ରିକ ସୁବିଧା ବୃଦ୍ଧି ପାଇଁ ସହଭାଗୀ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶିଶୁ ବାଟିକା 'କଳିକା'କୁ ଉଦ୍‌ଘାଟନ କରୁଛନ୍ତି।

# ଜଙ୍ଗଲରୁ ମିଳିଲେ ହଷ୍ଟେଲରୁ ନିଖୋଜ ୨୦ ଛାତ୍ର

କୋରାପୁଟ, ୧।୧୨
(ଅମିତାଭ ବେହେରା)

କୋରାପୁଟ ବ୍ଲକ ଲଙ୍କାପୁଟ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରୁ ରବିବାର ରାତିରୁ ୨୦ ଛାତ୍ର ନିଖୋଜ ରହିଥିଲେ। ସୋମବାର ଅଭିଭାବକମାନେ ଘଟଣା ସମ୍ପର୍କରେ ଖବର ପାଇ ଖୋଜାଖୋଜି କରିଥିଲେ। ଅପରାହ୍ନ ପ୍ରାୟ ୪ଟା ହଷ୍ଟେଲଠାରୁ ୯ କି.ମି. ଦୂର କୋଲାବ ଜଳଭଣ୍ଡାର ନିକଟ ଏକ ଗ୍ରାମର ଜଙ୍ଗଲରୁ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ସମସ୍ତ ଛାତ୍ର ହଷ୍ଟେଲକୁ ଫେରିଥିବା ସୂଚନା ମିଳିଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ଘଟଣା ସମ୍ପର୍କରେ ଖବରପାଇ ତୁରନ୍ତ କୋରାପୁଟ ବିଡିଓ ଦେବାଶିଷ ଗୌଡ଼ଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ଗୌଡ଼, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରା ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପିଲାମାନେ ଗୋଟିଏ ରାତି ନିଖୋଜ ଥିବା ବେଳେ ଏ ସମ୍ପର୍କରେ କେହି କିପରି ଜାଣିପାରିଲେ ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ସୂଚନାନୁଯାୟୀ, ଲଙ୍କାପୁଟ ସ୍କୁଲରେ ଆଖପାଖ ଶୁକୁ, ହାଟ ସୁକୁ, ପିତେଇ ଆଦି ଗ୍ରାମର ଆଦିବାସୀ ଛାତ୍ରମାନେ ରହି ପାଠ ପଢୁଛନ୍ତି। ଲଙ୍କାପୁଟ ହଷ୍ଟେଲରେ ପ୍ରଥମରୁ ୫ମ ଶ୍ରେଣୀ ଯାଏ ପଢୁଥିବା ୨୦ ଛାତ୍ର ରବିବାର ନିଖୋଜ ଥିବା ନେଇ ସେମାନଙ୍କ ଅଭିଭାବକଙ୍କୁ ବିଦ୍ୟାଳୟ ପକ୍ଷରୁ ଫୋନ ଯୋଗେ ଖବର ଦିଆଯାଇଥିଲା। ସୋମବାର ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀଙ୍କ ସହ ମିଶି ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ଖୋଜିବା ପରେ ପ୍ରାୟ ୯ କି.ମି. ଦୂର ପୁଟକେରେଙ୍ଗା ଗ୍ରାମ ନିକଟ ପାହାଡ଼ରୁ ଛାତ୍ରମାନଙ୍କୁ ଉଦ୍ଧାର କରିଥିଲେ। ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଛୁଟିରେ ରହିଥିବାରୁ ଦିନକ ପାଇଁ ଜଣେ ଶିକ୍ଷୟିତ୍ରୀ ତାଙ୍କ ଦାୟିତ୍ୱରେ ଅଛନ୍ତି। ମଙ୍ଗଳବାର ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟରେ ଯୋଗ ଦେବେ ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ଠିକ୍ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି। ଉଦ୍ଧାର ହୋଇଥିବା ୨୦ ଛାତ୍ର ସମ୍ପୂର୍ଣ୍ଣ ସୁସ୍ଥ ଥିବା ବିଡିଓ ସୂଚନା ଦେଇଛନ୍ତି। ଏ ନେଇ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରାଙ୍କୁ ପଚାରିବାରୁ ୫ମ ଶ୍ରେଣୀର ୨ ଛାତ୍ର ମାରପିଟ୍ କରିବାରୁ ପିଲାମାନେ ହଷ୍ଟେଲରୁ ପଳାଇଥିଲେ ବୋଲି କହିଛନ୍ତି। ପିଲାମାନଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ମଙ୍ଗଳବାର ସେମାନଙ୍କୁ କାଉନ୍‌ସେଲିଂ କରାଯିବା ପରେ ଘଟଣାର ସତ୍ୟତା ସ୍ପଷ୍ଟ ହେବ ବୋଲି ବିଡିଓ ଗୌଡ଼ କହିଛନ୍ତି। ତେବେ ଛାତ୍ରମାନେ ରବିବାର ରାତିଠାରୁ ନିଖୋଜ ଥିବା ନେଇ ଅଭିଭାବକମାନେ ଯେଉଁ ଅଭିଯୋଗ ଆଣିଛନ୍ତି, ବିଡିଓ ଗୌଡ଼ ତାହାକୁ ଖଣ୍ଡନ କରିଛନ୍ତି। ଛାତ୍ରମାନେ ସୋମବାର ସକାଳୁ ହଷ୍ଟେଲ ଛାଡ଼ିଥିବା ସେ କହିଛନ୍ତି। ବିଦ୍ୟାଳୟରେ ବହୁମାତ୍ରାରେ ଛାତ୍ର ରହି ପଢୁଥିବା ବେଳେ ହଷ୍ଟେଲ ଦାୟିତ୍ୱରେ କେହି ନ ଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



କୋରାପୁଟ ବିଡିଓ ଦେବାଶିଷ ଗୌଡ଼ ଓ ଏଡିଇଓ ଜଗନ୍ନାଥ ଭତ୍ରା ସ୍କୁଲରେ ତଦନ୍ତ କରୁଛନ୍ତି।



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ର ୫୧ତମ ଆନୁଆଲ୍ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ୍ କ୍ୟାମ୍ପସ, ଏମ୍/୧୫ ବକ୍ସି ଜଗବନ୍ଧୁ ନଗର, ସମୟ: ସକାଳ ୮ଟା ୩୦।
- ମା' ମାଣିକେଶରୀ ଦେବୀଙ୍କ ୪ର୍ଥ ଜନ୍ମ ବାର୍ଷିକ ଉତ୍ସବର ଦଶ ମହାବିଦ୍ୟା ପୂଜା ଓ ପୂର୍ଣ୍ଣାହୁତି, ସ୍ଥାନ: ବାଲିଅନ୍ତା ବ୍ଲକର କାକରୁଦ୍ରପୁର ମେଳକସ୍ଥିତ ମା'ଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ପ୍ରଚାର ସମିତି ପକ୍ଷରୁ ଭାଗବତ ମହାପୁରାଣ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ଗଡ ନହରକଣ୍ଟାସ୍ଥିତ ମହାଦେବ ସଭା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ବ୍ଲକସ୍ତରୀୟ ଚଇତି ମହୋତ୍ସବ ପାଇଁ କଳସ ଯାତ୍ରା ଆରମ୍ଭ, ସ୍ଥାନ: କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଡାବୁଗାଁ ବ୍ଲକ ଜୁନାପାଣିସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଉମରକୋଟ ଜମରୁଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ପ୍ରସ୍ତୁତି ବୈଠକ, ସ୍ଥାନ:- ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରତ୍ୟେକ ଶିଶୁ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କୀୟ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।

**କୋରାପୁଟ**
- ମଶାଲ ଶୋଭାଯାତ୍ରା, ପରବ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ପରବ ଉପଲକ୍ଷେ କ୍ରିକେଟ ପ୍ରତିଯୋଗିତା, ଭୈରବ ପଡ଼ିଆ, କୋଟପାଡ଼, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ପରବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନନ୍ଦପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ବିଦ୍ୟାଳୟ ପରିସର, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଲୋକ ମହୋତ୍ସବ ପରବ, ସ୍ଥାନ: ଶାସ୍ତ୍ରୀ ମୈଦାନ, କୁନ୍ଦୁରା, ସମୟ: ରାତି ୭ଟା।

**ମାଲକାନଗିରି**
- ବ୍ଲକସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ମେଳା ଉଦ୍‌ଘାଟନ, ସ୍ଥାନ: ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ, ସ୍ଥାନ: ଚିତ୍ରକୋଣ୍ଡା ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ ଟା।

**ସମ୍ବଲପୁର**
- ୩୦ତମ ଜାତୀୟ ରୋଡ ସାଇକ୍ଲିଂ ଚାମ୍ପିୟନଶିପ ଉଦ୍‌ଘାଟନ ଉତ୍ସବ, ସ୍ଥାନ : ବାଟମଙ୍ଗଳା ମନ୍ଦିର, ସମୟ : ପୂର୍ବାହ୍ନ ୯ଟା।
- ଜିଲ୍ଲା କ୍ରୀଡା ସଂଘ ଆୟୋଜନରେ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା-୨୦୨୫ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ବୀର ସୁରେନ୍ଦ୍ର ଷ୍ଟାଡିୟମ, ସମୟ : ଅପରାହ୍ନ ୧ଟା।
- ସାରେ ଯାହାଁ ସେ ଆଚ୍ଛା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଲଳିତ କଳା ଏକାଡେମୀ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ଅପରାହ୍ନ ୩ଟା।
- ସମ୍ବଲପୁର ଲୋକ ମହୋତ୍ସବ -୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା।

**ବଲାଙ୍ଗୀର**
- ଜାତୀୟ ପ୍ରଦୂଷଣ ନିବାରଣ ଦିବସ, ସ୍ଥାନ: ହୋଟେଲ ପାର୍କ ଲ୍ୟାଣ୍ଡ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

**ରାଉରକେଲା**
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସମାରୋହ, ସ୍ଥାନ: ସେକ୍ଟର-୧୬, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନ, ସ୍ଥାନ: ସିପିଡିଆଇ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଇସ୍ପାତ ନାଟ୍ୟ ମହୋତ୍ସବର ଉଦଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ସାର୍ଥକ ବିଦ୍ୟାଳୟ, ବନ୍ଧପାଲି, ସୁନ୍ଦରଗଡ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କୃଷ୍ଣ ଗଡତିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାଏବୋଗା, କୁଆଁରମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।

**ବରଗଡ଼**
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ,ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ରାଣା ପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- ବ୍ଲକସ୍ତରୀୟ ଯୁବ ପ୍ରତିଯୋଗିତା, ସ୍ଥାନ: ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଥୁଆମୂଳ ରାମପୁର, ସମୟ: ସକାଳ ୯ଟା।
- କଂଗ୍ରେସର ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣା ବ୍ଲକ କର୍ଲାପଡା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ସମୂହ ବାଳିକା ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ,ସମୟ: ଅପରାହ୍ନ ୨ଟା ୩୦।

**ବୌଦ୍ଧ**
- ବୋଦ୍ଧ ପୁସ୍ତକ ମେଳା ଉଦ୍‌ଘାଟନ, ସ୍ଥାନ: କଚେରୀ ଖେଳ ପଡ଼ିଆ, ବୋଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା'ଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣ ଲୋକ ମହୋତ୍ସବ ପାଇଁ ସଂସ୍କୃତି କମିଟିର ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ୩ୟ ଫୁଟବଲ ମହାକୁମ୍ଭ ପଞ୍ଚଦଶ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଖଡିଆଳ, ସମୟ: ଅପରାହ୍ନ ୩ଟା।
- ୨୨ତମ ମାଣବସା ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଡୁମେରଯୋର ଗାଁ, ସମୟ: ରାତି ୯ଟା।
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଫୁଟବଲ ପଡିଆ, ସମୟ: ଅପରାହ୍ନ ୫ଟା।

# କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ଛାତ୍ରଙ୍କ ଆତ୍ମହତ୍ୟା

- ପ୍ରେମ ସମ୍ପର୍କକୁ ନେଇ ସହପାଠିନୀଙ୍କୁ ଦାୟୀ କଲେ ଛାତ୍ରଙ୍କ ମା'
- ପ୍ରେମିକାଙ୍କ ବାପା, ମା'ଏବଂ ଭାଇ ନାମରେ ଥାନାରେ ମାମଲା
- ଘଟଣା ସମ୍ପର୍କରେ ଥାନାରେ ଜଣାଇଛୁ, ପୋଲିସ ତଦନ୍ତ କରୁଛି: କିଟ୍

**ଭୁବନେଶ୍ୱର,୧।୧୨(ତ୍ରିନାଥ ମହାନ୍ତି)**

କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ଛାତ୍ର ରବିବାର ରାତିରେ ଆତ୍ମହତ୍ୟା କରିଛନ୍ତି। କ୍ୟାମ୍ପସ-୧୦ କେପି ୭ ଏବି ହଷ୍ଟେଲ ରୁମ୍‌ରୁ ଛାତ୍ରଙ୍କ ମୃତଦେହ ଜବତ କରାଯାଇଛି। ମୃତ ଛାତ୍ର ହେଲେ ଛତିଶଗଡ଼ ରାୟପୁରର ରାହୁଲ ଯାଦବ। ସେ କିଟ୍‌ରେ କମ୍ପ୍ୟୁଟର ସାଇନ୍ସ ପ୍ରଥମ ବର୍ଷର ଛାତ୍ର ଥିଲେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ସୋମବାର ଅପରାହ୍ନରେ ପରିବାର ଲୋକେ ପହଞ୍ଚିବା ପରେ ଏମ୍ସରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସାଇଣ୍ଟିଫିକ ଟିମ୍, ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ରାହୁଲ୍ ଆତ୍ମହତ୍ୟା କରିଥିବା ହଷ୍ଟେଲକୁ ଯାଇ ଯାଞ୍ଚ କରିଥିଲେ। ଏପରିକି ହଷ୍ଟେଲରୁ ରାହୁଲଙ୍କ ଏକ ମୋବାଇଲ୍ ଫୋନ୍ ଏବଂ ଲାପ୍‌ଟପ ଜବତ କରି ପୋଲିସ ତଦନ୍ତ କରୁଛି। ଅପରପକ୍ଷରେ ପୁଅର ମୃତ୍ୟୁ ପାଇଁ ପରିବାର ଲୋକେ ଜଣେ ଯୁବତୀ ଏବଂ ତାଙ୍କ ପରିବାର ଲୋକଙ୍କୁ ଦାୟୀ କରିଛନ୍ତି।

ରାହୁଲଙ୍କ ମୃତ୍ୟୁକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ କୁହାଯାଇଛି ଯେ, ରବିବାର ରାତି ପ୍ରାୟ ୧୦:୪୫ ସମୟରେ ଇନ୍‌ଫୋସିଟି ଥାନାକୁ ସୂଚନା ମିଳିବା ପରେ ଘଟଣାସ୍ଥଳକୁ ପୋଲିସ ଯାଇଥିଲା। ପୋଲିସ ଅଧିକାରୀ ଭିତରପଟୁ ବନ୍ଦ ଥିବା କବାଟର ଲକ୍ ଭାଙ୍ଗି ଖୋଲିଥିଲେ। ଘର ଭିତରେ ଫ୍ୟାନ୍‌ରେ ଝୁଲୁଥିବା ମୃତଦେହକୁ ଜବତ କରାଯାଇ ନିକଟ ଘରୋଇ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହସ୍ପିଟାଲର ଏମ୍‌ଏଲ୍‌ସି ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା କରିଥିଲା। ହଷ୍ଟେଲରେ ରହୁଥିବା ସାଙ୍ଗସାଥୀ, ରାହୁଲଙ୍କ ମା' ନିର୍ମଳା ଯାଦବଙ୍କ ବୟାନ ଏବଂ ସୋସିଆଲ ମିଡିଆ ଆଧାରରେ ପୋଲିସ ତଦନ୍ତ କରୁଛି। ନିର୍ମଳାଙ୍କ ସୂଚନା ଆଧାରରେ ଛତିଶଗଡ଼ର ଜଣେ ଯୁବତୀଙ୍କ ସହିତ ରାହୁଲଙ୍କ ପ୍ରେମସମ୍ପର୍କ ରହିଥିଲା। ସେ ଯୁବତୀ ବର୍ତ୍ତମାନ ମହାରାଷ୍ଟ୍ରରେ ପାଠ ପଢୁଛନ୍ତି। ହେଲେ ଯୁବତୀଙ୍କ ମା'ବାପା ଏବଂ ଭାଇ ରାହୁଲଙ୍କୁ ଧମକ ଦେବା ସହ ନିର୍ଯାତନା ଦେଉଥିଲେ, ଯେଉଁଥିପାଇଁ ରାହୁଲ ମାନସିକ ଚାପରେ ଆସି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା କହିଛି। ରାହୁଲଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଯୁବତୀଙ୍କ ଭାଇ, ବାପା ଏବଂ ମା'ଙ୍କ ନାମରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ଅନ୍ୟପଟରେ ନିର୍ମଳା କହିଛନ୍ତି ଯେ, ଅନେକ ସମୟରେ ତାଙ୍କ ପୁଅକୁ ଉକ୍ତ ଯୁବତୀଙ୍କ ଘର ଲୋକଙ୍କ ପକ୍ଷରୁ ଧମକ ଦିଆଯାଉଥିଲା। କିଛିଦିନ ହେବ ତାଙ୍କ ପୁଅ ମାନସିକ ଚାପରେ ରହୁଥିଲେ। ପୁଅ ଉପରେ ନଜର ରଖିବାକୁ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ସେ କହିଥିଲେ। ହେଲେ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ, ଯେଉଁଥିପାଇଁ ତାଙ୍କ ପୁଅ ଆତ୍ମହତ୍ୟା କରିବାକୁ ସୁଯୋଗ ପାଇଲା ବୋଲି ନିର୍ମଳା କହିଛନ୍ତି। ଏହି ଆତ୍ମହତ୍ୟା ଘଟଣାକୁ ନେଇ କିଟ୍ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି। ପ୍ରେସ୍ ରିଲିଜ୍ ଜରିଆରେ ଲୋକ ସମ୍ପର୍କ ନିର୍ଦ୍ଦେଶିକା ଶ୍ରଦ୍ଧାଞ୍ଜଳି ନାୟକ କହିଛନ୍ତି, ଘଟଣା ସମ୍ପର୍କରେ ପୋଲିସକୁ ଜଣାଇ ଦିଆଯାଇଛି। ପୋଲିସ ତାହାର ତଦନ୍ତ କରୁଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ମାସ ମଧ୍ୟରେ କିଟ୍‌ରେ ୩ଜଣ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଗତ ଫେବ୍ରୁଆରୀ ୧୬ରେ ବିଟେକ୍ ଦ୍ୱିତୀୟ ବର୍ଷରେ ପଢୁଥିବା ଜଣେ ନେପାଳୀ ଛାତ୍ରୀ ପ୍ରକୃତି ଲାମ୍‌ସାଙ୍କ ମୃତ୍ୟୁ ଘଟିଥିବାବେଳେ ମେ ୧ତାରିଖରେ ଆଉ ଜଣେ ଛାତ୍ରୀ ତ୍ରିସାଙ୍କ ମୃତ୍ୟୁ ଘଟିଥିଲା।

**ପ୍ରଥମ ପୃଷ୍ଠାରୁ...**

## ୪ ଖେଳାଳିଙ୍କୁ...

ଓ ରାଜ୍ୟ ପାଇଁ ଯଶ ଆଣିଛନ୍ତି। ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆପଣମାନେ ପ୍ରେରଣା ହୋଇଛନ୍ତି''। ଆତ୍ମବିଶ୍ୱାସର ସହ ଏହି ବିଜୟ ଯାତ୍ରା ଜାରି ରଖିବାକୁ ସେ ଏହି ଅବସରରେ ଖେଳାଳିମାନଙ୍କୁ ଉପଦେଶ ଦେଇଛନ୍ତି। ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଯେଦୁଲା ବିଜୟ, ଦଳର କୋଚ ଦେବାଶିଷ ଜେନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦେଶବ୍ୟାପୀ ତଦନ୍ତ...

ଦେବାକୁ ଖଣ୍ଡପୀଠ ଆର୍‌ବିଆଇକୁ ନୋଟିସ ଜାରି କରିଛନ୍ତି। ହରିୟାଣାର ଏକ ବୟସ୍କ ଦମ୍ପତିଙ୍କ ଅଭିଯୋଗ ଆଧାରରେ ସୁପ୍ରିମକୋର୍ଟ ଉକ୍ତ ମାମଲାକୁ ନିଜ ଆଡୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ଖଣ୍ଡପୀଠ କହିଛନ୍ତି, ମୁଖ୍ୟତଃ ବରିଷ୍ଠ ନାଗରିକମାନଙ୍କୁ ସାଇବର ଅପରାଧୀମାନେ ଟାର୍ଗେଟ କରି ସେମାନଙ୍କ କଷ୍ଟଲବ୍ଧ ଅର୍ଥକୁ ଶୋଷଣ କରୁଛନ୍ତି। ମାମଲାରେ ସବିଶେଷ ତଥ୍ୟ ସିବିଆଇକୁ ଦେବା ସହ ତଦନ୍ତରେ ସହାୟତା କରିବା ପାଇଁ ଖଣ୍ଡପୀଠ ସୂଚନା ପ୍ରଯୁକ୍ତି ମଧ୍ୟସ୍ଥମାନଙ୍କୁ କହିଛନ୍ତି। ବିଦେଶରୁ ଏହି ଅପରାଧ ପରିଚାଳିତ ହେଉଥିଲେ, ସାଇବର ଅପରାଧୀଙ୍କ ପାଖରେ ପହଞ୍ଚିବା ନିମନ୍ତେ ଇଣ୍ଟରପୋଲ୍‌ର ସହାୟତା ନେବା ପାଇଁ ସୁପ୍ରିମକୋର୍ଟ ସିବିଆଇକୁ ପରାମର୍ଶ ଦେଇଛନ୍ତି। ସେହିପରି ଟେଲିକମ୍ ସେବାପ୍ରଦାନକାରୀ ସଂସ୍ଥାଗୁଡ଼ିକ ଯେପରି ଜଣେ ୟୁଜର କିମ୍ବା ଗୋଟିଏ ସଂସ୍ଥାକୁ ଏକାଧିକ ସିମ୍ କାର୍ଡ ଇସ୍ୟୁ ନ କରିବେ, ତାହା ସୁନିଶ୍ଚିତ କରିବା ପାଇଁ ଖଣ୍ଡପୀଠ ଟେଲିକମ୍ ବିଭାଗକୁ କହିଛନ୍ତି। ସିବିଆଇ ସହିତ ଉତ୍ତମ ସମନ୍ୱୟ ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଆଞ୍ଚଳିକ ତଥା ରାଜ୍ୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ସ୍ଥାପନ କରିବାକୁ କୁହାଯାଇଛି। ଏହିପ୍ରସଙ୍ଗରେ ସ୍ୱରାଷ୍ଟ୍ର, ଟେଲିକମ୍, ଅର୍ଥ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ମତାମତ ସଂଗ୍ରହ କରିବା ପାଇଁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିଛନ୍ତି।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଭାଗ୍ୟ କାଳେ ବିପରୀତ ବାଣୀ,**
**ଚାଳରୁ ମୂଷା ପଡ଼ି ମାରନ୍ତି କହୁଣି।**

ଦୁର୍ଦ୍ଦିନ ପଡ଼ିଲେ ମଣିଷ ଅସହାୟ ହୋଇଯାଏ। ମଣିଷ ଉପରକୁ ଦୁଃଖର ପାହାଡ଼ ମାଡ଼ିଆସିବା ସହ ବିପଦରେ ପଡ଼ି ଘାଣ୍ଟି ଚକଟି ହେବା ସାର ହୋଇଥାଏ। ଏପରିସ୍ଥଳେ ଅତି ନ୍ୟୂନସ୍ତରର ବ୍ୟକ୍ତି ପରାକ୍ରମ ଦେଖାଇବାକୁ ବା ଦାଉ ସାଧିବାକୁ ତିଳେମାତ୍ର ପଛାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଇଁଠା ଭାତେ ଘିଅ,**
**ପ୍ରେତେ ଖାଇତେ ଦିଅ।**

ସାଧାରଣତଃ ଅଇଁଠା ବା ଅଣ୍ଡା ଭାତରେ ଘିଅ ଦେବା ନେଇ ବାରଣ କରାଯାଇଥାଏ। ଅଇଁଠା ଭାତରେ ଘିଅ ଦେଇ ଖାଇବା ପ୍ରେତ ଖାଇବା ସହ ସମାନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବିଦା ହେଲେଣି ୪୯...

ଇତିମଧ୍ୟରେ ସମୁଦାୟ ୧୭୬୮ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇଛି। ସେଥିମଧ୍ୟରୁ ୫୧ ଜଣଙ୍କୁ ବେଆଇନ ବାଂଲାଦେଶୀ ଭାବେ ଘୋଷଣା କରାଯାଇଛି। ଏବେ ବି ୫୦ ସନ୍ଦିଗ୍ଧଙ୍କର ପରିଚୟପତ୍ର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ସ୍ୱତନ୍ତ୍ର ଆପ୍ ଜରିଆରେ ଅନୁପ୍ରବେଶକାରୀ ବାଂଲାଦେଶୀ ଚିହ୍ନଟ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିସହ ମୁଖ୍ୟମନ୍ତ୍ରୀ କହିଛନ୍ତି, ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ ଓ ତଦାରଖ କରିବା ପାଇଁ ଗୋଇନ୍ଦା ବିଭାଗର ବରିଷ୍ଠ ଅଧିକାରୀମାନେ ସମ୍ଭାବ୍ୟ ବେଆଇନ ବାଂଲାଦେଶୀ ଅନୁପ୍ରବେଶ ଜିଲ୍ଲାଗୁଡ଼ିକୁ ଲଗାତର ପରିଦର୍ଶନ କରୁଛନ୍ତି। ଏତଦ୍‌ବ୍ୟତୀତ, ସୀମା ସୁରକ୍ଷା ବାହିନୀ, ପଶ୍ଚିମବଙ୍ଗ ଗୋଇନ୍ଦା ସଂସ୍ଥା, କେନ୍ଦ୍ର ଗୋଇନ୍ଦା ସଂସ୍ଥା, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସମନ୍ୱୟରେ ଅବୈଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଏବଂ ଦେଶାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

## କେନ୍ଦ୍ରାପଡ଼ାରେ ଚିହ୍ନଟ...

କରିଥିବା ସମୟରେ ଜଙ୍ଗଲ ଜମିକୁ ଜବରଦଖଲ କରି ରହିବା ସୁଯୋଗ ପାଉଛନ୍ତି। ଏପରିକି ପ୍ରଶାସନିକ ଅଧିକାରୀ ଓ ବନ ବିଭାଗ ଜଙ୍ଗଲ ଜମି ଜବରଦଖଲ ସମୟରେ କୌଣସି କାରଣରୁ ନୀରବ ରହୁଛନ୍ତି। ଏହି ଜିଲ୍ଲାରେ ୧୯୨୯ ମସିହାରେ ଭୂବନ୍ଦୋବସ୍ତ ହୋଇଥିଲା। ତତ୍କାଳୀନ ସମୟରେ ଜଙ୍ଗଲ ଜମି ହ୍ରାସ ସମ୍ପର୍କରେ କୌଣସି ସମୀକ୍ଷା ହେଉନାହିଁ ଅପରପକ୍ଷରେ ୨୦୦୪ ମସିହାରେ ଚିହ୍ନଟ ହୋଇଥିବା ୧,୬୪୯ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ମହାକାଳପଡ଼ା ବ୍ଲକର ୧,୫୫୧ଙ୍କୁ ଦେଶାନ୍ତର ନୋଟିସ ମିଳିଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ଜିଲ୍ଲା ପୋଲିସ ପକ୍ଷରୁ କେବଳ ଧରପଗଡ଼ ଚାଲିଛି। ସନ୍ଦେହରେ କେତେକ ବ୍ୟକ୍ତିଙ୍କୁ ଥାନାକୁ ଡକାଇ ଛାଡ଼ି ଦିଆଯାଉଥିବା ଲକ୍ଷ୍ୟ କରାଯାଉଛି। ଜିଲ୍ଲାରେ ସର୍ବାଧିକ ବାଂଲାଦେଶୀ ଅନୁପ୍ରବେଶକାରୀ ଥିବା ତଥ୍ୟ ଉଜାଗର କରୁଥିବା ସମୟରେ ଜଣେ ହେଲେ ଚିହ୍ନଟ ନ ହେବାରେ ପୋଲିସ ପ୍ରଶାସନ ବାଟବଣା ହୋଇଥିବା ଉପରୋକ୍ତ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ କହିଛନ୍ତି, ଖୁବ୍ ଶୀଘ୍ର ଜିଲ୍ଲା ପୋଲିସ ପକ୍ଷରୁ ଏନେଇ ସୂଚନା ମିଳିଯିବ।

## 'ରାଜଭବନ' ହେଲା...

ରାଜ୍ୟପାଳମାନଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିସ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜଭବନଗୁଡ଼ିକର ନାମକୁ 'ଲୋକ ଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ଏନେଇ ରାଜ୍ୟପାଳ କମ୍ଭମପାଟି କହିଛନ୍ତି, ନୂତନ ନାମକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଅନୁଯାୟୀ ସୁଦୃଢ଼ ଜନସଂଯୋଗ ଏବଂ ଅଂଶଗ୍ରହଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତକରେ। 'ଲୋକ ଭବନ' ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ। ଏହି ପଦକ୍ଷେପ ନାଗରିକମାନଙ୍କୁ ସଶକ୍ତ କରିବା, ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସୁନିଶ୍ଚିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହ ସମନ୍ୱିତ। 'ଲୋକ ଭବନ ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ କାର୍ଯ୍ୟକରି ସମସ୍ତଙ୍କ ପାଇଁ ସୁଗମତା ଉପରେ ଧ୍ୟାନଦିଆଯିବ ବୋଲି ରାଜ୍ୟପାଳ କହିଛନ୍ତି।

## ଜନଶୁଣାଣି ଶିବିରରେ...

ବାପ ଘରେ ନିଜ ଛୋଟ ପୁଅ ସହ ରହି ବହୁ କଷ୍ଟରେ ଦିନ କାଟୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ମଙ୍ଗଳ ଯୋଜନାରେ ସରକାରୀ ଅର୍ଥ ୨୦ହଜାର ଟଙ୍କା ପାଇବା ପାଇଁ ସସ୍ମିତା ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଥିଲେ। ତେବେ ଲିଗାଲ ହେୟାର୍ ସାର୍ଟିଫିକେଟରେ ତ୍ରୁଟି ଥିବା ଦର୍ଶାଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତାଙ୍କୁ ଫେରାଇ ଦେଇଥିଲେ। ପରେ ସେ ଏନେଇ ବାଙ୍କୀ ତହସିଲଦାର, ସ୍ଥାନୀୟ ଆର୍‌ଆଇ, ବିଡିଓ ଏବଂ ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ। ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସସ୍ମିତା ଜିଲ୍ଲାପାଳଙ୍କ ନିକଟରେ ଦୁଇ ଥର ଅଭିଯୋଗ କରିଥିଲେ। ବ୍ଲକଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସବୁଠି ବାରମ୍ବାର ଅଭିଯୋଗ ପରେ ବି ସହାୟତା ରାଶି ନ ମିଳିବାରୁ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ପୁଅକୁ ନେଇ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବାକୁ ସସ୍ମିତା ନିଷ୍ପତ୍ତି ନେଇଥିଲେ। ଏନେଇ ଜିଲ୍ଲାପାଳଙ୍କୁ ଶିବିରରେ ଦେଖା କରିବା ପରେ ପୂର୍ବଭଳି ଉତ୍ତର ମିଳିବାରୁ ବାହାରକୁ ଆସି ପେଟ୍ରୋଲ୍ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ ବୋଲି ସସ୍ମିତା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସାମାଜିକ କଲ୍ୟାଣ ଅଧିକାରିଣୀ ସସ୍ମିତା ସେଠୀଙ୍କୁ ପଚାରିବାରୁ ସେ କହିଲେ ତାଙ୍କ ଆବେଦନରେ ତ୍ରୁଟି ଥିଲା। ସେଥିପାଇଁ ଟଙ୍କା ମଞ୍ଜୁରୀ ହୋଇପାରିନାହିଁ। ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରେ ସସ୍ମିତାଙ୍କ ଅଭିଯୋଗର ଯଥାଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

## ପୁଣି ଚର୍ଚ୍ଚାରେ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳି ଆତ୍ମାହୁତି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହାପରଠାରୁ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ୍ ଦେବା ଉପରେ ନିଷେଧାଜ୍ଞା କରାଯାଇଥିଲା। ହେଲେ ଏ କଟକଣାକୁ ଖୋଲା ଉଲ୍ଲଂଘନ କରାଯାଉଥିବା ସୋମବାର ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି। ଜିଲ୍ଲାପାଳଙ୍କ ଜନଶୁଣାଣିରେ ପୋଲିସ ମୁତୟନ ସତ୍ତ୍ୱେ ମହିଳା ଜଣକ ପେଟ୍ରୋଲ କିପରି ଆଣି ଆସିଲେ, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଗୋଇନ୍ଦା ବିଭାଗର ସମ୍ପୂର୍ଣ୍ଣ ବିଫଳତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ବାଙ୍କୀ ଅଞ୍ଚଳରେ ପୋଲିସ ଓ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପରେ ଚଢ଼ାଉ ଠିକ୍ ଭାବେ ହେଉ ନ ଥିବାରୁ ବହୁ ପେଟ୍ରୋଲ ପମ୍ପରେ ଲୁଚାଛପା ପ୍ଲାଷ୍ଟିକ ବୋତଲରେ ଏବେବି ପେଟ୍ରୋଲ ବିକ୍ରି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

## ଅଭିଯୋଗ ଶୁଣାଣିରେ...

ସେତେବେଳେ ଧଳ ପରିବାର ଲୋକେ ଓ ଗ୍ରାମର କେତେଜଣ ଭଦ୍ରବ୍ୟକ୍ତି ସାକ୍ଷୀ ଭାବେ ସେହି କାଗଜପତ୍ରରେ ଦସ୍ତଖତ କରିଥିଲେ। ଗତବର୍ଷ ପ୍ରଶାନ୍ତଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିଲା। ଏହାର ତିନି/ଚାରି ମାସ ପରେ ପ୍ରଶାନ୍ତଙ୍କ ପରିବାର ଲୋକଙ୍କୁ ମହିଳା ଜଣକ ଟଙ୍କା ଫେରାଇବାକୁ କହିଥିଲେ। ସେମାନେ ଦେଇଦେବେ ବୋଲି ପ୍ରତିଶ୍ରୁତି ଦେଇ ଥରେ ୧୦ହଜାର ଟଙ୍କା ଦେଇଥିଲେ। ହେଲେ ପରେ ଆଉ ଧରାଛୁଆଁ ଦେଇ ନ ଥିଲେ। ବାରମ୍ବାର ଟଙ୍କା ମାଗିବାରୁ ସେମାନେ ଗାଳିଗୁଲଜ କରିବା ସହ ମାରପିଟ ମଧ୍ୟ କରିଥିଲେ। ଏନେଇ ସେତେବେଳେ ମହିଳା ଜଣକ ଗୁରାଣ୍ଡି ଥାନାର ଦ୍ୱାରସ୍ଥ ହୋଇଥିଲେ। ତତ୍କାଳୀନ ଥାନା ଅଧିକାରୀ ଏହାର ତଦନ୍ତ ଆରମ୍ଭ କରିଥିଲେ। ପରେ ଥାନା ଅଧିକାରୀଙ୍କ ବଦଳି ହୋଇଯିବାରୁ ନୂଆ ଅଧିକାରୀ ଭାବେ ଓମ୍‌ନାରାୟଣ ପାତ୍ର ଯୋଗଦେଇଥିଲେ। ମହିଳା ଜଣକ ନୂଆ ଥାନାବାବୁଙ୍କୁ ମଧ୍ୟ ତାଙ୍କ ଟଙ୍କା ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ହେଲେ ଥାନା ବାବୁ ନ୍ୟାୟ ଦେବା ପରିବର୍ତ୍ତେ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏନେଇ ମହିଳା ଜଣକ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ନ୍ୟାୟ ନ ପାଇଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ହିଁ ଆତ୍ମହତ୍ୟା କରିବେ ବୋଲି କହି ଝରକାରେ ନିଜ ଶାଢ଼ି ପଣତକାନି ଗୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହାନ୍ତି ଦେଖି ତାଙ୍କୁ ଏପରି ନ କରିବା ପାଇଁ କହି ବୁଝାଶୁଝା କରିବା ସହ ଘଟଣାର ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳା ଶାନ୍ତ ପଡ଼ିଥିଲେ। ଏନେଇ ଥାନା ଅଧିକାରୀ ପାତ୍ରଙ୍କ କହିବା ହେଲା, ମହିଳା ତାଙ୍କ ବିରୋଧରେ ଯେଉଁ ଅଶାଳୀନ ବ୍ୟବହାର କରିବା ନେଇ ଅଭିଯୋଗ ଆଣିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା। ପ୍ରଶାନ୍ତଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଜଗଦୀଶଙ୍କୁ ଥାନାକୁ ଡକାଯାଇଛି। ଜଗଦୀଶ କୌଣସି କାଗଜରେ ଦସ୍ତଖତ କରି ନ ଥିବା କହିଛନ୍ତି। ତେଣୁ ଘଟଣାର ତଦନ୍ତ ଜାରି ରହିଛି ବୋଲି ପାତ୍ର କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗ୍ରହସ୍ଥିତି ମାନସିକ ସୁସ୍ଥତାକୁ ପରିପୁଷ୍ଟ କରିବ। ଥଣ୍ଡାଜନିତ ପୀଡ଼ାନୁଭବ ସାଙ୍ଗକୁ ଧୈର୍ଯ୍ୟହରା, ନୈରାଶ୍ୟ ବ୍ୟସ୍ତ ଓ ବିବ୍ରତ କରାଇପାରେ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ।

**ବୃଷ**
ଆଜିର ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ବନ୍ଧୁଙ୍କ ସମସ୍ୟାର ସମାଧାନ ଦିଗରେ ମୁଣ୍ଡ ପୂରାଇବେ। କଥା କଥାକେ ମଉଜିଆ କଥା କହିବାକୁ ନେଇ କଳହ ଲାଗିପାରେ। ଅନ୍ୟମାନଙ୍କ ଉପରେ ବିରକ୍ତ ହୋଇ କାର୍ଯ୍ୟପ୍ରବାହକୁ ଅବରୁଦ୍ଧ କରିଦେବେ। ବନ୍ଧୁଙ୍କ ସହଯୋଗରେ ଶିଳ୍ପ, ବାଣିଜ୍ୟ, ପରିବହନ ଭଲରେ ଚାଲିବ।

**ମିଥୁନ**
ସୁଖଭାବରେ ଗୁରୁଥିବାରୁ ଆପଣଙ୍କ ଇଚ୍ଛାନୁକୂଳ କାର୍ଯ୍ୟ ଓ ପ୍ରାପ୍ୟ ପାଇଁ ମାର୍ଗ ସୁଗମ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରିବା ସାଙ୍ଗକୁ ବନ୍ଧୁଙ୍କୁ ଆପେଣଇ ନେବାରେ ସମର୍ଥ କରାଇବ। ଯୋଜନା, ସାଂଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପରିବାରରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି।

**କର୍କଟ**
ଚନ୍ଦ୍ରଙ୍କ ପ୍ରତି ବୁଧଙ୍କ ଦୃଷ୍ଟିରୁ ବନ୍ଧୁଙ୍କ ସହ ବିବାଦ ଓ କିଛି ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ନିର୍ଦ୍ଦିଷ୍ଟ ସ୍ଥାନରେ ସହକର୍ମୀଙ୍କୁ ନ ପାଇ ବ୍ୟସ୍ତ ହେବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ପରିଜନଙ୍କ ସହ କୌଣସି ଯାତ୍ରା ଓ ନୂତନ କର୍ମାରମ୍ଭ ଆଲୋଚନା ଫଳପ୍ରଦ ହେବ।

**ସିଂହ**
ଧନାଧିପତିଙ୍କ ପ୍ରଭାବରେ ଆଶାଜନକ ଅର୍ଥ ପ୍ରଦାନର ସୁଯୋଗ ନ ଦେଲେ ମଧ୍ୟ ବନ୍ଧୁଙ୍କ ସୁନ୍ଦର ବ୍ୟବହାରରେ ଖୁସି ରହିବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ କରିବ। କୌଣସି କ୍ଷେତ୍ରରେ ଆଜି ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ସାମାଜିକ ସ୍ତରରେ ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ରାହୁଙ୍କ ପ୍ରଭାବରେ କୌଶଳ ପ୍ରୟୋଗକରି କାର୍ଯ୍ୟ ହାସଲ କରିବେ। ସନ୍ତାନଙ୍କ ସମସ୍ୟା ବ୍ୟସ୍ତବିବ୍ରତ କରାଇବାର ଆଶଙ୍କା ଉପୁଜିବାର ସୂଚନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଶନିଙ୍କ ପ୍ରଭାବରୁ ସନ୍ଦେହ ଘେରରେ ରହିବେ। ଟଙ୍କା ପଇସା ଦେଣନେଣକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ।

**ତୁଳା**
ଆଜି ଦୂରସ୍ଥାନକୁ ଯାତ୍ରା କିମ୍ବା କର୍ମକ୍ଷେତ୍ରରେ ସ୍ଥାନାନ୍ତର ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା କାମକୁ ଅଗ୍ରଗାମୀ କରାଇବ। ତୃତୀୟାଧିପତିଙ୍କ ପ୍ରଭାବରେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ନିର୍ଦ୍ଦିଷ୍ଟ କାରଣ ନ ଥାଇ ସାୟାହ୍ନେ ମନଟା ଭଲ ଲାଗିବ ନାହିଁ।

**ବିଛା**
କୋଣଭାବସ୍ଥ ଶନି ମାନସିକ ଉଦାସୀନତା ସୃଷ୍ଟିକରି ଅନ୍ୟମାନଙ୍କ ନିକଟରେ ସନ୍ଦେହାଚ୍ଛନ୍ନ କରି ରଖିପାରେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ଭଲ। ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସଭା ସମିତି ଓ ମନୋରଞ୍ଜନରେ ଉତ୍ସାହିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନରେ ଟେନ୍‌ସନ୍ ବଢ଼ିପାରେ।

**ଧନୁ**
ଅନୁକୂଳ ଗ୍ରହସ୍ଥିତିରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପଡ଼ୋଶୀଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହି ସହକର୍ମୀ କିମ୍ବା ଆତ୍ମୀୟମାନେ ଦୂରେଇ ରହିପାରନ୍ତି।

**ମକର**
ଏକାଦଶସ୍ଥ ଗ୍ରହଜନିତ ସମ୍ପର୍କୀୟଙ୍କୁ ସାହାଯ୍ୟ ପ୍ରତିଶ୍ରୁତି ଦେଇ ଶ୍ରଦ୍ଧାଭାଜନ ହେବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ସ୍ଥଗିତ କାମଗୁଡ଼ିକ ପାଇଁ ଯୋଜନା ବନେଇ ପାରନ୍ତି। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ ପାଇଁ ଆଗଭର ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ବିଶେଷ ଲାଭ ପାଇବେ।

**କୁମ୍ଭ**
ଆଜି ଦିନରେ ବହୁତ ଭଲ କାମ କରିବେ। ପୂର୍ବ ଚିନ୍ତିତ ଆଶା ଓ ଅଭିଳାଷ ପୂରଣ ହେବା ସାଙ୍ଗକୁ ଅର୍ଥ ପାଇ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ। ଦ୍ୱାଦଶସ୍ଥାନକୁ ବୃହସ୍ପତିଙ୍କ ଦୃଷ୍ଟିରୁ ସ୍ୱର୍ଣ୍ଣାଳଙ୍କାର ପ୍ରଭୃତି କ୍ରୟ କରିବା ସକାଶେ ମନ ବଳିବ। ପରିବାର ମଧ୍ୟରେ ଛୋଟ କଥାକୁ ଧରିବସିଲେ ଅଯଥା ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

**ମୀନ**
କର୍ମକ୍ଷେତ୍ରରୁ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। କେତୁଙ୍କ କୁପ୍ରଭାବରୁ ବାକି ରହିଥିବା ଅର୍ଥ ଆଦାୟ କରିବାକୁ ଯାଇ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

ଆଜି ଡିସେମ୍ବର ୨ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ବ୍ୟଞ୍ଜନ ଦ୍ୱାଦଶୀ ମଙ୍ଗଳବାର। ଦିବା ଘ. ୦୩.୫୭ ଗତେ ଅନଙ୍ଗ ତ୍ରୟୋଦଶୀ। ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୯ ଗତେ ଘ.୦୬.୫୨ ମଧ୍ୟେ, ଘ.୦୮.୫୨ ଗତେ ଘ.୧୧.୧୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨.୧୯ ଗତେ ଘ.୦୩.୪୦ ମଧ୍ୟେ ରାହୁ କାଳ।

# ସଡ଼କ ସୁରକ୍ଷା ୧୯ ମାସରେ ୫୯.୭୦ କୋଟି ଖର୍ଚ୍ଚ

## ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ବହୁ ଦୂରରେ

ଯାଜପୁର,୧।୧୨ (ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ କରିବା ଲକ୍ଷ୍ୟ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହିକ୍ରମରେ ୨୦୨୪ ଜାନୁଆରୀରୁ ୨୦୨୫ ଜୁଲାଇ ପର୍ଯ୍ୟନ୍ତ ୧୯ ମାସରେ ସରକାରଙ୍କ ତହବିଲରୁ ୫୯ କୋଟି ୭୦ ଲକ୍ଷ ୨୭ ହଜାର ୭୨୮ ଟଙ୍କା ଖର୍ଚ୍ଚ କରାଯାଇଛି। ତଥାପି ୨୦୨୪ର ଅର୍ଥାତ୍ ୩୬୫ ଦିନରେ ଓଡ଼ିଶାରେ ୧୨,୩୭୫ ଦୁର୍ଘଟଣା ଘଟି ୬,୧୪୨ ଜଣଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ଓଡ଼ିଶାରେ ଗୋଟିଏ ଦିନରେ ୧୬ରୁ ଊର୍ଦ୍ଧ୍ୱ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଉଥିବା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷେ ଗତ ୩ ବର୍ଷର ରିପୋର୍ଟକୁ ହିସାବକୁ ନେଲେ ଓଡ଼ିଶାରେ ୩୬,୦୩୦ ଦୁର୍ଘଟଣାରେ ୧୭,୩୪୮ ଜଣଙ୍କ ମୃତ୍ୟୁ ଘଟିଛି। ଦେଶରେ ସଡ଼କ ଦୁର୍ଘଟଣା ମୃତ୍ୟୁରେ ଏହା ସର୍ବାଧିକ। ଏଭଳିସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖର୍ଚ୍ଚ ହୋଇଥିବା ଉପରୋକ୍ତ ବିପୁଳ କୋଟି ଟଙ୍କାର ଲାଭ କେତେ ମିଳିଲା ଏବଂ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା କେତେ ହେଲା ତାହା ତଦନ୍ତସାପେକ୍ଷ ବୋଲି ମତପ୍ରକାଶ ପାଇଛି। ରୋଡ୍ ସେଫ୍ଟି ଫଣ୍ଡ ମ୍ୟାନେଜମେଣ୍ଟ କମିଟି ବୈଠକର ଏକ ରିପୋର୍ଟ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ତପନ କୁମାର ମିଶ୍ର ୨୮।୧୧।୨୦୨୫ରେ କଟକ ପରିବହନ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରୋଡ ସେଫ୍ଟି ଫଣ୍ଡ ମ୍ୟାନେଜମେଣ୍ଟ କମିଟି ବୈଠକ ରିପୋର୍ଟଅନୁସାରେ ରାଜ୍ୟର ସର୍ବାଧିକ ଦୁର୍ଘଟଣାଜନିତ ମୃତ୍ୟୁ ହେଉଥିବା ପୋଲିସ ଜିଲା ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, ମୟୂରଭଞ୍ଜ, ଯାଜପୁର, ଖୋର୍ଦ୍ଧା ଓ ରାଉରକେଲାରେ ୫୦୦ ଟ୍ରାଫିକ ୱାର୍ଡେନଙ୍କୁ ମୁତୟନ କରାଯାଇଛି। ଏଥିପାଇଁ ଜଣେ ଟ୍ରାଫିକ ୱାର୍ଡେନ ପିଛା ମାସକୁ ୨୩,୩୦୦ ଟଙ୍କା ହିସାବରେ ୩ ମାସ ପାଇଁ ୩ କୋଟି ୪୯ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୮୧୦ ଜଣ ଛାତ୍ର ଟ୍ରାଫିକ ସ୍ୱେଚ୍ଛାସେବୀ(ଏସ୍‌ଟିଭି) ମୁତୟନ ହୋଇଥିବାବେଳେ ଜଣ ପିଛା ୨୦୦ ଟଙ୍କା ହିସାବରେ ୧୮୦ ଦିନ ପାଇଁ ୨ କୋଟି ୯୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହାବାଦ୍ ସଡ଼କ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମରେ ହେଭି ଭେହିକିଲ ଡ୍ରାଇଭରମାନଙ୍କୁ ମାଗଣାରେ ଚା ବଣ୍ଟନ ପାଇଁ ୫.୫୫ ଲକ୍ଷ ଟଙ୍କା, ନ୍ୟାଶନାଲ ରୋଡ ସେଫ୍ଟି ମାସ ପାଳନରେ ୨ କୋଟି ୧୦ ଲକ୍ଷ, ୬୩ ହଜାର ୯୪୯ ଟଙ୍କା, ପୁରସ୍କାର ବାବଦକୁ ୧୪.୨୦ ଲକ୍ଷ ଟଙ୍କା, ୨୦୨୪ ବାଲିଯାତ୍ରା ଉତ୍ସବରେ ସଡ଼କ ସୁରକ୍ଷା ଷ୍ଟଲ ପାଇଁ ୭ ଲକ୍ଷ ଟଙ୍କା, ରଥଯାତ୍ରା ସମୟରେ ଓଆର୍‌ଏସ୍ କ୍ରୟ ପାଇଁ ୧ ଲକ୍ଷ, ଦ୍ୱିତୀୟ ପର୍ଯ୍ୟାୟ ନ୍ୟାଶନାଲ ଶର୍ଟ ଫିଲ୍ମ ଫେଷ୍ଟିଭାଲ ପାଇଁ ୨୯,୪୬,୭୯୯ ଟଙ୍କା, ରାଜ୍ୟର ୮୦ ସିନେମା ହଲ୍‌ରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପାଇଁ ୫୨.୧୭ ଲକ୍ଷ ଟଙ୍କା, ସ୍କୁଲଗୁଡ଼ିକରେ ଟ୍ରାଫିକ କ୍ଲବ୍ ଖୋଲିବା ପାଇଁ ୫୦ ଲକ୍ଷ ଟଙ୍କା ଇତ୍ୟାଦି ବାବଦକୁ ଖର୍ଚ୍ଚ କରାଯାଇଛି। ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ପୋଲିସ ଦ୍ୱାରା ସଡ଼କ ସୁରକ୍ଷା ଉପକରଣ କ୍ରୟ ବାବଦକୁ ୧୧ କୋଟି ୨୬ ଲକ୍ଷ ଟଙ୍କା, ମେଡିକାଲ ସେନ୍‌ସର ଇଣ୍ଡିଆ ପ୍ରାଇଭେଟ୍ ଲିଃ ଦ୍ୱାରା ସିଏମ୍‌ସି ଇକ୍ୟୁପମେଣ୍ଟ ସ୍ଥାପନ ପାଇଁ ୯୫.୯୫ ଲକ୍ଷ ଟଙ୍କା, ଦିଶା ପ୍ରକଳ୍ପରେ ନେଟ୍‌ୱର୍କ କନେକ୍ସନ ପାଇଁ ୧.୮୦ କୋଟି ଟଙ୍କା, ବିଏସ୍‌ଏନ୍‌ଏଲ୍‌କୁ ୧ କୋଟି ୨୮ ହଜାର ଟଙ୍କା, ଇଣ୍ଟରସେପ୍ଟର ଭେହିକିଲ ପାଇଁ ୧.୫୮ କୋଟି ଟଙ୍କା ଆଦି ଖର୍ଚ୍ଚ ହୋଇଛି। ସେହିପରି କ୍ୟାପାସିଟି ବିଲ୍ଡିଂ, ଗମନାଗମନ, କନସଲଟିଂ ଇତ୍ୟାଦି କ୍ଷେତ୍ରରେ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

ବିଶେଷକରି ହେଲମେଟ୍ ପରିଧାନ ନ କରି ଗାଡ଼ି ଚଳାଇବା, ମଦ୍ୟପାନ ଓ ମୋବାଇଲ ଫୋନ ଧରିବା ସହ ଅଧିକ ବେଗରେ ଗାଡ଼ି ଚଳାଇବା ଆଦି ଦୁର୍ଘଟଣାର କାରଣ ବୋଲି ବିଭିନ୍ନ ବୈଠକରେ ମତପ୍ରକାଶ ପାଇଆସୁଛି। ଏହିକ୍ରମରେ ଗତ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ଶୂନ୍ୟମୃତ୍ୟୁପକ୍ଷ ପାଳନ ହୋଇଛି। ରାଜ୍ୟର ବିଭିନ୍ନ ଜାତୀୟ ରାଜପଥ(ଏନ୍‌ଏଚ୍)ରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଅଧିକ ହେଉଥିବା ପୂର୍ବ ରିପୋର୍ଟକୁ ଅବଲୋକନ କଲେ ସ୍ପଷ୍ଟ ହେଉଛି। ତ୍ରୁଟିପୂର୍ଣ୍ଣ ଏନ୍‌ଏଚ୍ ନିର୍ମାଣ, ନିମ୍ନମାନର କାର୍ଯ୍ୟ ଯୋଗୁ ଏନ୍‌ଏଚ୍‌ରେ ଖାଲଢିପ ବୃଦ୍ଧି, ନିର୍ମାଣ ସମ୍ପୂର୍ଣ୍ଣରେ ବିଳମ୍ବ, ବେଆଇନ ପାର୍କିଂ ଆଦି ଯୋଗୁ ଦୁର୍ଘଟଣା ମୃତ୍ୟୁହାର ଅଣାୟତ୍ତ ହେଉଛି। ଯାଜପୁର ଜିଲା ଦେଇ ଯାଇଥିବା ୨୦ ନମ୍ବର, ୧୬ ନମ୍ବର ଓ ୫୩ ନମ୍ବର ଏନ୍‌ଏଚ୍‌କୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଅନ୍ୟପକ୍ଷେ ଦୁର୍ଘଟଣାରେ ଆହତମାନଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ପାଣିକୋଇଲିଠାରେ ଟ୍ରମାକେୟାର ସେଣ୍ଟର ସମ୍ପୂର୍ଣ୍ଣ ହେବା ସତ୍ତ୍ୱେ କାର୍ଯ୍ୟକାରୀ ନ ହେବା ମୃତ୍ୟୁହାର ବୃଦ୍ଧିର ଅନ୍ୟତମ କାରଣ ବୋଲି ମତପ୍ରକାଶ ପାଇଛି।

# ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ହାଲୁକା ବର୍ଷା

## ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)

ଘୂର୍ଣ୍ଣିଝଡ଼ 'ଡିଟ୍‌ୱା' ପ୍ରଭାବରେ ରାଜ୍ୟରେ ବର୍ତ୍ତମାନ ଶୀତ ପ୍ରକୋପ ସାମାନ୍ୟ କମିଛି। ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା କ୍ରମଶଃ ବୃଦ୍ଧି ପାଇଛି। ଦକ୍ଷିଣ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨ ଡିଗ୍ରୀ ହ୍ରାସ ପାଇଛି। ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରାୟ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ଅପରପକ୍ଷେ ଗତ ୨୪ ଘଣ୍ଟାରେ ଗଜପତି, ରାୟଗଡ଼ା, କୋରାପୁଟ, ବଲାଙ୍ଗୀର, କନ୍ଧମାଳ, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତି ହାଲୁକାରୁ ହାଲୁକା ଧରଣର ବର୍ଷା ହୋଇଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ କୁହୁଡ଼ି ପଡ଼ିଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଓ ବୁଧବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କୋରାପୁଟ ଏବଂ ଅନୁଗୋଳ ଜିଲାରେ ଘନ କୁହୁଡ଼ି ପଡ଼ିବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ରାଜ୍ୟରେ ବର୍ତ୍ତମାନ ପାଗ ଶୁଖିଲା ରହିଥିବାବେଳେ ଡିସେମ୍ବର ୬ ପର୍ଯ୍ୟନ୍ତ ବର୍ଷା ନେଇ କୌଣସି ସୂଚନା ଦିଆଯାଇ ନାହିଁ। ରାଜ୍ୟର ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡ଼ିଠାରେ ୧୧.୫ ଡିଗ୍ରୀ ହୋଇଥିବାବେଳେ ପୁରୀରେ ସର୍ବାଧିକ ୨୯.୨ ଡିଗ୍ରୀ ରେକର୍ଡ ହୋଇଥିଲା। ସେହିପରି ଝାରସୁଗୁଡ଼ାରେ ୧୩.୭ ଡିଗ୍ରୀ, ବୌଦ୍ଧ ୧୩.୮, ଫୁଲବାଣୀ, କେନ୍ଦୁଝରଗଡ଼ ଏବଂ ବୌଦ୍ଧରେ ୧୪, କୋରାପୁଟରେ ୧୪.୨, ରାଉରକେଲାରେ ୧୪.୫, ଅନୁଗୋଳ ଓ ଢେଙ୍କାନାଳରେ ୧୪.୬, କଟକରେ ୧୫.୬ ଏବଂ ଭୁବନେଶ୍ୱରରେ ୧୬ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି।

ଅପରପକ୍ଷେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ତାମିଲନାଡୁ-ପୁଡୁଚେରୀ ଉପକୂଳରେ ସୃଷ୍ଟି ହୋଇଥିବା ଗଭୀର ଅବପାତ (ଘୂର୍ଣ୍ଣିଝଡ଼ ଡିଟ୍‌ୱାର ଅବଶିଷ୍ଟାଂଶ) ସୋମବାର ସକାଳ ୮.୩୦ରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର, ଉତ୍ତର ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ କେନ୍ଦ୍ରିତ ହୋଇଥିଲା। ଏହା ଉତ୍ତର ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ସହ ସମାନ୍ତରାଳ ଭାବେ ଧୀରେ ଧୀରେ ଉତ୍ତର ଆଡ଼କୁ ଗତିକରି ଆସନ୍ତା ୧୨ଘଣ୍ଟା ମଧ୍ୟରେ ଏକ ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ଏହି ପ୍ରଣାଳୀ ସୋମବାର ମଧ୍ୟାହ୍ନ ସୁଦ୍ଧା ଚେନ୍ନାଇ ଉପକୂଳରୁ ଅତି କମ୍‌ରେ ୩୦ କି.ମି. ଦୂରତା ମଧ୍ୟରେ ଦକ୍ଷିଣ-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ କେନ୍ଦ୍ରୀଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ସୋମବାର କୋଣାର୍କ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତନାଟ୍ୟମ ନୃତ୍ୟ 'ଶିବଭହୋମ' ପରିବେଷଣ କରାଯାଉଛି। (ଜ୍ୟୋତିରାଜ ମହାନ୍ତି)

## ବିଜେଡି ଛାଡ଼ିଲେ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ

ବାସୁଦେବପୁର,୧।୧୨(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)


ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ।

ଭଦ୍ରକରେ ବିଜେଡି ଗଡ଼ ଦୋହଲିବାରେ ଲାଗିଛି। ଜଣକ ପରେ ଜଣେ ନେତା ଦଳ ଛାଡ଼ି ଯାଉଛନ୍ତି। ଦୁଇଦିନ ତଳେ ବନ୍ତ, ଭଣ୍ଡାରିପୋଖରୀ ଓ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେବା ଚର୍ଚ୍ଚା ଥମି ନ ଥିବାବେଳେ ସୋମବାର ଦଳ ଛାଡ଼ିଛନ୍ତି ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଯାହାକି ବିଜେଡିକୁ ବଡ଼ ଝଟ୍‌କା ବୋଲି କୁହାଯାଉଛି। ବିଶ୍ୱାଳ ତାଙ୍କ ଇସ୍ତଫା ପତ୍ର ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନିକଟକୁ ପଠାଇଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ସେ ଦଳ ଛାଡୁଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

# ୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ

## ଦେଢ଼ବର୍ଷରେ ୮୨ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ

ଭୁବନେଶ୍ୱର,୧।୧୨(ସତ୍ୟଜିତ ରାଉତ)

ରାଜ୍ୟରେ ବହୁ ଦୁର୍ନୀତିଗ୍ରସ୍ତ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ଧରାପଡ଼ିବା ପରେ ସେମାନଙ୍କ ସମ୍ପତ୍ତି ସାମ୍ରାଜ୍ୟ ପଦାକୁ ଆସୁଛି। ଘର ଯାଞ୍ଚ ବେଳେ ବିପୁଳ ସୁନା ଅଳଙ୍କାର ଓ ନଗଦ ଟଙ୍କା ମିଳୁଛି। ସରକାରୀ କର୍ମଚାରୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଦେଖି ସଭିଏଁ ଚକିତ ହେଉଛନ୍ତି। ରାଜ୍ୟରେ ଗତ ପ୍ରାୟ ଦେଢ଼ବର୍ଷ ମଧ୍ୟରେ ୮୨ଜଣ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ କରାଯାଇ ସେମାନଙ୍କଠାରୁ ୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ରଖିଛନ୍ତି। ରାୟଗଡ଼ା ବିଧାୟକ କାଡ୍ରାକା ଆପଲ ସ୍ୱାମୀଙ୍କ ଅଣତାରକା ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ରଖିଥିବା ଉତ୍ତରରୁ ସରକାରୀ ବାବୁଙ୍କ ସମ୍ପତ୍ତି ସାମ୍ରାଜ୍ୟ ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ନୂତନ ସରକାର ଆସିବା ପରେ ଅର୍ଥାତ ୨୦୨୪ ଜୁନ ୧୨ଠାରୁ ଚଳିତବର୍ଷ ନଭେମ୍ବର ୨୧ ତାରିଖ ମଧ୍ୟରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଦ୍ୱାରା ମୋଟ ୩୧୮ ମାମଲା ରୁଜୁ କରାଯାଇ ଚଢ଼ାଉ କରାଯାଇଛି। ଏଥିମଧ୍ୟରୁ ୮୨ଜଣ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ କରାଯାଇଛି। ସେମାନଙ୍କଠାରୁ ୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ଲାଞ୍ଚ ମାମଲାରେ ୨୬୬ ଜଣ ସରକାରୀ ଅଧିକାରୀ ତଥା କର୍ମଚାରୀ, ୧୨ଜଣ ଅନ୍ୟ ଲୋକସେବକ ଏବଂ ୩୮ ଜଣ ସାଧାରଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବିଭିନ୍ନ ଭିଜିଲାନ୍ସ କୋର୍ଟରେ ୧୮୭ ଜଣ ସରକାରୀ କର୍ମଚାରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିସହ ଦଣ୍ଡାଦେଶ ଆଧାରରେ ୩୪ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ସେହିପରି ୬୫ ଜଣ ସରକାରୀ କର୍ମଚାରୀଙ୍କ ପେନସନ୍ ରାଶି ବନ୍ଦ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୩୧ଜଣ ସରକାରୀ ଅଧିକାରୀଙ୍କ ବିରୋଧରେ ଏକାଧିକ ଥର ଭିଜିଲାନ୍ସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।

# ଜନ ବିଶ୍ୱାସ ନୁହେଁ, ଜନ ଅବିଶ୍ୱାସ ବିଲ୍: ବିରୋଧୀ

ଭୁବନେଶ୍ୱର,୧।୧୨(ସୁନିତ୍ ମିଶ୍ର)

- ଜନ ବିଶ୍ୱାସ ବିଲ୍ ୨୦୨୫ ଉପସ୍ଥାପନ
- କେନ୍ଦ୍ର ସରକାର ୨୦୨୩ରୁ ସବୁ ରାଜ୍ୟକୁ ବିଲ୍ ଲାଗୁ କରିବାକୁ କହିଥିଲେ

ବିଧାନସଭାରେ ସୋମବାର ଓଡ଼ିଶା ଜନ ବିଶ୍ୱାସ ବିଲ୍, ୨୦୨୫ ଉପସ୍ଥାପିତ ହୋଇଛି। ଏହି ବିଲ୍ ଉପସ୍ଥାପନ କରି ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି, ଭାରତ ସରକାର ୨୦୨୩ରୁ ଜନ ବିଶ୍ୱାସ ବିଲ୍ ଲାଗୁ କରିଥିଲେ। ଏହାପରେ ସବୁ ରାଜ୍ୟରେ ଉକ୍ତ ବିଲ୍ ଆଣିବା ଲାଗି କେନ୍ଦ୍ର ସରକାର କହିଥିଲେ। ମଧ୍ୟପ୍ରଦେଶ, ତାମିଲନାଡୁ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ଛତିଶଗଡ଼, ହରିୟାଣା, ତ୍ରିପୁରା ଏବଂ ମେଘାଳୟ ଭଳି ୯ଟି ରାଜ୍ୟ ଏହି ବିଲ୍ ଲାଗୁ କରିସାରିଛନ୍ତି। ଉକ୍ତ ବିଲ୍‌ରେ ମୁଖ୍ୟତଃ ୧୬ଟି ବିଲ୍ ରଖାଯାଇଛି। ଏହି ବିଲ୍‌ରେ ମୁଖ୍ୟତଃ ୪ଟି ସଂଶୋଧନ ପ୍ରସ୍ତାବ ରହିଛି। ରାଜ୍ୟରେ ନିବେଶକଙ୍କ ପାଇଁ ଏକ ଭଲ ପରିବେଶ ସୃଷ୍ଟି କରିବା ସହ ସେମାନଙ୍କୁ ସୁଦୃଢ଼କରିବା ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଅନ୍ୟପଟେ ବିରୋଧୀ କଂଗ୍ରେସ ଏବଂ ବିଜେଡି ଏହାକୁ ଜନ ବିଶ୍ୱାସ ନୁହେଁ, ଜନ ଅବିଶ୍ୱାସ ବିଲ୍ ବୋଲି କହିଛନ୍ତି।

ବିଜେଡି ପକ୍ଷରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଜନ ବିଶ୍ୱାସ ଏବଂ ଜନ ଅବିଶ୍ୱାସରେ ପରିଣତ ହେବାକୁ ଯାଉଛି। ସରକାର ଯେଉଁ ନିଷ୍ପତ୍ତି ନେବାକୁ ଚାହଁଛନ୍ତି ସେଥିରୁ ବିରତି ରୁହନ୍ତୁ। ନ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଗଞ୍ଜାମରେ ଜୁଆଖେଳ ବନ୍ଦ କରିବା ପାଇଁ ଯେଉଁ ପ୍ରାବଧାନ ରହିଥିଲା ତାକୁ ପରିବର୍ତ୍ତନକରି ପଇସା ଦେଇ ଖସିଯିବା ପାଇଁ ବାଟ ତିଆରି କରାଯାଇଛି। ଏଣିକି ଆଉ ଜୁଆ ଖେଳିଲେ ପୋଲିସ ଧରିବ ନାହିଁ। ଏଥିରେ ସରକାରଙ୍କ ପ୍ରତି ଯାହା ଜନ ବିଶ୍ୱାସ ବଢ଼ିବ ବୋଲି ରଣେନ୍ଦ୍ର ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଏହି ବିଲ୍‌ରେ ଆଉ ଏକ ବ୍ୟବସ୍ଥା କରାଯାଇଛି, ଓଡ଼ିଶା ବିଦ୍ୟୁତ୍(ଦେୟ) ଅଧିନିୟମ ଅଣାଯାଇଛି। ଏହାଦ୍ୱାରା ଟାଟା ଭଳି କମ୍ପାନୀକୁ ସାହାଯ୍ୟ କରିବାକୁ ବାଟ ତିଆରି ହେବ। ଏଣିକି ବିଦ୍ୟୁତ୍ ବିଲ୍ ବଢ଼ିଚାଲିଥିବା ବେଳେ ଟାଟା କମ୍ପାନୀ ଯେଉଁସବୁ ସୁବିଧା ଦେବା କଥା ସେସବୁ ନ ଦେଇ ଦେୟ ଫାଙ୍କିବାରେ ଲାଗିଛି। ହେଲେ ସେହି କମ୍ପାନୀ ଭୁଲ୍ କଲେ ମଧ୍ୟ ସେମାନଙ୍କୁ ଆଉ ଆଗକୁ ଧରିହେବ ନାହିଁ। କାରଣ ସରକାର ଇଜ୍ ଅଫ୍ ଡୁଇଙ୍ଗ୍ ଆକ୍ଟରେ ଚଲାଇବେ। ଯେଉଁ ୧୬ଟା ବିଲ୍ ମିଶାଇ ଜନ ବିଶ୍ୱାସ ବିଲ୍ କରି ଆଣିଛନ୍ତି ଏଥିରେ ଗରିବମାନେ ମରିବେ ବୋଲି ରଣେନ୍ଦ୍ର କହିଛନ୍ତି।

ସେହିପରି ଏହି ଜନ ବିଶ୍ୱାସ ବିଲ୍ ଭିତରେ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍ ରହିଥିବାରୁ ବିରୋଧୀ ସଦସ୍ୟମାନେ ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଗୋଟିଏ ବିଲ୍ ୨ ଥର ସରକାର କାହିଁକି ଆଣୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ ଉଠାଇଥିଲେ।

## ଏଡ୍‌ସ ନିୟନ୍ତ୍ରଣ ପାଇଁ ସଚେତନତା ଆବଶ୍ୟକ

ଭୁବନେଶ୍ୱର,୧।୧୨(ବନ୍ଦନା ସେଠୀ)

ଏଡ୍‌ସ ରୋଗ ନିୟନ୍ତ୍ରଣ କରିବାକୁ ଜନ ସଚେତନତା ଆବଶ୍ୟକ। ଏଥିନିମନ୍ତେ ଅନେକ କାର୍ଯ୍ୟକ୍ରମ ବିଭିନ୍ନ ସ୍ତରରେ କରାଯାଉଛି। ଏହି କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚିଲେ ମୂଳ ଉଦ୍ଦେଶ୍ୟ ସାଧିତ ହେବ ଏବଂ ଏଡ୍‌ସକୁ ସମୂଳ ନିୟନ୍ତ୍ରଣ କରିବାକୁ ସଫଳ ହେବା ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ସୋମବାର ବିଶ୍ୱ ଏଡ୍‌ସ ଦିବସ ଅବସରରେ କ୍ୟାପିଟାଲ ହସ୍ପିଟାଲଠାରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଲେ, ଏଡ୍‌ସ ନିୟନ୍ତ୍ରଣ ପାଇଁ ଅଧିକରୁ ଅଧିକ ଜନ ସଚେତନତା ସୃଷ୍ଟି କରିବା ସହ ପୀଡ଼ିତ ରୋଗୀଙ୍କୁ ଘୃଣା ନ କରି ଆବଶ୍ୟକୀୟ ଚିକିତ୍ସା ସୁନିଶ୍ଚିତ କରିବା ଉଚିତ। ବିଶ୍ୱ ଏଡ୍‌ସ ଦିବସ 'ବିଭ୍ରାଟକୁ ଦୂର କରିବା, ଏଡ୍‌ସ ପ୍ରତିକ୍ରିୟାକୁ ରୂପାନ୍ତରିତ କରିବା' ଥିମ୍‌ରେ ଏଥର କାର୍ଯ୍ୟକ୍ରମ କରାଯାଉଛି। ସଚେତନତା ଶୋଭାଯାତ୍ରାରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗ, ବିଭାଗର ସଚିବ ଅସ୍ୱତି ଏସ୍, ବିଭାଗୀୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଏବଂ ଓସାକ୍ସର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠାରୁ ରାଜ୍ୟରେ ଧାନ ସଂଗ୍ରହ

## ମନ୍ତ୍ରୀଙ୍କ ସହ ମିଲର୍ସ ଆସୋସିଏଶନର ଆଲୋଚନା


ମିଲର୍ସ ଆସୋସିଏଶନ ପକ୍ଷରୁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଦାବିପତ୍ର ଦିଆଯାଉଛି।

ଭୁବନେଶ୍ୱର,୧।୧୨ (ସୁଚିସ୍ମିତା ସାହୁ)

ରାଜ୍ୟରେ ମଙ୍ଗଳବାରଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଲୋକସେବା ଭବନସ୍ଥିତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ କାର୍ଯ୍ୟାଳୟରେ ରାଜ୍ୟ ଏବଂ ଜିଲା ରାଇସ ମିଲର୍ସ ଆସୋସିଏଶନର ଏକ ବୈଠକରେ ଧାନ ସଂଗ୍ରହ ନେଇ ବିସ୍ତୃତ ଆଲୋଚନା ହୋଇଛି। ଏହି ଅବସରରେ ମିଲର୍ସ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିଗୁଡ଼ିକୁ ବିଚାରକୁ ନିଆଯାଇ ଖୁବଶୀଘ୍ର ସମାଧାନ କରାଯିବ ବୋଲି ମନ୍ତ୍ରୀ ପାତ୍ର କହିବା ପରେ ସହଯୋଗ ପାଇଁ ମିଲର୍ସମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଧାନ କିଣା ପାଇଁ ରାଜ୍ୟ ଯୋଗାଣ ନିଗମ ସହ କଷ୍ଟମ ମିଲର୍ସର ବୁଝାମଣା ପତ୍ର ସ୍ୱାକ୍ଷର ପରେ ମଙ୍ଗଳବାରଠାରୁ ଧାନ ସଂଗ୍ରହ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେବ।

ଚଳିତ ଖରିଫଋତୁରେ ରାଜ୍ୟରେ ଧାନ କିଣା ନେଇ ସରକାରୀସ୍ତରରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବା ସହ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ ଉପରେ ମଧ୍ୟ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ଦିଗରେ ଉକ୍ତ ବୈଠକରେ ଆଲୋଚନା କରାଯାଇଛି। ଏହି ବୈଠକରେ ଓଡ଼ିଶା ରାଇସ ମିଲର୍ସ ଆସୋସିଏଶନର ସଭାପତି ମହେଶ କୁମାର ବଂଶଲ, ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ, ସମସ୍ତ ୩୦ଟି ଜିଲାର ମିଲର୍ସ ସଂଘ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ପଦ୍ମପୁର ଉଦ୍ଧାର କେନ୍ଦ୍ରକୁ ଗଲା ହାତୀଛୁଆ

## ହାତୀଛୁଆକୁ ମା', ପଲ ଗ୍ରହଣ ନ କରିବା ଘଟଣା

କେନ୍ଦୁଝର,୧।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)



ପଦ୍ମପୁର ଉଦ୍ଧାର କେନ୍ଦ୍ରରେ ହାତୀଛୁଆ।

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ସୁକଡୋଳା ଗ୍ରାମ ଜଙ୍ଗଲରୁ ଉଦ୍ଧାର ହାତୀଛୁଆକୁ ତା'ର ମା' ଓ ପଲ ଗ୍ରହଣ ନ କରିବାରୁ ଶେଷରେ ପଦ୍ମପୁର ହାତୀଛୁଆ ଉଦ୍ଧାର କେନ୍ଦ୍ରକୁ ପଠାଯାଇଛି। ଦୀର୍ଘ ଦିନ ଧରି ବନ ବିଭାଗ ପକ୍ଷରୁ ହାତୀଛୁଆକୁ ପଲରେ ମିଶାଇବା ଉଦ୍ୟମ କରାଯାଉଥିଲା। ବନ କର୍ମଚାରୀ ନିରାଶହେବା ପରେ ୬ ବର୍ଷର ହାତୀଛୁଆକୁ ସଦର ବ୍ଲକ୍ ପଦ୍ମପୁର ମେଗା ନର୍ସରି ପରିସରରେ ଥିବା ଶିଶୁ ୟୁନିଟ୍‌ରେ ରଖି ଦେଖାରଖା କରାଯାଉଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୫ ଦିନ ପୂର୍ବେ ବାଂଶପାଳ ବ୍ଲକ୍ ସୁକଡୋଳା ଗ୍ରାମ ନିକଟ ଜଙ୍ଗଲରୁ ଛୁଆହାତୀଟି ଏକ ୫ ଫୁଟ୍ ଖାଲରେ ପଡ଼ିଥିଲା। ଗ୍ରାମବାସୀଙ୍କ ନିକଟରୁ ଖବର ପାଇ ବନ ବିଭାଗ ସେଠାକୁ ଯାଇ ଉଦ୍ଧାର କରିଥିଲା। ତାକୁ ନ ଛୁଇଁ ଉଦ୍ଧାର କରାଯାଇଥିଲେ ହେଁ ହାତୀପଲ ଓ ତା'ର ମା' ଗ୍ରହଣ କରି ନ ଥିଲେ। ପଲରେ ମିଶାଇବାକୁ ବାରମ୍ବାର ଉଦ୍ୟମ କରାଯାଇଥିଲା। ହାତୀପଲ ଗ୍ରହଣକରି ପୁଣି ଛାଡ଼ି ଦେଉଥିଲେ। ରବିବାର ରାତିରେ ଶେଷଥର ମିଶାଇବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ପଲ ଗ୍ରହଣକରି ନ ଥିଲା। ସୋମବାର ବନ କର୍ମଚାରୀମାନେ ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ପଦ୍ମପୁରସ୍ଥିତି ମେଗା ନର୍ସରି ପରିସରରେ ଥିବା ଛୁଆହାତୀ ଉଦ୍ଧାର କେନ୍ଦ୍ର ଶିଶୁ ୟୁନିଟ୍‌ରେ ଛାଡ଼ିଥିଲେ। ସେଠାରେ ଛୁଆହାତୀର ଦେଖାରଖା କରାଯାଉଛି। ଚିକିତ୍ସା କରୁଥିବା ଡାକ୍ତରଙ୍କ କହିବା ଅନୁଯାୟୀ, ଛୁଆହାତୀର ସ୍ୱାସ୍ଥ୍ୟ ଭଲ ଅଛି, ସାଧାରଣ ଭାବେ ଚଳପ୍ରଚଳ କରୁଛି। ଖାଡ଼ା ଓ ପରିସ୍ରା କରିପାରୁଛି। ଥରକୁ ଦେଢ଼ରୁ ୨ ଲିଟର କ୍ଷୀର ପିଉଥିବା ବେଳେ ଦିନକୁ ୫ରୁ ୬ ଥର ଦିଆଯାଉଛି। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ବାରମ୍ବାର ଚେଷ୍ଟା କରିବା ଠିକ୍ ହେବ ନାହିଁ। ଏବେ ହାତୀ ଛୁଆର ସ୍ୱାସ୍ଥ୍ୟ ଅବସ୍ଥାକୁ ଦେଖିବାକୁ ହେବ। ସୁସ୍ଥ ଅଛି, ଡାକ୍ତରଙ୍କ ନିରୀକ୍ଷଣରେ ରହିଛି, କୌଣସି ସମସ୍ୟା ନାହିଁ। ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ ଆଦେଶକୁ ଅପେକ୍ଷା କରାଯାଇଛି। ଯାହା ନିର୍ଦ୍ଦେଶ ହେବ ସେଭଳି ପଦକ୍ଷେପ ନିଆଯିବ।

# ବଜେଟ ଟଙ୍କା ଖର୍ଚ୍ଚକୁ ନେଇ ଗୃହ ସରଗରମ

ଭୁବନେଶ୍ୱର,୧।୧୨ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବଜେଟ ଟଙ୍କା ଖର୍ଚ୍ଚ ହୋଇପାରୁ ନାହିଁ। ରାଜ୍ୟର ବିକାଶ କିଭଳି ହେବ ବୋଲି କହି ବିରୋଧୀ ବିଜୁ ଜନତା ଦଳ(ବିଜେଡି) ଓ କଂଗ୍ରେସ ସୋମବାର ପ୍ରଶ୍ନକାଳରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଥିଲେ। ମାତ୍ର ଅର୍ଥ ବିଭାଗ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାର ଉତ୍ତର ରଖି କହିଥିଲେ, ଚଳିତବର୍ଷ ବର୍ଷା ଯୋଗୁ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ଟିକିଏ ଧିମେଇଛି। ହେଲେ ମାର୍ଚ୍ଚ ସୁଦ୍ଧା ଏହା ୧୦୦% ହେବ।

ବିଧାନସଭାର ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ବଜେଟ ଅର୍ଥର ଖର୍ଚ୍ଚ ହିସାବ ଦେବାକୁ ମନ୍ତ୍ରୀଙ୍କୁ ଡାକିଥିଲେ। ମନ୍ତ୍ରୀ ଉତ୍ତର ପଢ଼ିବା ପରେ ମୂଳପ୍ରଶ୍ନକର୍ତ୍ତା ବିଜେଡି ବିଧାୟକ ପ୍ରତାପ କେଶରୀ ଦେବ କହିଥିଲେ, ସରକାରଙ୍କ ଅଧିକାଂଶ ବିଭାଗ ଏପର୍ଯ୍ୟନ୍ତ ଧାର୍ଯ୍ୟ ଅର୍ଥ ଖର୍ଚ୍ଚ କରିପାରି ନାହାନ୍ତି। କେଉଁ ବିଭାଗ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ତାହାର ତାଲିକା ପ୍ରତାପ ଲୋଡ଼ିଥିଲେ। ଏହାକୁ ନେଇ ମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ, ଅକ୍ଟୋବର ଶେଷ ସୁଦ୍ଧା ୧ ଲକ୍ଷ ୧୪ ହଜାର ୫୧୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି; ଯାହାକି ମୋଟ ବଜେଟର ୩୯ ପ୍ରତିଶତ। ସେ କହିଥିଲେ, ଗତବର୍ଷ ତୁଳନାରେ ଚଳିତ ଆର୍ଥିକବର୍ଷ ଅକ୍ଟୋବର ସୁଦ୍ଧା ଅଧିକ ଖର୍ଚ୍ଚ ହୋଇଛି। ଗତବର୍ଷ ଅକ୍ଟୋବର ସୁଦ୍ଧା ୩୬ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ବର୍ତ୍ତମାନ ଚଳିତବର୍ଷ ୩୯ ପ୍ରତିଶତ ହୋଇଛି। କାର୍ଯ୍ୟକ୍ରମ ବ୍ୟୟ ଗତବର୍ଷ ୩୨ ପ୍ରତିଶତ ହୋଇଥିବା ବେଳେ ଏଥର ୩୬ ପ୍ରତିଶତ ହୋଇଛି। ଖାଦ୍ୟ ଯୋଗାଣ ଭଳି ବିଭାଗରେ ୭୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। ଏହି ଅବସରରେ ପ୍ରତାପ ଦେବ ପ୍ରଶ୍ନ କରିଥିଲେ କି ଡବଲ ଇଞ୍ଜିନ ସରକାର କାମ କରୁଛି ନା ନାହିଁ। ମହିଳା ଓ ଶିଶୁ ବିକାଶ ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଶକ୍ତି, ପୂର୍ତ୍ତ, ଜଳସମ୍ପଦ ପରି ବିଭାଗର ବଜେଟ ଖର୍ଚ୍ଚ ନୈରାଶ୍ୟଜନକ ରହିଛି। କେନ୍ଦ୍ରୀୟ ଅନୁଦାନ ୪୧ ପ୍ରତିଶତ ଆଣିବାକୁ ଲକ୍ଷ୍ୟ ଥିଲା କିନ୍ତୁ ମାତ୍ର ୧୮ ପ୍ରତିଶତ ଅନୁଦାନ ମିଳିଛି।

ସେ କହିଥିଲେ, ମୁଖ୍ୟମନ୍ତ୍ରୀ ପୂର୍ତ୍ତମନ୍ତ୍ରୀଙ୍କୁ ଭାଲୁ ଧରାଇଦେଇଛନ୍ତି। ବର୍ଷା ଯୋଗୁ ଖର୍ଚ୍ଚ ଅଟକିବା ଯଦି ଠିକ୍ କଥା ତେବେ ରାଜସ୍ୱ କେଉଁଭଳି ଭାବେ ବଢ଼ିଛି ବୋଲି ସେ ଯୁକ୍ତି ବାଢ଼ିଥିଲେ। ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ବଜେଟ ବଢ଼ିଛି କିନ୍ତୁ ଖର୍ଚ୍ଚ କମ୍ ହୋଇଛି। ସରକାରଙ୍କ ଆନ୍ତରିକତା ନାହିଁ। ଗତ ୬-୭ ମାସରେ ଯଦି ଖର୍ଚ୍ଚ ହୋଇପାରିଲା ନାହିଁ, ଆଉ ୩ ମାସରେ କିପରି ଖର୍ଚ୍ଚ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି।

ସେହିପରି ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କ୍ୟାପିଟାଲ ଏକ୍ସପେଣ୍ଡଚର୍‌ର ପୂର୍ଣ୍ଣାଙ୍ଗ ତଥ୍ୟ ଲୋଡ଼ିଥିଲେ। ସନାତନ ବିଜୁଳି ବିକଶିତ ଗାଁ, ବିକଶିତ ଓଡ଼ିଶାର ଗୁରୁତ୍ୱ ନେଇ ଗୃହକୁ ଜଣାଇଥିଲେ। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି,ଅତ୍ୟଧିକ ବର୍ଷା କାରଣରୁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟୟ କମ୍ ରହିଥିଲା। ଏହା ସତ୍ତ୍ୱେ ମାର୍ଚ୍ଚ ମାସ ସୁଦ୍ଧା ଶତ ପ୍ରତିଶତ ଖର୍ଚ୍ଚ ହେବ । ବିକଶିତ ଗାଁ ବିକଶିତ ଓଡ଼ିଶା ଗାଇଡ୍ ଲାଇନରେ ଟିକେ ପରିବର୍ତ୍ତନ ହୋଇଛି। କେନ୍ଦ୍ରୀୟ ଅନୁଦାନ ବର୍ତ୍ତମାନ ସୁଦ୍ଧା ୪୨ହଜାର ୪୨୦କୋଟିରୁ ଅଧିକ ରହିଛି। ଅର୍ଥାତ ୪୧ପ୍ରତିଶତ କେନ୍ଦ୍ରୀୟ ଅନୁଦାନ ରାଜ୍ୟ ପାଇ ସାରିଛି। କେନ୍ଦ୍ରୀୟ ଅନୁଦାନକୁ ନେଇ ବିରୋଧୀ କୌଣସି ଦ୍ୱନ୍ଦ୍ୱରେ ରହିବାର ନାହିଁ ବୋଲି ମନ୍ତ୍ରୀ କହିଥିଲେ।

# ଆରାବଳିକୁ ମାରିଦେବେ

ଆରାବଳି ଭାରତର ଉତ୍ତର-ପଶ୍ଚିମାଞ୍ଚଳ ଭାଗରେ ଅବସ୍ଥିତ ସବୁଠାରୁ ପୁରୁଣା ପର୍ବତମାଳା। ପ୍ରାୟ ୨୦୦ କୋଟି ବର୍ଷ ପୂର୍ବରୁ ଏହା ସୃଷ୍ଟି ହୋଇଥିଲା। ତୁଳନାତ୍ମକ ଭାବେ ଦେଖିଲେ ହିମାଳୟ ପର୍ବତମାଳା ୪୦ରୁ ୫୦ ନିୟୁତ ବର୍ଷ ପୂର୍ବେ ଗଠିତ ହୋଇଥିଲା। ଆରାବଳି ଦକ୍ଷିଣ-ପଶ୍ଚିମ ଦିଗରେ ପ୍ରାୟ ୬୭୦ କିଲୋମିଟର ଲମ୍ବିଛି, ଯାହା ଦିଲ୍ଲୀରୁ ଆରମ୍ଭ ହୋଇ ଦକ୍ଷିଣ ହରିୟାଣା, ରାଜସ୍ଥାନ ଦେଇ ଗୁଜରାଟର ଅହମଦାବାଦରେ ସରିଛି। ଆରାବଳି ପର୍ବତମାଳା ଭାରତର ସର୍ବାଧିକ ପୁରୁଣା ଫୋଲ୍ଡ ବା ଭଙ୍ଗିଳ ପର୍ବତମାଳା ଭାବେ ଜଣାଶୁଣା। ଆରାବଳି ସମ୍ପର୍କରେ ପିଲାଟି ବେଳୁ ପଢ଼ିଛୁ ଯେ, ଏହା ଜୈବବିବିଧତା ବଜାୟ ରଖିବା ସହ ଜଳସ୍ତରକୁ ପୁନଃଭରଣ କରିଥାଏ। ଏଥିସହିତ ଏହା ଉତ୍ତର ଭାରତ ଆଡ଼କୁ ପ୍ରବାହ ହେଉଥିବା ଗରମ ପବନର ଗତିରୋଧ କରିବା ଓ ଥାର୍ ମରୁଭୂମିର ଭାରତ-ଗାଙ୍ଗେୟ ସ୍ଥଳଭାଗ ଆଡ଼କୁ ଅଗ୍ରସର ହେବାକୁ ରୋକିବାରେ ସହାୟକ ହୋଇଥାଏ।

ଆରାବଳିକୁ ନେଇ ସଦ୍ୟ ଆଲୋଚନା ଆରମ୍ଭ ହୋଇଛି। ଏହାର ପ୍ରଚ୍ଛଦପଟରେ ଅଛି ସୁପ୍ରିମକୋର୍ଟରେ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲା। ଆରାବଳିକୁ ନେଇ ହୋଇଥିବା ମାମଲାର ଉତ୍ତରରେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏକ କମିଟି ଗଠନ କରି ଯେଉଁ ରିପୋର୍ଟ ସର୍ବୋଚ୍ଚ ନ୍ୟାୟାଳୟକୁ ଦେଲେ, ତାହା ଆରାବଳି ପର୍ବତମାଳାର ସଂଜ୍ଞାରେ ପରିବର୍ତ୍ତନ ଚାହିଁଥିଲା। ମୂଳବିନ୍ଦୁଟି ରହିଲା ୧୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ତାହା ଆରାବଳି ପର୍ବତ ଭାବେ ଗଣାଯିବ ନାହିଁ। ଅର୍ଥାତ୍ ମଣିଷର ଦୁଇଗୋଡ଼କୁ କାଟିଦେଇ କୁହାଯିବ ଦୌଡ଼ିବାକୁ। ଏଭଳି ଅବାଞ୍ଛିତ ମତକୁ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିନେଇଛନ୍ତି। କେବଳ ସେତିକି ନୁହେଁ, ଏଠାରେ ମନେରଖିବାକୁ ହେବ ଯେ, ଆରାବଳି ପର୍ବତମାଳାର ୯୦ ପ୍ରତିଶତରୁ ଅଧିକ ପାହାଡ଼ ୧୦୦ ମିଟରଠାରୁ କମ୍ ଉଚ୍ଚତାରେ ଅଛି। ଏହି ଗୋଟିଏ ସଂଜ୍ଞା ପରିବର୍ତ୍ତନରେ ଆରାବଳିର ପ୍ରାୟ ୯୦ ପ୍ରତିଶତ ଧ୍ୱଂସ ପାଇଯିବ। ଅତି ଚତୁରତାର ସହିତ କେତେକ ବ୍ୟକ୍ତି ସୋସିଆଲ ମିଡିଆରେ ଯେଉଁ ପ୍ରକାର ମନ୍ତବ୍ୟ ସବୁ ଦେଉଛନ୍ତି, ସେଥିରେ ଏକ ତ୍ରୁଟିପୂର୍ଣ୍ଣ ଛବି ସୃଷ୍ଟି ହେଉଛି। ସେମାନେ ଦର୍ଶାଉଛନ୍ତି ଯେଉଁ ୧୦ ପ୍ରତିଶତ ସୁରକ୍ଷିତ ରହିବ, ସେଥିରେ କୌଣସି ଖଣି ଖନନ ବା ବିକାଶ କାର୍ଯ୍ୟ କରାଯିବ ନାହିଁ। ସତେଯେମିତି ସୁପ୍ରିମକୋର୍ଟଙ୍କ ରାୟ ଫଳରେ ଆରାବଳିର ରୂପରେଖ ସୁରକ୍ଷିତ ହୋଇଯିବ। କିନ୍ତୁ ବାସ୍ତବରେ ସେଠାରେ ଖଣି ଖନନ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୃଷ୍ଟି କାର୍ଯ୍ୟ ଅତିଶୀଘ୍ର ଆରମ୍ଭ ହୋଇଯିବ। ବିଭିନ୍ନ ରିପୋର୍ଟ ଅନୁଯାୟୀ, ପୂର୍ବାପେକ୍ଷା ଆରାବଳି ତା'ର ଚାରି ଭାଗରୁ ଏକ ଭାଗ ପର୍ବତ ହରାଇସାରିଲାଣି। ଏହାପଛରେ ମୁଖ୍ୟତଃ ମନୁଷ୍ୟକୃତ ବିପର୍ଯ୍ୟୟ ରହିଛି। ଏହି ପର୍ବତମାଳା କ୍ଷୟ ହେବାରେ ଲାଗିଥିବାରୁ ଭାରତର ରାଜଧାନୀ ଦିଲ୍ଲୀକୁ ଆସୁଥିବା ବାୟୁ ଅଧିକ ପ୍ରଦୂଷିତ ହେବ ବୋଲି କୁହାଗଲାଣି।

ତେଣେ ବମ୍ବେର ଅନ୍ୟ ଏକ ଘଟଣା ମଧ୍ୟ ଦୃଷ୍ଟି ଆକର୍ଷଣ କରୁଛି। ସେହି ବୃହତ୍ ମହାନଗର ପାର୍ଶ୍ୱରେ ଆରେ ଜଙ୍ଗଲ ଅଛି। ସେହି ଜଙ୍ଗଲକୁ କାଟି ସେଠାରେ ମେଟ୍ରୋ ରେଳର ଡିପୋ କରିବାର ଯୋଜନାକୁ କିଛି ବର୍ଷ ପୂର୍ବେ ଉଦ୍ଧବ ଠାକ୍‌ରେ ସରକାର ବନ୍ଦ କରିଦେଇଥିଲେ। ସେହି ସରକାର ପତନ ପରେ ଏକନାଥ ଶିନ୍ଦେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପୁନର୍ବାର ଆରେ ପ୍ରକଳ୍ପ ଆରମ୍ଭ କରାଗଲା, ଯାହାକୁ ସ୍ଥାନୀୟ ଜନସାଧାରଣ ପ୍ରବଳ ବିରୋଧ କଲେ। ଏବେ ଏକନାଥ ଶିନ୍ଦେ ସମର୍ଥିତ ଦେବେନ୍ଦ୍ର ଫଡନବିସଙ୍କ ଭାଜପା ସରକାର ସେହି ପ୍ରକଳ୍ପକୁ ତ୍ୱରାନ୍ୱିତ କରୁଛନ୍ତି। ତାହା ହେଲେ ବମ୍ବେ ସହରର ମୁଖ୍ୟ ଜଙ୍ଗଲର ବିରାଟକାୟ ଅଞ୍ଚଳ ଧ୍ୱଂସ ପାଇଯିବ। ସେହିଭଳି ଭୁବନେଶ୍ୱର ପାର୍ଶ୍ୱବର୍ତ୍ତୀ ଚନ୍ଦକା ଜଙ୍ଗଲକୁ ପୂର୍ବ ସରକାର ଘରୋଇ କମ୍ପାନୀ ମାଧ୍ୟମରେ ଧ୍ୱଂସ କରିବା କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ଭାରତରେ ବିକାଶ ନାମରେ ପରିବେଶ ଧ୍ୱଂସ କାର୍ଯ୍ୟ ଚାରିଆଡ଼େ ଚାଲିଛି।

ଆଜିର ସମୟରେ ଦେଖାଯାଉଛି ଭାରତବର୍ଷର କୌଣସି ବିସ୍ତୃତ ପ୍ରାକୃତିକ ଅଞ୍ଚଳ ପଡ଼ିଥିଲେ ତାହାକୁ ବିକାଶ ନାମରେ ତତ୍କ୍ଷଣାତ୍ ବ୍ୟବହାର କରିଦିଆଯାଉଛି। ଏହା ଫଳରେ ଉତ୍ତରାଖଣ୍ଡରେ ନୂଆ ଚାରିଧାମ କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ପରିଣତି କ'ଣ ଘଟୁଛି ଦେଶବାସୀ ଜାଣିପାରିଲେଣି। ଭୂମି, ଜଳ, ବାୟୁକୁ ନ୍ୟାୟସଙ୍ଗତ ଭାବେ ଉପଯୋଗ କରାଯାଉ ନ ଥିବାରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସିଧାସଳଖ ଅନୁଭୂତ ହେଲାଣି। ଦିଲ୍ଲୀ ସମେତ ଉତ୍ତର ଭାରତର ଅନେକ ସହରରେ ସାଧାରଣ ଜୀବନଯାପନ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଲାଣି। ଆରାବଳି ଭଳି ପର୍ବତମାଳାକୁ ଧ୍ୱଂସ କରିଦେଲେ ଉତ୍ତର ଭାରତରେ ଆହୁରି ବହୁତ ଅଞ୍ଚଳ ଖୁବ୍‌ଶୀଘ୍ର ତୀବ୍ର ପାଣିପାଗଜନିତ ବିପର୍ଯ୍ୟୟର ସମ୍ମୁଖୀନ ହେବା ଥୟ। କିନ୍ତୁ ହାତଗଣତି କିଛି ବ୍ୟବସାୟୀ ପ୍ରବଳ ମାତ୍ରାର ଜମି ପାଇବା ସହିତ ଅର୍ଥ ଅର୍ଜନ କରିପାରିବେ। ଦେଶ ଧ୍ୱଂସ ହେଉ, କିନ୍ତୁ ଧନୀ ଆହୁରି ଅଧିକ ଧନୀ ହୁଅନ୍ତୁ। ସୁପ୍ରିମକୋର୍ଟଙ୍କ ଏଭଳି ରାୟ ପଛରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ପାସୋରି ଯିବା ଉଚିତ ନୁହେଁ। ନିକଟ ଅତୀତକୁ ଦେଖିଲେ ଅବସର ଗ୍ରହଣ କରିବାର ଅଳ୍ପ କେତେକ ଦିନ ପୂର୍ବରୁ ଭାରତର ପ୍ରତ୍ୟେକ ପ୍ରଧାନ ବିଚାରପତି କେତୋଟି ମାରାତ୍ମକ ରାୟ ଦେଇ ବିଦାୟ ନେଉଛନ୍ତି। ଆରାବଳି ସମ୍ପର୍କିତ ରାୟକୁ ଅବସର ପୂର୍ବରୁ ବି.ଆର୍. ଗବଇ ରାୟ ଦେଇ ପଳାଇଗଲେ। ଏହି ରାୟ ପରେ ଗବଇ କହିଛନ୍ତି ତାଙ୍କ ମନ ଉଶ୍ୱାସିଆ ହୋଇଗଲା। ଅବସୋସର ବିଷୟ ଯେ ଦେଶର ଭବିଷ୍ୟତକୁ,ଏହିଭଳି ରାୟ, ଅନ୍ଧକାରକୁ ଠେଲିଦେଲା।

# ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ରହସ୍ୟ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଯୁକ୍ତରାଷ୍ଟ୍ର ଆମେରିକା ବ୍ରୁକଲିନଠାରେ ଜନ୍ମିତ କାର୍ଲ ସାଗନ (୧୯୩୪-୯୬) ଜଣେ ଜ୍ୟୋତିର୍ବିଜ୍ଞାନୀ, ବିଶ୍ୱତତ୍ତ୍ୱବିତ୍, ନଭୋବିଦ୍ୟାବିଶାରଦ ତଥା ଜ୍ୟୋତିର୍ଜୀବତତ୍ତ୍ୱବିତ୍। ଷାଠିଏଟି ଦେଶର ୫୦୦ ନିୟୁତ ଦର୍ଶକ ଦେଖିଥିବା 'କସ୍ମୋସ' ଟେଲିଭିଜନ ଧାରାବାହିକର ସେ ପ୍ରଣେତା। ତାଙ୍କର ଉକ୍ତି ପ୍ରଣିଧାନଯୋଗ୍ୟ। ଆମେ କିଏ ? ଏହି ବିଶ୍ୱବ୍ରହ୍ମାଣ୍ଡରେ ଯେତେ ନକ୍ଷତ୍ରପୁଞ୍ଜ, ଆକାଶଗଙ୍ଗା (ଗାଲାକ୍ସି) ଅଛି, ତାହାର ସଂଖ୍ୟା ଆମ ଲୋକସଂଖ୍ୟାଠାରୁ ଯଥେଷ୍ଟ ଅଧିକ। ତନ୍ମଧ୍ୟରୁ ଗୋଟିଏ ଗାଲାକ୍ସିର ଏକ ବିସ୍ମୃତ କୋଣରେ ଅବସ୍ଥିତ ଥିବା ସାଧାରଣ ନକ୍ଷତ୍ରଟିର ଏକ ନଗଣ୍ୟ ଗ୍ରହର ଆମେ ହେଉଛେ ଅଧିବାସୀ। ବିଶ୍ୱବ୍ରହ୍ମାଣ୍ଡର ବିଶାଳତା ଓ ବୈଚିତ୍ର୍ୟ ସମ୍ପର୍କରେ କାର୍ଲ ସାଗନ ଏହି ପ୍ରକାରେ ବୁଝାଇଛନ୍ତି। ତେବେ ପ୍ରଶ୍ନ ଉଠୁଛି ଏହା କିପରି ସୃଷ୍ଟି ହେଲା ? ଏଥିପାଇଁ ମୁଖ୍ୟତଃ ତିନୋଟି ମତବାଦ ପ୍ରଚଳିତ। ଏହି ତତ୍ତ୍ୱମାନ ହେଉଛି : ଷ୍ଟେଡି ଷ୍ଟେଟଥିଓରି ଅଫ୍ ୟୁନିଭର୍ସ, ବିଗ ବ୍ୟାଙ୍ଗ ଥିଓରି, ପଲସେଟିଙ୍ଗ ଥିଓରି।

ଷ୍ଟେଡି ଥିଓରିର ପ୍ରବର୍ତ୍ତକ ହେଉଛନ୍ତି ଆଷ୍ଟ୍ରିଆନ-ବ୍ରିଟିଶ୍ ଗଣିତଜ୍ଞ ତଥା ଜ୍ୟୋତିର୍ବିଜ୍ଞାନୀ ହରମାନ ବଣ୍ଡି (୧୯୧୯-୨୦୦୫), କାମ୍ବ୍ରିଜର ଜ୍ୟୋତିର୍ବିଜ୍ଞାନ ଅନୁଷ୍ଠାନରେ ଏକଦା କାର୍ଯ୍ୟରତ ଥିବା ବ୍ରିଟିଶ୍ ବିଜ୍ଞାନୀ ଫ୍ରେଡ୍ ହୟେଲ (୧୯୧୫-୨୦୦୧) ଓ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟର ପ୍ରଫେସର ଥୋମାସ ଗୋଲ୍ଡ (୧୯୨୦-୨୦୦୪)। ପରବର୍ତ୍ତୀ କାଳରେ ଉଇଲିଅମ ଡଙ୍କାନ ମ୍ୟାକମିଲାନ ଓ ଅନ୍ୟ କେତେ ଜଣ ବିଶିଷ୍ଟ ବିଜ୍ଞାନୀ ଏହାର ସମର୍ଥକ ହେଲେ। ଏହି ଥିଓରି ଅନୁସାରେ ବିଶ୍ୱ ଅବିରତ ଭାବେ ସଂପ୍ରସାରିତ ହେଉଛି। କିନ୍ତୁ ସଦାସର୍ବଦା ଏହାର ସାନ୍ଦ୍ରତା ତଥା ବାହ୍ୟ-ରୂପ (ଆପିଅରେନ୍ସ) ଅପରିବର୍ତ୍ତନୀୟ ରହେ। ପୁରୁଣା ବସ୍ତୁ ଧ୍ୱଂସପ୍ରାପ୍ତ ହୁଏ। କିନ୍ତୁ ନୂତନ ଭାବେ ହାଇଡ୍ରୋଜେନ ସମଷ୍ଟି ସୃଷ୍ଟି ହୋଇ ସାନ୍ଦ୍ରତା ପୂର୍ବବତ୍ ମାପକୁ ବଜାୟ ରଖେ। ବ୍ରହ୍ମାଣ୍ଡ ସର୍ଜନାର ନିର୍ଦ୍ଦିଷ୍ଟ ଆରମ୍ଭ ଓ ବିଲୟ ସମୟ ନାହିଁ। ବିଂଶ ଶତାବ୍ଦୀରେ କେତେକ ପ୍ରମୁଖ ବୈଜ୍ଞାନିକଙ୍କ ଦ୍ୱାରା ଯଦିଓ ଏହା ସମର୍ଥିତ ହୋଇଥିଲା କିନ୍ତୁ; ସମୟ କ୍ରମେ ବିଭିନ୍ନ ପରୀକ୍ଷା-ନିରୀକ୍ଷାର ଫଳ ଏହା ସପକ୍ଷରେ ପ୍ରାପ୍ତ ନ ହେବାରୁ ଏହା ଗ୍ରହଣୀୟତା ହରାଇଲା। ପ୍ରକାଶଥାଉ କି ଏହି ମତ ପ୍ରଣୟନ ହେବାର ବହୁ ପୂର୍ବରୁ ଆଇନ୍‌ଷ୍ଟାଇନ୍ ୧୯୩୧ରେ ଗୋଟିଏ ଗବେଷଣା-ନିବନ୍ଧ ପ୍ରକାଶ କରି ଏହି ତତ୍ତ୍ୱର ମୂଳଦୁଆ ପକାଇଥିଲେ। କିନ୍ତୁ ପରେ ଏହା ତାଙ୍କ ଜୀବନର ଭୁଲ୍ ବୋଲି ସ୍ୱୀକାର କରି ଏଥିରୁ ଓହରି ଯାଇଥିଲେ। ଷ୍ଟେଡି ଷ୍ଟେଟ୍ ଥିଓରି ବିପକ୍ଷରେ ୧୯୫୦ ଦଶକରେ କ୍ୟାମ୍ବ୍ରିଜ୍‌ର ରେଡିଓ-ଆଷ୍ଟ୍ରୋନମର୍ ସାର୍ ମାର୍ଟିନ ରାଇଲ (୧୯୧୮-୮୪)



ପ୍ରତିକୂଳ ପ୍ରମାଣ ଉପସ୍ଥାପନ କଲେ। ନକ୍ଷତ୍ରପୁଞ୍ଜର କେନ୍ଦ୍ରରେ ବିଦ୍ୟମାନ ଅତ୍ୟନ୍ତ ଦୀପ୍ତ କ୍ୱାସର୍ ନାମକ ଖଗୋଳୀୟ ପିଣ୍ଡର ଉପସ୍ଥିତି ଷ୍ଟେଡି ଷ୍ଟେଟ୍ ଦ୍ୱାରା ବୁଝାଇ ହେଲା ନାହିଁ। ପୁଣି ଆମ ନିକଟରେ ଥିବା ରେଡିଓ-ଗାଲାକ୍ସିର ସଂଖ୍ୟାଠାରୁ ଦୂରସ୍ଥିତ ଏତାଦୃଶ ନକ୍ଷତ୍ରପୁଞ୍ଜର ସଂଖ୍ୟା ଅଧିକ। ଏହା ସୂଚାଏ ଯେ, ବିଶ୍ୱ ସମୟ କ୍ରମେ ବିବର୍ତ୍ତିତ ହୋଇଛି, ଯାହା କି ଡାରଉଇନ ଜୀବଜଗତ ସମ୍ପର୍କରେ କହିଥିଲେ।

ବିଗ ବ୍ୟାଙ୍ଗ ଥିଓରି ହେଉଛି ଷ୍ଟେଡି ଷ୍ଟେଟ ମତର ପରିପନ୍ଥୀ। ଏହି ଥିଓରିର ନାମକରଣ ପ୍ରତିଦ୍ୱନ୍ଦ୍ୱୀ ଫ୍ରେଡ ହେୟେଲଙ୍କ ଏଥିପ୍ରତି ଅପମାନସୂଚକ ଶବ୍ଦ 'ବିଗ୍ ବ୍ୟାଙ୍ଗ' (ପ୍ରଚଣ୍ଡ ବିସ୍ଫୋରଣ)ରୁ ଆହରଣ କରାଯାଇଛି। ଏହାର ପ୍ରଥମ ପ୍ରବର୍ତ୍ତକ ଥିଲେ ବେଲଜିଅମର ଜଣେ ଧର୍ମଯାଜକ ଫାଦର ଜର୍ଜ ଲିମଟର। ବ୍ରହ୍ମାଣ୍ଡ ଏକ ମହାଜାଗତିକ ଅଣୁ (କସ୍ମିକ ଆଟମ୍)ରୁ ଜାତ ବୋଲି ସେ କହିଲେ। ୧୯୨୦ ଦଶକରେ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ ଏଡ୍‌ୱିନ ହୁବଲ ଆବିଷ୍କାର କଲେ ଯେ, ବହୁ ଦୂରରେ ଥିବା ନକ୍ଷତ୍ରପୁଞ୍ଜମାନ ଆମ ଗ୍ରହଠାରୁ ବିଭିନ୍ନ ଦିଗରେ ଦୂରେଇ ଯାଉଛନ୍ତି। ପୁଣି ସେମାନଙ୍କ ଦୂରତା ଆମଠାରୁ ଯେତେ ଅଧିକ, ସେହି ପ୍ରକାରେ ସେମାନଙ୍କ ଗତି ଆନୁପାତିକ ଭାବେ ବଢ଼ିଥାଏ। ବହୁ ଗବେଷକ ପରୀକ୍ଷା କରି ଏହି ଫଳାଫଳର ସତ୍ୟତା ସିଦ୍ଧ କଲେ। ଏହା ପ୍ରମାଣ କଲା ଯେ, ବିଶ୍ୱ ସଂପ୍ରସାରିତ ହେବାରେ ଲାଗିଛି। ପ୍ରକାରାନ୍ତରେ ବହୁ ବର୍ଷ ପୂର୍ବେ ସମସ୍ତ ବସ୍ତୁ ଓ ଶକ୍ତି ଗୋଟିଏ ଅତ୍ୟନ୍ତ ଉତ୍ତପ୍ତ ଓ କ୍ଷୁଦ୍ର ଆକାରରେ କେନ୍ଦ୍ରୀଭୂତ ହୋଇଥିଲା। ତେବେ ଏଥିରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟିଲା, ଯାହା ହେଉଛି 'ବିଗ ବ୍ୟାଙ୍ଗ'। ତା'ପରେ ଆରମ୍ଭ ହେଲା ଚତୁର୍ଦ୍ଦିଗରେ ବସ୍ତୁ ଓ ଶକ୍ତିର ଅଗ୍ରଗମନ। ଆମେ ଯଦି ଏହି ପରିକଳ୍ପନା ସ୍ୱୀକାର କରୁ ତେବେ ଧରାଯିବ ଯେ, ମହାକାଶର ସାଂପ୍ରତିକ ତାପମାତ୍ରା ପରମଶୂନ୍ୟ (ଆବସୋଲ୍ୟୁଟ ଜିରୋ)ଠାରୁ ଅଧିକ ହେବ। ୧୯୯୧ରେ କସ୍ମିକ ମାଇକ୍ରୋୱେଭ ବ୍ୟାକଗ୍ରାଉଣ୍ଡ ଏକ୍ସପ୍ଲୋରର୍ (ସିଓବିଇ) ଉପଗ୍ରହ ଯେଉଁ ବର୍ଣ୍ଣାଳୀ ରେକର୍ଡ କଲା, ତାହା ବିଗ୍ ବ୍ୟାଙ୍ଗ ପୂର୍ବରୁ ସୂଚନା ଦେଇଥିବା ନିଷ୍କର୍ଷ ସହ ସଂପୂର୍ଣ୍ଣ ମେଳ ଖାଇଲା।

ଯେତେବେଳେ ବିଶ୍ୱ ସଂପ୍ରସାରିତ ହେବାରେ ଲାଗିଲା, ବସ୍ତୁଗୁଡ଼ିକ ମିଳିତ ହୋଇ କେନ୍ଦ୍ରୀଭୂତ ହେବା ସହ ଘୂର୍ଣ୍ଣାୟମାନ ହେଲେ। ଏହା ହେଉଛି ନକ୍ଷତ୍ରପୁଞ୍ଜର ପ୍ରାଥମିକ ଅବସ୍ଥା। ନକ୍ଷତ୍ରପୁଞ୍ଜର ଏହି ଆଦ୍ୟ ଅବସ୍ଥାରେ ଚାପ-ପରିବର୍ତ୍ତନ ଦ୍ୱାରା ଗ୍ୟାସ ଓ ଧୂଳିକଣାର ନିର୍ଦ୍ଦିଷ୍ଟ ସମଷ୍ଟିମାନ ଘଟିଲା। ଏହି ସମାହାରମାନଙ୍କ ମଧ୍ୟରୁ କେତୋଟିରେ ଅଧିକ ବସ୍ତୁ ଏକତ୍ରିତ ହେଲେ ଏବଂ ଉପଯୁକ୍ତ ବଳର କାର୍ଯ୍ୟକାରିତା ତଥା ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ସେଇ ସମଷ୍ଟିରେ ପତନ ଦେଖାଦେଲା। ଯେଉଁ କ୍ଷେତ୍ରରେ ଅତ୍ୟଧିକ ସଂକୋଚନ ଘଟେ, ନ୍ୟୁକ୍ଲିଅର ପ୍ରତିକ୍ରିୟା ଯୋଗୁ ନକ୍ଷତ୍ର ସୃଷ୍ଟି ହୁଏ।

କେବଳ ବ୍ରହ୍ମାଣ୍ଡ ନୁହେଁ, ଛାୟାପଥ (ମିଲ୍କ ୱେ)ର ବୟସ ମଧ୍ୟ ଅନୁମାନ କରାଯାଇଛି। ଛାୟାପଥ ହେଉଛି ଏକ ବିରାଟ ତାରକାଗୁଚ୍ଛ (ଗାଲାକ୍ସି), ଯେଉଁଥିରେ ସୌରମଣ୍ଡଳ ଅବସ୍ଥିତ। ଏଥିରେ ଗୁଚ୍ଛବଦ୍ଧ ଥିବା ନକ୍ଷତ୍ର-ସମାହାରରେ ସ୍ୱଭାବତଃ ହାଲୁକା ଓଜନ ବହନ କରୁଥିବା ହାଇଡ୍ରୋଜେନ ଓ ହିଲିଅମ ଅପେକ୍ଷା ଭାରି ଅଣୁଙ୍କ ସଂଖ୍ୟା କମ୍। ଏହା ସୂଚାଏ ଯେ, ଛାୟାପଥର ବୟସ ଏଗାରରୁ ଷୋହଳ ବିଲିଅନ ବର୍ଷ ମଧ୍ୟରେ। ତେଜସ୍କ୍ରିୟ ମୌଳିକ ଉପାଦାନ (ରେଡିଓଏକ୍ଟିଭ୍ ଏଲିମେଣ୍ଟ) ପଦ୍ଧତି ମଧ୍ୟ ଏହି ବୟସକୁ ଦୃଢ଼ୀକରଣ କରୁଛି।

ସୌରମଣ୍ଡଳ ଓ ପୃଥିବୀର ବୟସ ନିର୍ଣ୍ଣୟ କରିବାକୁ ରେଡିଓ-ଆକ୍ଟିଭ୍ ଏଲିମେଣ୍ଟମାନଙ୍କୁ ଟାଇମ୍-କିପର୍ (ସମୟ ନିର୍ଦ୍ଧାରକ) ଭାବେ ବ୍ୟବହାର କରାଯାଇଛି। ଆପୋଲୋ ଚନ୍ଦ୍ର ଯାତ୍ରାରୁ ଆନୀତ ଚନ୍ଦ୍ରର ମୃତ୍ତିକା ପରୀକ୍ଷଣରୁ ପୃଥିବୀ ସମେତ ସୌରମଣ୍ଡଳର ବୟସ ୪.୪ରୁ ୪.୫ ବିଲିଅନ ବର୍ଷ ମଧ୍ୟରେ। କାନାଡ଼ା ଓ ପଶ୍ଚିମ ଅଷ୍ଟ୍ରେଲିଆରୁ ସଂଗୃହୀତ ପ୍ରାଚୀନତମ ଶିଳା ପରୀକ୍ଷା ଏହି ସଂଖ୍ୟା ପ୍ରାୟ ୪.୩ ବିଲିଅନ ବର୍ଷ ବୋଲି ନିର୍ଦ୍ଧାରଣ କରିଛି। ଉଲ୍ଲେଖନୀୟ ଯେ, ସୂର୍ଯ୍ୟ ଓ ପୃଥିବୀକୁ ସମବୟସ୍କ ବୋଲି ଧରାଯାଏ।

ଅନ୍ୟ ଏକ ମତବାଦ ହେଉଛି ପଲସେଟିଙ୍ଗ ଥିଓରି, ଯାହାକି ଆସିଲେଟରି ୟୁନିଭର୍ସ ବା ବିଗ୍‌କ୍ରଞ୍ଚ ମଡେଲ ଭାବେ ନାମିତ। ଏହାର ଚିତ୍ର ଦୋଳନ (ଅସିଲେସନ) ବିଷୟରେ ଆମକୁ ସ୍ମରଣ କରାଯାଏ। କାନ୍ଥ ଘଡ଼ିର ଦୋଳକ (ପେଣ୍ଡୁଲମ)ର ଗତିରୁ ସ୍ପଷ୍ଟ ହୁଏ ଯେ, ଏହା ଗୋଟିଏ ସୀମା ପଟକୁ ଯିବା ପରେ ସେଠାରୁ ବାହୁଡ଼ି ବିପରୀତ ଦିଗର ସୀମାକୁ ଛୁଏଁ। ଏହି ପ୍ରକାରେ ଏହାର ଏପଟ-ସେପଟ ଗତି ଚାଲୁ ରହେ। ସେମିତି ଯଦି ବିଗ୍ ବ୍ୟାଙ୍ଗ ଘଟିଛି, ବିପରୀତ ପ୍ରତିକ୍ରିୟା ଭାବେ ବିଗ୍ କ୍ରଞ୍ଚ ଏଥିରୁ ଘଟିବ। ଅର୍ଥାତ୍ ଯେଉଁ ଅବସ୍ଥାରୁ ତା'ର ପ୍ରାରମ୍ଭ, ପୁଣି ସଂକୁଚିତ ହୋଇ ସେଇ ସ୍ଥିତିରେ ଉପନୀତ ହେବ। କିନ୍ତୁ ଏହା ସେମିତି ହୋଇ ଅଟକି ଯିବ ନାହିଁ। ତାହା ପୁଣି ସଂପ୍ରସାରିତ ହେବ। ଏହି ଧରଣରେ ସଂପ୍ରସାରଣ ଓ ସଂକୋଚନ ପ୍ରକ୍ରିୟା ନିରନ୍ତର ଘଟିବ। ସଂକୋଚନର କାରଣ ହେଉଛି ମାଧ୍ୟାକର୍ଷଣ ବଳ। ଏହାର ସମର୍ଥକ ବି ଥିଲେ ଆଇନଷ୍ଟାଇନ। ସେ ଯାହାହେଉ, ଏହି ତତ୍ତ୍ୱରୁ ମିଳେ ନିରନ୍ତର କ୍ରିୟାଶୀଳ ସୃଷ୍ଟିଚକ୍ରର ବାର୍ତ୍ତା।

ମୋ:୯୦୭୮୭୪୩୮୪୩

## ଏଇ ଭାରତରେ

ଅରୁଣାଚଳ ପ୍ରଦେଶ ପାକ୍କେ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲର ଅନ୍ୟ ଏକ ଆକର୍ଷଣ ହେଉଛି ବିଭିନ୍ନ ରଙ୍ଗ ତଥା ପ୍ରଜାତିର ହର୍ନବିଲ। ଏହି ଜାତୀୟ ପକ୍ଷୀର ମାଂସ ଓ ଅଣ୍ଡା ପାଇଁ ସ୍ଥାନୀୟ ଅଞ୍ଚଳର ଆଦିବାସୀ ଏମାନଙ୍କୁ ଶିକାର କରିଥାନ୍ତି। ବ୍ୟାପକ ଶିକାର ହେତୁ ସମୟକ୍ରମେ ଏମାନଙ୍କ ସଂଖ୍ୟା ହ୍ରାସ ପାଇଚାଲିଲା ଓ ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଗଲେ। ଏହାକୁ ଲକ୍ଷ୍ୟକରି ଘୋରା ଆଭେ ସୋସାଇଟି ନାମକ ଏନ୍‌ଜିଓ, ନେଚର କଞ୍ଜରଭେଶନ ଫାଉଣ୍ଡେଶନ ଏବଂ ଅରୁଣାଚଳପ୍ରଦେଶ ଜଙ୍ଗଲ ବିଭାଗ ପ୍ରଥମେ ହର୍ନବିଲଙ୍କ ଜୀବନ ରକ୍ଷା ପାଇଁ ପଦକ୍ଷେପ ନେଇଥିଲେ। ପରେ ଏମାନଙ୍କ ସହ ପାକ୍କେ ପଗା ହର୍ନବିଲ ଫେଷ୍ଟିଭାଲ କମିଟି ଏବଂ ବିବେକାନନ୍ଦ କେନ୍ଦ୍ର ବିଦ୍ୟାଳୟ ଆଲୁମ୍‌ନି ଆସୋସିଏଶନ ସାମିଲ ହୋଇଛନ୍ତି। ଅରୁଣାଚଳପ୍ରଦେଶର ନାଇଶି ସମ୍ପ୍ରଦାୟର ଆଦିବାସୀମାନେ ହର୍ନବିଲଙ୍କୁ ଶିକାର କରି ସେମାନଙ୍କ ମାଂସ ଖାଇବା ସହ ଅଣ୍ଡା ବିକ୍ରି କରିଥାନ୍ତି। ଏବେ ଏହି ଆଦିବାସୀଙ୍କୁ 'ନେଷ୍ଟ ପ୍ରୋଟେକ୍ଟର' ବା ସଂରକ୍ଷକ ଭାବେ ଘୋଷଣା କରାଯାଇଛି। ଏମାନେ ବନ ହର୍ନବିଲଙ୍କ ସୁରକ୍ଷା କରିବା ସହ ସେମାନଙ୍କ ଛୁଆ କିଭଳି ମୃତ୍ୟୁମୁଖରେ ନ ପଡ଼ନ୍ତି ସେଥି ପାଇଁ ବସାରୁ ଛୁଆଙ୍କୁ ଉଦ୍ଧାର କରୁଛନ୍ତି। ଏବେ ସୁଦ୍ଧା ୨୩୮ଟି ହର୍ନବିଲ ଛୁଆକୁ ବଡ଼ କରି ଜଙ୍ଗଲରେ ଛାଡ଼ି ସାରିଲେଣି। କେବଳ ଏତିକି ନୁହେଁ ଏହି ପକ୍ଷୀଙ୍କ ସୁରକ୍ଷା ପାଇଁ ବର୍ଷକୁ ୬.୦୦୦ରୁ ୧୦,୦୦୦ ଗଛ ଲଗାଯାଉଛି।

# ତୁମ ପାଇଁ ଅଛି ମୁଁ



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ମୁଁ ତୁମ ପାଇଁ/ତୁମେ ମୋ ପାଇଁ/କୋଳାକୋଳି ହେବା ଆମେ / ଦୁହେଁ ଦୁହିଁଙ୍କ ପାଇଁ/ ସବୁକିଛି ଆମର/ ପର କଥା କି ଦରକାର /ବାକି ଯାହା ଛିଛାକର/ ଏତିକି କହି ଚିରୁଡ଼ାଏ ଚା'କୁ ଶୋଷିଦେଲେ ଧନ ମଉସା। ଗାଁର ଆଶୁକବି। ବଡ଼ ଗମାତିଆ ଲୋକ। ତାଙ୍କୁ କଥାରେ ଟିକେ ଚିମୁଟେଇଦେଲେ ମୁହଁରୁ ବାହାରିବ କବିତା ସାଏଁ ସାଏଁ। ରାଜ୍ୟ ତଥା ଦେଶର ବିଶେଷ ପରିସ୍ଥିତିରେ ଗାଁ ଚା'ଖଟିରେ ଟିକେ ଉଷ୍ମତା ବଢ଼ିଯାଏ। ସେଠି ଧନ ମଉସା ଆସିଗଲେ ଚର୍ଚ୍ଚା ରୋଚକ ହୋଇଯାଏ। ଧନ ମଉସା ଟାଉଁ ଟାଉଁ କବିତା ଗାଇ ଦେଲେ ଚା' ପିଉ ପିଉ। ଆଉ ବିଳମ୍ବ ନ କରି ବିଲକୁ ତରତର ହୋଇ ଚାଲିଗଲେ ସିନା ଗୁଡ଼ାଏ କଥା କବିତା ଭିତରେ ଛାଡି ଦେଇଗଲେ।

ଅନେକ ସମୟରେ ଆମକୁ କେହି ନା କେହି କହେ ଜମା ଚିନ୍ତା କରନି। ମୁଁ ପା ଅଛି। ସେତକ ଆଶ୍ୱାସନାରେ ମନ ଓ ହୃଦୟ ପୂରିଯାଏ। ଶତ ସିଂହର ବଳ ମିଳିଯାଏ। ଭଙ୍ଗା ମନ କ୍ରମଶଃ ଯୋଡିବା ଆରମ୍ଭ ହୁଏ। ପୁଣି ବଳ ଗୋଟାଇବାକୁ ମନ ହୁଏ। ଏହି ପୃଥିବୀରେ ଆସିବାମାତ୍ରେ ସମସ୍ତେ ଆମକୁ ନାମ, ପରିଚୟ, ଦାୟିତ୍ୱ ଦେଇଥାନ୍ତି। କିନ୍ତୁ କେବଳ କିଛି ଜଣେ ଅଲଗା ଲୋକ ଥାଆନ୍ତି ଯେଉଁମାନେ ଆମର ମନକୁ ଧରି ରଖନ୍ତି। ଲୁହଆସିବା ପୂର୍ବରୁ ସେମାନେ ଅନୁଭବ କରନ୍ତି। ହୃଦୟର କଥାକୁ ଧରି ସେହି ମୁହଁରେ ହସ ଫେରାଇ ଚକଚକିଆ କରିଦିଅନ୍ତି। ସେଇ ଜଣଙ୍କ ନିଶ୍ଚୁପରେ କହିଦିଏ କଥା 'ତୁମ ପାଇଁ ଅଛି ମୁଁ।' ଦୁଃଖକୁ ଜାଣିପାରେ। ମନକୁ ବୁଝିପାରେ। କାରଣ ସେ ସମ୍ପର୍କ କେବଳ କଥାରେ ସୀମିତ ନୁହଁ, ତାହା ହୃଦୟସ୍ପର୍ଶରେ ସମାହିତ। ଯେବେ ତୁମ ଛୋଟ ଛୋଟ କଥାରେ ଲୁହ ଲୁଚାଇ ରଖ। ସେ ବୁଝିଯାଏ। ଜୀବନ କେତେ ଧାଇଁ ଚାଲେ। ସକାଳରୁ ସନ୍ଧ୍ୟା, ଶୀତରୁ ଗ୍ରୀଷ୍ମ। ଦିନ ଶେଷରେ ଯେବେ ସବୁ ଆଲୋକ ଲିଭିଯାଏ। ଅନ୍ଧାର ମାଡି ଆସେ ସେତେବେଳେ ସେ ମନେପଡ଼େ। ଜୀବନର ଦୁର୍ବିପାକରେ ସେ ଛାଏଁ ଛାଏଁ ମନରେ ବସା ବାନ୍ଧେ। ହୃଦୟ ଭିତରେ ଗୋଟିଏ ଧ୍ୱନି ଅନୁରଣିତ ହୁଏ 'ମୋ ପାଇଁ ସେ ଅଛି।' ପୃଥିବୀ ବଦଳିଯାଇପାରେ, ପରିସ୍ଥିତି ଓଲଟିଯାଇପାରେ। କିନ୍ତୁ ଏହି ସତ୍ୟ ବଦଳିପାରେନି ତୁମ ପାଇଁ କିଏ ଜଣେ ଅଛି। ସେଇ ସ୍ନେହ ଓ ଶ୍ରଦ୍ଧା ଅବିଚଳିତ। ଯେବେ ତୁମ ସଫଳତା ମଞ୍ଚରୁ ଫେରି ଆସ। ହସୁଥିବା ମୁହଁରେ ଗର୍ବର ଆଲୋକ ମିଶିଥାଏ। ସେତେବେଳେ ଆପଣଙ୍କ ହୃଦୟ କହେ,'ଦେଖ, ସେ ଥିଲା ; ଆଜି ବି ଅଛି ବୋଲି ସୁରୁଖୁରୁରେ ସବୁ ହୋଇଗଲା। ' ଆଉ ଯେବେ ବିଫଳତାର ଅନ୍ଧାର ରାତିରେ ତୁମ ମନ କ୍ଳାନ୍ତ, ସନ୍ଦେହରେ ଭାରି ଭାରି ଲାଗେ ସେତେବେଳେ ତା'ର ଅଦୃଶ୍ୟ କଣ୍ଠ ତୁମକୁ ମୃଦୁ ସ୍ୱରରେ କହିବ – ପୁଣି କି ଚିନ୍ତା ? 'ତୁମ ପାଇଁ ଅଛି ମୁଁ'।

ତୁମ ଜୀବନରେ ଯେବେ ବିଚଳିତରେ ଝାଳ ବହିଯାଉଥାଏ, ତୁମ ହୃଦୟ ଥକିଯାଏ। ତା'ର ହାତ ତୁମ ପିଠିରେ ହୋଇପାରେ ଗଛର ଛାଇ। ତା'ର କାନ୍ଧ ହେବ ସେଇ ଆଶ୍ରୟ ଯେଉଁଠାରେ ତୁମେ ନିର୍ଭୀକ ହୋଇପାରିବ। ତା'ର ସ୍ନେହ ହେଉଛି ଯୁଦ୍ଧପରର ମିଳୁଥିବା ଶାନ୍ତି। ତୁମ ପାଇଁ ରଖିଥିବା ସରଳ ଆଶ୍ରୟ। ମନେରଖନ୍ତୁ ତୁମେ କେବେ ଏକା ନୁହଁ। ତୁମର ଦୁଃଖକୁ ହସରେ ପରିଣତ କରିବା ପାଇଁ କିଏ ଜଣେ ଅଛି। ତୁମର ଲୁହକୁ ଶବ୍ଦ ବିନା



ବୁଝିବା ପାଇଁ ସେ ଅଛି। ତୁମ ହୃଦୟରେ ସାହସ ଭରିବାକୁ, ତୁମ ଆଖିରେ ସ୍ୱପ୍ନ ଜଳାଇ ରଖିବାକୁ ତୁମ ପାଇଁ ଆଉ କିଏ ଅଛି। ଦୁନିଆର ଏହି ଭିଡ଼-ଭାଡ଼ ମଧ୍ୟରେ ଯେବେ ଚୁପଚାପ ହେଇ ତୁମ ପଛ ବୟସକୁ ମନେପକାଉଥିବ। ସେ ମନେ ପଡେ। ଜୀବନ ଯେତେ ଜଟିଳ ହେଉ, ସମୟ ଯେତେ ଅନିଶ୍ଚିତ ହେଉ, ତୁମ ହସର ମୂଲ୍ୟ ତାରି ପାଖରେ ସବୁଠାରୁ ଅଧିକ। ତୁମ ଦୁଃଖ ତାରି ଅଶାନ୍ତି। ତୁମ ସଫଳତା, ତା'ର ଗର୍ବ। ତୁମ ହସ, ତା'ର ପରିପୂର୍ଣ୍ଣତା।

ଏବେ ପ୍ରଶ୍ନ ଉଠେ 'ତୁମ ପାଇଁ ଅଛି କିଏ ?' ସେ ହୋଇପାରନ୍ତି ଆମ ମାତାପିତା, ଆମ ମିତ୍ର, ପତି କିମ୍ବା ପତ୍ନୀ, ଭାଇ ଭଉଣୀ, ବନ୍ଧୁବାନ୍ଧବ ଅବା ଆମ ସମାଜ, କିମ୍ବା ସମସ୍ତ ସୃଷ୍ଟି, ଯାହା ପାଇଁ ଆମ ଅସ୍ତିତ୍ୱ ଅର୍ଥମୟ। ଜଣେ ମା' କହେ 'ପୁଅ, ତୋ ପାଇଁ ଅଛି ମୁଁ'। ସେହି ହେଉଛି ନିଷ୍ଠା। ଜଣେ ସେନାନୀ କହେ 'ଦେଶ ପାଇଁ ଅଛି ମୁଁ'। ଏହା ହେଉଛି ବଳିଦାନ। ଜଣେ ଶିକ୍ଷକ କହନ୍ତି 'ତୁମର ଭବଷ୍ୟତ ପାଇଁ ଅଛି ମୁଁ ଏହା ହେଉଛି ଜ୍ଞାନଦାନର ତପସ୍ୟା। ଜଣେ ପ୍ରେମିକା କି ପ୍ରେମିକ କହେ 'ତୁମ ପାଇଁ ମୁଁ ପରା ଅଛି।' ଏହା ପବିତ୍ର ପ୍ରେମ। ଏସବୁ କେବଳ ଏକ ସମ୍ପର୍କ ନୁହେଁ। ଏହା ଜୀବନର ସର୍ବୋଚ୍ଚ ସତ୍ୟ। ଅହଂ ପରିବର୍ତ୍ତିତ ହୁଏ ମମତାରେ, ଶ୍ରଦ୍ଧାରେ, କରୁଣାରେ ଓ ପ୍ରେମରେ। ଏଠି ସୂର୍ଯ୍ୟ କୁହେ 'ଅନ୍ଧାର ପାଇଁ ଅଛି ମୁଁ।' ରାତି କୁହେ 'ଆତ୍ମାକୁ ଶାନ୍ତି କରିବାକୁ ଅଛି ମୁଁ।' ପ୍ରବଳ ତରଙ୍ଗ କୁହେ 'ଉଠିବାକୁ ଚେଷ୍ଟା କର, ପଡ଼ିଲେ ଧରିବାକୁ ଅଛି ମୁଁ।' ପ୍ରକୃତି କିନ୍ତୁ ଯାହା କହେନି, ସେହି ନୀରବତାକୁ ଆମେ ଶୁଣି ବି ଅଜଣା ହେଉ। ସେ କହେ ସକଳ ସୃଷ୍ଟିହେଉଛି ମୁଁ। ଆଉ କେବଳ ତୁମ ପାଇଁ ଅଛି ମୁଁ।

ଆଜି ଯେଉଁଠି ଧନ, କ୍ଷମତା, ପଦ ଓ ସ୍ୱାର୍ଥ ମହତ୍ତ୍ୱ ପାଉଛି, ସେଠି ଏହିତତ୍ତ୍ୱ ଆମକୁ ମନେପକାଏ ଜୀବନ କେବଳ ନିଜ ପାଇଁ ନୁହେଁ, ଅନ୍ୟଙ୍କ ପାଇଁ ହେଲେ ତାହାର ଅର୍ଥ ରହେ। ଯଦି ଜଣେ ଡାକ୍ତର ରୋଗୀ ପାଇଁ, ଜଣେ ବିଜ୍ଞାନୀ ମାନବଜାତି ପାଇଁ, ଜଣେ ଛାତ୍ର ତାଙ୍କ ପରିବାର ଓ ଦେଶ ପାଇଁ, ନେତା ସମାଜ ସେବା ପାଇଁ ସମର୍ପିତ ହୁଅନ୍ତି, ତେବେ ସେହି ହେଉଛି 'ତୁମ ପାଇଁ ଅଛି ମୁଁର ସ୍ୱରୂପ। ଏକଥା ବୁଝିବାକୁ ମଣିଷକୁ ବହୁତ ସମୟ ଲାଗେ। ଜୀବନର ସବୁ ଭାଗ ସରି ଆସିଲା ପରେ ଶେଷରେ ବୟସର ଭାରରେ ସବୁ ଉଦ୍ଦାମପଣ ସରି ସରି ଗଲେ ସେତେବେଳେ ମନେପଡନ୍ତି ଅନ୍ୟ ମଣିଷମାନେ। ଜୀବନଟା ଭାରି ନିଃସ୍ୱ ଲାଗେ।

ଜୀବନର ଆରମ୍ଭ ହୁଏ 'ମୁଁରୁ'। ମୋ ଶରୀର, ମୋ ପାଇଁ ଥିବା ସୁଖ, ମୋ ଆକାଂକ୍ଷା ସବୁକିଛି ମୋର ବୋଲି ମନେ ହୁଏ ଏକ ସମୟରେ। କିନ୍ତୁ ଯେବେ 'ମୁଁ' ନିଜ ସୀମା ଛାଡ଼ି 'ତୁମ' ପାଇଁ ବଞ୍ଚିବା ଶିଖେ, ସେଠାରୁ ଆରମ୍ଭ ହୁଏ ମନୁଷ୍ୟରୁ ମଣିଷତ୍ୱ ଯାତ୍ରା। ତା'ପରେ ଜୀବନ ଏକ ନିଜସ୍ୱ କାହାଣୀ କହେ। ଏହା ହୁଏ ସମଗ୍ର ସୃଷ୍ଟି ପାଇଁ ଗାଥା। ଓଲଟିଯାଏ ଆମର ଚିନ୍ତା ଓ ଚେତନା। ସେଇଠୁ ଏକ ପ୍ରେମମୟ ଘୋଷଣା ଆତ୍ମ ଜାଗ୍ରତ ହୁଏ 'ତୁମ ପାଇଁ ଅଛି ମୁଁ।' ଆମେ ସବୁବେଳେ ଏମିତିରେ କହୁ 'ମୁଁ ଅଛି'। କିନ୍ତୁ ଯେତେବେଳେ ଆମେ କହୁ 'ତୁମ ପାଇଁ ଅଛି ମୁଁ। ସେତେବେଳେ ମାନବ ଜୀବନର ନୂଆ ଦ୍ୱାର ଖୋଲିଯାଏ। ସେଇ ଦ୍ୱାରର ଚାବିକାଠି ଖାସ୍ ଆପଣଙ୍କ ହାତରେ। ଥରେ ଖୋଲି ଦେଖନ୍ତୁ ନା ଆପଣଙ୍କୁ ବି ବାକି ଲୋକ କହିବେ – ତୁମ ପାଇଁ ଅଛି ମୁଁ !

ମୋ: ୯୪୩୭୯୦୯୬୭୧

## ପାଠକ ଶ୍ରେଷ୍ଠ ବିଚାରକ

### ଅର୍ଜୁନ ଯୋଜନା କେବେ

ମହାଶୟ,

ସରକାରଙ୍କ ସୁଭଦ୍ରା ଯୋଜନା ଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ମହିଳା ଉପକୃତ ହେଉଛନ୍ତି, ହେବେ ମଧ୍ୟ। ପାଞ୍ଚ ବର୍ଷରେ ସେମାନେ କିଛି ଛୋଟମୋଟ ବ୍ୟବସାୟରେ ଅର୍ଥ ଖଟାଇ ଆତ୍ମନିର୍ଭରଶୀଳ ହେବେ। ଏହା ଏକ ଭଲ ଯୋଜନା। ମାତ୍ର ସ୍ତ୍ରୀ ଓ ପୁରୁଷ ହେଉଛନ୍ତି ମୁଦ୍ରାର ଦୁଇଟି ପାର୍ଶ୍ୱ। କେବଳ ତରାଜୁର ଗୋଟିଏ ପାଖକୁ ଓଜନିଆ କଲେ ଅପରପାଖଟି ଖାଲି ହୋଇଯାଉଛି। ଏହାକୁ ସମତୁଲ ରହିବାକୁ ହେଲେ ପୁରୁଷମାନଙ୍କ ନିମନ୍ତେ ତୁରନ୍ତ ଅର୍ଜୁନ ଯୋଜନା ପ୍ରଣୟନ କରିବାକୁ ହେବ। ସମ୍ପ୍ରତି ରାଜ୍ୟରେ ପାଠୁଆ, ଅଧାପାଠୁଆ ଲକ୍ଷ ଲକ୍ଷ ଅର୍ଜୁନ ବେକାର ହୋଇ ରହିଛନ୍ତି। ସେମାନଙ୍କ ନିମନ୍ତେ ସେମିତି କିଛି ଆଖିଦୃଶିଆ ଯୋଜନା ଥିଲାପରି ମନେହେଉନି। ଏଣୁ ଯଥାଶିଘ୍ର ବ୍ଲକ ଓ ୱାର୍ଡସ୍ତରରେ ଏମାନଙ୍କୁ ଚିହ୍ନଟ କରାଯାଇ ଅର୍ଜୁନ ଯୋଜନାରେ ସାମିଲ କରାଯାଉ ଓ କିଛି କିଛି ସହାୟତା ରାଶି ପ୍ରଦାନ କରାଯାଉ। ରାଜ୍ୟର ମାନବ ସମ୍ବଳର ସୁପରିଚାଳନା ନିମନ୍ତେ ଯୁବ ସମାଜକୁ ଆତ୍ମନିର୍ଭରଶୀଳ କରାଯିବା ଉଚିତ। ପ୍ରଶାସନ ଏଥିପ୍ରତି ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ ହେବ।

-ପ୍ରତାପଚନ୍ଦ୍ର ପାଢ଼ୀ, ନିଗମନଗର-ଆର୍କୋଲୀ, ବ୍ରହ୍ମପୁର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 7 | | | 6 | | 5 | 9 |
| 5 | | | | 4 | | | | |
| | | 2 | | | 1 | | | |
| | | | | | | | | 5 |
| | 5 | 1 | 7 | | 3 | 9 | | |
| 8 | | | | | | | | 6 |
| 1 | | | | | | 7 | | |
| | 8 | | | | 4 | | | 2 |
| | | | | 6 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 2 | 5 | 6 | 3 | 4 | 8 | 1 |
| 1 | 4 | 5 | 9 | 7 | 8 | 3 | 6 | 2 |
| 8 | 3 | 6 | 4 | 1 | 2 | 5 | 7 | 9 |
| 9 | 6 | 7 | 1 | 4 | 5 | 8 | 2 | 3 |
| 3 | 8 | 4 | 2 | 9 | 7 | 1 | 5 | 6 |
| 2 | 5 | 1 | 3 | 8 | 6 | 7 | 9 | 4 |
| 4 | 2 | 8 | 6 | 5 | 1 | 9 | 3 | 7 |
| 6 | 7 | 9 | 8 | 3 | 4 | 2 | 1 | 5 |
| 5 | 1 | 3 | 7 | 2 | 9 | 6 | 4 | 8 |

ଗତକାଲିର ଉତ୍ତର

## ୫୦ ବର୍ଷ ତଳର ଧରିତ୍ରୀ

### ୨ ଡିସେମ୍ବର ୧୯୭୬

- ୧୩ଟି ରାଜ୍ୟର ମୋଟ ୩୧ଟି ନୂଆ ପରିକଳ୍ପନା ନିମନ୍ତେ ଗ୍ରାମ୍ୟ ବିଦ୍ୟୁତ୍‌କର କର୍ପୋରେଶନ ୯ କୋଟି ୧୫ ଲକ୍ଷ ଟଙ୍କା ଋଣ ମଞ୍ଜୁର କରିଛନ୍ତି।
- ବାଂଲାଦେଶର ସାମରିକ ଶାସନ କର୍ତ୍ତୃପକ୍ଷଙ୍କ ଆଦେଶରେ ପୂର୍ବତନ ରାଷ୍ଟ୍ରପତି ସାଣ୍ଡକାର ମୁସ୍ତାକ ଅହମ୍ମଦଙ୍କ ସମେତ ୯ ନେତା ଗିରଫ।

## ଚିରନ୍ତନୀ

ଏହି ପଥେ ଆସେ ଏହି ତରୁମୂଳେ ହୁଏ ସେ ଉଭା
ସୁକୁମାରୀ ଲତା ମୃଣାଳସମ ସେ, ବୟସ ଯୁବା ।
ହାସ ତାର ଦିଶେ କାଶଫୁଲ ତୋରା ଧବଳ ଅତି
ଏହି ପଥେ ପାଦ ପକାଇ ଚଳଇ ଚପଳ ମତି ।
-(ସେହି ମୁଁ ନିଜେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଗବେଷକଙ୍କ ସଫଳତା

ଭବାନୀପାଟଣା,୧।୧୨(ଉତ୍ତମ କୁମାର ଦାଶ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଠାରେ ତିନିଦିନ ଧରି ଓଡିଶା ରିସର୍ଚ୍ଚ କନକ୍ଲେଭ -୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ଓ ଗବେଷକ, ଗବେଷିକା ଯୋଗଦାନ କରିଥିଲେ। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଯୋଗଦେଇ ଗବେଷଣା ସମ୍ପର୍କିତ ତତ୍ତ୍ୱର ବିଶ୍ଳେଷଣ କରିଥିଲେ। ଗବେଷକ ଓ ଗବେଷିକା କନକ୍ଲେଭରେ ଅଂଶଗ୍ରହଣ ସହିତ ପୋଷ୍ଟର ପ୍ରଦର୍ଶନ କରି ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ପ୍ରାୟ ୮୦୦ ଗବେଷକ, ଗବେଷିକା ପୋଷ୍ଟର ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ନୃତତ୍ତ୍ୱ ବିଜ୍ଞାନ ବିଭାଗର ଗବେଷିକା ଭାଗ୍ୟଶ୍ରୀ ପାତ୍ର ପ୍ରଥମ, ଓଡ଼ିଆ ବିଭାଗର ଗବେଷକ ସୁନୀଲ ସେଠୀ ଦ୍ୱିତୀୟ ଓ ଜୟନ୍ତୀ ଭୋଇ ତୃତୀୟ ସ୍ଥାନ ଅଧିକାର କରି ବିଶ୍ୱବିଦ୍ୟାଳୟର ସଫଳତା ଦିଗରେ ଏକ ନୂଆ ଫର୍ଦ୍ଦ ଯୋଡିଛନ୍ତି। ଏହି ଖବର ପ୍ରକାଶ ପାଇବା ପରେ ବିଶ୍ୱବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ

ଥୁଆମୂଳ ରାମପୁର, ୧।୧୨ (ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ମା' ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସୋମବାର ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା. ପ୍ରଦୋଷ କୁମାର ପଣ୍ଡା ମୁଖ୍ୟ ଅତିଥି ଓ ଡାକ୍ତର କିଷାନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଡ୍ସର ଭୟାବହତା ଓ ତା'ର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ସାମାଜିକ କର୍ମୀଙ୍କ ପରଲୋକରେ ଶୋକ

ଭବାନୀପାଟଣା,୧।୧୨(ଉତ୍ତମ କୁମାର ଦାଶ): ବିଶିଷ୍ଟ ସାମାଜିକ କର୍ମୀ ତଥା ଉଦ୍ୟୋଗପତି ଦଶାରୀ ଭିରା ଭେଙ୍କଟ ସତ୍ୟନାରାୟଣ (୫୯)ଙ୍କ ଚିକିତ୍ସାଧୀନ ଅବସ୍ଥାରେ



ବରଗଡ଼ ବିକାଶ ମେଡିକାଲରେ ଶନିବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ସେ ବରଗଡ଼ ନିକଟ ଖଣ୍ଡହଥା ଗ୍ରାମର ବାସିନ୍ଦା ହୋଇଥିବାବେଳେ ଭବାନୀପାଟଣା ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ଶ୍ୟାମ ଓ ଡି. ରାମ କୁମାରଙ୍କ ପିତା ଅଟନ୍ତି। ଏହାସହ ଲକ୍ଷ୍ମୀ ବିକାଶ ଗ୍ରୁପର ପରିଚାଳନା ମଣ୍ଡଳୀ ସଦସ୍ୟ ଥିଲେ। ତାଙ୍କ ବିୟୋଗରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ପକ୍ଷରୁ ଶୋକ ପ୍ରକାଶ ପାଇଛି। ଏହି ଅବସରରେ ଭବାନୀପାଟଣାସ୍ଥିତ ଅନୁଷ୍ଠାନ ପରିସରରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା।

### ବରିଷ୍ଠ କଳାକାର ଶଙ୍କର ପ୍ରସାଦ ସାହୁଙ୍କ ପରଲୋକ

ଦେଓଗାଁ, ୧।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁର ବରିଷ୍ଠ କଳାକାର ଶଙ୍କର ପ୍ରସାଦ ସାହୁ (୭୯)ଙ୍କ ସୋମବାର ପ୍ରାତଃରେ ପରଲୋକ ହୋଇଯାଇଛି। ସେ



ଏକାଧାରରେ ଜଣେ ମଞ୍ଚ କଳାକାର, ଲେଖକ, ନାଟ୍ୟକାର ଥିଲେ। ସେ ଜଣେ ଭଗବତପ୍ରେମୀ ରହିଥିଲେ। ମୁରସିଂ ନିକଟସ୍ଥ ଅଭିନବ ଶ୍ରୀକ୍ଷେତ୍ର ରେଙ୍ଗାଲପଡାର ଜଗନ୍ନାଥ ମନ୍ଦିରରେ ଜଣେ ଆଗଧାଡିର ସେବାୟତ ରହିଥିଲେ। ସାମାଜିକ କାର୍ଯ୍ୟରେ ତାଙ୍କ ଅବଦାନ ସ୍ୱତନ୍ତ୍ରଭାବେ ରହିଆସୁଥିବା ବେଳେ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କ ବିୟୋଗରେ ବ୍ଲକ କଳା ସଂସ୍କୃତି ସଂଘ ଉପ-ସଭାପତି ସୁଦାମ ବିଶି ତଥା ଅନ୍ୟମାନେ ଶୋକବ୍ୟକ୍ତ କରିଥିବାବେଳେ ବିଭିନ୍ନ ଅନୁଷ୍ଠାନ ତରଫରୁ ଶୋକପ୍ରକାଶ ପାଇଛି। ତାଙ୍କ ୨ପୁତ୍ର ଓ ୫ ଝିଅ ରହିଥିବା ବେଳେ ସ୍ଥାନୀୟ ସୋନଗଡ ନଦୀରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କ ବଡପୁତ୍ର ସୌମ୍ୟରଞ୍ଜନ ସାହୁ ମୁଖାଗ୍ନୀ ଦେଇଥିଲେ।



ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱାଗତ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

# ବଡ଼ଦିନ ପାଳନ ଉପଲକ୍ଷେ ସ୍ୱାଗତ ଶୋଭାଯାତ୍ରା

ବଲାଙ୍ଗୀର,୧।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଖ୍ରୀଷ୍ଟିଆନ ସମାଜ ଏବଂ ସେଣ୍ଟ୍ରାଲ ଚର୍ଚ୍ଚ ପକ୍ଷରୁ ସୋମବାର ସନ୍ଧ୍ୟାରେ ପବିତ୍ର ବଡଦିନ ପାଳନ ଉପଲକ୍ଷେ ସ୍ୱାଗତ ଶୋଭଯାତ୍ରା ସହର ପରିକ୍ରମା କରିଥିଲା। ଡିସେମ୍ବର ମାସରେ ପ୍ରଭୁ ଯୀଶୁଖ୍ରୀଷ୍ଟ ଜନ୍ମଲାଭ କରିଥିବାରୁ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଭଉଣୀ ଭାଇମାନେ ଏହି ମାସକୁ ଅତି ପବିତ୍ର ମନେ କରିଥାନ୍ତି। ପ୍ରତିବର୍ଷ ଡିସେମ୍ବର ୧ରେ ସ୍ୱାଗତ ସମାରୋହ ଆୟୋଜନ କରାଯାଇଥାଏ। ସୋମବାର ଡିସେମ୍ବର ୧ରେ ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚ ପକ୍ଷରୁ ସ୍ୱାଗତ ସମାରୋହ ପାଳନ କରାଯାଇ ସହରରେ ସ୍ୱାଗତ ଶୋଭାଯାତ୍ରା ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ସେଣ୍ଟ୍ରାଲ ଚର୍ଚ୍ଚରୁ ଶତାଧିକ ମହିଳା, ପୁରୁଷ, ଯୁବତୀ, ଯୁବକ ଓ ପିଲାମାନେ ହାତରେ ମହମବତୀ ଧରି ସ୍ୱାଗତ ଶୋଭାଯାତ୍ରାରେ ବାହାରିଥିଲେ। ପ୍ରଭୁଯୀଶୁଙ୍କ ମହାନବାଣୀ, ପାରସ୍ପରିକ ପ୍ରେମ, ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନାର ବାର୍ତ୍ତା ନେଇ ସେଣ୍ଟ୍ରାଲ ଚର୍ଚ୍ଚରୁ ଶୋଭାଯାତ୍ରାଟି ଟିକାଦାରପଡା ଛକ, କଚେରୀ ଛକ, ଭାଗିରଥି ଛକ, ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ, ମହିଳା କଲେଜ ଛକ, ରାଜେନ୍ଦ୍ର ପଡା ମୁଖ୍ୟ ରାସ୍ତାରେ ପରିକ୍ରମା କରି ଚର୍ଚ୍ଚକୁ ଫେରିଥିଲେ। ଏହି ଶୋଭାଯାତ୍ରାରେ ଖ୍ରୀଷ୍ଟୀୟ ସମାଜ ତଥା ସେଣ୍ଟ୍ରାଲ ଚର୍ଚ୍ଚର ସମ୍ପାଦକ ସଚ୍ଚିଦାନନ୍ଦ ହନୁମାନ, ମୁଖ୍ୟଅତିଥି ଭାବେ ସମ୍ବଲପୁର ଧର୍ମାଞ୍ଚଳର ବିଶପ ଇମାନୁଏଲ ଦାନୀ, କୋଷାଧ୍ୟକ୍ଷ ପୂର୍ଣ୍ଣମୂର୍ତ୍ତି ଖ୍ରୀଷ୍ଟଦାସ, ମହେନ୍ଦ୍ର କୁମାର ବାଗ, ଜ୍ୟୋତିରାଜ ନାଗ, ସରୋଜ ଛତ୍ରିଆ, ନରେଶ ମାଥୁସ୍, ଆଦାମ୍ ଇସ୍‌ମାଇଲ, ପାଷ୍ଟର ସୁନୀଲ ନନ୍ଦ, ବୁଦ୍ଧଦେବ ଛତ୍ରିଆ, ଶରତ ବଲ୍ଲଭ ବାଗ, ଚିଣ୍ଟୁ ଦୀପ, ସଞ୍ଜୟ ନନ୍ଦ, ଆହସ ନାଗ, ସନ୍ଦୀପ ବାରିକ, ଶୁଭମ୍ ତାଣ୍ଡି, ମହିଳା ସଙ୍ଗଠନ ସଦସ୍ୟା ଓ ଅନ୍ୟମାନେ ସାମିଲ ହୋଇଥିଲେ। ଡିସେମ୍ବର ୨୫ ତାରିଖ ପବିତ୍ର ବଡଦିନ ପାଳନ କରାଯିବ।

# ଜିଲାରେ ୧୪୫୪ ଏଚ୍ଆଇଭି ସଂକ୍ରମିତ

**ଭବାନୀପାଟଣା ବ୍ଲକରେ ସର୍ବାଧିକ ୩୩୯**

ଭବାନୀପାଟଣା,୧।୧୨(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ଟାଉନ ହଲଠାରେ ସୋମବାର ଜିଲାସ୍ତରୀୟ ୩୮ତମ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଓଏସ୍ଏସିଏସ୍, ଜିଲା ସ୍ୱାସ୍ଥ୍ୟ ସମିତି ଓ ବେଦାନ୍ତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଟାଉନ ହଲ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଟାଉନହଲଠାରେ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ନିହାରେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ଡ. ଉମେଶ ଚନ୍ଦ୍ର ଶତପଥୀ, ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ନିଆଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କହଁର, ବେଦାନ୍ତ ପ୍ରକଳ୍ପର ମୁଖ୍ୟ ପ୍ରତିକ କୁମାର, ବେଦାନ୍ତର ସୁରକ୍ଷା ଓ ପ୍ରଶାସନ ମୁଖ୍ୟ ଦେବାଶିଷ ଦତ୍ତ, ବେଦାନ୍ତର ଅଧିକାରୀ ଦିଲୀପ ପ୍ରଜାପତି, ଡିପିଏମ୍ (ଏନ୍ଏଚ୍ଏମ୍) ଦିଲୀପ ଦୁବେ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଡ୍ସ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଣ୍ଡା ଅବଗତ କରାଇଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ ୩୦।୧୧।୨୦୨୫ ସୁଦ୍ଧା କଳାହାଣ୍ଡି ଜିଲାରେ ୧୪୫୪ ଜଣ ଏଚ୍ଆଇଭି ସଂକ୍ରମିତ ବ୍ୟକ୍ତି ରହିଛନ୍ତି। ସେଥି ମଧ୍ୟରୁ ଭବାନୀପାଟଣା ବ୍ଲକରେ ସର୍ବାଧିକ ୩୩୯ ଜଣ ରହିଛନ୍ତି। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦାରା ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଆଇସିଟିସିର ପରାମର୍ଶଦାତା ରାମଚନ୍ଦ୍ର ବସନ୍ତିଆ ପରିଚାଳନା କରିଥିଲେ। ଶେଷରେ ମାନସ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଆନ୍ତଃ ମହାବିଦ୍ୟାଳୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ

ଭବାନୀପାଟଣା,୧।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। କୁଳ ସଚିବ ଡ. ଗୁଣନିଧି ନାଏକ, ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ପର୍ବରେ ବିବିଏ ଓ ବିସିଏ ବିଭାଗର ଅଧ୍ୟାପକ ଶୁଭାଶିଷ ମିଶ୍ର ମଞ୍ଚ ପରିଚାଳନା




ଉଦ୍‌ଯାପନୀ ସମାରୋହରେ ଅତିଥିଗଣ।

କରିଥିବାବେଳେ ଅଧ୍ୟାପିକା ଶ୍ରାବଣୀ ପ୍ରିୟଦର୍ଶିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟୁର୍ନାମେଣ୍ଟ ୭ ଜଣ ରାଜ୍ୟସ୍ତରୀୟ ରେଫରିଙ୍କ ଶୃଙ୍ଖଳାରେ ପରିଚାଳିତ ହୋଇଥିଲା। ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ୨୧ ଟିମ୍ ଯୋଗଦାନ କରିଥିଲେ। ସେଥିମଧ୍ୟରୁ କବାଡି (ପୁରୁଷ)ରେ ନୂଆପଡ଼ା ନ୍ୟାଶନାଲ ଡିଗ୍ରୀ କଲେଜ ଟିମ୍ ବିଜୟୀ ହୋଇଥିବାବେଳେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଟିମ୍ ପରାଜିତ ହୋଇଥିଲା। ସେହିପରି କବାଡ଼ି (ମହିଳା)ରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଟିମ୍ ବିଜୟୀ ହୋଇଥିବାବେଳେ ବଡଚେରଗାଁ ଡିଗ୍ରୀ କଲେଜ ଟିମ୍ ପରାଜିତ ହୋଇଥିଲା।

## ବଙ୍ଗୋମୁଣ୍ଡାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ମୁରିବାହାଲ,୧।୧୨(ଶ୍ରୀବତ୍ସ ବେହେରା): ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଜିଲା ପ୍ରଶାସନର ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜୀ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ୮୦ଟିଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା। ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ବଙ୍ଗୋମୁଣ୍ଡା ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ତହସିଲଦାର ଜ୍ୟୋତ୍ସ୍ନା ମାଝୀ, ଜିପିଡ଼ିଓ ପୁରୁଷୋତ୍ତମ ମାଝୀଙ୍କ ସହ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଲୋକେ ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗକୁ ଦୃଷ୍ଟି ଆକର୍ଷଣ କରିଥିଲେ।

## ଶିବିରରେ ୧୨୩ ଅଭିଯୋଗ ପଞ୍ଜୀକୃତ

ଭବାନୀପାଟଣା,୧।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ସୋମବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଓ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବାରକୋଣ୍ଡା ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୨୩ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିରୁ ୯୨ ବ୍ୟକ୍ତିଗତ ଓ ୧୮ ସାମୂହିକ ରହିଥିବା ବେଳେ ୧୭ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୨ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଯୋଗ ଦେଇଥିଲେ।

## ନିଆଁ ଲାଗି ପୋଡ଼ିଗଲା ଧାନଗଦା

ନୂଆପଡ଼ା,୧।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କ୍ରିଷ୍ଟା ଗାଁରେ ରବିବାର ରାତିରେ ଏକ ଧାନ ଗଦାରେ ନିଆଁ ଲାଗି ପୋଡ଼ିଯାଇଛି। ସୂଚନା ଅନୁଯାୟୀ ଗାଁର ଚାଷୀ ମାନସିଂ ଶଗରିଆ ତାଙ୍କ ୨ ଏକର ଜମିର ଧାନ କାଟି ୩୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଘୋଟସର ଠାରେ ଗଦା କରି ରଖିଥିଲେ। ରବିବାର ରାତିରେ ଧାନ ଗଦାରେ ନିଆଁ ଲାଗିବା ଦେଖି ଲୋକେ କୋମନା ଅଗ୍ନିଶମ ବିଭାଗକୁ ଖବର କରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଧାନ ସଂପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। କେହି ଦୁର୍ବୃତ୍ତ ନିଆଁ ଲଗାଇଥିବା ଅନୁମାନ କରାଯାଉଛି। ମାନସିଂ ଧାରକରଜ କରି ଧାନ ଚାଷ କରିଥିଲେ। ଧାନ ସଂପୂର୍ଣ୍ଣ ପୋଡି ଯିବାରୁ କେମିତି ଏହାକୁ ପରିଶୋଧ କରିବେ ଚିନ୍ତାରେ ପଡିଛନ୍ତି। ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇଦେବା ପାଇଁ ସେ ଦାବି କରିଛନ୍ତି।

## ପଲ୍ଲୀ ନିକେତନକୁ ସ୍ମୃତି ସେବା ସମ୍ମାନ



ବଲାଙ୍ଗୀର ପଲ୍ଲୀ ନିକେତନ ଅନୁଷ୍ଠାନକୁ ଅତିଥିମାନେ ସତ୍ୟନାରାୟଣ ବେହେରା ସେବା ସମ୍ମାନ ପ୍ରଦାନ କରୁଛନ୍ତି।

ବଲାଙ୍ଗୀର, ୧।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ମଞ୍ଚ, ଚଳଚ୍ଚିତ୍ର ଅଭିନେତା, ସଂସ୍କୃତି ଗବେଷକ ତଥା ଜିଲା ସାମ୍ବାଦିକ ସଂଘର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ସତ୍ୟନାରାୟଣ ବେହେରାଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଥିଲା। ଏହି ଅବସରରେ ବଲାଙ୍ଗୀରରେ ଅସହାୟ ମହିଳା ଓ ଶିଶୁମାନଙ୍କୁ ଆଶ୍ରୟ ଓ ସଚେତନତା ଦିଗରେ କାର୍ଯ୍ୟ କରୁଥିବା ଅନୁଷ୍ଠାନ 'ପଲ୍ଲୀ ନିକେତନ' ପକ୍ଷରୁ ପରିଚାଳିତ 'ସ୍ୱଧାର ଗୃହ ବା ଶକ୍ତି ସଦନ'କୁ ସତ୍ୟନାରାୟଣ ବେହେରା ସ୍ମୃତି ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସନ୍ଦୀପ କୁମାର କୁଅଁରଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀ ସଭାରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଶିକ୍ଷାବିତ୍ ସନାତନ ଠାକୁର, ସହକାରୀ ଜିଲାପାଳ ପ୍ରଶାନ୍ତ କୁମାର ମହାପାତ୍ର ଓ ସ୍ୱଧାର ଗୃହ ପ୍ରକଳ୍ପ ସୁରକ୍ଷା ଅଧିକାରୀ ସୁଜାତା ଦୋରା ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଉଚ୍ଛାଟାନନ୍ଦ ମହାକୁର ଓ ତାଙ୍କ ସହକର୍ମୀମାନେ ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ୱର୍ଗତ ବେହେରାଙ୍କ ସାଂସ୍କୃତିକ ଓ ସାମାଜିକ ଉତ୍କର୍ଷତା ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭା ଶେଷରେ ଶରତ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ସତ୍ୟନାରାୟଣ ବେହେରା ସ୍ମୃତି ନ୍ୟାସର ନ୍ୟାସୀ ସୁଧାକର ବେହେରା, ସୁନୀଲ ବେହେରା, ଗୁପ୍ତେଶ୍ୱର ପୃଷ୍ଟି, ଦେବଦତ୍ତ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**VINDHYA VASINI HIGHER SECONDARY SCHOOL, PAIKMAL**
At/PO - Paikmal, Dist. - Bargarh, PIN - 768039 (Odisha)

**WALK-IN-INTERVIEW**

Interested candidates having requisite qualifications may attend interview on dt. 09.12.2025 at 10.00 AM in the premises of **Vindhya Vasini Higher Secondary School, Paikmal, Dist.-Bargarh** with all original testimonial along with Photocopies for the Post of PGT in History (On contractual basis).

Sd./- Principal I/c-cum-Secretary
E-mail - vvjrcpaikmal@gmail.com

ଭା.କ.ନି. CCI
**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ
କପାସ କିସାନ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୦୧.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ, ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

**କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**
ସା:ପୋ:- କେନ୍ଦୁଝରଗଡ଼, କେନ୍ଦୁଝର-୭୫୮୦୦୧ (ଓଡ଼ିଶା)
**KEONJHAR CENTRAL CO-OPERATIVE BANK LTD.**
AT/PO. : KEONJHARGARH, KEONJHAR-758001 (ODISHA)
Telephone : (06766) 255183, 251745, Fax : 253137
Email : kendujharccb@gmail.com
No.KCCB/5760/HRD/2025-26 Date : 01.12.2025

**Expression of Interest**

Expressions of Interest are invited from IRDA Accredited Insurance Companies for Fresh Group Mediclaim Insurance Policy for Bank Employees and Directors along with their dependents for the year 2026, commencing from 00 hour 01 Jan 2025 to midnight of 31st Dec 2026. The Tender documents must reach to the office of the undersigned in sealed envelope on or before 16.12.25 latest by 05.00 P.M. Delay in receipt of Tender documents/bids after the due date and time will not be entertained at all and the undersigned will be, in no way responsible for the same. The Quotations so received shall be opened at 11.00 A.M on 17.12.2025 in presence of bidders or their authorized representatives if any.

**I. Opening of Technical bid - 17.12. 2025 at 11:00 AM in the Conference Hall of the Bank.**
**II. Opening of Price bid - 17.12.2025 4:00 PM in the Conference Hall of the Bank.**

The detailed terms and conditions of the tender may be downloaded from our website **www.kendujharccb.com**. The Authority of the Bank reserves the right to accept or reject the quotation without assigning any reason thereof.

Sd./- Chief Executive Officer
Keonjhar Central Cooperative Bank Ltd.

**EXECUTIVE ENGINEER, MINOR IRRIGATION DIVISION, BOKARO.**

e-Procurement Portal
(Two Envelope system)
E-Tender Reference No. WRD/MID/BOKARO/B.D/ M.M.S.L.I-02-/2025-26 Date : 29.11.2025

1.Date of Publication of Tender on website :- 15.12.2025 at 2.00 PM
2.Last date/Time for receipt of bids online bids :- e-Procurement Portal (Jharkhandtenders. gov.in)
Fee, Security and other documents :- 27.12.2025 up to 2.00 PM
3.Date of Opening of Tender on website :- 29.12.2025 at 3:00 PM
4.Name & address of office Inviting tender :- Executive Engineer, Minor Irrigation Division, Bokaro, Camp – II, Qr. No- D/1, B. S. City, Bokaro, Jharkhand, Pin no- 827001
5. (a) Contact no of e-Procurement officer :- 9773661712
(b) E-mail of e-Procurement officer :- eemidbok-cemr-jhr@nic.in
6. Helpline number of e-Procurement cell :- 9431510092

| Gr. No. | Name of the work | Estimated Cost (Rs.) | EMD | Cost of BOQ | Time of Completion |
|---|---|---|---|---|---|
| 1 | Construction of Mukhya mantri Solar L.I Scheme in vill- Ghagri, under Block-Chandankiyari, Bokaro. | 1,28,32,300.00 | 1,28,400.00 | 10,000.00 | 11 months |
| 2 | Construction of Mukhya mantri Solar L.I Scheme in vill- Madhukarpur, under Block-Kasmar, Bokaro. | 1,32,88,900.00 | 1,32,900.00 | 10,000.00 | 11 months |

Note :- (1) Only e-Tenders will be accepted.
(2) Published Estimated Cost may Increase or Decrease.
(3) Work will be awarded to those bidders (specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/International Standards)/ any other agencies having experience of installation and commissioning of such solar powered irrigation schemes). Empanelled Indigenous Manufacturers of 10 HP pumps (AC Surface Motor Pumps) in the department with all accessories for off-grid standalone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division, Bokaro
PR.NO.367452 Minor Irrigation(25-26):D

## ସଂକ୍ଷେପରେ

### ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଗବେଷକଙ୍କ ସଫଳତା

ଭବାନୀପାଟଣା,୧।୧୨(ଉତ୍ତମ କୁମାର ଦାଶ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଠାରେ ତିନିଦିନ ଧରି ଓଡିଶା ରିସର୍ଚ୍ଚ କନକ୍ଲେଭ -୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ଓ ଗବେଷକ, ଗବେଷିକା ଯୋଗଦାନ କରିଥିଲେ। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଯୋଗଦେଇ ଗବେଷଣା ସମ୍ପର୍କିତ ତତ୍ତ୍ୱର ବିଶ୍ଳେଷଣ କରିଥିଲେ। ଗବେଷକ ଓ ଗବେଷିକା କନକ୍ଲେଭରେ ଅଂଶଗ୍ରହଣ ସହିତ ପୋଷ୍ଟର ପ୍ରଦର୍ଶନ କରି ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ପ୍ରାୟ ୮୦୦ ଗବେଷକ, ଗବେଷିକା ପୋଷ୍ଟର ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ନୃତତ୍ତ୍ୱ ବିଜ୍ଞାନ ବିଭାଗର ଗବେଷିକା ଭାଗ୍ୟଶ୍ରୀ ପାତ୍ର ପ୍ରଥମ, ଓଡ଼ିଆ ବିଭାଗର ଗବେଷକ ସୁନୀଲ ସେଠୀ ଦ୍ୱିତୀୟ ଓ ଜୟନ୍ତୀ ଭୋଇ ତୃତୀୟ ସ୍ଥାନ ଅଧିକାର କରି ବିଶ୍ୱବିଦ୍ୟାଳୟର ସଫଳତା ଦିଗରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ଏହି ଖବର ପ୍ରକାଶ ପାଇବା ପରେ ବିଶ୍ୱବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ

ଥୁଆମୂଳ ରାମପୁର, ୧।୧୨ (ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ମା' ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା. ପ୍ରଦୋଷ କୁମାର ପଣ୍ଡା ମୁଖ୍ୟ ଅତିଥି ଓ ଡାକ୍ତର କିଷାନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଡ୍‌ସର ଭୟାବହତା ଓ ତା'ର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ସାମାଜିକ କର୍ମୀଙ୍କ ପରଲୋକରେ ଶୋକ

ଭବାନୀପାଟଣା,୧।୧୨(ଉତ୍ତମ କୁମାର ଦାଶ): ବିଶିଷ୍ଟ ସାମାଜିକ କର୍ମୀ ତଥା ଉଦ୍ୟୋଗପତି ଦଶାରୀ ଭିରା ଭେଙ୍କଟ ସତ୍ୟନାରାୟଣ (୫୯)ଙ୍କ ଚିକିତ୍ସାଧୀନ ଅବସ୍ଥାରେ



ବରଗଡ଼ ବିକାଶ ମେଡ଼ିକାଲରେ ଶନିବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ସେ ବରଗଡ଼ ନିକଟ ଖଣ୍ଡହଥା ଗ୍ରାମର ବାସିନ୍ଦା ହୋଇଥିବାବେଳେ ଭବାନୀପାଟଣା ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ଶ୍ୟାମ ଓ ଡି. ରାମ କୁମାରଙ୍କ ପିତା ଅଟନ୍ତି। ଏହାସହ ଲକ୍ଷ୍ମୀ ବିକାଶ ଗ୍ରୁପର ପରିଚାଳନା ମଣ୍ଡଳୀ ସଦସ୍ୟ ଥିଲେ। ତାଙ୍କ ବିୟୋଗରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ପକ୍ଷରୁ ଶୋକ ପ୍ରକାଶ ପାଇଛି। ଏହି ଅବସରରେ ଭବାନୀପାଟଣାସ୍ଥିତ ଅନୁଷ୍ଠାନ ପରିସରରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା।

### ବରିଷ୍ଠ କଳାକାର ଶଙ୍କର ପ୍ରସାଦ ସାହୁଙ୍କ ପରଲୋକ

ଦେଓଗାଁ, ୧।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁର ବରିଷ୍ଠ କଳାକାର ଶଙ୍କର ପ୍ରସାଦ ସାହୁ (୭୯)ଙ୍କ ସୋମବାର ପ୍ରାତଃରେ ପରଲୋକ ହୋଇଯାଇଛି। ସେ



ଏକାଧାରରେ ଜଣେ ମଞ୍ଚ କଳାକାର, ଲେଖକ, ନାଟ୍ୟକାର ଥିଲେ। ସେ ଜଣେ ଭଗବତପ୍ରେମୀ ରହିଥିଲେ। ମୁରସିଂ ନିକଟସ୍ଥ ଅଭିନବ ଶ୍ରୀକ୍ଷେତ୍ର ରେଙ୍ଗାଲପଡାର ଜଗନ୍ନାଥ ମନ୍ଦିରରେ ଜଣେ ଆଗଧାଡ଼ିର ସେବାୟତ ରହିଥିଲେ। ସାମାଜିକ କାର୍ଯ୍ୟରେ ତାଙ୍କ ଅବଦାନ ସ୍ୱତନ୍ତ୍ରଭାବେ ରହିଆସୁଥିବା ବେଳେ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କ ବିୟୋଗରେ ବ୍ଲକ କଳା ସଂସ୍କୃତି ସଂଘ ଉପ-ସଭାପତି ସୁଦାମ ବିଶି ତଥା ଅନ୍ୟମାନେ ଶୋକବ୍ୟକ୍ତ କରିଥିବାବେଳେ ବିଭିନ୍ନ ଅନୁଷ୍ଠାନ ତରଫରୁ ଶୋକପ୍ରକାଶ ପାଇଛି। ତାଙ୍କ ୨ପୁତ୍ର ଓ ୫ ଝିଅ ରହିଥିବା ବେଳେ ସ୍ଥାନୀୟ ସୋନଗଡ ନଦୀରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କ ବଡ଼ପୁତ୍ର ସୌମ୍ୟରଞ୍ଜନ ସାହୁ ମୁଖାଗ୍ନୀ ଦେଇଥିଲେ।

# ଭାରତୀୟ ସମ୍ବିଧାନ ଦିବସ ପାଳିତ

ପଲସାଗୋରା,୧।୧୨
(ଅଶ୍ୱିନୀ କୁମାର ନନ୍ଦ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ବୌଦ୍ଧ ଜିଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ କଣ୍ଟାମାଳ ବ୍ଲକ ପଲଶାଗୋରା କଲ୍ୟାଣ ମଣ୍ଡପରେ ସୋମବାର ଦପଲା ସଙ୍ଗଠନର ବରିଷ୍ଠ ଉପ ସଭାପତି ମକରଧ୍ୱଜ ମହାନନ୍ଦିଆଙ୍କ ଅଧ୍ୟକ୍ଷତାରେ ୭୬ତମ ଭାରତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ସୁଧାଂଶୁ ତାଙ୍ଗ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ସାମ୍ବିଧାନିକ ଅଧିକାର ଉପରେ ଆଲୋକପାତ କରିଥିଲେ। କନ୍ଧମାଳ ଜିଲା ନ୍ୟାୟାଳୟର ସେକ୍ସନ ଅଧିକାରୀ ସୂଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନକଲି ଦେୱାର ତଥା କେଉଟ, ଧୀବର, କୈବର୍ତ୍ତମାନଙ୍କୁ ଅନୁସୂଚିତ ଜାତି ତାଲିକାରୁ ହଟାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆମ୍ବେଦକରର ସ୍ମୃତି କମିଟିର ସାଧାରଣ ସମ୍ପାଦକ ଡ଼ ସୋମନାଥ ବାଘ ମୁଖ୍ୟବକ୍ତା ଭାବେ ଯୋଗଦେଇ ନକଲି ଦେୱାରମାନଙ୍କ ଅନୁସୂଚିତ ଜାତି ତାଲିକାରେ ସାମିଲ ହୋଇ ହଡ଼ପ କରୁଥିବା ସାମ୍ବିଧାନିକ ଅଧିକାର ଉପରେ ଚର୍ଚ୍ଚା କରିଥିଲେ। ଅବସରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶମ୍ଭୁ ପ୍ରସାଦ ମହାନନ୍ଦିଆ ଏବଂ ଅବସରପ୍ରାପ୍ତ ବରିଷ୍ଠ ରାଜସ୍ୱ ଅଧିକାରୀ ଦୀନବନ୍ଧୁ ସୁନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଙ୍ଗଠନର ସହକାରୀ କୋଷାଧ୍ୟକ୍ଷ ଶ୍ରୀନିବାସ ହାତୀ, ଯୁଗ୍ମ ସମ୍ପାଦକ ମାର୍କଣ୍ଡ କଲତା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଧରଣୀଧର ବିଭାର, ବିଶ୍ୱନାଥ ସୁନା, ଜ୍ୟୋତିରଞ୍ଜନ ମହାନନ୍ଦ ପ୍ରମୁଖ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ବାବା ସାହେବଙ୍କ ସାମ୍ବିଧାନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଲଶାଗୋରା ପଞ୍ଚାୟତ କମିଟି ସଭାପତି ନରେନ୍ଦ୍ର ଦୀପ, ସମ୍ପାଦକ ପିତାମ୍ବର ବିଭାର, ବରଗାଁ ପଞ୍ଚାୟତ କମିଟି ସଭାପତି ପରମେଶ୍ୱର ଛତ୍ରିଆ, ସମ୍ପାଦକ ସୁବାଷ ମହାନନ୍ଦ, ରୁଣ୍ଡିମହୁଲ ପଞ୍ଚାୟତ ସଂଯୋଜକ ରାଜେନ୍ଦ୍ର ବାଘ, ସମ୍ପାଦକ ପୁରୁଷୋତ୍ତମ ନାଗ, କଣ୍ଟାମାଳ ବ୍ଲକ ସଂଯୋଜକ ରୁଦ୍ର ପ୍ରସାଦ କୁମ୍ଭାର, ସମାଜସେବୀ ଦିଲୀପ ମହାନନ୍ଦିଆ, ଧ୍ରୁବ ଚରଣ ମହାନନ୍ଦ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଞ୍ଜିତ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା ଏବଂ ବିଶ୍ୱଜିତ ହରିପାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣପୁରରେ କପା ମଣ୍ଡିର ଶୁଭାରମ୍ଭ

**ପ୍ରଥମ ଦିନରେ ୨୩ ଚାଷୀ ବିକିଲେ ୬୦୩ କୁଇଣ୍ଟାଲ କପା**

ସୋନପୁର,୧।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର କପା ଚାଷୀଙ୍କ ପାଇଁ ସୋମବାର କପା ମଣ୍ଡିର ଶୁଭାରମ୍ଭ ହୋଇଛି। ଭାରତ ସରକାରଙ୍କ ଭାରତୀୟ କପା ନିଗମ ଲିମିଟେଡ୍ ରାୟଗଡା ଶାଖା ପକ୍ଷରୁ ଚାଷୀଙ୍କ ପାଇଁ ଏହି ମଣ୍ଡି ଖୋଲାଯାଇଛି। ୨୦୨୫-୨୬ ବର୍ଷ ପାଇଁ ସୋନପୁର ବ୍ଲକର କଳାପଥରସ୍ଥିତ ଚନ୍ଦ୍ରିକା ଏଣ୍ଟରପ୍ରାଇଜେସ୍ ପକ୍ଷରୁ ବୀରମହାରାଜପୁର ଆରଏମ୍‌ସି ସହଯୋଗରେ ଧାନ କିଣାଯିବାର କାର୍ଯ୍ୟକ୍ରମ ରହିଛି। ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମଣ୍ଡିର ଶୁଭାରମ୍ଭ କରିଛନ୍ତି। କପା ପାଇଁ କେନ୍ଦ୍ର ସରକାରଙ୍କ ଧାର୍ଯ୍ୟ ଦର ଅଧିକ ଲମ୍ବ କପା ତନ୍ତୁ କୁଇଣ୍ଟାଲ ପ୍ରତି ୮ହଜାର ୧୧୦ଟଙ୍କା ଦରରେ ଚାଷୀଙ୍କଠାରୁ କିଣାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର, ମୁଖ୍ୟ ଜିଲା କୃଷି ଅଧିକାରୀ ରୁଦ୍ରଦେବ ରାଉତ, ବୀରମହାରାଜପୁର ଆରଏମ୍‌ସି ସମ୍ପାଦକ ମନୋଜ କୁମାର ଜେନା, କପା ମଣ୍ଡିର ଇନ୍‌ଚାର୍ଜ ରତ ମାସ୍କେ, ଚନ୍ଦ୍ରିକା ଏଣ୍ଟରପ୍ରାଇଜେସ୍‌ର ପାର୍ଟନର ମନୋଜ କୁମାର ଅଗ୍ରୱାଲ, ବଣ୍ଟୁ ଅଗ୍ରୱାଲ ଓ କପା ଚାଷୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଜିଲାର ୨୩ଜଣ ଚାଷୀଙ୍କ ନିକଟରୁ ଭାରତୀୟ କପା ନିଗମ ମୋଟ ୬୦୩ କୁଇଣ୍ଟାଲ ୩୦କିଲୋ କପା କିଣିଥିବା ଜଣାପଡିଛି। ଚଳିତ ବର୍ଷ ଜିଲାର ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକରେ ଅଧିକ କପା ଚାଷ ହୋଇଥିବା ଜଣାପଡିଛି।

# ଜିଲାପାଳଙ୍କ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ

ଘଣ୍ଟାପଡ଼ା,୧।୧୨(ପ୍ରଭାତ କୁମାର ସାହୁ)

ରବିବାର ଛୁଟିଦିନରେ ମଧ୍ୟ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁରୁକୁପାର ଚିତାପାହାଡ଼ରେ ଥିବା ଚିତେଶ୍ୱର ବାବାଙ୍କ ମନ୍ଦିର ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିଛନ୍ତି ଜିଲାପାଳ ବିଭୂତି ଭୂଷଣ ନାୟକ। ସେ ଉକ୍ତ ସ୍ଥାନରେ ପହଞ୍ଚି ସେଠାରେ ଥିବା ପର୍ଯ୍ୟଟନ ଭିତ୍ତିଭୂମିର ତଦାରଖ କରିବା ସହ ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ ସକାଶେ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଏପରିକି ପାହାଡ଼ ଉପରକୁ ଚଢି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଜିଲାପାଳଙ୍କ ପରିଦର୍ଶନ ସମୟରେ ଜିଲା ପର୍ଯ୍ୟଟନ ଅଧିକାରୀ ପ୍ରଭାକର କହଁର ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ଜିଲାପାଳ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରୁଛନ୍ତି।

# ୫୬୦ ପ୍ୟାକେଟ୍ ନକଲି ବିଡ଼ି ଜବତ, ଜଣେ ଗିରଫ

ଝାରବନ୍ଧ,୧।୧୨(ଦେବେନ୍ଦ୍ର ସାହୁ)

ଝାରବନ୍ଧ ଥାନା ଅନ୍ତର୍ଗତ ଅମଠି ଗ୍ରାମରୁ ୫୬୦ପ୍ୟାକେଟ ନକଲି ବିଡ଼ି ଜବତ ହୋଇଛି। ଏହି ଘଟଣାରେ ସୋମବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଅମଠି ଗ୍ରାମର ରାଜେଶ ଅଗ୍ରୱାଲ।ସମ୍ବଲପୁର କ୍ଷେତରାଜପୁର ନିବାସୀ ବିବେକ ପଟେଲ ଝାରବନ୍ଧ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ରାଜେଶଙ୍କ ଘରେ ଚଢ଼ାଉ କରିଥିଲା। ତାଙ୍କ ଘରୁ ୧୪୦ଟି ପ୍ଲାଷ୍ଟିକ ବ୍ୟାଗରୁ ୫୬୦ଟି ନକଲି ବିଡ଼ି ପ୍ୟାକେଟ ସହିତ ଗୋଟିଏ ଇକୋ ଭେନକୁ ଜବତ କରାଯାଇଛି। ଏ ନେଇ ଝାରବନ୍ଧ ଥାନାରେ ଏକ ମାମଲା (ନଂ. ୧୬୬/୨୫) ରୁଜୁ କରାଯାଇଥିବା ଝାରବନ୍ଧ ଥାନା ଅଧିକାରୀ କେ ସମାରିଆ ସୂଚନା ଦେଇଛନ୍ତି ।

# ପଲ୍ଲୀ ନିକେତନକୁ ସ୍ମୃତି ସେବା ସମ୍ମାନ

ବଲାଙ୍ଗୀର, ୧।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ମଞ୍ଚ, ଚଳଚ୍ଚିତ୍ର ଅଭିନେତା, ସଂସ୍କୃତି ଗବେଷକ ତଥା ଜିଲା ସାମ୍ବାଦିକ ସଂଘର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ସତ୍ୟନାରାୟଣ ବେହେରାଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଥିଲା। ଏହି ଅବସରରେ ବଲାଙ୍ଗୀରରେ ଅସହାୟ ମହିଳା ଓ ଶିଶୁମାନଙ୍କୁ ଆଶ୍ରୟ ଓ ସଚେତନତା ଦିଗରେ କାର୍ଯ୍ୟ କରୁଥିବା ଅନୁଷ୍ଠାନ 'ପଲ୍ଲୀ ନିକେତନ' ପକ୍ଷରୁ ପରିଚାଳିତ 'ସ୍ୱଧାର ଗୃହ ବା ଶକ୍ତି ସଦନ'କୁ ସତ୍ୟନାରାୟଣ ବେହେରା ସ୍ମୃତି ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସନ୍ଦୀପ କୁମାର କୁଅଁରଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀ ସଭାରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିଙ୍କା ସାହୁ, ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଶିକ୍ଷାବିତ୍ ସନାତନ ଠାକୁର, ସହକାରୀ ଜିଲାପାଳ ପ୍ରଶାନ୍ତ କୁମାର ମହାପାତ୍ର ଓ ସ୍ୱଧାର ଗୃହ ପ୍ରକଳ୍ପ ସୁରକ୍ଷା ଅଧିକାରୀ ସୁଜାତା ଦୋରା ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଉଚ୍ଛାଟାନନ୍ଦ ମହାକୁର ଓ ତାଙ୍କ ସହକର୍ମୀମାନେ ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ୱର୍ଗତ ବେହେରାଙ୍କ ସାଂସ୍କୃତିକ ଓ ସାମାଜିକ ଉତ୍କର୍ଷତା ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭା ଶେଷରେ ଶରତ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ସତ୍ୟନାରାୟଣ ବେହେରା ସ୍ମୃତି ନ୍ୟାସର ନ୍ୟାସୀ ସୁଧାକର ବେହେରା, ସୁନୀଲ ବେହେରା, ଗୁପ୍ତେଶ୍ୱର ପୃଷ୍ଟି, ଦେବଦତ୍ତ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

**ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି**

ଭଟଲି,୧।୧୨(ବିଜୟ ମେହେର)

ଭଟଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସମେତ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ଚନ୍ଦ୍ର ମହନ୍ତ, ଭଟଲି ବିଡ଼ିଓ ପ୍ରମୋଦ ଚନ୍ଦ୍ର ମେହେର, ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ ଏବଂ ତହସିଲଦାର ରାମକୃଷ୍ଣ ମିଶ୍ର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୪୬ ଗୋଟି ଅଭିଯୋଗ ମଧ୍ୟରୁ ୩୩ ବ୍ୟକ୍ତିଗତ, ୧୩ ସାମୁହିକ ଅଭିଯୋଗ ରହିଥିଲା। ସେଥିରୁ ୬ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଓ ୨ ଗୋଟି ଅଭିଯୋଗର ତତ୍‌କ୍ଷଣାତ୍ ଶୁଣାଣି କରି ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଜେଆର୍‌ସି ପରାମର୍ଶଦାତା ଅଭିମୁଖୀ କାର୍ଯ୍ୟକ୍ରମ

ପାଇକମାଲ,୧।୧୨(ବଡ଼ ଶତପଥୀ)

ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜେଆର୍‌ସି ପରାମର୍ଶ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଦାଦଶ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଇକମାଲ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ଓଦୁ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ପାଇକମାଲ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଦନ ସୁନା, ଜୁନିୟର ରେଡକ୍ରସ ହେମନ୍ତ କୁମାର ସାମଲ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

**VINDHYA VASINI HIGHER SECONDARY SCHOOL, PAIKMAL**
At/PO - Paikmal, Dist. - Bargarh, PIN - 768039 (Odisha)

**WALK-IN-INTERVIEW**

Interested candidates having requisite qualifications may attend interview on dt. 09.12.2025 at 10.00 AM in the premises of **Vindhya Vasini Higher Secondary School, Paikmal, Dist.-Bargarh** with all original testimonial along with Photocopies for the Post of PGT in History (On contractual basis).

Sd./- Principal I/c-cum-Secretary
E-mail - vvjrcpaikmal@gmail.com

# ଆନ୍ତଃ ମହାବିଦ୍ୟାଳୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ

ଭବାନୀପାଟଣା,୧।୧୨(ଉତ୍ତମ କୁମାର ଦାଶ)



ଉଦ୍‌ଯାପନୀ ସମାରୋହରେ ଅତିଥିଗଣ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। କୁଳ ସଚିବ ଡ. ଗୁଣନିଧି ନାଏକ, ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ପର୍ବରେ ବିବିଏ ଓ ବିସିଏ ବିଭାଗର ଅଧାପକ ଶୁଭାଶିଷ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଅଧାପିକା ଶ୍ରାବଣୀ ପ୍ରିୟଦର୍ଶିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟୁର୍ନାମେଣ୍ଟ ୭ ଜଣ ରାଜ୍ୟସ୍ତରୀୟ ରେଫରିଙ୍କ ଶୃଙ୍ଖଳାରେ ପରିଚାଳିତ ହୋଇଥିଲା। ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ୨୧ ଟିମ୍ ଯୋଗଦାନ କରିଥିଲେ। ସେଥିମଧ୍ୟରୁ କବାଡି (ପୁରୁଷ)ରେ ନୂଆପଡ଼ା ନ୍ୟାଶନାଲ ଡିଗ୍ରୀ କଲେଜ ଟିମ୍ ବିଜୟୀ ହୋଇଥିବାବେଳେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଟିମ୍ ପରାଜିତ ହୋଇଥିଲା। ସେହିପରି କବାଡ଼ି (ମହିଳା)ରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଟିମ୍ ବିଜୟୀ ହୋଇଥିବାବେଳେ ବଡଚେରଗାଁ ଡିଗ୍ରୀ କଲେଜ ଟିମ୍ ପରାଜିତ ହୋଇଥିଲା।

# ବଙ୍ଗୋମୁଣ୍ଡାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ମୁରିବାହାଲ,୧।୧୨(ଶ୍ରୀବର୍ଷ ବେହେରା): ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଜିଲା ପ୍ରଶାସନର ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜୀ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ୮୦ଟିଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା। ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ବଙ୍ଗୋମୁଣ୍ଡା ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ତହସିଲଦାର ଜ୍ୟୋତ୍ସ୍ନା ମାଝୀ, ଜିପିଡ଼ିଓ ପୁରୁଷୋତ୍ତମ ମାଝୀଙ୍କ ସହ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଲୋକେ ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗକୁ ଦୃଷ୍ଟି ଆକର୍ଷଣ କରିଥିଲେ।

# ଶିବିରରେ ୧୨୩ ଅଭିଯୋଗ ପଞ୍ଜୀକୃତ

ଭବାନୀପାଟଣା,୧।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ସୋମବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଓ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବାରକୋଣ୍ଡା ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୨୩ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିରୁ ୯୨ ବ୍ୟକ୍ତିଗତ ଓ ୧୮ ସାମୂହିକ ରହିଥିବା ବେଳେ ୧୭ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୨ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଯୋଗ ଦେଇଥିଲେ।

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ଭା.କ.ନି. CCI
ମୋବାଇଲ ଆପ
କପାସ କିସାନ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୦୧.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

**କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**
ସା:ପୋ:- କେନ୍ଦୁଝରଗଡ଼, କେନ୍ଦୁଝର-୭୫୮୦୦୧ (ଓଡ଼ିଶା)
**KEONJHAR CENTRAL CO-OPERATIVE BANK LTD.**
AT/PO. : KEONJHARGARH, KEONJHAR-758001 (ODISHA)
Telephone : (06766) 255183, 251745, Fax : 253137
Email : kendujharccb@gmail.com

No.KCCB/5760/HRD/2025-26 Date : 01.12.2025

**Expression of Interest**

Expressions of Interest are invited from IRDA Accredited Insurance Companies for Fresh Group Mediclaim Insurance Policy for Bank Employees and Directors along with their dependents for the year 2026, commencing from 00 hour 01 Jan 2025 to midnight of 31st Dec 2026. The Tender documents must reach to the office of the undersigned in sealed envelope on or before 16.12.25 latest by 05.00 P.M. Delay in receipt of Tender documents/bids after the due date and time will not be entertained at all and the undersigned will be, in no way responsible for the same. The Quotations so received shall be opened at 11.00 A.M on 17.12.2025 in presence of bidders or their authorized representatives if any.

I. **Opening of Technical bid - 17.12. 2025 at 11:00 AM in the Conference Hall of the Bank.**
II. **Opening of Price bid - 17.12.2025 4:00 PM in the Conference Hall of the Bank.**

The detailed terms and conditions of the tender may be downloaded from our website www.kendujharccb.com. The Authority of the Bank reserves the right to accept or reject the quotation without assigning any reason thereof.

Sd./- Chief Executive Officer
Keonjhar Central Cooperative Bank Ltd.

**EXECUTIVE ENGINEER,**
**MINOR IRRIGATION DIVISION, BOKARO.**

e-Procurement Portal
(Two Envelope system)
**E-Tender Reference No. WRD/MID/BOKARO/B.D/ M.M.S.L.I-02-/2025-26 Date : 29.11.2025**

1. Date of Publication of Tender on website :- 15.12.2025 at 2.00 PM
2. Last date/Time for receipt of bids online bids :- e-Procurement Portal (Jharkhandtenders.gov.in)
Fee, Security and other documents :- 27.12.2025 up to 2.00 PM
3. Date of Opening of Tender on website :- 29.12.2025 at 3:00 PM
4. Name & address of office Inviting tender :- Executive Engineer, Minor Irrigation Division, Bokaro, Camp – II, Qr. No- D/1, B. S. City, Bokaro, Jharkhand, Pin no- 827001
5. (a) Contact no of e-Procurement officer :- 9773661712
(b) E-mail of e-Procurement officer :- eemidbok-cemr-jhr@nic.in
6. Helpline number of e-Procurement cell :- 9431510092

| Gr. No. | Name of the work | Estimated Cost (Rs.) | EMD | Cost of BOQ | Time of Completion |
|---|---|---|---|---|---|
| 1 | Construction of Mukhya mantri Solar L.I Scheme in vill- Ghagri, under Block-Chandankiyari, Bokaro. | 1,28,32,300.00 | 1,28,400.00 | 10,000.00 | 11 months |
| 2 | Construction of Mukhya mantri Solar L.I Scheme in vill- Madhukarpur, under Block-Kasmar, Bokaro. | 1,32,88,900.00 | 1,32,900.00 | 10,000.00 | 11 months |

Note :- (1) Only e-Tenders will be accepted.
(2) Published Estimated Cost may Increase or Decrease.
(3) Work will be awarded to those bidders (specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/International Standards)/ any other agencies having experience of installation and commissioning of such solar powered irrigation schemes). Empanelled Indigenous Manufacturers of 10 HP pumps (AC Surface Motor Pumps) in the department with all accessories for off-grid standalone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division, Bokaro
PR.NO.367452 Minor Irrigation(25-26):D

**ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର**

ଜମନକିରା,(ରବୀନ୍ଦ୍ର ପ୍ରସାଦ ଦାନୀ): ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅଭିଯୋଗଗୁଡ଼ିକ ଜିଲାପାଳ ସମାଧାନ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ର, ଉପଜିଲାପାଳ ସରଭନାନ ସି, ସିଡିଏମଓ ପ୍ରଦୀପ ହୋତା, ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ତହସିଲଦାର ପ୍ରଭିଣା ବିଲୁଙ୍ଗ ଉପସ୍ଥିତ ଥିଲେ।



# ପ୍ରତିଶ୍ରୁତି ପରେ ଚାଷୀ ଆନ୍ଦୋଳନ ପ୍ରତ୍ୟାହୃତ

ସମ୍ବଲପୁର,୧।୧୨(ପ୍ରମୋଦ ବହିଦାର)


ରାସ୍ତାରେ ଆନ୍ଦୋଳନରତ ଚାଷୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

- ଦୀର୍ଘ ସାଢ଼େ ୭ ଘଣ୍ଟା ପରେ ଏନ୍‌ଏଚ୍‌ରେ ଯାତାୟାତ ସ୍ୱାଭାବିକ
- ମଙ୍ଗଳବାରଠାରୁ ବିଧିବଦ୍ଧ ଭାବେ ଧାନ କ୍ରୟ ହେବ

ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାରେ ଅବ୍ୟବସ୍ଥା ପ୍ରତିବାଦରେ ଚାଷୀ ସଙ୍ଗଠନର ଆନ୍ଦୋଳନ ସୋମବାର ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଛି। ମଙ୍ଗଳବାରଠାରୁ ବିଧିବଦ୍ଧଭାବେ ଧାନ କ୍ରୟ କରିବାକୁ ଜିଲା ପ୍ରଶାସନର ପ୍ରତିଶ୍ରୁତି ପରେ ଚାଷୀମାନେ ଜାତୀୟ ରାଜପଥ(୫୩)ରେ ଅର୍ଥନୈତିକ ଅବରୋଧରୁ ଓହରଛନ୍ତି। ଫଳରେ ଦୀର୍ଘ ସାଢ଼େ ୭ ଘଣ୍ଟା ପରେ ସମ୍ପୃକ୍ତ ପଥରେ ଯାତାୟାତ ସ୍ୱାଭାବିକ ହୋଇଛଇ। ଋତ ୨୮ ତାରିଖରେ ଧାନ କ୍ରୟ ପାଇଁ ସମ୍ବଲପୁରରେ ମଣ୍ଡି ଖୋଲିଥିଲେ ମଧ ବିଭିନ୍ନ କାରଣରୁ ଧାନ ସଂଗ୍ରହ ସ୍ୱାଭାବିକ ହୋଇ ପାରି ନ ଥିଲା। ପ୍ରଥମ ଦିନ ମିଲସଙ୍କ ଆନ୍ଦୋଳନ ପାଇଁ ଧନା ଉଠି ପାରି ନ ଥିବା ବେଳେ ଶନିବାର ମଧ ଅନୁରୂପ ଅବସ୍ଥା ଜାରି ରହିଥିଲା। ମାତ୍ର ଜିଲାର କେବଳ ବରେଇପାଲି ଆର୍‌ଏମ୍‌ସି ମଣ୍ଡିରୁ ଧାନ ଉଠିଥିଲା ଓ କେତେକ ମିଲ୍‌କୁ ଯାଇଥିଲା। ହେଲେ ସେଠାରେ ସନ୍ଧ୍ୟା ଯାଏ ଅନଲୋଡ଼ ହୋଇ ନ ଥିବାରୁ ଚାଷୀମାନେ ରେମେଡ୍ ନିକଟରେ ରାସ୍ତା ଅବରୋଧ କରିଥିଲେ। ଜିଲାପାଳଙ୍କ ତାଗିଦ୍ ପରେ ସମ୍ପୃକ୍ତ ମିଲ୍‌ରେ ଧାନ ଅନଲୋଡ଼ ହୋଇଥିଲା ଓ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ମାତ୍ର ଧାନ ସଂଗ୍ରହ ପାଇଁ ମିଲର୍ସ ଚୁକ୍ତିପତ୍ର ସ୍ୱାକ୍ଷର କରି ନ ଥିବା ସହ ଚାଷୀମାନଙ୍କୁ ପି-ପାସ ମିଳି ନ ଥିବାରୁ ନିୟମ ଅନୁସାରେ ଧାନ କ୍ରୟ କରାଯାଇ ନ ଥିଲା। ତେବେ ଜିଲାପାଳଙ୍କ ପ୍ରତିଶ୍ରୁତି କ୍ରମେ ଚାଷୀ ଅନ୍ଦୋଳନ ନ କରି ସୋମବାର ଯାଏ ଅପେକ୍ଷା କରିଥିଲେ। ମାତ୍ର ମିଲର୍ସଙ୍କ ଚୁକ୍ତିପତ୍ର ସ୍ୱାକ୍ଷର ହୋଇ ନ ଥିବାରୁ ସୋମବାର ଧାନ ସଂଗ୍ରହରେ ପୁଣି ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ସମ୍ବଲପୁର ଜିଲାର ମିଲର୍ସ ଧାନ ସଂଗ୍ରହ ପାଇଁ ରାଜି ଥିବାବେଳେ ଚୁକ୍ତିପତ୍ର ସ୍ୱାକ୍ଷର ହୋଇ ନ ଥିବାରୁ ଟୋକନ ପାଇଥିବା ପଞ୍ଜିକୃତ ଚାଷୀଙ୍କ ନାମରେ ପି-ପାସ ଜାରି ହୋଇ ପାରି ନ ଥିଲା। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ଚାଷୀ ସମ୍ବଲପୁର ସଦର ଥାନା ଅନ୍ତର୍ଗତ ସିନ୍ଦୁରପଙ୍କ ବାଇପାସରେ ଜାତୀୟ ରାଜପଥ(୫୩)ରେ ଅର୍ଥନୈତିକ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ଲମ୍ବା ଲାଇନ୍‌ରେ ଶହଶହ ସଂଖ୍ୟାରେ ଯାନବାହାନ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକି ରହଥିଲା। ଏହି ସମୟରେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଦୁହାଁକୁ ଦୁହା ବୈଠକ କରି ଚାଷୀଙ୍କୁ ବୁଝାଶୁଝା କରି ଆନ୍ଦୋଳନ ପ୍ରଶମିତ ପାଇଁ ପ୍ରୟାସ କରିଥିଲେ। ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର, ଶ୍ରୀମନ୍ତ ବାରିକ, ଏସ୍‌ଡିପିଓ ତୋଫାନ ବାଗଙ୍କ ସହିତ ବିଭିନ୍ନ ଥାନାର ଆଇଆସି ସେଠାରେ ପହଞ୍ଚି ଥିଲେ। ଅତିରିକ୍ତ ଯୋଗାଣ ଅଧିକାରୀ, ସମବାୟ ସମିତି ସମୂହ ଅତିରକ୍ତ ଉପନିବନ୍ଧକ ଓ ଅନ୍ୟ କର୍ମଚାରୀମାନେ ସେଠାରେ ପହଞ୍ଚି ଥିଲେ। ହେଲେ ଚାଷୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ବିଧିବଦ୍ଧ ଭାବେ ଧାନ କ୍ରୟ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ପରେ ଉପ ଜିଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ସେଠାରେ ପହଞ୍ଚି ଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ସେ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ସେ ହ୍ୱାଟ୍‌ସଆପ୍‌ରେ ମିଲର୍ସଙ୍କ ସ୍ୱାକ୍ଷତିତ ଚୁକ୍ତିପତ୍ର ପ୍ରଦର୍ଶନ କରିବା ସହିତ ମଙ୍ଗଳବାର ସ୍ୱାଭାବିକ ଓ ଖାଦ୍ୟ ନୀତି ଅନୁସାରେ ଚାଷୀଙ୍କଠାରୁ ପି-ପାସ ମାଧ୍ୟମରେ ଆଇରିସ ସ୍କାନିଂ, ଟିସି ରସିଦ ଆଦିରେ ଧାନ କ୍ରୟ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଚାଷୀମାନେ ସନ୍ଧ୍ୟାସାଢ଼େ ୭ଟାରେ ଆନ୍ଦେଳନରୁ ଓହରିଥିଲେ। ଫଳରେ ଜାତୀୟ ରାଜପଥରେ ଯାନ ବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଅପରପକ୍ଷରେ ଧାନ କ୍ରୟରେ ଅବ୍ୟବସ୍ଥା ହେଲେ ପୁଣି ଆନ୍ଦୋଳନ ହେବ ବୋଲି ଜିଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟମୋକେଶ ଠାକୁର କହିଛନ୍ତି।

# ଏଡ୍‌ସ ଦିବସରେ ସଭା, ସଚେତନତା ଶୋଭାଯାତ୍ରା



ସଚେତନତା ଶୋଭାଯାତ୍ରାରେ ସାମିଲ କଲେଜ ଅଧକ୍ଷ ଓ ଅନ୍ୟମାନେ।

କୁଚିଣ୍ଡା,୧।୧୨(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ସୋମବାର ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଦୟାସାଗର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ରେଡକ୍ରସ ସଂଯୋଜକ ହରେଶ କୁମାର ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଏଡ୍‌ସର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶତାଧିକ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ଏଡସ ସଚେତନତା ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଏଥିରେ ଅଧାପକ ରୋଶନ ଶର୍ମା, ମଳୟ ବୁଡା, ଅଧାପିକା ଭାରତୀ ଭୋଇ, ମିନାକ୍ଷୀ ବେହେରା, ସମୀକ୍ଷା ନାଏକ, ମନୀଷା ବେହେରା, ଚନ୍ଦ୍ରିକା ନାଏକ କର୍ମଚାରୀ ବୁଦ୍ଧଦେବ କିଷାନ, ଅଶ୍ୱନୀ କିଷାନ ପ୍ରମୁଖ ସହଯୋଗ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ବିତର୍କ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ହୋଇଥିଲା।

ସେହିପରି କୁଚୁରାଚୁଆଁ ଯୁକ୍ତ ୨ କଲେଜରେ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। ଯୁବ ରେଡକ୍ରସ ଓ ରେଡ ରିବନ ଆନୁକୁଲ୍ୟରେ କଲେଜ ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ହୋଇଥିଲା। ପରେ କଲେଜର ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସମେତ କୁଲେଇଗଡ ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରା କରିଥିଲେ। କୁଲେଇଗଡ ହାଇସ୍କୁଲ ପ୍ରାଙ୍ଗଣରେ ପ୍ରଧାନଶିକ୍ଷକ ସୁଶୀଲ କୁମାର ମାହାକୁଡଙ୍କ ଅଧକ୍ଷତାରେ ସଚେତନତା ସଭା ହୋଇଥିଲା। ଏଥିରେ କୁଚୁରାଚୁଆଁ କଲେଜ ଅଧକ୍ଷ ନିଳାଞ୍ଚଳ ତିୱାରୀ ମୁଖ୍ୟଅତିଥି, ଯୁବ ରେଡକ୍ରସ କାଉନସେଲର ଅଧାପକ ସତ୍ୟନାରାରଣ ପଟେଲ, ଅଧାପିକା ଭାବନା ପାଣ୍ଡେ ଯୋଗଦେଇଥିଲେ। ଅଧାପକ କୃଷ୍ଣଚନ୍ଦ୍ର ପୂଝାରୀ ସଭା ପରିଚାଳନା, ହାଇସ୍କୁଲ ହିନ୍ଦୀ ଶିକ୍ଷକ ପ୍ରଶାନ୍ତ ଭୁକ୍ତା ଧନ୍ୟବାଦ ଅର୍ପଣ କରିଥିଲେ। କୁଚିଣ୍ଡା କଲେଜରେ ଭାରପ୍ରାପ୍ତ ଅଧକ୍ଷ ସୁମନ୍ତ କୁମାର ପଟେଲଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ କୁଚିଣ୍ଡା ଉପଖଣ୍ଡ ଡ଼ାକ୍ତରଖାନା ଏସଡିଏମଓ ଡା.ସୁବୋଧ କୁମାର ନାୟକ, ଡା.ପ୍ରିୟଦର୍ଶିନୀ ପଣ୍ଡା ଯୋଗଦେଇ ଏଡସ ରୋଗର ନିରାକରଣ ଉପରେ ଆଲୋଚନା କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ଭିକାରୀ ଓରାମ ଓ ସୁଷମା କରଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଅଧାପକ ମହାଦେବ ମେହେର, କାହ୍ନୁଚରଣ ମୁନ୍ନା, ପ୍ରମୋଦ କୁମାର ପ୍ରଧାନ ଉପସ୍ଥିତ ଥିଲେ।

# ୯୫୬ ଖେଳାଳିଙ୍କ ମାର୍ଚ୍ଚଫାଷ୍ଟରେ କମ୍ପିଲା ଷ୍ଟାଡିୟମ


ଜିଲା କ୍ରୀଡା ସଂଘ ଆୟୋଜିତ ଜିଲା ସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

**ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା**

ସମ୍ବଲପୁର,୧।୧୨(ବି.ଶଙ୍କର)

ଜିଲା କ୍ରୀଡା ସଂଘ ଆୟୋଜନରେ ୬୧ତମ ଜିଲାସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗୀତା ୨୦୨୫-୨୬ ସମ୍ବଲପୁର ସ୍ଥିତ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ସୋମବାର ଉଦ୍‌ଘାଟିତ ହୋଇଛି। ଜିଲାପାଳ ତଥା ସଂଘ ସଭାପତି ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀତାର ଶୁଭାରମ୍ଭ କରିଥିଲେ। ଦୃଢ଼ ମନୋବଳ, ଆତ୍ମ ବିଶ୍ୱାସ ଓ ସାହସିକତା ସହ ଖେଳାଳିମାନେ ପ୍ରତିଯୋଗୀକୁ ଓଲ୍ଲାଇବା ଜରୁରୀ। ଯଦ୍ୱାରା ସେମାନେ ଲକ୍ଷ୍ୟ ହାସଲ କରି ପାରିବେ। ସଂପ୍ରତି ସମ୍ବଲପୁର ଜିଲାରେ କ୍ରୀଡାର ଭିତ୍ତିଭୂମି ବିକଶିତ ହେଉଛି। ରାଜ୍ୟ ସରକାର ଖେଳାଳିମାନଙ୍କ ସୁବିଧା ସକାଶେ ସମ୍ବଲପୁର ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ୧୪ ରୁ ୧୫ କୋଟି ବ୍ୟୟରେ ଭିତ୍ତିଭୂମି କାର୍ଯ୍ୟ ହେବ। ସେହିପରି ସମ୍ବଲପୁର ସ୍ଥିତ ମନ୍ଦଳିଆ ପଡିଆ, ବୁର୍ଲା ଓ ହୀରାକୁଦ ମିନି ଷ୍ଟାଡିୟମର ଉନ୍ନତିକରଣ କାର୍ଯ୍ୟ ଚାଲୁଛି। ତେଣୁ ଆଗାମୀ ଦିନରେ ଖେଳାଳିମାନେ ସୁବିଧାରେ ଅଭ୍ୟାସ କରିବାର ସୁଯୋଗ ପାଇବେ। ସମ୍ବଲପୁରରେ ଆଗାମୀ ଦିନରେ ଜାତୀୟ ସ୍ତରୀୟ ଫୁଟବଲ ଏବଂ କବାଡି ଚାମ୍ପିୟନଶିପ କରିବାକୁ ସ୍ଥିର ହୋଇଛି ବୋଲି ଜିଲାପାଳ ବୋନ୍ଦର କହିଥିଲେ। ସମ୍ବଲପୁର ଜିଲା ଓକିଲ ସଂଘର ପୂର୍ବତନ ସଭାବତି ତଥା ଭାଜପାର ବିରିଷ୍ଠ ନେତା ଡ. ପ୍ରମୋଦ କୁମାର ରଥ ଖେଳାଳିମାନଙ୍କୁ ଖେଳୁଆଡ଼ ମନୋଭାବ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ।

ଜିଲା କ୍ରୀଡା ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଆଥଲେଟିକ ସମ୍ପାଦକ ବିକାଶ ମିଶ୍ର ସୂଚନା ପ୍ରଦାନ କରିଥିବା ବେଳେ ଉପସଭାପତି ଦୁଲାର ଚନ୍ଦ୍ର ପ୍ରଧାନ ଷ୍ଟାଡିୟମର ବିକାଶ ବିଷୟରେ ଆଲୋକପାତ କରିଥିଲେ। ସେହିପରି ଜିଲା କ୍ରୀଡାଧିକାରୀ ତଥା ସଂଘର ଯୁଗ୍ମସମ୍ପାଦକ ଡ. ସତ୍ୟନରାରାଣ ତାଣ୍ଡି ପ୍ରତିଯୋଗୀତାର ବିଭିନ୍ନ ବିଗ ଉପରେ ଆଲୋପାତ କରିଥିଲେ। ଜିଲାକ୍ରୀଡାର ଅନ୍ୟତମ ଉପସଭାପତି ସାବିର ଅହମ୍ମଦ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ହକି ସମ୍ପାଦକ ବିନୋଦ ଟପ୍ପୋ, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ଖେଳ ସମ୍ପାଦକ ରଜେଶ ସେଠ, କାଉନସିଲ ସଭ୍ୟ ମହମ୍ମଦ ଇସାକ, ଶାନ୍ତନୁ ନନ୍ଦ, ସୁବୋଧ ସାହୁ, ମନୋଜ ଭୋଇ, ପଦ୍ମନାଭ ନାୟକ, ବିଭୂତି ଭୂଷଣ ମିଶ୍ର, ଲକ୍ଷ୍ମୀଚନ୍ଦ୍ର ମହାକୁର, ରତିକାନ୍ତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ୫ଶହ ବାଳିକା ଏବଂ ୪୫୬ ଜଣ ବାଳକ ଖେଳାଳିମାନେ ଭାଗ ନେଇଛନ୍ତି। ବ୍ୟାଣ୍ଡ ବାଜା ତାଳରେ ୯୫୬ଜଣ ଖେଳାଳିଙ୍କ ମାର୍ଚ୍ଚପାଷ୍ଟରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ କମ୍ପି ଉଠିଥିଲା। ଖେଳାଳିମାନଙ୍କୁ ଏସ କିଶାନ ସପଥ ପାଠ କରାଇଥିଲେ। ଖେଳାଳି ରାହୁର ପଧାନ, ଆଶୁତୋଷ ଦାସ, ବେଦପ୍ରକାଶ ସୋହେଲା, ଅଭିନାଶ ପ୍ରଧାନ, ସୌନକ ପାଢ଼ୀ, ଜିତ ମୁଖାର୍ଜୀ କ୍ରିଡା ଜ୍ୟୋତି ଧରି ଷ୍ଟାଡିୟମ ଭ୍ରମଣ କରି ମୁଖ୍ୟ ଅତିଥିଙ୍କୁ ହସ୍ତାନ୍ତର କରିଥିଲେ। ମୁଖ୍ୟ ଅତିଥି ବୋନ୍ଦର କ୍ରୀଡା ଜ୍ୟୋତି ପ୍ରଜ୍ୱାଳନ କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ବର୍ଗର ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୫ହଜାର, ୧୦ ହଜାର ମିଟର ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ପୁଟିଂ ଦ ସଟ, ଡିସକସ ଓ ଜ୍ୟାଭିଲିନ ଥ୍ରୋ ପ୍ରଭୃତି ପ୍ରତିଯୋଗୀତା ହୋଇଥିଲା। ରାଜା ଚାନ୍ଦ ଓ ହର୍ଷବର୍ଦ୍ଧନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ରମଣୀରଞ୍ଜନ ସାହୁ, ଶାନ୍ତା ରଣବିଡା, ଜଗବନ୍ଧୁ ବେହେରା, ସୁବାଷ ଚନ୍ଦ୍ର ରାଉତ, ଲକ୍ଷ୍ମଣ କୁମାର ନାଥ, ସୁନ୍ଦରମଣୀ ବାରିକ ପ୍ରମୁଖ ଇଭେଣ୍ଟ ପରିଚାଳନା କରିଥିଲେ।

## ଚଳନ୍ତା ଟ୍ରେନ୍‌ରୁ ଖସି ବୃଦ୍ଧ ମୃତ

ଝାରସୁଗୁଡ଼ା,୧।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ରେଳ ଷ୍ଟେଶନ ପ୍ଲାଟ୍‌ଫର୍ମ ନମ୍ବର ୧ରେ ସୋମବାର ଟ୍ରେନ୍‌ରୁ ଖସି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବରଗଡ଼ ମେଲଛାମୁଣ୍ଡା ଥାନା ସାରଙ୍ଗପୁରର ବି. ଶଙ୍କର(୬୫)। ଶଙ୍କର ଏକ ବିବାହ ଉତ୍ସବରେ ପୂଜା କରିବାକୁ ଶନିବାର ଝାରସୁଗୁଡ଼ା ଆସିଥିଲେ। କାମ ସାରି ସୋମବାର ସକାଳେ ଜ୍ଞାନେଶ୍ୱରୀ ଏକ୍ସପ୍ରେସ୍‌ରେ ରାୟପୁର ଯିବାପାଇଁ ଝାରସୁଗୁଡ଼ା ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସକାଳ ୭ଟା ୩୦ରେ ସେ ଟ୍ରେନ୍‌ରେ ଲଗେଜ୍ ରଖୁଥିବାବେଳେ ଟ୍ରେନ୍ ଚାଲିବା ଆରମ୍ଭ କରିଥିଲା। ଟ୍ରେନ୍‌ରେ ଚଢ଼ିବାବେଳେ ଗୋଡ଼ ଖସିଯିବାରୁ ଏକ୍ସପ୍ରେସ୍ ଓ ପ୍ଲାଟ୍‌ଫର୍ମ ମଧ୍ୟରେ ପଡ଼ିଯାଇଥିଲେ। ଫଳରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଗୋକର୍ଣ୍ଣେଶ୍ୱର ମନ୍ଦିର ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ମନୋନୀତ

ଦେବଗଡ଼,୧।୧୨
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସହରର ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସୋମବାର ମନ୍ଦିର ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନିଲ କୁମାର ପାଣିଙ୍କ ଆବାହକତ୍ୱ ଏବଂ ସୁବାସ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମନ୍ଦିରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ଆଲୋଚନା ହେବା ସହ ଧବଳେଶ୍ୱର ଓଷା ଅବସରରେ ହୋଇଥିବା ଆୟବ୍ୟୟର ହିସାବ ଉପସ୍ଥାପନ କରାଯାଇଥିଲା। ଏଥିସହ ମନ୍ଦିର ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଡା. ଧୀରେନ କୁମାର ଦାଶ, ସମ୍ପାଦକ ଅନିଲ କୁମାର ପାଣି, କୋଷାଧକ୍ଷ ସନ୍ତୋଷ କୁମାର ଦ୍ୱିବେଦୀ, ବରିଷ୍ଠ ଉପଦେଷ୍ଟା ଭାବେ ସୁରେଶ ଚନ୍ଦ୍ର ଦାଶ ଓ ଡିଲେଶ୍ୱର ନନ୍ଦ, ଆଇନ ଉପଦେଷ୍ଟା ଭାବେ ଅଭିଳାଷ ମିଶ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ସେହିପରି କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଭାବେ ରାଜକିଶୋର ଦ୍ୱିବେଦୀ, ସୁଦାମ ଚରଣ ଦ୍ୱିବେଦୀ, ମନୋଜ ଶତପଥୀ, ଭେବେଶ ପପଟ, ସନ୍ତୋଷ ଗୁପ୍ତା, ସନ୍ତୋଷ ପାଣିଗ୍ରାହୀ, ତାପସ ଦ୍ୱିବେଦୀ, ଲକ୍ଷ୍ମଣ ମିଶ୍ର, ଶିଶିର କୁମାର ଦାଶ ଓ ସ୍ୱାଗତ ନନ୍ଦଙ୍କୁ ମନୋନୀତ କରାଯାଇଥିଲା।

**VINDHYA VASINI HIGHER SECONDARY SCHOOL, PAIKMAL**
At/PO - Paikmal, Dist. - Bargarh, PIN - 768039 (Odisha)

**WALK-IN-INTERVIEW**

Interested candidates having requisite qualifications may attend interview on dt. 09.12.2025 at 10.00 AM in the premises of **Vindhya Vasini Higher Secondary School, Paikmal, Dist.-Bargarh** with all original testimonial along with Photocopies for the Post of PGT in History (On contractual basis).

Sd./- Principal I/c-cum-Secretary
E-mail - vvjrcpaikmal@gmail.com

## ଭାରତୀ ସମାଜ ପୂର୍ବତନ ସଂଚାଳକ ମନଜିତ ସେଠଙ୍କ ପରଲୋକ

ସମ୍ବଲପୁର,୧।୧୨(ଭବାନୀ ଶଙ୍କର ଭୋଇ)

ଭାରତୀ ସମାଜର ପୂର୍ବତନ ସଂଚାଳକ ମନଜିତ ସେଠଙ୍କ ସୋମବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୪୩ ବର୍ଷ ହୋଇଥିଲଶ। ସେ ସୁନ୍ଦରଗଡ ଦର୍ଲିପାଲିସ୍ଥିତ ବଡ ଭଉଣୀଙ୍କ ଘରକୁ ପରିବାର ସହ ଯାଇଥିବା ବେଳେ ସେଠାରେ ସୋମବାର ଭୋର ୪ଟାରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ସୁନ୍ଦରଗଡ ସରକାରୀ ଡାକ୍ତରଖାନା ନିଆଯାଇଥିଲା। ତେବେ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମର ଶରୀର ସମ୍ବଲପୁର କବରାପାଲି ବାସଭବନକୁ ଅଣାଯିବା ପରେ ଗାଁ ମଶାଣୀରେ ସନ୍ଧ୍ୟାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ସ୍ତ୍ରୀ ଏବଂ ଦୁଇ ଝିଅ ଓ ମା'ବାପା ରହିଛନ୍ତି। ସେ ସାମାଜିକ ସଙ୍ଗଠନ ଭାରତୀ ସମାଜର ପ୍ରତିଷ୍ଠାତା ସଦସ୍ୟ ସହ ୩ବର୍ଷ ପର୍ଯ୍ୟନ୍ତ ସଂଚାଳକ ଦାୟିତ୍ୱ ତୁଲାଇଥିଲେ ।

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୦୧.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ଅଟଳ ପଣ୍ଡା



ଅଟଳ ବିହାରୀ ପଣ୍ଡାଙ୍କ ଜନ୍ମତିଥିରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

**ଅଟଳ ବିହାରୀ ପଣ୍ଡାଙ୍କ ଜନ୍ମତିଥି ପାଳିତ**

ସମ୍ବଲପୁର,୧।୧୨
(ଭବାନୀ ଶଙ୍କର ଭୋଇ)

ପ୍ରଖ୍ୟାତ ସିନେ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ, ଗୀତିକାର ସ୍ୱର୍ଗତ ଅଟଳ ବିହାରୀ ପଣ୍ଡାଙ୍କ ଜନ୍ମତିଥି ସୋମବାର ସ୍ଥାନୀୟ ସାମ୍ବାଦିକ ଭବନରେ ପାଳିତ ହୋଇଯାଇଛି। ବିଶିଷ୍ଟ ଗବେଷକ ଅବସରପ୍ରାପ୍ତ ଅଧାପକ ଫକିର ଚରଣ ରଣା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଡାକ୍ତର ବେଣୁଧର ପାଣ୍ଡେ, ମୁଖ୍ୟବକ୍ତା ଡ. ଶ୍ୟାମସୁନ୍ଦର ଧର ଯୋଗ ଦେଇଥିଲେ। ନିହାଲ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଟଳ ବିହାରୀ ପଣ୍ଡା ସ୍ମୃତି କମିଟି ସଭାପତି ଅଶ୍ୱିନୀ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଅଧାପକ ରଣା ସ୍ୱର୍ଗତ ପଣ୍ଡାଙ୍କ ଉପରେ କରିଥିବା ଗବେଷଣା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ସେ କହିଥିଲେ, ଅଟଳ ବିହାରୀ ଛାତ୍ର ଜୀବନରୁ ଅଭିନୟକୁ ଜୀବନର ଏକ ଅଙ୍ଗ କରି ନେଇଥିଲେ। ପରବର୍ତ୍ତୀ ସମୟରେ ସେ ସମ୍ବଲପୁରୀ ଭାଷାରେ ପ୍ରଥମ ପୂର୍ଣ୍ଣାଙ୍ଗ ନାଟକ ଫଟାକପାଲ ଲେଖିଥିଲେ। ପରବର୍ତ୍ତୀ ସମୟରେ ସମ୍ବଲପୁରୀ ଭାଷା ସାହିତ୍ୟର ଜଣେ ଅଗ୍ରଣୀ ସାହିତ୍ୟକ ଭାବେ ନିଜର ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ ବୋଲି ମୁଖ୍ୟ ଅତିଥି କହିଥିଲେ। ସେହିପରି ଜୀବନର ସାୟାହ୍ନରେ ସିନେମାରେ ଅଭନୟ କରିବା ସହ ଶଳାବୁଢା, ଶଳାବୁଢାର ବଦଲା, ଆଦିମ ବିଚାର ଭଳି ସୁପରହିଟ ସିନେମାର ମୁଖ୍ୟ ଅଭିନେତା ଭାବେ ଲୋକପ୍ରିୟ ହୋଇପାରିଥିଲେ। ଅଟଳ ପଣ୍ଡା ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମୁଖ୍ୟବକ୍ତା ଡ. ଧର କହିଥିଲେ। ଉତ୍ସବରେ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଗୀତିକାର ଶିବଶଙ୍କର ପ୍ରଧାନ, ଅର୍ଜୁନ ମେହେର, ରତ୍ନାକର ଭୋଇ, ସୁଷମା ପ୍ରଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବସନ୍ତ ସ୍ୱାଇଁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଫକୀର ଚରଣ ରଣାଙ୍କ ଦ୍ୱାରା ଫଟାକପାଲ, କୀଚକବଦ୍ଧ ଏବଂ ଶେଷ ଶରତ ନାଟକର ସମାଲୋଚନା ପୁସ୍ତକ ଭଲମି ଓ ଭୂମା ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ସୁଷମା ପ୍ରଧାନଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା। ସ୍ମୃତି କମିଟି ସମ୍ପାଦକ ସୁଧିର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

**କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**
ସା:ପୋ:- କେନ୍ଦୁଝରଗଡ଼, କେନ୍ଦୁଝର-୭୫୮୦୦୧ (ଓଡ଼ିଶା)
**KEONJHAR CENTRAL CO-OPERATIVE BANK LTD.**
AT/PO. : KEONJHARGARH, KEONJHAR-758001 (ODISHA)
Telephone : (06766) 255183, 251745, Fax : 253137
Email : kendujharccb@gmail.com

No.KCCB/5760/HRD/2025-26 Date : 01.12.2025

**Expression of Interest**

Expressions of Interest are invited from IRDA Accredited Insurance Companies for Fresh Group Mediclaim Insurance Policy for Bank Employees and Directors along with their dependents for the year 2026, commencing from 00 hour 01 Jan 2025 to midnight of 31st Dec 2026. The Tender documents must reach to the office of the undersigned in sealed envelope on or before 16.12.25 latest by 05.00 P.M. Delay in receipt of Tender documents/bids after the due date and time will not be entertained at all and the undersigned will be, in no way responsible for the same. The Quotations so received shall be opened at 11.00 A.M on 17.12.2025 in presence of bidders or their authorized representatives if any.

I. **Opening of Technical bid - 17.12. 2025 at 11:00 AM in the Conference Hall of the Bank.**
II. **Opening of Price bid - 17.12.2025 4:00 PM in the Conference Hall of the Bank.**

The detailed terms and conditions of the tender may be downloaded from our website www.kendujharccb.com. The Authority of the Bank reserves the right to accept or reject the quotation without assigning any reason thereof.

Sd./- Chief Executive Officer
Keonjhar Central Cooperative Bank Ltd.

**EXECUTIVE ENGINEER,
MINOR IRRIGATION DIVISION, BOKARO.**

e-Procurement Portal
(Two Envelope system)
E-Tender Reference No. WRD/MID/BOKARO/B.D/ M.M.S.L.I-02-/2025-26 Date : 29.11.2025

1.Date of Publication of Tender on website :- 15.12.2025 at 2.00 PM
2.Last date/Time for receipt of bids online bids :- e-Procurement Portal (Jharkhandtenders.gov.in)
Fee, Security and other documents :- 27.12.2025 up to 2.00 PM
3.Date of Opening of Tender on website :- 29.12.2025 at 3:00 PM
4.Name & address of office Inviting tender :- Executive Engineer, Minor Irrigation Division, Bokaro, Camp – II, Qr. No- D/1, B. S. City, Bokaro, Jharkhand, Pin no- 827001
5. (a) Contact no of e-Procurement officer :- 9773661712
(b) E-mail of e-Procurement officer :- eemidbok-cemr-jhr@nic.in
6. Helpline number of e-Procurement cell :- 9431510092

| Gr. No. | Name of the work | Estimated Cost (Rs.) | EMD | Cost of BOQ | Time of Completion |
|---|---|---|---|---|---|
| 1 | Construction of Mukhya mantri Solar L.I Scheme in vill- Ghagri, under Block-Chandankiyari, Bokaro. | 1,28,32,300.00 | 1,28,400.00 | 10,000.00 | 11 months |
| 2 | Construction of Mukhya mantri Solar L.I Scheme in vill- Madhukarpur, under Block-Kasmar, Bokaro. | 1,32,88,900.00 | 1,32,900.00 | 10,000.00 | 11 months |

Note :- (1) Only e-Tenders will be accepted.
(2) Published Estimated Cost may Increase or Decrease.
(3) Work will be awarded to those bidders (specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/International Standards)/ any other agencies having experience of installation and commissioning of such solar powered irrigation schemes). Empanelled Indigenous Manufacturers of 10 HP pumps (AC Surface Motor Pumps) in the department with all accessories for off-grid standalone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division, Bokaro

PR.NO.367452 Minor Irrigation(25-26):D

## ସଂକ୍ଷେପରେ

### ଓଲଟିଲା ବୋଲେରୋ, ବର୍ତ୍ତିଲେ ୮ଜଣ

**ଥୁଆମୂଳ ରାମପୁର, ୧।୧୨ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ସଦରରେ ରବିବାର ରାତିରେ ଏକ ବୋଲେରୋ ଓଲଟିବାରୁ ଏଥିରେ ଥିବା ୮ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁସାରେ ରାତି ପ୍ରାୟ ସାଢେ ୮ଟା ସମୟରେ ଓଡି୦୮କେ-୮୮୫୫ ନମ୍ବର ବିଶିଷ୍ଟ ବୋଲେରୋରେ ନକରୁଣ୍ଡି ଗ୍ରାମପଞ୍ଚାୟତ ମୋହନଗିରି ଗ୍ରାମର ୮ ଜଣ ଲୋକ ଏକ ସାମାଜିକ କାର୍ଯ୍ୟରେ ଡୁମରପଦର ଯାଇଥିଲେ। କାମ ସାରି ସେମାନେ ଫେରୁଥିବା ବେଳେ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପାଖ ବୁଲାଣି ରାସ୍ତାରେ ବୋଲେରୋ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଆହତ ଲୋକଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାରକରି ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡ୍ରାଇଭର ଅଜିତ ନାଏକ (୩୫)ଙ୍କ ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ କେତେଜଣ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ

**କୋକସରା, ୧।୧୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** ଚାରବାହାଲସ୍ଥିତ ସ୍ୱାମୀ ନିଜାନନ୍ଦ ସରସ୍ୱତୀ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକ ସଭାପତିତ୍ୱ କରିଥିଲେ। ଚାରବାହାଲ ପଞ୍ଚାୟତ ସରପଞ୍ଚ ସତ୍ୟଭାମା ପଣ୍ଡା ମୁଖ୍ୟ ଅତିଥି ଓ ବିଦ୍ୟାଳୟର ପରିଚାଳନା କମିଟି ନିର୍ଦ୍ଦେଶକ ମହେଶ କୁମାର ପଣ୍ଡା, ନରେଶ କୁମାର ଅଗ୍ରୱାଲ, ସହ ଅଧ୍ୟକ୍ଷ ଦିବ୍ୟରଞ୍ଜନ ମେହେର, ଡିଇଓ ସ୍ୱରୂପ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ବିଭିନ୍ନ ବର୍ଗର କ୍ରୀଡ଼ା ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅନୀଲ କୁମାର ନନ୍ଦ ମୁଖ୍ୟ ଅତିଥି ଓ ଦୈତାରୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୁଦୀପ୍ତ ପୁରୋହିତ ମଞ୍ଚ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ଜଗନ୍ନାଥ ମନ୍ଦିରରେ କୁମ୍ଭଭରା ସମ୍ପନ୍ନ

**ପଲମ, ୧।୧୨ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ମାଣ୍ଡେଲ ପଞ୍ଚାୟତ ମାଣ୍ଡେଲ ଗ୍ରାମରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ମୁଣ୍ଡିମରା ଓ କୁମ୍ଭଭରା ଉତ୍ସବ ସମ୍ପନ୍ନ ହୋଇଯାଇଛି। ପଣ୍ଡିତ ବାଳମୁକୁନ୍ଦ ବଡ଼ପଣ୍ଡା ଓ ପୂଜକ ଲାଲୁ ବଡ଼ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିବାବେଳେ କର୍ତ୍ତା ଭାବରେ ମନୋଜ ନାଏକ ଓ ତାଙ୍କ ସ୍ତ୍ରୀ ସୁଦେଷ୍ଣା ନାଏକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପବିତ୍ର କାର୍ଯ୍ୟରେ ଜଗନ୍ନାଥ ମନ୍ଦିରର ପରିଚାଳନା କମିଟି ସଦସ୍ୟଙ୍କ ସମେତ ମାଣ୍ଡେଲ ପୁଜି ପଦର ତଥା ନର୍ଲା ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

### ସିଟିଜେନ ଫୋରମର ସ୍ୱନକ୍ଷତ୍ର ଦିବସ

**ଥୁଆମୂଳ ରାମପୁର, ୧।୧୨ (ଦୁର୍ଗା କୀର୍ତ୍ତି):** ସିଟିଜେନ ଫୋରମ କଳାହାଣ୍ଡି ତରଫରୁ ରବିବାର ୧୮ତମ ସ୍ୱନକ୍ଷତ୍ର ଦିବସ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗ୍ରାମ ବିକାଶ ଶିକ୍ଷା ନିକେତନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଫୋରମର ବାର୍ଷିକ ମୁଖପତ୍ର ପଞ୍ଚଜନ୍ୟ ଉନ୍ମୋଚନ କରାଯାଇଥିଲା। ଫୋରମର ସମ୍ପାଦକ ପ୍ରଫେସର ସୀମାଞ୍ଚଳ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଫୋରମର ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱାମୀ ପ୍ରେମାନନ୍ଦ ସରସ୍ୱତୀ ମୁଖ୍ୟଅତିଥି, ପୂର୍ବତନ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ ମୁଖ୍ୟବକ୍ତା ଓ ଘନଶ୍ୟାମ ଜୈନ, ଟିଟିଲାଗଡ଼, ଗଙ୍ଗାଧର ମାଝୀ, ଅବସରପ୍ରାପ୍ତ ଜିଏସ୍‌ଟି କମିଶନର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷା, କୃଷି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଅଜୟ କୁମାର ପଣ୍ଡା, ଡ. ତ୍ରିଭୁବନ ପଣ୍ଡା, ଡା. ବିଶ୍ୱଜିତ ହୋତାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଥୁଆମୂଳ ରାମପୁର ବ୍ଲକ ସଭାପତି ସତ୍ୟନାରାୟଣ ମୁଣ୍ଡଛିନା ଧନ୍ୟବାଦ ଅର୍ପଣ କରିଥିଲେ।

# ଭବାନୀପାଟଣା ଗାନ୍ଧୀ ପାର୍କରେ ଝୁଲୁଛି ତାଲା

- ମୁକ୍ତା ଯୋଜନାରେ କାମ ହୋଇଛି
- ଖୋଲିବାର ନାଁ ଧରୁନି ପୌର ପରିଷଦ

**ଭବାନୀପାଟଣା, ୧।୧୨ (ଉତ୍ତମ କୁମାର ଦାଶ)**



ଗାନ୍ଧୀ ପାର୍କ ଗେଟ୍ ବନ୍ଦ ରହିଛି।

କଳାହାଣ୍ଡି ଜିଲାର ଭବାନୀପାଟଣା ସହର ମୁଖ୍ୟ ପୋଷ୍ଟ ଅଫିସକୁ ଲାଗି ଗାନ୍ଧୀ ପାର୍କ ରହିଛି। ଗତ ୪ବର୍ଷ ଧରି ବିଭିନ୍ନ ଯୋଜନାରେ ପାର୍କ ଭିତରେ କାମ ଚାଲିଥିବାବେଳେ ଏହାକୁ ଖୋଲାଯାଉ ନାହିଁ। ସହର ଭିତରେ ଏକମାତ୍ର ପ୍ରମୋଦ ଉଦ୍ୟାନ ଥିବାବେଳେ ପୌର ପରିଷଦର ଅବହେଳା ଓ ରାଜନୀତି ବିବାଦ ଯୋଗୁ ସହରବାସୀ ଉପକୃତ ହୋଇପାରୁନାହାନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଭବାନୀପାଟଣା ସହରରେ ଅବସ୍ଥିତ ଗାନ୍ଧୀ ପାର୍କ ବହୁ ପୁରୁଣା। ମାତ୍ର ୫ ଟଙ୍କାରେ ପ୍ରବେଶ ଫି' ଦେଇ ସହରବାସୀ ପାର୍କକୁ ବ୍ୟବହାର କରୁଥିଲେ। ୨୦୨୨-୨୩ ମସିହାରେ ଏହି ପାର୍କ ପାଇଁ ଟେଣ୍ଡର ହୋଇଥିଲା। ଗୋଟିଏ ଏସ୍‌ଏଚ୍‌ଜି ଏହି ଟେଣ୍ଡର ଏକବର୍ଷ ନିମନ୍ତେ ପାଇ ୯୫ ହଜାର ଟଙ୍କା ପୌର ପରିଷଦରେ ଜମା କରିଥିଲା। ଏହି ଟେଣ୍ଡରକୁ ପରୋକ୍ଷରେ ୨ ଜଣ କାଉନସିଲର ନେବା ପାଇଁ ଏସ୍‌ଏଚ୍‌ଜି ଉପରେ ଚାପ ପକାଇଥିବା ଅଭିଯୋଗ ହୋଇଥିଲା। ଏହା ପରେ ଏକବର୍ଷ ପର୍ଯ୍ୟନ୍ତ ପାର୍କ ବନ୍ଦ ଥିଲା ଏବଂ ଜମା ହୋଇଥିବା ୯୫ ହଜାର ଟଙ୍କା ମଧ୍ୟ ଫେରସ୍ତ ନେଇଥିଲେ। ୨୦୨୨ ମସିହାଠାରୁ ପାର୍କରେ ତାଲା ଝୁଲୁଥିବାବେଳେ ସର୍ବସାଧାରଣଙ୍କ ପାଇଁ ପାର୍କ ବନ୍ଦ ରହିଛି। ବନ୍ଦ ଥିବା ଅବସ୍ଥାରେ ଏହି ପାର୍କ ଭିତରେ ମୁକ୍ତା ଯୋଜନା ୧ ଓ ମୁକ୍ତା ଯୋଜନା ୨ରେ ପ୍ୟାଭର ଓ ଅନ୍ୟ ଠିକା କାମ କରି ହରିଲୁଟ ହେବା ଘଟଣା ତଦନ୍ତସାପେକ୍ଷ। ୪ ବର୍ଷ ଧରି ଗାନ୍ଧୀ ପାର୍କ ବନ୍ଦ ଥିଲେ ମଧ୍ୟ ପୌର ପରିଷଦ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସହରର ବରିଷ୍ଠ ନାଗରିକଙ୍କଠାରୁ ଆରମ୍ଭକରି ଶିଶୁ ଓ ମହିଳାମାନେ ଏହି ପାର୍କକୁ ବ୍ୟବହାର କରୁଥିଲେ। ଗୋଟିଏ ପଟେ ପୌର ପରିଷଦ ପାର୍କରୁ ଆଦାୟ ହେଉଥିବା ରାଜସ୍ୱ ହରାଉଥିବାବେଳେ ସହର ଭିତରେ ଥିବା ପାର୍କ ଚିତ୍ତ ବିନୋଦନ ପାଇଁ ଲୋକଙ୍କ ବ୍ୟବହାରରେ ଆସିପାରୁ ନାହିଁ। ତେଣୁ ତୁରନ୍ତ ଗାନ୍ଧୀ ପାର୍କକୁ ଖୋଲାଯିବା ପାଇଁ ସହରବାସୀ ଦାବି କରିଛନ୍ତି। ଏ ନେଇ ଭବାନୀପାଟଣା ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରମୋଦ ପାଢ଼ୀଙ୍କୁ ପଚାରିବାରୁ ରାଜନୀତିକ ବିବାଦ ଯୋଗୁ ପାର୍କ ବନ୍ଦ ଅଛି। ବର୍ତ୍ତମାନ ପାର୍କରେ ଫାଉଣ୍ଟେନ ଓ ଗେଟ୍ ସମ୍ମୁଖରେ ଜବରଦଖଲକୁ ହଟାଯାଇ ଖୁବ୍‌ଶୀଘ୍ର ପାର୍କକୁ ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯିବ ବୋଲି କହିଥିଲେ।

## ଥାନା ଆଗରେ କଂଗ୍ରେସର ପ୍ରତିବାଦ ସଭା



ପ୍ରତିବାଦ ସଭାରେ ସାମିଲ ଦଳୀୟ କର୍ମକର୍ତ୍ତା।

**କେସିଙ୍ଗା, ୧।୧୨ (ତୁମେଶ୍ୱର ସାହୁ)**

ଭବାନୀପାଟଣା ନିର୍ବାଚନମଣ୍ଡଳୀର ବିଧାୟକ ସାଗର ଚରଣ ଦାସଙ୍କୁ ହତ୍ୟା ଧମକ ପ୍ରତିବାଦରେ ସୋମବାର କଂଗ୍ରେସର କେସିଙ୍ଗା ଟାଉନ ସଭାପତି ସୁବାସ ଜୈନଙ୍କ ନେତୃତ୍ୱରେ ଥାନା ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଆଇଆଇସିଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରା ନ ଗଲେ ଥାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଗଣଧାରଣା ଦିଆଯିବ ବୋଲି ଜିଲା ସଭାପତି ଜଳନ୍ଧର ନାଏକ ଚେତାବନୀ ଦେଇଛନ୍ତି। ଏହି ପ୍ରତିବାଦ ସଭାରେ କଂଗ୍ରେସର ଜିଲା ସଭାପତି ଜଳନ୍ଧର ନାଏକ, ପୂର୍ବତନ ଜିଲା ସଭାପତି ଭାରତ ଭୂଷଣ ବେମାଲ, ବ୍ଲକ ସଭାପତି ରାହାସ ସାହୁ, ସଦର ବ୍ଲକ ସଭାପତି ସୁବାସ ପ୍ରଧାନ, ଜିଲା ଯୁବ କଂଗ୍ରେସ ସଭାପତି ସାହେବ ବାବୁ, କଂଗ୍ରେସର ବରିଷ୍ଠ କର୍ମୀ ଦୟାସାଗର ସାହା, ଜଗଦୀଶ ଅଗ୍ରୱାଲ, ମହେନ୍ଦ୍ର ନାଏକ, ରାମଲାଲ ସୁନାନି, ବିଜୟ ଦୀପ, ଧରଣୀ ନାଏକ, ରାଜକୁମାର, ସୁଭାଷ ଚୌଧରୀ ପ୍ରମୁଖ ସାମିଲ ଥିଲେ।



ଶିଳ୍ପୀଙ୍କ ବାଲୁକା କଳା।

### କୋଣାର୍କ ଉତ୍ସବରେ ଓମ୍ ପ୍ରକାଶ ନିର୍ମାଣ କଲେ ଇନ୍ଦ୍ରଲାଟ ମନ୍ଦିର

**କର୍ଲାମୁଣ୍ଡା, ୧।୧୨ (ପ୍ରଦୀପ କୁମାର ସାହୁ):** କୋଣାର୍କ ଉତ୍ସବ ଅବସରରେ ଚନ୍ଦ୍ରଭାଗା ବେଳାଭୂମରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବର ପ୍ରଥମ ଦିବସରେ 'ସ୍ମାରକୀ' ଉପରେ ଆଧାରିତ ବାଲୁକା କଳା କର୍ମଶାଳା ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଡ଼ଙ୍ଗରମୁଣ୍ଡ ଗ୍ରାମର ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ ନିର୍ମାଣ କରିଛନ୍ତି ରାଣିପୁର ଝରିଆଲର ଇନ୍ଦ୍ରଲାଟ ମନ୍ଦିର। ଟିମ୍‌ରେ ସାହୁଙ୍କ ସମେତ ପୁରୀର ରଞ୍ଜନ ଗଙ୍ଗୁଳି, ଶ୍ରୀଧର ଦାସ ଓ ଭୁବନେଶ୍ୱରର ସୁବଳ ମହାରଣା ସାମିଲ ଥିଲେ। ଏହି ଟିମ ଉଦ୍ୟମରେ ପୁରୀ ମନ୍ଦିର, ଇଣ୍ଡିଆ ଗେଟ ଓ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସ୍ଥାନ ପାଇଛି।

## ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ ଭୂମିପୂଜନ



ଧ୍ୱଜାରୋହଣ ଅବସରରେ ଅତିଥିଙ୍କ ସହ ଶ୍ରଦ୍ଧାଳୁମାନେ।

**ସିନାପାଲି, ୧।୧୨ (ମନଫୁଲ ମେହେର)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ୍ ଗଣ୍ଡାବାହାଲିଠାରେ ରାଷ୍ଟ୍ର ଶୌର୍ଯ୍ୟ ସମୃଦ୍ଧି ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମିପୂଜନ ତଥା ଦେବ ଦମ୍ପତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ପ୍ରତିନିଧି ଭାବରେ ମୀନକେତନ ପାତ୍ର ଉପସ୍ଥିତ ରହିଥିଲେ। ସାମାଜିକ ସଂସ୍କାର, ନାରୀ ସଶକ୍ତୀକରଣ, ସଂସ୍କୃତିର ରକ୍ଷା, ପରିବେଶ ସୁରକ୍ଷା, ନିଶାମୁକ୍ତ ରାଷ୍ଟ୍ର ଗଠନ ଉଦ୍ଦେଶ୍ୟରେ ଆଗାମୀ ଜାନୁଆରୀ ୬ରେ ହେବାକୁ ଥିବା ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମିପୂଜନ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ଯୋଗଦେଇ ଧ୍ୱଜା ରୋହଣ କରିବା ସହ ଶୁଭଖମ୍ବ ସ୍ଥାପନ କରିଥିଲେ। ମୁଖ୍ୟ ଯଜ୍ଞକର୍ତ୍ତା ତୁଳସୀ ରାମ ମେହେର ଓ ତାଙ୍କ ସ୍ତ୍ରୀ ଭଞ୍ଜନୀ ମେହେର ତଥା ଗ୍ରାମର ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ରହି ଭୂମି ପୂଜନ ହୋଇଥିଲା। ଏଥିରେ ୫୦୦ରୁ ଅଧିକ ଦେବ ଦମ୍ପତି ଯୋଗଦେବା ସହ ଅଞ୍ଚଳରୁ ଅନେକ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଗଣ୍ଡାବାହାଲି ଗ୍ରାମର କର୍ମକର୍ତ୍ତା, ଯୁବଗୋଷ୍ଠୀ, ମହିଳା ମଣ୍ଡଳୀ ତଥା ଗାୟତ୍ରୀ ଶକ୍ତିପୀଠ ସିନାପାଲି ଓ ହାତୀବନ୍ଧାର ସଦସ୍ୟ, ଜିଲା ଓ ଉପଜୋନ୍ ସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୨୨ରୁ ସ୍ମାରକୀ ଜାତୀୟ ନାଟ୍ୟ ମହୋତ୍ସବ

**ସମ୍ବର୍ଦ୍ଧିତ ହେବେ ପାଞ୍ଚପିଢ଼ିର କଳାକାର**

**ଭବାନୀପାଟଣା, ୧।୧୨ (ଉତ୍ତମ କୁମାର ଦାଶ)**




ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତାମାନେ।

କଳାହାଣ୍ଡିର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ସ୍ମାରକୀ ନାଟ୍ୟ ସଂସ୍ଥା' ପକ୍ଷରୁ ଆସନ୍ତା ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଭବାନୀପାଟଣା ଟାଉନ ହଲ୍‌ଠାରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ 'ସ୍ମାରକୀ ଜାତୀୟ ନାଟ୍ୟ ମହୋତ୍ସବ-୨୦୨୫' ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ନାଟ୍ୟକାର ମନୋଜ ରଥଙ୍କ ରଚିତ ଓ ପ୍ରବୋଧ ରଥଙ୍କ ନିର୍ଦ୍ଦେଶିତ ସ୍ମାରକୀ ନାଟ୍ୟସଂସ୍ଥାର ଓଡ଼ିଆ ନାଟକ 'ଅବାଞ୍ଛିତ କୁରୁକ୍ଷେତ୍ର' ମଞ୍ଚସ୍ଥ ହେବ। ଉଦ୍‌ଯାପନୀ ଦିବସରେ ମନୋଜ କୁମାର ସାହା (ଅବିର)ଙ୍କ ନିର୍ଦ୍ଦେଶିତ ନୟାବାଦ ତିତାସ, କଲିକତାର ବଙ୍ଗାଳୀ ନାଟକ 'ଆପନ କେ ତେୟୋ' ମଞ୍ଚସ୍ଥ ହେବ। ଏହି ଅବସରରେ ନାଟକ କ୍ଷେତ୍ରରେ କଳାହାଣ୍ଡି ମାଟିକୁ ବିଶେଷ ଅବଦାନ ପାଇଁ ବରିଷ୍ଠରୁ କନିଷ୍ଠ ପାଞ୍ଚପିଢ଼ିର ଅଭିନେତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବରିଷ୍ଠ ବର୍ଗରୁ ବିଶିଷ୍ଟ ଅଭିନେତା ପ୍ରତାପ କିଶୋର ମୁଣ୍ଡ, ସୁରେନ୍ଦ୍ର ନେଗୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାଜେଶ ଦାଶ, ଲିପ୍ସାରାଣୀ ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ମାରକୀ ନାଟ୍ୟ ସଂସ୍ଥାର ସଭାପତି ପ୍ରବୋଧ ରଥ ଏବଂ ସମ୍ପାଦକ ସୌରଭ ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ସୋମବାର ଭବାନୀପାଟଣା ଲେଖକ କଳା ପରିଷଦ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରବୋଧ ରଥ, ସୌରଭ ମହାପାତ୍ର, ଆଶୁତୋଷ ପୁରୋହିତ, ଆଲୋକ କୁମାର ସାହୁ, କେ. ଗୋପୀଧର ନାୟର, ଶୁଭମ ବେହେରାଙ୍କ ସମେତ ସ୍ମାରକୀ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ।

### ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ଖଡ଼ିଆଳ, ୧।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଆଇନଜୀବୀ ସୁଶାନ୍ତ ତାଣ୍ଡି ଯୋଗଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଫଣିନ୍ଦ୍ରମ ଦେଓ, ପୂର୍ବତନ ଅଧ୍ୟକ୍ଷ ତଥା ପ୍ରାଧ୍ୟାପକ ଡ. ତରୁଣ କୁମାର ପ୍ରଧାନ, ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପାଢ଼ୀ, ପ୍ରାଧ୍ୟାପକ ପ୍ରମୋଦ କୁମାର ସାହୁ, କ୍ରୀଡା ସଂସଦ ଉପସଭାପତି ରଣବୀର ସିଂହ, ପ୍ରାଧ୍ୟାପିକା ରୀତା ଦାସ, ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା, ଜିଲା ସ୍ତରକୁ ୧୭ ପ୍ରକଳ୍ପ ଚୟନ

**ତୁଣ୍ଡଲା, ୧।୧୨ (ଫିରୋଜ କୁମାର ଦାଶ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ର ତୁଣ୍ଡଲା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ପଧାନଙ୍କ ସଭାପତିତ୍ୱରେ କେସିଙ୍ଗା ବିଇଓ ଆନନ୍ଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମେଳାରେ ବରିଷ୍ଠ, କନିଷ୍ଠ ଓ ଇକୋ ବ୍ଲକ୍ ଭଳି ତିନୋଟି ବିଭାଗରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୭ ପ୍ରକଳ୍ପ ଜିଲା ସ୍ତରକୁ ଚୟନ କରାଯାଇଛି। ବିଚାରକ ଭାବେ ନାରାୟଣ ସାହୁ, ସନ୍ତୋଷ କର, ଦେବାନନ୍ଦ ବାଗ, ବୀରେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ରହିଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି ମୁଖ୍ୟ ଅତିଥି, କୋକସରା ବ୍ଲକ୍ ଶିକ୍ଷା ଅଧିକାରୀ ମହେଶ ଭାଟି ମୁଖ୍ୟବକ୍ତା ଓ ଜୁନାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ତପନ କୁମାର ମାଝୀ, ବିଦ୍ୟାଳୟର ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ପଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କୃତୀ ଛାତ୍ରୀଛାତ୍ର ଓ ଗାଇଡ୍ ଶିକ୍ଷକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ବିଶ୍ୱ ଏଡ୍‌ସ ଦିବସ

**କର୍ଲାମୁଣ୍ଡା, ୧।୧୨ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ସୁବୋଧ କୁମାର ଶତପଥୀ ଅଧ୍ୟକ୍ଷତାକରି ଏଡ୍‌ସର ଭୟାବହତା ଓ ତା'ର ନିରାକରଣ ଉପରେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବୀରେନ୍ଦ୍ର କୁମାର ସାହୁ, ଲମ୍ବୋଦର ସାହୁକାର, ପ୍ରସନ୍ନ ବେହେରା, ଅଧ୍ୟାପିକା ଜ୍ୟୋତିମାଳା ରାଉତ, କ୍ରୀଡ଼ା ଶିକ୍ଷକ ରାଜକିଶୋର ରଣା ପ୍ରମୁଖ ଯୋଗଦେଇ ଯୁବଗୋଷ୍ଠୀ ସଚେତନ ହେଲେ ଏଡ୍‌ସ ହଟିପାରିବ ବୋଲି ମତ ପ୍ରକାଶ କରିଥିଲେ। ଅଧ୍ୟାପକ ଗଗନ ବିହାରୀ ମହାପାତ୍ର ସଂଯୋଜନା କରିଥିବା ବେଳେ ଅଧ୍ୟାପକ ପୀତାମ୍ବର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ଶୋଭାଯାତ୍ରା ବାହାରିଥିଲା।

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରେଡ୍‌କ୍ରସ ବିଭାଗ ତରଫରୁ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ରେଡ୍‌କ୍ରସ ବିଭାଗ ଅଧିକାରୀ ଅଧ୍ୟାପକ ଗୁଣବନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ତଥା ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ତରୁଣ କୁମାର ପ୍ରଧାନ ମୁଖ୍ୟ ଅତିଥି, ଯୁକ୍ତ ଦୁଇ ଅଧ୍ୟକ୍ଷ ଡ. ରଣବୀର ସିଂହ, ଛାତ୍ର କଲ୍ୟାଣ ଅଧିକାରୀ ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପିକା ରାଜେଶ୍ୱରୀ କରୁଁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଦିବସ ପାଳନର ଗୁରୁତ୍ୱ, ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷ ପଣ୍ଡା ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ରେଡ୍‌କ୍ରସ ଅଧିକାରୀ ଅଧ୍ୟାପକ ରୂପବନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




କର୍ଲାମୁଣ୍ଡା ବ୍ଲକ୍ ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା।

**ଗୋଲାମୁଣ୍ଡା (ବଟକୃଷ୍ଣ ପଣ୍ଡା):** ସ୍ଥାନୀୟ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ସରୋଜ କାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ା, କ୍ଷୀରସିନ୍ଧୁ ବାରିକ, ଲିଙ୍ଗେଶ୍ୱର ମେହେର, ସନ୍ତୋଷ କୁମାର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷଙ୍କ ନେତୃତ୍ୱରେ ଆୟୋଜିତ ସଚେତନତା ରାଲିରେ ଅଧ୍ୟାପକ ବିଜୟ କୁମାର ସାହୁ, ପ୍ରବୀର କୁମାର ରାୟ, ଘନଶ୍ୟାମ ଭାଟି, କବି ପ୍ରସାଦ ପଟ୍ଟନାୟକ, ଅଧ୍ୟାପିକା ସୋଭାଗିନୀ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

**ତୁଣ୍ଡଲା (ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ୟୁଥ୍ ରେଡ୍‌କ୍ରସ୍ ତରଫରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟାପକ ସଦାନନ୍ଦ ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦାଶ ସଭାପତିତ୍ୱ କରିଥିବା ବେଳେ ବେଲଖଣ୍ଡି ପ୍ରାଥମିକ ଚିକିତ୍ସାଳୟ ଡା. ପ୍ରତିଭା ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା ଗ୍ରାମ ପରିଭ୍ରମଣ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ମଦନ ମୋହନ ସାହୁ, ଦୁର୍ଯ୍ୟୋଧନ ବିଶୋଇ, ସ୍ୱାତୀ ପଧାନ, କିରାଣି ଭକ୍ତବନ୍ଧୁ ପଧାନ, ଧର୍ମେନ୍ଦ୍ର ପଧାନ, ଚଉବନ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

**କେସିଙ୍ଗା (ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ ସଭାପତିତ୍ୱକରି ଛାତ୍ରୀଛାତ୍ରଙ୍କୁ ଏଡ୍‌ସର ଭୟାଭହତା ଓ ଏଥିରୁ କେମିତି ରକ୍ଷା ପାଇବା ସେ ସମ୍ପର୍କରେ ବୁଝାଇଥିଲେ। ମୁଖ୍ୟ ଅତିଥି ଭାବରେ ଡାକ୍ତର ଝସକେତନ ସାହୁ ଏଡ୍‌ସ ରୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଉମେଶ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର ୟୁଥ୍ ରେଡ୍‌କ୍ରସ୍ ଓ ରେଡ୍ ରିବନ ସେଲ୍ କାଉନସିଲର ଅଧ୍ୟାପକ ରାଇମୋହନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଦାବି ପୂରଣ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଦା ହେବ ଧାନ

**ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)**

## ମଣ୍ଡିରୁ ଉଠିନି ଧାନ

- ପୋଲିସ୍ ଛାଉଣୀରେ କଲାପାଣି ମଣ୍ଡି
- ସରକାରଙ୍କ ନିଷ୍ପତ୍ତି ଅପେକ୍ଷାରେ ଚାଷୀ

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଅଚଳାବସ୍ଥା ଲାଗି ରହିଛି। ଗତମାସ ୨୮ତାରିଖରୁ ମଣ୍ଡି ଖୋଲିଛି ସତ, ହେଲେ ଏପର୍ଯ୍ୟନ୍ତ ଗୋଡଭଗା ମଣ୍ଡିରୁ କେବଳ ୭୫କୁଇଣ୍ଟାଲ ଧାନ ଉଠାଯାଇଛି। ନାନା ଆଳ ଦେଖାଇ ଧାନକିଣାକୁ ବିଳମ୍ବିତ କରାଯାଉଥିବା ବେଳେ ସମ୍ଭାବ୍ୟ ବର୍ଷା ଚାଷୀଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି। ଜିଲାରେ ପ୍ରଥମଥର ପାଇଁ ଆରମ୍ଭରୁ ଏଭଳି ସ୍ଥିତି ଉପୁଜିଥିବାରୁ ଚାଷୀ ମହଲରେ ଅସନ୍ତୋଷ ତେଜି ଉଠିଛି। ଏହାକୁ ନେଇ ଜିଲାର ଚାଷୀମାନେ ଆନ୍ଦୋଳନମୁହାଁ ହୋଇଛନ୍ତି। ସୋମବାର ସକାଳୁ ବରଗଡ଼ ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ଅଧୀନରେ ସଂଯୁକ୍ତ କୃଷକ ସଂଗଠନ ନେତୃତ୍ୱରେ ଜିଲାର ବିଭିନ୍ନ ଅଞ୍ଚଳର ଚାଷୀ ଏବଂ ବିଭିନ୍ନ କୃଷକ ସଙ୍ଗଠନର ପ୍ରତିନିଧିମାନେ ସମବେତ ହୋଇଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାରେ ଦେଖାଯାଇଥିବା ଅଚଳାବସ୍ଥା ପ୍ରତିବାଦରେ ସେମାନେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରୁଥିବା ବେଳେ ସମ୍ଭାବ୍ୟ ଚାଷୀ ଆନ୍ଦୋଳନ ଆଶଙ୍କା କରି ସକାଳୁ ଉକ୍ତ ମଣ୍ଡିରେ ବ୍ୟାପକ ପୋଲିସ ମୁତୟନ ଅଛନ୍ତି। ଅନ୍ୟପଟେ ଖବର ପାଇ ପୂର୍ବାହ୍ନରେ ଅତିରିକ୍ତ ଉପଜିଲାପାଳ ମଦନଲାଲ ପଣ୍ଡା ଏବଂ ସହକାରୀ ଯୋଗାଣ ଅଧିକାରୀ(ଏସିଏସ୍‌ଓ) ବ୍ୟୋମକେଶ ମାଝି ଉକ୍ତ ମଣ୍ଡିକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଧାନ ସଂଗ୍ରହ ପ୍ରକ୍ରିୟା ନେଇ ଉପୁଜିଥିବା ସମସ୍ୟା ଲାଗି ଜିଲା ଏବଂ ରାଜ୍ୟସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ଜାରି ରହିଛି ଏବଂ ସନ୍ଧ୍ୟା ୬ଟା ସୁଦ୍ଧା ଏହାର ସମାଧାନ ହୋଇଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବଧି ଅତିକ୍ରାନ୍ତ ହେବା ସତ୍ତ୍ୱେ କୌଣସି ନିର୍ଯ୍ୟାସ ବାହାରି ନାହିଁ। ଫଳରେ କଲାପାଣି ମଣ୍ଡିରେ ଚାଷୀମାନେ ଶୀତ, କାକର ସହି ଧାନ ସଂଗ୍ରହ ପ୍ରକ୍ରିୟା ନେଇ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। ଧାନକିଣା ସମ୍ପର୍କିତ କିଛି ଠୋସ୍ ପ୍ରତିଶ୍ରୁତି ନ ମିଳିଲେ ଚାଷୀମାନେ କୌଣସି ମୁହୂର୍ତ୍ତରେ କଲାପାଣି ମଣ୍ଡି ସମ୍ମୁଖ ଜାତୀୟ ରାଜପଥକୁ ଧାନ ବୋଝେଇ ଟ୍ରାକ୍ଟର ସହିତ ଓହ୍ଲାଇବାର ଆଶଙ୍କା ରହିଛି। ଏହି ଆଶଙ୍କାରେ ମଣ୍ଡି ପରିସର ପୋଲିସ ଛାଉଣୀରେ ରହିଥିବା ମଧ୍ୟ ପରିଲକ୍ଷିତ ହୋଇଛି।

ଅନ୍ୟବର୍ଷ ତୁଳନାରେ ଏଥର ପ୍ରଥମଥର ପାଇଁ ପାଖାପାଖି ଏକମାସ ଧାନ ସଂଗ୍ରହ ପ୍ରକ୍ରିୟା ବିଳମ୍ବିତ ହୋଇଥିବା ଚାଷୀମାନେ କହିଛନ୍ତି। ସରକାରଙ୍କ ଧାନ ସଂଗ୍ରହ ନୀତି ଅନୁଯାୟୀ, ନଭେମ୍ବର ମାସ ପହିଲାରୁ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା କଥା। ମାତ୍ର ବରଗଡ଼ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଗତ ନଭେମ୍ବର ୨୮ତାରିଖରୁ ମଣ୍ଡିଗୁଡ଼ିକୁ ଖୋଲି ଏହି ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ବିଳମ୍ବରେ ମଣ୍ଡି ଖୋଲିଥିଲେ ସୁଦ୍ଧା ଧାନ ଆଦୌ ବିକ୍ରି ହୋଇପାରି ନାହିଁ। ସେହିପରି ଜିଲାର ୫ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଧାନବିକ୍ରି ପଞ୍ଜୀକରଣ ହୋଇପାରି ନାହିଁ। ଗୋଟିଏ ପଟେ ଧାନବିକ୍ରି ଠପ୍ ପଡ଼ିଥିବାବେଳେ ଅନ୍ୟପଟେ ସୋମବାର ଭୋର୍‌ରେ ହୋଇଥିବା ବର୍ଷା ଚାଷୀଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। ଫଳରେ ସଂଯୁକ୍ତ କୃଷକ ସଂଗଠନ ୫ଦଫା ଦାବି କରିଛି ଏବଂ ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବା ସହିତ ଅମଳ ଧାନକୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଦା କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛି।

ଚାଷୀଙ୍କ କଷ୍ଟୋପାର୍ଜିତ ସମସ୍ତ ଧାନକୁ କିଣିବା ବ୍ୟବସ୍ଥା କରାଯିବା ସହିତ ଧାନବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ସମସ୍ତ ଚାଷୀଙ୍କୁ ପଞ୍ଜୀକୃତ କରି ଟୋକନ ପ୍ରଦାନ, ଜମି ତୁଳନାରେ କମ୍ ପରିମାଣ ଧାନବିକ୍ରିକୁ ସଂଶୋଧନ କରି ବିନା କଟ୍‌ନୀଛଟ୍‌ନୀରେ ବଳକା ଧାନକ୍ରୟ, ମିଲର୍ସଙ୍କ ଆଳ ନ ଦେଖାଇ ସରକାର ନିଜ ସଂସ୍ଥାରେ ଧାନକିଣି ଗଚ୍ଛିତ ରଖିବା ସହିତ ଆବଶ୍ୟକମତେ ମିଲିଂ ପାଇଁ ମିଲର୍ସଙ୍କୁ ପ୍ରଦାନ, କୁଇଣ୍ଟାଲ ପ୍ରତି ୮୦୦ଟଙ୍କା ବୋନସ ଏବଂ କେନ୍ଦ୍ର ସରକାରଙ୍କ ଘୋଷିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୨୩୬୯ଟଙ୍କାକୁ ମିଶାଇ ୩୧୬୯ଟଙ୍କା ପ୍ରଦାନ କରିବାକୁ ସଂଯୁକ୍ତ କୃଷକ ସଂଗଠନ ଦାବି କରିଛି। ଏହା ସହିତ ମଣ୍ଡିରେ ଧାନ ପଡ଼ିବାର ୪୮ ଘଣ୍ଟା ମଧ୍ୟରେ ତାକୁ କିଣାଯିବା ଏବଂ ଜାନୁୟାରୀ ମାସ ସୁଦ୍ଧା ସମସ୍ତ ଚାଷୀଙ୍କ ଧାନକ୍ରୟ ଶେଷ କରିବାକୁ ମଧ୍ୟ ଦାବି ହୋଇଛି। ଏହି ଦାବି ସମୂହ ତୁରନ୍ତ ପୂରଣ କରାଯାଉ, ଅନ୍ୟଥା ଚାଷୀଙ୍କ ସହିତ ରାଜନୀତି କରା ନ ଯାଉ ବୋଲି ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି। କଲାପାଣି ମଣ୍ଡିରେ ସଂଗଠନର ଉପଦେଷ୍ଟା ମହାପାତ୍ରଙ୍କ ସମେତ ଏକାଦଶିଆ ସାହୁ, ସୁରେଶ ନେକାଣ୍ଟି, ତପନ ମିଶ୍ର, ଟେକରାଜ ପ୍ରଧାନ, ବିରେନ କର, ସୁରେଶ କର୍ଣ୍ଣ, ସୁରେନ୍ଦ୍ର ମେହେର, ଆଦିତ୍ୟ ଦାଶ, ବୁଦ୍ଧଦେବ ନନ୍ଦ, ପ୍ରଶାନ୍ତ ସାହୁ, ଅଶୋକ ସାହୁ, ଗଗନ ପ୍ରଧାନ, ସି.ଏସ୍. ଶ୍ରୀନିବାସ, ଏସ. ସମରାଜୁ, ଏମ. ସତ୍ୟନାରାୟଣ ପ୍ରମୁଖ ଖବର ଲେଖାହେବା ସୁଦ୍ଧା ଉପସ୍ଥିତ ରହିଛନ୍ତି।


କଲାପାଣି ମଣ୍ଡିରେ ଚାଷୀ-ଅଧିକାରୀଙ୍କ ଆଲୋଚନା।

# ଗୋଡଭଗା ମଣ୍ଡିରୁ ଉଠିଲା ୭୫ କୁଇଣ୍ଟାଲ ଧାନ

**ଅତାବିରା,୧।୧୨(ଯୁଧିଷ୍ଠିର ମହାପାତ୍ର)**

## ରାତି ଅଧିଆ ଧାନ ଉଠାଣ

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଦେଖା ଦେଇଥିବା ଅଚଳାବସ୍ଥାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏହାକୁ ନେଇ ଚାଷୀ ଆନ୍ଦୋଳନ ମଧ୍ୟ ମୁଣ୍ଡ ଟେକିଛି। ତେବେ ସୋମବାର ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧିନ ଗୋଡଭଗା ମଣ୍ଡିରୁ ରାତି ଅଧିଆ ଧାନ ଉଠାଣ କରାଯାଇଛି। ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡି ରହିଛି। ମାତ୍ର ରାତି ପ୍ରାୟ ୯ଟାରେ ଗୋଡଭଗା ମଣ୍ଡିରୁ ଭି.ବୁଲ୍ଲିରାଜୁ ନାମକ ଜଣେ ଚାଷୀଙ୍କ କେବଳ ୭୫କୁଇଣ୍ଟାଲ ଧାନ ଉଠାଯାଇଛି। ସେହିଧାନକୁ କେନ୍ଦପାଲିସ୍ଥିତ ଶ୍ରୀକ୍ରୀଷ୍ଣା ଏଗ୍ରୋ ରାଇସ ମିଲକୁ ନିଆଯାଇଛି। ଧାନ ଉଠାଣ ସମୟରେ ଯୋଗାଣ ଅଧିକାରୀ ଦିବ୍ୟ ବଡମାଳୀଙ୍କ ସମେତ ମଣ୍ଡି କର୍ମଚାରୀ ଉପସ୍ଥିତ ଥିଲେ। ରାତି ଅଧିଆ ଧାନ କ୍ରୟ କରାଯାଇ ତାକୁ ରାତାରାତି ରାଇସ ମିଲକୁ ନିଆଯିବା ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି।

# ଭିଜିଲା ଧାନ, ଚାଷୀଙ୍କ ଚିନ୍ତା ବଢ଼ାଇଲା ବର୍ଷା


ପଦ୍ମପୁର ବ୍ଲକ ଦର୍ଲିଗୁଡ଼ାରେ କ୍ଷେତରେ ଧାନ ପଡ଼ିଛି।

**ପଦ୍ମପୁର, ୧।୧୨ (ପ୍ରଦୀପ୍ତ ଦାଶ)**

## ୯୨ ମଣ୍ଡିରେ ପଡ଼ିଛି ୮୧୦୭ ପ୍ୟାକେଟ ଧାନ

ପଦ୍ମପୁର ଉପଖଣ୍ଡରେ ଗତ ୨୮ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ସୋମବାର ୪ ଦିନ ବିତି ଯାଇଛି। ସୋମବାର ଭୋରରୁ ବର୍ଷା ହୋଇଛି। ଫଳରେ ଅନେକ ସ୍ଥାନରେ କ୍ଷେତ, ଖଳାରେ ପଡ଼ିଥିବା ଅମଳ ଧାନ ଭିଜିଯାଇଛି। ଏହା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ହେଲେ ପଦ୍ମପୁର ଉପଖଣ୍ଡର ୬ବ୍ଲକରେ ଏପର୍ଯ୍ୟନ୍ତ ଧାନ କିଣାବିକା ସ୍ୱାଭାବିକ ହୋଇପାରିନାହିଁ। କିଛି ଚାଷୀଙ୍କ ଟୋକନ ଆସିଥିବା ବେଳେ ସେମାନେ ମଣ୍ଡିକୁ ଧାନ ଧରି ଆଣିଛନ୍ତି। ବିକ୍ରି ଆଶା ନେଇ ସକାଳୁସନ୍ଧ୍ୟା ପର୍ଯ୍ୟନ୍ତ ମଣ୍ଡିରେ ଭୋକ ଉପାସରେ ରହୁଛନ୍ତି। କିନ୍ତୁ ଧାନ ବିକ୍ରି ହେଉ ନାହିଁ ଏବଂ ଶେଷରେ ଚାଷୀଙ୍କୁ ନିରାଶରେ ଘରକୁ ଫେରିବାକୁ ପଡୁଛି। ପଦ୍ମପୁର ଉପଖଣ୍ଡର ୯୨ ମଣ୍ଡିରେ ୮୧୦୭ ପ୍ୟାକେଟ ଧାନ ପଡିଥିବା ନେଇ ଆର୍‌ଏମ୍‌ସି ସମ୍ପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଥିବା ବେଳେ ଏ ଯାଏ ବସ୍ତାଏ ଧାନ ଉଠି ନାହିଁ।

ଅନ୍ୟପଟେ ରବିବାର ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅଲ ଓଡ଼ିଶା ମିଲର୍ସ ଆସୋସିଏଶନର ଏକ ବୈଠକ ବସିଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମିଲର୍ସମାନେ ମଣ୍ଡିରୁ ଧାନ ଉଠାଇବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଏଭଳି ସ୍ଥିତିରେ ଜିଲା ପ୍ରଶାସନ ଅସହାୟ ହୋଇପଡ଼ିଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନୀରବତା ସବୁଆଡ଼େ ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ଜିଲାବ୍ୟାପୀ ଚାଷୀ ମହଲରେ ଚାପା ଅସନ୍ତୋଷ ଲାଗି ରହିଥିବାବେଳେ ଭବିଷ୍ୟତରେ ଏକ ବଡ଼ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି।

# କ୍ରିକେଟ୍: ମନଷ୍ଟାର ଇଲେଭେନ ଚାମ୍ପିୟନ

**ଘଣ୍ଟାପଡା,୧।୧୨(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ବନ୍ଧଗୋରା ଖେଳ ପଡିଆରେ ଚାଲିଥିବା ଧବଳେଶ୍ୱର ପ୍ରିମିଅର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ୧୦ ଦିନ ଧରି ଚାଲିଥିବା ଏହି ଖେଳର ଫାଇନାଲ ମ୍ୟାଚ୍ ରବିବାର ୩ଟି ଫର୍ମାଟରେ ହୋଇଥିଲା। ଏଥିରେ ଜଗନ୍ନାଥ ଇଲେଭେନ୍ ଦଳକୁ ୨-୧ରେ ହରାଇ ମନଷ୍ଟାର ଇଲେଭେନ୍ ଦଳ ଚଳିତ ବର୍ଷର ଚାମ୍ପିୟନ ହୋଇଛି। ମନୋଜ ସାହୁ ଓ ସୋନୁ ପୂଜାରୀ ଖେଳ ପରିଚାଳନା କରିଥିଲେ। ଶିବ ଶଙ୍କର କାଲସେ ଓ ସୁଶାନ୍ତ ବାରିକ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ବିଧାୟକ ମହୀଧର ରଣା ମୁଖ୍ୟଅତିଥି, ଶିକ୍ଷାବିତ୍ ନୀଳାଚଳ ଭୋଇ, ଖୁଣ୍ଟିଗୋରା ସରପଞ୍ଚ ରବିନ୍ଦ୍ର ମହାକୁଡ଼, ଗୌନ୍ତିଆ ପିତାମ୍ବର ଭୋଇ, ଧୀରୋଜ ଭୋଇ, ଭାଜପା ନେତା ସତ୍ୟନାରାୟଣ ମାଝୀ, ଦେବେନ୍ଦ୍ର କୁଦେଇ, ସମାଜସେବୀ ଅଜିତ ସାହୁ, ରଞ୍ଜନ ଦାଶ, ସୁନୀଲ ସାହୁ, ପ୍ରଭାତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଜଗନ୍ନାଥ ଇଲେଭେନ୍ ଦଳର ଖେଳାଳି ଚିନୋଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ, ଶ୍ୟାମଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ, ବିଏସ୍‌ସିଟି ଫାଇଟର ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ଏବଂ ଉଭୟ ଉପବିଜେତା ଜଗନ୍ନାଥ ଇଲେଭେନ୍ ଓ ବିଜେତା ମନଷ୍ଟାର ଇଲେଭେନ୍ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଡିପିଏଲର କାର୍ଯ୍ୟକର୍ତ୍ତା ଲମ୍ବୋଦର ବେହେରା ଏବଂ ବନ୍ଧଗୋରା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ଦାବି ପୂରଣ ନ ହେଲେ ପ୍ରାଥମିକ ଶିକ୍ଷକ ସଂଘର ଧାରଣା



ଝାରବନ୍ଧରେ ଶିକ୍ଷକ ସଂଘ ପକ୍ଷରୁ ରାଲି।

**ପାଇକମାଳ, ୧।୧୨ (ବଡ଼ ଶତପଥୀ)**

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ଦାବିପତ୍ର

ପାଇକମାଳ ବ୍ଲକ ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନିରାକାର ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ୨ ଦଫା ଦାବି ନେଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଇଓ ଅଦନ ସୁନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପାଇକମାଳ ବାଳକ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକତ୍ରିତ ହୋଇ ପ୍ରାଥମିକ ଶିକ୍ଷକଙ୍କ ପ୍ରତି ସରକାରଙ୍କ ଅବହେଳା ବିଷୟରେ ଆଲୋଚନା କରାଯାଇଥିଲା। ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ବିଇଓ ସୁନାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ୨୦୦୧ରୁ ଅଦ୍ୟାବଧି ନିଯୁକ୍ତ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରିରେ ଗଣନା କରିବା,ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ କରିବାକୁ ଦାବି ପତ୍ରରେ ଉଲ୍ଲେଖ ରହିଛି। ସୂଚନା ଥାଉକି, ଆଗାମୀ ଡିସେମ୍ବର ୫ ତାରିଖ ସର୍ବୈତନିକ ଛୁଟି ନେଇ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଦୁଇଦିନ ରାଜ୍ୟସ୍ତରୀୟ ମହାସମାବେଶରେ ଯୋଗଦାନ କରିବେ। ଯଦି ଦାବି ପୂରଣ ନ ହୁଏ ତେବେ ସାମୂହିକ ଛୁଟିରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଧାରଣାରେ ବସିବା ନିଷ୍ପତ୍ତି ନେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଉପସଭାପତି ବୈଷ୍ଣବ ପଣ୍ଡା, ସମ୍ପାଦକ ଚକ୍ରଧର ଅଜଗର, କୋଷାଧ୍ୟକ୍ଷ ରଞ୍ଜନ ବାଗ, ସମସ୍ତ କ୍ଲଷ୍ଟର ନେତୃତ୍ୱ ସମେତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

**ଝାରବନ୍ଧ (ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ପ୍ରାଥମିକ ସଂଘ ତରଫରୁ ବ୍ଲକ ଶିକ୍ଷାଅଧିକାରୀଙ୍କୁ ଦୁଇ ଦଫା ଦାବି ପ୍ରଦାନ କରାଯାଇଛି । ଝାରବନ୍ଧ ବ୍ଲକ ଶିକ୍ଷକ ସଂଘ ଏକ ବିଶାଳ ରାଲିରେ ଆସି ବ୍ଲକ ଶିକ୍ଷା ଅଧିକାରୀ ଶୁଭମ କୁମାର ପତିଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ,ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଛି । ଆସନ୍ତା ୪ ତାରିଖ ସୁଦ୍ଧା ଦାବି ପୁରଣ ନହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ବ୍ଲକ ପ୍ରାଥମିକ ସଂଘ ସଭାପତି ବିଷ୍ଣୁ ଚରଣ ସାହୁ ସମେତ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ବିକାଶ କ୍ୟାମ୍ପସ୍‌ରେ ଶ୍ରଦ୍ଧାଞ୍ଜଳି ସଭା


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବିକାଶ ଶିକ୍ଷାନୁଷ୍ଠାନର କର୍ମଚାରୀବୃନ୍ଦ।

**ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ହାୟର ଏଜୁକେଶନ କ୍ୟାମ୍ପସରେ ସୋମବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଦାସରୀ ଭିର୍ ଭେଙ୍କଟ ସତ୍ୟନାରାୟଣଙ୍କ ସ୍ମୃତିରେ ଅନୁଷ୍ଠିତ ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ବିକାଶ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଚିଙ୍ଗିବାବୁ ଭାବେ ପରିଚିତ ସ୍ୱର୍ଗତ ଦାସରୀ ଭିର୍ ଭେଙ୍କଟ ସତ୍ୟନାରାୟଣଙ୍କ ପ୍ରତିଛବିରେ ସମସ୍ତେ ଶ୍ରଦ୍ଧାସୁମନ ଅର୍ପଣ ସହିତ ନୀରବ ପ୍ରାର୍ଥନା କରିଥିଲେ। ଅନୁଷ୍ଠାନର ମୁଖ୍ୟ ପ୍ରଶାସନିକ ଅଧିକାରୀ ଇଂ ଅଜୟ ମହାପାତ୍ର, ବରିଷ୍ଠ ଉପଦେଷ୍ଟା ପ୍ରସନ୍ନ କୁମାର ଦାଶ, ସମସ୍ତ ଅଧ୍ୟକ୍ଷା, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ୟାସ୍ ସିଲିଣ୍ଡର, ମୋବାଇଲ ଚୋରି: ୪ ଗିରଫ

**ବୌଦ୍ଧ,୧।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଥାନା ଅଞ୍ଚଳରୁ ବିଭିନ୍ନ ଜିନିଷ ଚୋରି ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ସହର ବାପୁଜୀନଗରର ରଞ୍ଜନ ନାଏକ(୨୪), ନୂଆପଡା ଗ୍ରାମର ଶିବ ପ୍ରସାଦ ବେହେରା(୧୮), ମର୍ଜାକୁଦର ଦୀପକ ମେହେର(୨୦) ଓ ବିମଳ ସେଠୀ(୧୮) । ଏ ନେଇ ସୋମବାର ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏସ୍‌ପି କହିଥିଲେ, ବୌଦ୍ଧ ସହର କାଳେଶ୍ୱର ଗ୍ରାମ ନିକଟରେ ଥିବା ଏକ କୁକୁଡା ଦୋକାନ, ଗ୍ୟାସ ସିଲିଣ୍ଡର ଏବଂ କୋର୍ଟ ଛକ ନିକଟ ଏକ ତେଜରାତି ଦୋକାନରୁ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାରେ ୨ଟି ମାମଲା ରୁଜୁ କରି ବୌଦ୍ଧ ରଞ୍ଜନ ଓ ଶିବ ପ୍ରସାଦଙ୍କୁ ଗିରଫ କରିଥିଲା। ଉଭୟଙ୍କଠାରୁ ନଗଦ ୧୯,୭୧୫ ଟଙ୍କା, ୩ଟି ଗ୍ୟାସ ସିଲିଣ୍ଡର, ବ୍ୟାଟେରି, ଇନଭଟର, ଲୁହା ରଡ୍, କାତି ଜବତ କରାଯାଇଛି। ସେହିପରି ସାନପଙ୍କା ନିକଟରେ ମାଇବାଲ ଛିନ୍‌ତାଇ ଅଭିଯୋଗରେ ମର୍ଜାକୁଦର ଦୀପକ ଓ ବିମଳଙ୍କୁ ଗିରଫ କରାଯାଇଛି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଲରେନ ରାଉତରାୟ, ବୌଦ୍ଧ ଥାନାଧିକାରୀ ନଳିନୀକାନ୍ତ ଦାସ ଉପସ୍ଥିତ ଥିଲେ।

# ବୌଦ୍ଧ ମୁଖ୍ୟ ଡାକଘରୁ ଚୋରି

**ବୌଦ୍ଧ,୧।୧୨(ଅଜିତ କୁମାର ବାରିକ):** ବୌଦ୍ଧ ସହର ମୁଖ୍ୟ ଡାକଘରୁ ରବିବାର ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କର୍ମଚାରୀମାନେ ସୋମବାର କାର୍ଯ୍ୟାଳୟ ଖୋଲିବା ପାଇଁ ଆସି ଡାକଘର ପଛପଟ ଗ୍ରୀଲ ଭାଙ୍ଗି କେହି ଦୁର୍ବୃତ୍ତ କାର୍ଯ୍ୟାଳୟକୁ ପସି ଲକର କାଟିଥିବା ଦେଖିବାକୁ ମିଳିଥିଲା। ବୌଦ୍ଧ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଏସ୍‌ପି ରାହୁଲ ଗୋଏଲ ପ୍ରକାଶ କରିଛନ୍ତି।

# ଗୋପପୁର ବିନା ଧନୁଯାତ୍ରା ମହୋତ୍ସବର ପରିକଳ୍ପନା ଅସମ୍ଭବ

## ଗୋପପୁରରେ ଶୁଭସ୍ତମ୍ଭ ସ୍ଥାପନ

**ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୪ତାରିଖରୁ ଆରମ୍ଭ ହେବ। ଦୀର୍ଘ ୧୧ଦିନ ବ୍ୟାପୀ ୨୦୨୬ ଜାନୁୟାରୀ ୩ ଯାଏ ଏହି ମହୋତ୍ସବ ଚାଲିବ। ଗୋପପୁର ବିନା ଧନୁଯାତ୍ରା ମହୋତ୍ସବର ପରିକଳ୍ପନା ଅସମ୍ଭବ। ଏହି ଦୃଷ୍ଟିରୁ ଧନୁଯାତ୍ରା ମହୋତ୍ସବ ଚାଲିଥିବାବେଳେ ବରଗଡ଼ ସହର ମଥୁରାନଗରୀ ପାଲଟୁ ଥିବାବେଳେ ଅମ୍ବାପାଲି ଗୋପପୁର ହୋଇଥାଏ। ମଝିରେ ପ୍ରବାହିତ ଜୀରାନଦୀ ଯମୁନା ରୂପ ନେଇଥାଏ। ତେବେ ବରଗଡ଼ ସହର ହାଟପଦାରେ ଇତିମଧ୍ୟରେ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପିତ ହୋଇ ସାରିଥିବାବେଳେ ସୋମବାର ସନ୍ଧ୍ୟାରେ ଅମ୍ବାପାଲି(ଗୋପପୁର)ରେ ଶୁଭସ୍ତମ୍ଭ ସ୍ଥାପିତ ହୋଇଛି। ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଜୀରାନଦୀ କୂଳ କଦମ୍ବ ବନକୁ ପହଞ୍ଚିଥିଲା। ସେଠାରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଶ୍ରୀରାଧା, ଶ୍ରୀକୃଷ୍ଣ ଏବଂ ବଳରାମ କଳାକାରଙ୍କୁ ବରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, କାଉନ୍‌ସିଲର ଗୀତାଞ୍ଜଳି ବାଗ, ନାରାୟଣ ଭୋଇ, ଈଶ୍ୱର ବାଗ, ଦୟାନିଧି ପ୍ରଧାନ, ପଞ୍ଚାନନ ବିର୍ତ୍ତିଆ, ସୁନୀଲ ଶର୍ମା, ଶିବାନନ୍ଦ ମଟାରୀ, ରାଜକୁମାର ବିଶି ପ୍ରମୁଖ ଉପସ୍ଥିତ ଥିଲେ।


ଶୁଭସ୍ତମ୍ଭ ସ୍ଥାପନ ବେଳେ ଶୋଭାଯାତ୍ରା।

# ଏଡ୍‌ସ ନିରାକରଣରେ ସଚେତନତା ଲୋଡ଼ା

**ବରଗଡ଼,୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ବିଭିନ୍ନ ସ୍କୁଲରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅମ୍ବାଭୋନାର ଡା. ପ୍ରଶାନ୍ତ ପଣ୍ଡା ଯୋଗ ଦେଇଥିଲେ। ବିଦ୍ୟାଳୟର ଜୁନିୟର୍ ରେଡକ୍ରସ କାଉନସେଲର ତଥା ରେଡ ରିବନ କ୍ଲବର ମାର୍ଗ ଦର୍ଶକ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ବିଶ ଏଡ଼ସ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଚଳିତ ବର୍ଷର ବିଶ୍ୱ ଏଡସ ଦିବସର ପ୍ରସଙ୍ଗ ବ୍ୟାଘାତ ଅତିକ୍ରମ କରିବା ଓ ଏଡସକୁ ମୂଳପୋଛ କରିବା ଉଦ୍ୟମକୁ ଆଗେଇନେବା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ପଣ୍ଡା ଏଚ୍‌ଆଇଭି ସଂକ୍ରମଣର କାରଣ, ଲକ୍ଷଣ ଓ ଏଡ଼ସରୁ ମୁକ୍ତି ପାଇବାର ଉପାୟ ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ଧାରଣା ସଚେତନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଏଡ଼ସ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତାରେ ୩୫ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିବା ବେଳେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପିଏମଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଅମ୍ବାଭୋନାରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରଥ ଅଧ୍ୟକ୍ଷତା କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୀବର୍ଦ୍ଧନ ଦୁଆନ, କମିଟି ସଦସ୍ୟା ସୌଦାମିନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।



ପାଇକମାଳରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ।

**ପାଇକମାଳ(ବଡ଼ ଶତପଥୀ):** ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ସୋମବାର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଉଦ୍ଦୁ ଏଡ୍‌ସ ରୋଗର ଭୟାବହତା ଓ ତା'ର ନିରାକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ନୃସିଂହନାଥ ବନ ବିଭାଗ ରେଞ୍ଜର ନୀହାର ରଞ୍ଜନ ସୁତାର ଏବଂ ମିଠାପାଲି ଗୋପାଳ ଚନ୍ଦ୍ର ସାଏ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଯୁବ ରେଡକ୍ରସ୍ ଓ ଏନ୍‌ଏସ୍‌ଏସ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିର ୨୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

**ବରପାଲି,(ଚିତ୍ତରଞ୍ଜନ ସାହୁ):** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ସହକାରୀ ଅଧ୍ୟକ୍ଷ ଓଡ଼ିଆ ବିଭାଗର ମୁଖ୍ୟ ଯୁବ ରେଡକ୍ରସ କାଉନ୍‌ସିଲର ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଡ. ଚିନ୍ମୟ ଯାଦବ ସମ୍ମାନିତ ଅତିଥି ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା, ସମ୍ମାନିତ ଅତିଥି ଡ. ବିଶ୍ୱଜିତ୍ ପାଢ଼ୀ ଯୋଗଦେଇଥିଲେ। ପ୍ରଥମରୁ ହିନ୍ଦୀ ବିଭାଗର ମୁଖ୍ୟ ଜ୍ୟୋତି ସାହୁ ଅତିଥି ସ୍ୱାଗତ କରିଥିବା ବେଳେ ଇତିହାସ ବିଭାଗର ଅଧ୍ୟାପିକା ତଥା ରେଡକ୍ରସ ସହଯୋଗୀ କାଉନ୍‌ସିଲର ଯାଜ୍ଞସେନୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଶଶାଙ୍କ ଶେଖର ପଧାନ ପ୍ରବନ୍ଧ ଲିଖନ, ବକ୍ତୃତା, ରଙ୍ଗୋଲୀ ପ୍ରଭୃତି ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନରେ ସହଯୋଗ କରିଥିଲେ। ପରେ ସ୍ୱେଚ୍ଛାସେବୀମାନେ ମୁଖ୍ୟ ରାସ୍ତାକୁ ଆସି ଲୋକଙ୍କୁ ସଚେତନ କରାଇ ପୁସ୍ତିକା ବଣ୍ଟନ କରିଥିଲେ।

# ଏଡ୍‌ସର ଭୟାବହତା, ପ୍ରତିକାର ବିଷୟରେ ସଚେତନତା

## ସୁନ୍ଦରଗଡ଼ରେ ବିଶ୍ୱ ଏଡ୍‌ସ ଦିବସ

**ସୁନ୍ଦରଗଡ,୧।୧୨ (ଜୟ ନାରାୟଣ ମେଣ୍ଡୁଲି)/ ବଡ଼ଗାଁ (ଅଶୋକ ଷଡ଼ଙ୍ଗୀ)/ କୁତ୍ରା(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା ସ୍ୱାସ୍ଥ୍ୟ ସମିତି ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଭାର ମିଳିତ ଆନୁକୂଲ୍ୟରେ ସୋମବାର ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଲୁହୁରାଢିପା ସ୍ଥିତ ସରକାରୀ ନର୍ସିଂ କଲେଜ ଠାରୁ ଏଏନଏମ ଟିସି, ଜିଏନଏମ କଲେଜର ଛାତ୍ରୀ ଓ ଆଭାର ଲିଙ୍କ ୱାର୍କର୍ସଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରି ନୂଆ ବସଷ୍ଟାଣ୍ଡ ଦେଇ ନର୍ସିଂ କଲେଜରେ ପହଞ୍ଚିଥିଲା। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାଶିଷ ମହାରଣା, ସୁନ୍ଦରଗଡ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ଡାକ୍ତର ନିର୍ମଳ ଚନ୍ଦ୍ର ସାହାଣୀ, ଡିଏସପି ଦ୍ରୌପଦୀ ଦାସ, ସୁନ୍ଦରଗଡ ସରକାରୀ ନର୍ସିଂ କଲେଜର ଅଧ୍ୟକ୍ଷା ଗୀତାଞ୍ଜଳୀ ବେହେରା, ଦିଶାର ସିପିଏମ ଗଣେଶ୍ୱର ପଣ୍ଡା ଅତିଥିଭାବେ ଯୋଗଦେଇ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ ନର୍ସିଂ କଲେଜରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ ଅତିଥିମାନେ ଜିଲାରେ ବର୍ତ୍ତମାନ ଏଡସର ସ୍ଥିତି ସମ୍ପର୍କରେ ଆଲୋଚନା କରି ଏହାକୁ ନିୟନ୍ତ୍ରଣ ପାଇଁ ସରକାର ତରଫରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ନର୍ସିଂ ଓ ଏଏନଏମ ଟିସି ଛାତ୍ରୀମାନଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଭାର ଅଶ୍ୱିନୀ କୁମାର ସାହୁ, ସମର ବିଳାସ ପରିଡା, ମହେନ୍ଦ୍ର ସ୍ୱାଇଁ, ଆଇସିଟିସିର କାଉନସେଲର ରଶ୍ମି ରେଖା ପାଣି, ସୁଜିତ କୁମାର ଟପ୍ପୋ, ଭରସାର ଜୀବନ ଆଚାର୍ଯ୍ୟ, ସେବକର ସଞ୍ଜୁ ପଟେଲ,ଏନଟିଇପିର ରାଜକୁମାର ଦେହୁରୀ ପରିଚାଳନା କରିଥିଲେ। ଜିଲା ସ୍ୱାସ୍ଥ୍ୟ ସମିତିର ଅଜୟ କୁମାର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

ସେହିପରି ଗଡତୁମୁଲିଆ ସ୍ଥିତ ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ନୀନା ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସରୋଜ ମିଶ୍ର ଏବଂ ଗଙ୍ଗାଧର ବାରିକ ଏଡସ ରୋଗର ପୃଷ୍ଠଭୂମି ଏବଂ ଭୟବହତା ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ପଲ୍ଲ ଠାକୁର ଏଡସ ରୋଗର ସ୍ଥିତି, ସଂକ୍ରମଣ, ସଚେତନତା ଏବଂ ଉପଚାରର ସମସ୍ତ ବୈଷୟିକ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ସଚେତନତା ନାରା ସହିତ ବସ୍ତି ପରିକ୍ରମା କରିଥିଲେ। ଏଡସ ସଚେତନତା ସୃଷ୍ଟି ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଯୁବ ରେଡକ୍ରସ କାଉନ ସେଲର ଜିତେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସୁନ୍ଦରଗଡ଼ ଟାଉନ ରୋଟାରି କ୍ଲବ ଏବଂ ଭେଡାବାହାଲ ନର୍ସିଂ କଲେଜର ମିଳିତ ଉଦ୍ୟମରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରୋଟାରି କ୍ଲବ ସଦସ୍ୟାସଦସ୍ୟ, ତାଙ୍କ ପରିବାରବର୍ଗ ତଥା ସୁନ୍ଦରଗଡ଼ ନର୍ସିଂ କଲେଜର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଶଙ୍କରାଠାରୁ ଷ୍ଟେଟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଜନତାଙ୍କୁ ଏଡ୍‌ସର ଭୟାବହତା ଓ ତା'ର ପ୍ରତିକାର ବିଷୟରେ ସଚେତନ କରାଯାଇଥିଲା। ଷ୍ଟେଟ ବ୍ୟାଙ୍କ ଛକ ଠାରେ ଏଡ୍‌ସ ସମ୍ବନ୍ଧୀୟ ଏକ ଏକାଙ୍କିକା ଓ ନୃତ୍ୟନାଟିକା ଅଭିନୀତ ହୋଇଥିଲା। ମୁଖ୍ୟ ଅତିଥି ପ୍ରାକ୍ତନ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ଦିଲୀପ କୁମାର ଷଡ଼ଙ୍ଗୀ ଏଡ୍‌ସ ରୋଗରେ ସତର୍କତା ଅବଲମ୍ବନ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ରୋଟାରି କ୍ଲବ ସଭାପତି ଡ. ଚିରବ୍ରତ ଦତ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସମ୍ପାଦକ ରୋଟାରିୟାନ ଦୀନବନ୍ଧୁ ଭିତ୍ରିଆ, ଦିଲୀପ କୁମାର ପଟେଲ, ଶୁଭେନ୍ଦୁ ମହାପାତ୍ର, ବାଳଗୋପାଳ ମିଶ୍ର, ପ୍ରଦୀପ ଦାଶ, ସଞ୍ଜୟ ଅଗ୍ରୱାଲ, ରୋଟାରି ସାଥୀ ଗୀତାଞ୍ଜଳି ଭିତ୍ରିଆ, ଶିକ୍ଷୟିତ୍ରୀ କରିସ୍ମା ବାଗ ଓ ଇତିଶ୍ରୀ ମଲ୍ଲିକ ଯୋଗଦେଇଥିଲେ।

ବଡ଼ଗାଁସ୍ଥିତ ଡିଗ୍ରୀ କଲେଜ ଓ ନର୍ସିଂ କଲେଜରେ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଡିଗ୍ରୀ କଲେଜରେ ଆୟୋଜିତ ସଚେତନତା ସଭାରେ ଅଧ୍ୟକ୍ଷ ହେମନ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସଚେତନ ଛାତ୍ର ସମାଜ ସେମାନଙ୍କ ଚେଷ୍ଟା ଓ ଉଦ୍ୟମ ମାଧ୍ୟମରେ ଏଡ୍‌ସ ସମ୍ବନ୍ଧୀୟ ସଚେତନତାକୁ ତ୍ୱରାନ୍ୱିତ କରିପାରିବେ। ଏଥିରୁ ଦୂରେଇ ରହିବାକୁ ହେଲେ ଛାତ୍ର ସମାଜ ଶୃଙ୍ଖଳିତ, ନୈତିକ ମୂଲ୍ୟବୋଧକୁ ହୃଦୟଙ୍ଗମ କରି ଉନ୍ନତିମୂଳକ କାର୍ଯ୍ୟରେ ମନୋନିବେଶ କରିବାକୁ ହେବ ବୋଲି ସେ କହିଥିଲେ। ଅଧ୍ୟାପିକା ମାଳବିକା ସାମଲ ଏଡ୍‌ସ ଏକ ସାମାଜିକ ବ୍ୟାଧି ନୁହେଁ ବୋଲି ମତ ପୋଷଣ କରିଥିଲେ। ଏଡ୍‌ସ ରୋଗଗ୍ରସ୍ତଙ୍କୁ ସହାନୁଭୂତି ଓ ସ୍ନେହ ଶ୍ରଦ୍ଧାର ସହିତ ଆଚରଣ ଦର୍ଶାଇବା ଉଚିତ। ଅଧ୍ୟାପକ ତାପସ କର, ଲକ୍ଷ୍ମୀକାନ୍ତ ସାହୁ ଛାତ୍ରୀଛାତ୍ର ଉଚିତ ଓ ଅନୁଚିତ କାର୍ଯ୍ୟକଳାପକୁ ଉପଲବ୍ଧି କରି ସେ ଅନୁଯାୟୀ କାର୍ଯ୍ୟ କଲେ ସଚେତନତା ପ୍ରକୃତରେ ଚରିତାର୍ଥ ହୋଇପାରିବ ବୋଲି କହିଥିଲେ। କଲେଜର ସମସ୍ତ କର୍ମଚାରୀ ଏଥିରେ ଅଂଶଗ୍ରହଣ କରି ନିଜ ନିଜ ମତ ରଖିଥିଲେ। ସେହିପରି ବଡ଼ଗାଁ ନର୍ସିଂ କଲେଜରେ ଆୟୋଜିତ ସଚେତନତା ସଭାରେ ବଡ଼ଗାଁ ସିଏଚ୍‌ସିର ଡାକ୍ତର ବିଶ୍ୱରଞ୍ଜନ ସାହୁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସରୋଜ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଡାକ୍ତର ସାହୁ ଏଡ୍‌ସ ସମ୍ପର୍କିତ ଭ୍ରାନ୍ତି, ଭୟ ଓ ମିଥ୍ୟା ଧାରଣାକୁ ଦୂର କରିବାକୁ କହିଥିଲେ। ଏହି ଅବସରରେ ଏଡ୍‌ସ ସଚେତନତା ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଏନ୍‌ସିର ପଦାଧିକାରୀ କେଶବ ଚନ୍ଦ୍ର ପାତ୍ର, ଇଂ ସୁବ୍ରତ ବିଶାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

କୁତ୍ରା ବ୍ଲକ ପୁର୍କାପାଲି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ମନୋଜ ଡୁଙ୍ଗଡୁଙ୍ଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ବ୍ୟାନର ଧରି ଗ୍ରାମ ପରିକ୍ରମା କରିବା ସହିତ ଏଡ୍‌ସ ବିଷୟରେ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ବକ୍ତାଭାବେ ପୁର୍କାପାଲି ମେଡିକାଲର ଆୟୁଷ ଡାକ୍ତର ପ୍ରଶାନ୍ତ ମଲ୍ଲିକ ଯୋଗଦେଇଥିଲେ। ତାଙ୍କ ବକ୍ତବ୍ୟ ମାଧ୍ୟମରେ ଏଡ୍‌ସ ରୋଗ କିପରି ହୁଏ, ଏହାର ଲକ୍ଷଣ, ଏହାର ନିରାକରଣ ବିଷୟରେ ବିସ୍ତୃତ ଭାବରେ ଆଲୋକପାତ କରିବା ସହିତ ଛାତ୍ରୀଛାତ୍ରଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଜେଆରସି କାଉନ୍‌ସିଲର ସଞ୍ଜୟ ଗନ୍ଧା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିପ୍ରଭା ପଟେଲ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ସଚେତନତା ଶୋଭାଯାତ୍ରା କୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।



ରୋଟାରି କ୍ଲବ ଓ ସୁନ୍ଦରଗଡ ନର୍ସିଂ କଲେଜ ପକ୍ଷରୁ ଆୟୋଜିତ ବିଶ୍ୱ ଏଡସ ଦିବସ ପାଳନ କାର୍ଯ୍ୟକ୍ରମ।

# ଜିଲାରେ ୧୩୦ ନୂତନ ଭୋଟ କେନ୍ଦ୍ର ପାଇଁ ଅନୁମୋଦନ

**ସୁନ୍ଦରଗଡ଼,୧।୧୨(ଜୟ ନାରାୟଣ ମେଣ୍ଡୁଲି)**

ଭୋଟଦାତାଙ୍କ ସୁବିଧା, ସୁରକ୍ଷା, ଭିଡ ନିୟନ୍ତ୍ରଣ, ଭୋଟଦାନ କେନ୍ଦ୍ରର ଦୂରତା ଆଦିକୁ ଧ୍ୟାନରେ ରଖି ସୁନ୍ଦରଗଡ ଜିଲାରେ ନୂତନ ଭୋଟଦାନ କେନ୍ଦ୍ର ଗଠନ ନିମନ୍ତେ ପୂର୍ବରୁ ପ୍ରସ୍ତାବ ରହିଥିଲା। ସେହି ପ୍ରସ୍ତାବକୁ ଭାରତୀୟ ନିର୍ବାଚନ କମିଶନ ଅନୁମୋଦନ କରିଛନ୍ତି। ସେହି ଅନୁସାରେ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂତନ ଭୋଟ କେନ୍ଦ୍ରଗୁଡ଼ିକ ସୃଷ୍ଟି ହୋଇଛି। ଏହି କ୍ରମରେ ତଳସରା ନିର୍ବାଚନମଣ୍ଡଳୀରେ ପୂର୍ବରୁ ୨୭୭ଟି ଭୋଟ କେନ୍ଦ୍ର ରହିଥିଲା। ସେଠାରେ ଏବେ ୨୬ଟି ନୂତନ ଭୋଟ କେନ୍ଦ୍ର ସୃଷ୍ଟି କରାଯାଇଛି। ସେହିଭଳି ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀରେ ପୂର୍ବରୁ ୨୯୬ଟି ଭୋଟ କେନ୍ଦ୍ର ରହିଥିବା ବେଳେ ବର୍ତ୍ତମାନ ୧୮ଟି ନୂତନ କେନ୍ଦ୍ର ସୃଷ୍ଟି କରାଯାଇଛି। ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ୩୦୧ଟି ଭୋଟ କେନ୍ଦ୍ର ରହିଥିଲା ଏବଂ ସେଠାରେ ଏବେ ୧୬ଟି ନୂତନ ଭୋଟ କେନ୍ଦ୍ର କରାଯାଇଛି। ରଘୁନାଥପାଲି ନିର୍ବାଚନମଣ୍ଡଳୀରେ ପୂର୍ବରୁ ୧୯୩ଟି ଭୋଟ କେନ୍ଦ୍ର ଥିବାବେଳେ ବର୍ତ୍ତମାନ ୬ଟି ନୂତନ କେନ୍ଦ୍ର ସୃଷ୍ଟି କରାଯାଇଛି। ରାଉରକେଲା ନିର୍ବାଚନମଣ୍ଡଳୀରେ ଆଗରୁ ୧୯୭ ଭୋଟ କେନ୍ଦ୍ର ଥିଲା ଏବଂ ଏବେ ୧୨ଟି ନୂତନ କେନ୍ଦ୍ର ସୃଷ୍ଟି କରାଯାଇଛି। ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀରେ ପୂର୍ବରୁ ୨୭୪ଟି ଭୋଟ କେନ୍ଦ୍ର ଥିଲା ଏବଂ ଏବେ ୩୬ଟି ବୃଦ୍ଧି ହୋଇଛି। ସେହିପରି ବଣାଇ ନିର୍ବାଚନମଣ୍ଡଳୀରେ ପୂର୍ବରୁ ୩୦୯ଟି ଭୋଟ କେନ୍ଦ୍ର ଥିବାବେଳେ ବର୍ତ୍ତମାନ ୧୬ଟି ନୂତନ ଭୋଟ କେନ୍ଦ୍ର ସୃଷ୍ଟି କରାଯାଇଛି। ଜିଲାରେ ପୂର୍ବରୁ ୧୮୪୭ଟି ଭୋଟ କେନ୍ଦ୍ର ରହିଥିଲା, ବର୍ତ୍ତମାନ ୧୩୦ଟି ନୂତନ କେନ୍ଦ୍ର ବୃଦ୍ଧି ହେବାପରେ ତାହା ୧୯୭୭ଟି ଭୋଟ କେନ୍ଦ୍ର ହୋଇଛି ବୋଲି ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# ୧୯ ଅଭିଯୋଗର ତତ୍କ୍ଷଣାତ୍ ସମାଧାନ


ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

**ସୁନ୍ଦରଗଡ଼,୧।୧୨(ଜୟ ନାରାୟଣ ମେଣ୍ଡୁଲି)**

### ଟାଙ୍ଗରପାଲି ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ଟାଙ୍ଗରପାଲି ବ୍ଲକ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୮୩ଟି ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ୩୬ ବ୍ୟକ୍ତିଗତ ଏବଂ ୩୫ ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ ୧୯ଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୦ଟି ଆବେଦନ ରହିଥିଲା ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ୨ଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ସୂରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ତେଜସ୍ୱିନୀ ବେହେରା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଡ଼ଗାଁରେ ଗୀତା ଜୟନ୍ତୀ

**ବଡ଼ଗାଁ,୧।୧୨(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବସ୍ତିସ୍ଥିତ ଦେବ ମଣ୍ଡପଠାରେ ସୋମବାର ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ପୂଜକ ସନାତନ ପୁରୋହିତଙ୍କ ଦ୍ୱାରା ଯଜ୍ଞ କରାଯାଇଥିଲାବେଳେ ତାଙ୍କୁ ପୂଜକ ସୌମ୍ୟରଞ୍ଜନ ପଣ୍ଡା, ସୁମିତ ପଣ୍ଡା ଓ ପବନ ପୂଜାରୀ ସହଯୋଗ କରିଥିଲେ। ପ୍ରଣବ ପଣ୍ଡା ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରେଣୁ ମାଧବ ହୋତା, ପଦ୍ମନାଭ ପଣ୍ଡା ଗୀତାପାଠ କରିଥିଲେ।

### ସିଟିଜେନ ଫୋରମର ସ୍ୱନକ୍ଷତ୍ର ଦିବସ

**ଥୁଆମୂଳ ରାମପୁର,୧।୧୨ (ଦୁର୍ଗା କୀର୍ତ୍ତି):** ସିଟିଜେନ ଫୋରମ କଳାହାଣ୍ଡି ତରଫରୁ ରବିବାର ୧୮ତମ ସ୍ୱନକ୍ଷତ୍ର ଦିବସ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗ୍ରାମ ବିକାଶ ଶିକ୍ଷା ନିକେତନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଫୋରମର ବାର୍ଷିକ ମୁଖପତ୍ର ପଞ୍ଚଜନ୍ୟ ଉନ୍ମୋଚନ କରାଯାଇଥିଲା। ଫୋରମର ସମ୍ପାଦକ ପ୍ରଫେସର ସୀମାଞ୍ଚଳ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଫୋରମର ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱାମୀ ପ୍ରେମାନନ୍ଦ ସରସ୍ୱତୀ ମୁଖ୍ୟଅତିଥି, ପୂର୍ବତନ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ ମୁଖ୍ୟବକ୍ତା ଓ ଘନଶ୍ୟାମ ଜୈନ, ଟିଟିଲାଗଡ଼, ଗଙ୍ଗାଧର ମାଝୀ, ଅବସରପ୍ରାପ୍ତ ଜିଏସ୍‌ଟି କମିଶନର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷା, କୃଷି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଅଜୟ କୁମାର ପଣ୍ଡା, ଡ. ତ୍ରିଭୁବନ ପଣ୍ଡା, ଡା. ବିଶଜିତ ହୋତାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଥୁଆମୂଳ ରାମପୁର ବ୍ଲକ ସଭାପତି ସତ୍ୟନାରାୟଣ ମୁଣ୍ଡଛିନା ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା।

**କୁତ୍ରା,୧।୧୨ (ଦେବାଶିଷ ସାହୁ)**

ପ୍ରାଥମିକ ଶିକ୍ଷକ ସଂଘ ଏନ୍‌ପିଏସ୍ ଓଡ଼ିଶାର ନିଷ୍ପତ୍ତି କ୍ରମେ କୁତ୍ରା ବ୍ଲକ ଶିକ୍ଷକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ସଭାପତି ପୁଲିନ୍ଦ୍ର ଦେହୁରିଆ ଓ ସେକ୍ରେଟାରୀ ଚିତ୍ତରଞ୍ଜନ ସାହୁଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ କୁତ୍ରା କଲ୍ୟାଣ ମଣ୍ଡପଠାରୁ ଏକ ବିଶାଳ ରାଲିରେ ବାହାରି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ବିଇଓ ଅନନ୍ତକୁମାର ନାଏକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷକ ମହାସଂଘର ଦାବିଗୁଡ଼ିକ ହେଲା ମୂଳ ପୋଷ୍ଟକୁ ଅପଗ୍ରେଡ୍ କରି ୪୨୦୦ ଟଙ୍କା ଗ୍ରେଡ୍‌ପେ ପ୍ରଦାନ, ସମସ୍ତ ଶିକ୍ଷକଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରି ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ। ଏହି ଅବସରରେ ସଚ୍ଚିଦାନନ୍ଦ କାକ, ସରୋଜ ସାରା, ଶଙ୍କର ନିଖଣ୍ଡିଆ, ସରୋଜ ମିଞ୍ଜ, ବିକାଶ ସାହୁ, ଜନ୍ମେଜୟ କେର୍କେଟା, ବିନ୍ଦୁ କୁଲୁ, ନମିତା କୁଜୁର, ସୁଦର୍ଶନ ଗଙ୍ଗାଇ, ପ୍ରଣବ ବରୁଆ, ଚନ୍ଦ୍ରଭାନୁ କୁଅାଁରଦାର, ପୃଷ୍ଟି ବୁଡା, ସମୀର ରଣା ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

### ଓଲଟିଲା ବୋଲେରୋ, ବର୍ତ୍ତିଲେ ୮ଜଣ

**ଥୁଆମୂଳ ରାମପୁର, ୧।୧୨ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ସଦରରେ ରବିବାର ରାତିରେ ଏକ ବୋଲେରୋ ଓଲଟିବାରୁ ଏଥିରେ ଥିବା ୮ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁସାରେ ରାତି ପ୍ରାୟ ସାଢେ ୮ଟା ସମୟରେ ଓଡି୦୮କେ-୮୮୫୫ ନମ୍ବର ବିଶିଷ୍ଟ ବୋଲେରୋରେ ନକରୁଣ୍ଡି ଗ୍ରାମପଞ୍ଚାୟତ ମୋହନଗିରି ଗ୍ରାମର ୮ ଜଣ ଲୋକ ଏକ ସାମାଜିକ କାର୍ଯ୍ୟରେ ଡୁମରପଦର ଯାଇଥିଲେ। କାମ ସାରି ସେମାନେ ଫେରୁଥିବା ବେଳେ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପାଖ ବୁଲାଣି ରାସ୍ତାରେ ବୋଲେରୋ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଆହତ ଲୋକଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାରକରି ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡ୍ରାଇଭର ଅଜିତ ନାଏକ (୩୫)ଙ୍କ ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ କେତେଜଣ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ୨କଳାକାରଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିଙ୍କ ସହିତ ୨କଳାକାର।

**ସୁନ୍ଦରଗଡ,୧।୧୨(ଜୟ ନାରାୟଣ ମେଣ୍ଡୁଲି)**

ଭୁବନେଶ୍ୱର ଠାରେ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ୨ ସୁନ୍ଦରଗଡ ମାଟିର ଝିଅ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ସସ୍ମିତା ସାହୁ ଏବଂ ସ୍ୱନାମଧନ୍ୟ ନାଟ୍ୟକଳାକାର ଲକ୍ଷ୍ମୀପ୍ରଭା ପତିଙ୍କୁ ସ୍ଥାନୀୟ କଳାକାର ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା କ୍ରିଡା ସଂସଦ ଷ୍ଟାଡିୟମ ଠାରେ ସୋମବାର ସନ୍ଧ୍ୟାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ୨ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରି ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ବିଶିଷ୍ଟ ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ଦୁର୍ଗା ମାଧବ ପଣ୍ଡା, ବରିଷ୍ଠ କଳାକାର ଦେବେନ ଅମାତ, ଯୁବ କଳାକାର ତଥା ନୃତ୍ୟ ନିର୍ଦ୍ଦେଶକ ରୋଶନ ସାହୁ, କଣ୍ଠ ଶିଳ୍ପୀ ମଧୁସ୍ମିତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସ୍ମାରକପତ୍ର ପ୍ରଦାନ

**ସୁନ୍ଦରଗଡ,୧।୧୨(ଜୟ ନାରାୟଣ ମେଣ୍ଡୁଲି)**

ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘର ଆହ୍ୱାନ କ୍ରମେ ସବ୍‌ଡେଗା ବ୍ଲକ ପ୍ରାଥମିକ ଶିକ୍ଷକ ମହାସଂଘ ତରଫରୁ ୨ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ସୋମବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସବ୍‌ଡେଗା ବ୍ଲକ ସଭାପତି ନୟନ କୁମାର ପୂଜାରୀ ଓ ସମ୍ପାଦକ ଅର୍ଜୁନ ରୋହିଦାସଙ୍କ ନେତୃତ୍ୱରେ ବ୍ଲକର ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ,ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷକଙ୍କୁ ଲେବେଲ ୯ ହାରରେ ୪୨୦୦ ଗ୍ରେଡ 'ପେ ପ୍ରଦାନ କରିବା, ଠିକା ନିଯୁକ୍ତି ସମୟର ୬ ବର୍ଷ ଓ ୮ ବର୍ଷର ବରିଷ୍ଠତା ପ୍ରଦାନ କରି ୬ ଓ ୮ ଟି ନ୍ୟାସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ଏହି ଦାବି ନେଇ ଶିକ୍ଷକମାନେ ବାରମ୍ବାର ଆନ୍ଦୋଳନ କରୁଥିବା ବେଳେ ଦାବି ପୂରଣରେ ଟାଳ ଟୁଳ ନୀତି ଅବଲମ୍ବନ କରାଯାଉଛି। ଡିସେମ୍ବର ୪ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୫ ତାରିଖରୁ ଭୁବନେଶ୍ୱରଠାରେ ରାଜ୍ୟର ସମସ୍ତ ଶିକ୍ଷକ ଆନ୍ଦୋଳନରେ ବସିବେ ବୋଲି ସଂଘ ତରଫରୁ କୁହାଯାଇଛି।


ବିଭିନ୍ନ ଦାବି ନେଇ ଶିକ୍ଷକ ସଂଘ ପକ୍ଷରୁ ସବଡେଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଉଛି।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା

**ବଡ଼ଗାଁ,୧।୧୨(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷକ ଜଗତପାଲ ସିଂ ନିନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ମୁଖ୍ୟ ଅତିଥି ଓ ଏବିଇଓ ଚତୁର୍ଭୁଜ ରାଉଡ଼ିଆ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ଏହି ପ୍ରତିଯୋଗିତା ପରିଚାଳନାରେ ଶିକ୍ଷକ ସତ୍ୟବ୍ରତ ନାଏକ, ମାନସ ରଞ୍ଜନ ପାଣ୍ଡେ, ବିପିନ କିଶୋର ଟିଗା, ସିଆର୍‌ସିସି ସହଯୋଗ କରିଥିଲେ।

## ୧୯ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ଦେବଗଡ଼,୧।୧୨(ଶଶାଙ୍କ ଶେଖର ଝାଙ୍କର)- ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୧୭ଟି ବ୍ୟକ୍ତିଗତ ଏବଂ ଦୁଇଟି ସାମୂହିକ ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ବାର୍ଦ୍ଧକ୍ୟ ଭତ୍ତା, ରାସ୍ତା, ପାନୀୟଜଳ, ବିଦ୍ୟୁତୀକରଣ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଏସ୍‌ପି ଅନିଲ କୁମାର ମିଶ୍ର, ଉପଜିଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଅର୍ଜୁନ କୁଜୁର, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସୁଭଦ୍ରା ଯୋଜନା ସର୍ଭେରେ ପାତରଅନ୍ତର ଅଭିଯୋଗ

ଝାରସୁଗୁଡ଼ା,୧।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ପରମାଣପୁର ପଞ୍ଚାୟତ ଅଧୀନ ପତ୍ରାପାଲି ଗ୍ରାମରେ ସୁଭଦ୍ରା ଯୋଜନାରେ ମହିଳା ହିତାଧିକାରୀ ଚୟନ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ହୋଇଥିବା ସର୍ଭେରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ବହୁସଂଖ୍ୟକ ମହିଳା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପୁଣି ଥରେ ସର୍ଭେ ପାଇଁ ପଦକ୍ଷେପ ନେବା ଏବଂ ପୂର୍ବରୁ ସର୍ଭେ କରିଥିବା

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା

ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ସର୍ଭେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଘର ଘର ବୁଲି ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଥିଲା। ମାତ୍ର ସେ ସମୟରେ ସର୍ଭେ ଦାୟିତ୍ୱରେ ଥିବା ଅଧିକାରୀ ନିଜ ଅଫିସରେ ବସି ଗ୍ରାମର ୨/୩ ଜଣଙ୍କ ମତାମତ ନେଇ ବିଡିଓଙ୍କୁ ସର୍ଭେ ରିପୋର୍ଟ ଦେଇଥିଲେ, ଯାହାର ପରିଣାମ ସ୍ୱରୂପ ପତ୍ରାପାଲି ଗ୍ରାମର ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଥିବାବେଳେ ଧନୀ ଶ୍ରେଣୀର ଅଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇ ଆର୍ଥିକ ସହାୟତା ପାଉଛନ୍ତି। ଏନେଇ ତାଲିକାରୁ ବାଦ୍ ପଡ଼ିଥିବା ଗ୍ରାମର ଯୋଗ୍ୟ ହିତାଧିକାରୀମାନେ ବ୍ଲକ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଫଳରେ ଅସନ୍ତୋଷ ବ୍ୟକ୍ତ କରି ଗ୍ରାମର ଅଞ୍ଜନା ପଧାନ, ଭାରତୀ ପଧାନ, ନୀଳେନ୍ଦ୍ରି ପଧାନ, ରେବତୀ ପଧାନ, କୁମୁଦିନୀ ପଧାନ, ଜ୍ୟୋତିର୍ମୟୀ ପଧାନ, ବବିତା ପଧାନ, ଚେତନା ପଧାନ, ଚନ୍ଦ୍ରିକା ପଧାନ, ରିଙ୍କି ପଧାନ ପ୍ରମୁଖ ଆଶାୟୀଙ୍କ ସହ ଅନେକ ହିତାଧିକାରୀ ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ କହିଛନ୍ତି, ଯଦି କୌଣସି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବାଦ୍ ପଡିଛନ୍ତି, ତେବେ ଏହାର ତଦନ୍ତ କରାଯାଇ ସେମାନଙ୍କୁ ସାମିଲ କରାଯିବ।

# କର୍ମଜୀବୀ ମହିଳା ହଷ୍ଟେଲ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଦେବଗଡ଼,୧।୧୨(ଶଶାଙ୍କ ଶେଖର ଝାଙ୍କର)

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନଙ୍କ ଆହ୍ୱାନକ୍ରମେ ସ୍ଥାନୀୟ କାନାଡା ବ୍ୟାଙ୍କ ପାର୍ଶ୍ୱରେ କର୍ମଜୀବୀ ମହିଳା ହଷ୍ଟେଲ (ସଖୀ ନିବାସ) ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ବରେଣ୍ୟ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଅରୁଣ ସାହୁ, ଭାରପ୍ରାପ୍ତ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରିକ୍ଷିତ ସାହୁ ଅନ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ହଷ୍ଟେଲରେ ସରକାରୀ ଓ ବେସରକାରୀ କର୍ମଚାରୀ, ଉଚ୍ଚଶିକ୍ଷା ଲାଭ ଓ ତାଲିମ କାର୍ଯ୍ୟକ୍ରମ ପାଇଁ ରହିଥିବା ସମସ୍ତ ମହିଳା ରହିପାରିବେ। ଏହି ମହିଳାମାନଙ୍କ ଦରମା ୩୫,୦୦୦ରୁ କମ୍ ହୋଇଥିବା ଦରକାର। ବର୍ତ୍ତମାନ ସଖୀ ନିବାସରେ ୨୦ଟି ବେଡ୍ ଉପଲବ୍ଧ ରହିଛି। ପରବର୍ତ୍ତୀ ସମୟରେ ଏହି ବେଡ୍ ସଂଖ୍ୟା ବୃଦ୍ଧି କରାଯିବ। ଏଠାରେ ୨୪ ଘଣ୍ଟା ସିକ୍ୟୁରିଟି ବ୍ୟବସ୍ଥା ଓ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଛି । ଉକ୍ତ ହଷ୍ଟେଲକୁ ଜିତା ଅନୁଷ୍ଠାନ ପରିଚାଳନା କରିବ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ଜିଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଜିତା ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଶ୍ୱ ଏଡ୍‌ସ ଦିବସ ପାଳିତ

ଝାରସୁଗୁଡ଼ା, ୧।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଓ ପ୍ରାଣୀ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ସୋମବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ନିମା ପାଣିଗ୍ରାହୀ ଓ ଯୁବ ରେଡ୍‌କ୍ରସ ମୁଖ୍ୟ ଡ. ମନୀଷ କୁମାର ଦ୍ୱିବେଦୀ ଯୋଗଦେଇ ଏଡ୍‌ସ ରୋଗର କାରଣ ଓ ନିରାକରଣ ବିଷୟରେ କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ କୁଇଜ୍, ରଙ୍ଗୋଲି ଓ ପୋଷ୍ଟର ପ୍ରତିଯୋଗିତା ଅୟୋଜନ କରାଯାଇଥିଲା। ଅଧ୍ୟାପିକା ସୋନମ ଗେନେରୀୱାଲଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ତପନ କୁମାର ବାରିକ, ବ୍ରଜେଶ କୁମାର ସାହୁ, ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ପୂର୍ଣ୍ଣିମାମୟୀ ଦାଶ, ଅଧ୍ୟାପିକା ଡ. ଦୀପଶିଖା ସୋହେଲା, ଡ. ଗାୟତ୍ରୀ ବୁଡ଼ା, ସୁଶ୍ରୀ ପରିସୀମା ଭୋଇଙ୍କ ସମେତ ଛାତ୍ରୀଛାତ୍ର ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ, କୁଇଜ୍ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

ଦେବଗଡ଼,୧।୧୨(ଶଶାଙ୍କ ଶେଖର ଝାଙ୍କର)

ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଦେବଗଡ଼ସ୍ଥିତ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଓ ବିଜ୍ଞାନଭିତ୍ତିକ କୁଇଜ୍ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତିନୋଟି ବ୍ଲକରୁ ଚୟନ ହୋଇ ଆସିଥିବା ଛାତ୍ରୀଛାତ୍ର ଉକ୍ତ ପ୍ରତିଯୋଗିତାରେ ଭାଗନେଇଥିଲେ। ବିଚାରକ ଭାବେ ଦେବଗଡ଼ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ସୁନୀଲ କୁମାର ଦାସ, ଶିକ୍ଷାବିତ୍ ଡ. ରାମଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉଦୟ କୁମାର ପ୍ରଧାନ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସତ୍ୟନାରାୟଣ ସାହୁ ଦାୟିତ୍ୱ ବହନ କରିଥିଲେ। କୁଇଜ୍ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଗାଙ୍ଗନଣ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଅମିତ୍ କୁମାର ସାହୁ, ବରିଷ୍ଠ ବର୍ଗରେ ନାଉଲିପଡ଼ା ଉଚ୍ଚ ବିଦ୍ୟାଳୟ ଛାତ୍ର ଚିନ୍ମୟ ଦେହୁରୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଜିଲାସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତାରେ ପିଏମ୍‌ଶ୍ରୀ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ତରଣୀସେନ ବିଶ୍ୱାଳ ପ୍ରଥମ, କୁଣ୍ଢେଇଗୋଳା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଆଲୁମିନି ଧଳ ଦ୍ୱିତୀୟ, ବୁଢ଼ାପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ମୋନାଲିସା ଧଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅପରାହ୍ନରେ ଜିଲା ବିଜ୍ଞାନ ନିରୀକ୍ଷିକା ଇପ୍‌ସିତା ପଟ୍ଟନାୟକ, ଶିକ୍ଷାବିତ୍ ଡ. ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ କାର୍ଯ୍ୟକ୍ରମ ପରିଚାଳନା ଓ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ସ୍ମିତାରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା,୧।୧୨ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଆଇଏଏସ୍ ଅଧିକାରୀ(ପ୍ରୋବେଶନର) ପ୍ରଜ୍ଞାନନ୍ଦ ଗିରି, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ୧୧ଟି ସାମୁହିକ ଓ ୫୬ଟି ବ୍ୟକ୍ତିଗତ ଅଭିଯୋଗ ଆଗତ ହୋଇଥିଲା। ବିଶେଷକରି କୁମ୍ଭାରୀରେ ବିସ୍ଥାପିତଙ୍କୁ ପିଡିଏଫ୍ ଗ୍ରୁପ୍‌ରେ ସାମିଲ କରାଯିବା, ବୃନ୍ଦାମାଲ ଗ୍ରାମ୍ୟ ମୁଖ୍ୟରାସ୍ତାରୁ ଲାଇସେନ୍ସ ପ୍ରାପ୍ତ ମଦଭାଟି ସ୍ଥାନାନ୍ତର, ଦଲକି ଗ୍ରାମରେ ଖେଳପଡ଼ିଆ, ସଭାଗୃହ ଓ ମିନିପାର୍କ ନିର୍ମାଣ ସହ ଓପନ୍ ଜିମ୍ ପ୍ରତିଷ୍ଠା ଆଦି ଅଭିଯୋଗର ଶୁଣାଣି କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବଦଳିର ୧୧ ମାସ ବିତିଲା, ଦରମା ପାଉନାହାନ୍ତି ପିଇଓ

ଝାରସୁଗୁଡ଼ା,୧।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ୍‌ରୁ କୋଲାବିରା ବ୍ଲକ୍‌କୁ ବଦଳି ହୋଇଯାଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ତରଣୀସେନ ପ୍ରଧାନ ୧୧ ମାସ ହେଲା ଦରମା ପାଉନାହାନ୍ତି। ଫଳରେ ସେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ବଦଳି ପରେ ଝାରସୁଗୁଡ଼ା ବିଡିଓ ଅନିଲ କୁମାର ଆଚାର୍ଯ୍ୟ ଲାଷ୍ଟ ପେ ସାର୍ଟିଫିକେଟ (ଏଲ୍‌ପିସି) କୋଲାବିରା ବିଡିଓଙ୍କୁ ଦେଉ ନ ଥିବାରୁ ଏଭଳି ଅସୁବିଧା ହେଉଥିବା ପ୍ରଧାନ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପିଇଓ ପ୍ରଧାନ ୨୦୨୪ ଡିସେମ୍ବରରେ ଝାରସୁଗୁଡ଼ା ବ୍ଲକ୍‌ରୁ କୋଲାବିରା ବ୍ଲକ୍‌କୁ ବଦଳି ହୋଇଯାଇଛନ୍ତି। ପ୍ରଧାନଙ୍କୁ ଝାରସୁଗୁଡ଼ା ବିଡିଓ ବଦଳି ଆଦେଶପତ୍ର ଓ ରିଲିଭ ଅର୍ଡର ଦେଇଥିବାବେଳେ ଏଲ୍‌ପିସି ଦେଇନାହାନ୍ତି। ଫଳରେ ସେ ଏଲ୍‌ପିସି ପାଇବା ପାଇଁ ବିଡିଓ ଆଚାର୍ଯ୍ୟ ଓ ସେକ୍ସନ ଅଫିସର ବେଣୁଧର ଛଛାନଙ୍କ ନିକଟକୁ ବାରମ୍ବାର ଯାଇ ନୟାନ୍ତ ହୋଇପଡିଲେଣି। ବିଡିଓ ଆଚାର୍ଯ୍ୟ ଆଜି କାଲି ଦେବା କହି ସମୟ ଗଡ଼ାଇ ଚାଲିଥିବାବେଳେ ସେକ୍ସନ ଅଫିସର ଛଛାନ ୨୦ ହଜାର ଟଙ୍କା ନ ଦେଲେ ଏଲ୍‌ପିସି ମିଳିବନି ବୋଲି କହୁଥିବା ପିଇଓ ପ୍ରଧାନ ଏକ ପ୍ରେସ୍ ବିଜ୍ଞପ୍ତିରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ବିଡିଓ ଆଚାର୍ଯ୍ୟ କହିଛନ୍ତି, ପ୍ରଧାନ ପୂର୍ବରୁ ଝାରସୁଗୁଡ଼ା ବ୍ଲକ୍‌ରେ କାର୍ଯ୍ୟ କରୁଥିବା ସମୟରେ କିଛି ଫାଇଲ ଚାର୍ଜ ଦେଇ ନ ଥିବାରୁ ଏଲ୍‌ପିସି ପ୍ରଦାନ କରାଯାଇ ନ ଥିଲା। ଆସନ୍ତା ୧/୨ ଦିନ ମଧ୍ୟରେ ଏଲ୍‌ପିସି କୋଲାବିରା ବିଡିଓଙ୍କ ପାଖକୁ ପଠାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ଝାରସୁଗୁଡ଼ା ବ୍ଲକ୍ କାର୍ଯ୍ୟାଳୟର ସେକ୍ସନ ଅଫିସର ଛଛାନ କହିଛନ୍ତି, ଏଲ୍‌ପିସି ପ୍ରଦାନ ପାଇଁ ବିଡିଓଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିଥିଲି। ୧/୨ ଦିନ ମଧ୍ୟରେ ଏଲ୍‌ପିସି ପ୍ରଦାନ କରାଯିବ। ପ୍ରଧାନଙ୍କୁ ଅର୍ଥ ମଗାଯିବା ସମ୍ପୂର୍ଣ୍ଣ ମିଛ ବୋଲି ସେ କହିଛନ୍ତି।

# ସୁରୁଖୁରୁରେ ଧାନ କ୍ରୟ ପାଇଁ ଜିଲାପାଳଙ୍କୁ ଦାବିପତ୍ର


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଝାରସୁଗୁଡ଼ା, ୧।୧୨
(ଆଶିଷ ରଞ୍ଜନ ଦାଶ)

ଚଳିତ ଖରିଫ ଋତୁରେ ସୁରୁଖୁରୁରେ ଧାନ କ୍ରୟ ପାଇଁ ଝାରସୁଗୁଡ଼ାର ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ) ସଭାପତି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଲିଖିତ ଭାବେ ଜଣାଇଛନ୍ତି, ଧାନ କିଣା ସମୟରେ ମିଲରଙ୍କ ଦ୍ୱାରା ଟାର୍ଗେଟ ପାଇଥିବା ମଣ୍ଡିକୁ ଜଣେ ମିଲର ଏଜେଣ୍ଟ ପଠାଇବେ, ମଣ୍ଡିରେ କରାଯାଉଥିବା ଓଜନକୁ ବୈଧ କରାଯାଉ ଏବଂ ଓଜନ ସ୍ଲିପ୍‌କୁ ମିଲର ଏଜେଣ୍ଟଙ୍କ ଦ୍ୱାରା ସାକ୍ଷର କରାଯାଉ, ମଣ୍ଡିକୁ ନିର୍ଦ୍ଧାରିତ ସମୟରେ ଟ୍ରକ୍ ଓ ଶ୍ରମିକ ପଠାଯାଇ ଧାନ ଉଠାଯାଉ ଏବଂ ସମିତିଗୁଡ଼ିକ ଯେଉଁ ହିସାବରେ ଚାଷୀଙ୍କ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି ସେହି ଅନୁପାତରେ ସମିତିକୁ ଟାର୍ଗେଟ ଦିଆଯାଉ ବୋଲି ପାକ୍ସ ସଭାପତିମାନେ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଏହି ଦାବିପତ୍ରର ନକଲ ଜିଲା ଯୋଗାଣ ଅଧିକାରୀ ଏବଂ ଡିଆର୍‌ସିଏସ୍‌ଙ୍କୁ ଦିଆଯାଇଛି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନବେଳେ ଲଇକେରା ପ୍ରାଥମିକ କୃଷି ସମବାୟ ସମିତି ସଭାପତି ହେମନ୍ତ ସାଗର କୁମୁରାଙ୍କ ନେତୃତ୍ୱରେ ହେମନ୍ତ ସାହୁ, ଲକ୍ଷ୍ମଣ ସାହୁ, ଗୌତମ ପ୍ରଧାନ, ଭୁନାଥ ବଡ଼େଇ, ଲୋକେନ୍ଦ୍ର ରାଉତ, ପ୍ରଦୀପ ବିଶ୍ୱାଳଙ୍କ ସମେତ ୩୨ଟି ପାକ୍ସର ସଭାପତି ଉପସ୍ଥିତ ଥିଲେ।

# ୨ ଦଫା ଦାବି ପୂରଣ କରାଯାଉ

ଲଇକେରା, ୧।୧୨
(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ୨ ଦଫା ଦାବି ପୂରଣ ପାଇଁ ଦାବିପତ୍ର ସୋମବାର ପୂର୍ବାହ୍ନରେ ପ୍ରଦାନ କରାଯାଇଛି। ଦାବିଗୁଡିକ ହେଲା ପ୍ରାଥମିକ ଶିକ୍ଷକଙ୍କ ମୂଳ ପଦବୀକୁ ଅପ୍‌ଗ୍ରେଡ୍ କରି ଲେବୁଲ-୯ ଅନୁଯାୟୀ ମୂଳ ବେତନ ୩୫୪୦୦ ଟଙ୍କା ପ୍ରଦାନ କରିବା, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହାଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହିତ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା। ଏଥିରେ ଲଇକେରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବେନ୍ଦ୍ର ରନବିଡା, ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ନାଏକ, ଛତ୍ରଲାଲ କିଷାନ, ତପନ କୁମାର ପୁରୋହିତଙ୍କ ସମେତ ସଂଘ କର୍ମକର୍ତ୍ତା, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।



ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକ ଦାବିପତ୍ର ପ୍ରଦାନ କରୁଛନ୍ତି।

# ପୁରୁଣା ସ୍ଥାନରେ ଆମିଷ ବିକ୍ରି କରିବାକୁ ବ୍ୟବସାୟୀଙ୍କୁ ଜିଲାପାଳଙ୍କ ଆଶ୍ୱାସନା

ଝାରସୁଗୁଡ଼ା, ୧।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଆମିଷ ବ୍ୟବସାୟୀ ସଂଘର କର୍ମକର୍ତ୍ତା ନୂତନ ଆମିଷ ଗୃହ ନିର୍ମାଣ ହେବା ପର୍ଯ୍ୟନ୍ତ ପୁରୁଣା ସ୍ଥାନରେ ଆମିଷ ବିକ୍ରି ପାଇଁ ଅନୁମତି ପ୍ରଦାନ କରିବାକୁ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆମିଷ ବ୍ୟବସାୟୀ ସଂଘ ଅଭିଯୋଗ ଅନୁଯାୟୀ, ଗତ ସେପ୍ଟେମ୍ବର ୬ରେ ସୁନାରୀମୁଣ୍ଡା ଅଞ୍ଚଳରେ ଆମିଷ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ତେବେ ଉକ୍ତ ଗୃହ ନିର୍ମାଣ ହେବା ପର୍ଯ୍ୟନ୍ତ ସେମାନଙ୍କୁ ସରବାହାଲ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଅସ୍ଥାୟୀ ଭାବେ ଆମିଷ ବିକ୍ରି କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଗତ ନଭେମ୍ବର ୧୯ରେ ଝାରସୁଗୁଡ଼ା ପୌର ପରିଷଦ ପକ୍ଷରୁ ସରବାହାଲ ଅଞ୍ଚଳରେ


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଆମିଷ ବ୍ୟବସାୟୀ ସଂଘ ସଦସ୍ୟ।

ବେଆଇନ ନିର୍ମାଣ ଓ ଜବରଦଖଲ ହଟାଇବା ପାଇଁ ଏହି ଆମିଷ ବ୍ୟବସାୟୀଙ୍କ ଅସ୍ଥାୟୀ ଦୋକାନଗୁଡିକୁ ଭାଙ୍ଗି ପଛକୁ ଘୁଞ୍ଚାଇ ବିକ୍ରି କରିବା ନିମନ୍ତେ କୁହାଯାଇଥିଲା। କିନ୍ତୁ ପୌର ପରିଷଦ ଭାଙ୍ଗିଥିବା ସ୍ଥାନରେ ନିର୍ମାଣ କରିବା ପାଇଁ ଉକ୍ତ ସ୍ଥାନରୁ ଆମିଷ ବ୍ୟବସାୟୀଙ୍କୁ ହଟାଉଥିବାବେଳେ ପଛକୁ ଘୁଞ୍ଚିଲେ ରେଲୱେ ବିଭାଗ ଅଧିକାରୀ ରେଳଧାରଣାଠାରୁ ଦୂରରେ ରହି ଆମିଷ ବିକ୍ରି ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଶେଷରେ ଆମିଷ ବ୍ୟବସାୟୀ ସଂଘ ନିରାଶ ହୋଇ ଜିଲାପାଳଙ୍କୁ ଭେଟିଛନ୍ତି। ନୂତନ ଗୃହ ନିର୍ମାଣ ହେବା ପର୍ଯ୍ୟନ୍ତ ପୁରୁଣା ସ୍ଥାନରେ ଆମିଷ ବିକ୍ରି କରିବାକୁ ଜିଲାପାଳ ଆଶ୍ୱାସନା ଦେଇଛନ୍ତି। ଏନେଇ ଆମିଷ ବ୍ୟବସାୟୀ ସଂଘ ସଭାପତି ଉମେଶ କୁମାର ନାଇକ ଓ ଅନ୍ୟ ସଦସ୍ୟମାନେ ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପଦଯାତ୍ରାରେ ଏଡ୍‌ସ ସଚେତନତା ବାର୍ତ୍ତା

## ବିଶ୍ୱ ଏଡ୍‌ସ ଦିବସ ପାଳିତ

ଦେବଗଡ଼,୧।୧୨
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ସଂସ୍ଥା ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ସୋମବାର ପାଳିତ ହୋଇଯାଇଛି। ଯୁବ ରେଡ୍‌କ୍ରସ ସଂସ୍ଥାର ସଂଯୋଜକ ଅଧ୍ୟାପକ ଦାମୋଦର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏଡ୍‌ସ ସଚେତନତା ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣା ଅଧ୍ୟକ୍ଷତା କରିଥିଲେ। ଏଥିରେ ଅଧ୍ୟାପକ ବିକ୍ରମ କୁମାର ଜେନା, ସରିତା ନଳିନୀ ନାୟକ, ଦିଲୀପ କୁମାର ବେହେରା ଓ ଡ. ପ୍ରଫୁଲ୍ଲ କୁମାର ଲାକ୍ରା ଯୋଗଦେଇ ଏଡ୍‌ସ ରୋଗର ଭୟାବହତା ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଇଥିଲେ।



ପଦଯାତ୍ରାରେ ସାମିଲ ଅଧ୍ୟାପକ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଏଥିସହ ସମାଜରେ ଅନ୍ୟମାନଙ୍କୁ ଏଡ୍‌ସ ରୋଗ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ପୂର୍ବରୁ ଏଡ୍‌ସ ସଚେତନତା ଉପରେ କରାଯାଇଥିବା ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶେଷରେ ଅଧ୍ୟାପିକା, ଅଧ୍ୟାପକ ଓ ବିଦ୍ୟାର୍ଥୀମାନେ ଏଡ୍‌ସ ସଚେତନତା ସ୍ଲୋଗାନ ଦେଇ ପଦଯାତ୍ରାରେ ନିକଟସ୍ଥ ସାହି ପରିକ୍ରମା କରିଥିଲେ।

**ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର**

# ନିର୍ମାଣ ସରିଛି, କାର୍ଯ୍ୟକ୍ଷମ ହେଉନି

**କଣ୍ଟାବାଞ୍ଜି, ୧।୧୨ (ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ଡୁରେକେଲା ବ୍ଲକର ଉପାନ୍ତ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର (ଉପସ୍ୱାସ୍ଥ୍ୟ କେନ୍ଦ୍ର) ନିର୍ମାଣ କରାଯାଇଛି, ହେଲେ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଲୋକେ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ବ୍ଲକର କରୁଆଁମୁଣ୍ଡା, କୁଇବାହାଲ, ହିଆଁଲ, ଧାମନଡଙ୍ଗା, ଚଟୁଆନକା, ଖଗସା, କମେଇମୁଣ୍ଡା ଆଦି ଗ୍ରାମପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ କରାଯାଇଛି। ନିର୍ମାଣ ହେବାର ଦୀର୍ଘଦିନ ବିତିଯାଇଥିଲେ ସୁଦ୍ଧା ବ୍ଲକର କୌଣସି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ନ ହୋଇ ଭୂତକୋଠି ପାଲଟିଛି। ଉଦାହରଣ ସ୍ୱରୁପ କମେଇମୁଣ୍ଡା ଗ୍ରାମପଞ୍ଚାୟତ ଏକ ଆଦିବାସୀ ବହୁଳ ଅଞ୍ଚଳ। ଏହା ଛତରଦାଣ୍ଡି ସଂରକ୍ଷିତ ଜଙ୍ଗଲର ପାଦଦେଶରେ ରହିଛି। ଏହି ପଞ୍ଚାୟତ ସଦର ଗ୍ରାମରେ ରହିଛି କମେଇମୁଣ୍ଡା, ରହେନଭଟା, କୁଆବାହାଲି, ଝରନିପଦର, ମାନ୍ଦଲା, ପଖନମୁଣ୍ଡା, ପୁଟାପଡା। ଏକଦା ଏହି ପଞ୍ଚାୟତ ମାଓବାଦୀ ପ୍ରବଣ ଅଞ୍ଚଳ ଭାବେ ବେଶ୍ ପରିଚିତ ଥିଲା। ପଞ୍ଚାୟତରେ ଥିବା ଗ୍ରାମଗୁଡ଼ିକ ଗମନାଗମନ, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାକ୍ଷେତ୍ରରେ ଅବହେଳିତ। ଗତ କିଛି ବର୍ଷ ହେଲା ପଞ୍ଚାୟତ ସଦର ଗ୍ରାମ କମେଇମୁଣ୍ଡାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ସହ ସଂଯୋଗ ଥିବା ବେଳେ କୁଆବାହାଲି ଝରନିପଦର ଯାଏ ନିର୍ମାଣ ସରିଛି, ହେଲେ ରକ୍ଷଣାବେକ୍ଷଣ ଯୋଗୁ ଜରାଜୀର୍ଣ୍ଣ ହୋଇଛି। ପଞ୍ଚାୟତର ସମସ୍ତ ଗ୍ରାମରେ ଆଦିବାସୀ ଲୋକେ ବସବାସ କରନ୍ତି। ପଞ୍ଚାୟତର ସମସ୍ତ ଗ୍ରାମର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ୩ କିମି ଦୂର କୁଇବାହାଲସ୍ଥିତ ଆୟୁର୍ବେଦ ସ୍ୱାସ୍ଥ୍ୟକେନ୍ଦ୍ର, ୭ କିମି ଦୂର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧୦ କିମି ଦୂର କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ସାମାନ୍ୟ ଜ୍ୱର, ଥଣ୍ଡା କିମ୍ବା ଅନ୍ୟ ଛୋଟକାଟିଆ ରୋଗ ହେଲେ ଅଞ୍ଚଳର କ୍ୱାକ୍‌ଙ୍କ ଉପରେ ନିର୍ଭର କରନ୍ତି। କମେଇମୁଣ୍ଡା ପଞ୍ଚାୟତର ଅଧିବାସୀଙ୍କ ସ୍ୱାସ୍ଥ୍ୟସେବା ପାଇଁ ସଦର ମହକୁମାରେ ଏକ ଆୟୁଷ୍ମାନ ଆରୋଗ୍ୟକେନ୍ଦ୍ର ନିର୍ମାଣ ସରିଛି। ଏହି କେନ୍ଦ୍ରଟି ନିର୍ମାଣ ହୋଇଥିଲେ ମଧ୍ୟ ତାର ନିର୍ମାଣ ଅଟକଳର କୌଣସି ଫଳକ ଲଗାଯାଇ ନାହିଁ କିମ୍ବା କେଉଁ ସଂସ୍ଥା ଦ୍ୱାରା ନିର୍ମାଣ ସରିଛି ତାହା ମଧ୍ୟ ସୂଚନା ନାହିଁ। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିଲେ ସୁଦ୍ଧା କାର୍ଯ୍ୟକ୍ଷମ ନ ହେବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଜରାଜୀର୍ଣ୍ଣଭାବେ ପଡ଼ିରହିଛି। ଏପରିକି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳି ପାଲଟିଛି। ଏହି କେନ୍ଦ୍ରଟି କାର୍ଯ୍ୟକ୍ଷମ ହୋଇ ନ ଥିବାରୁ କେନ୍ଦ୍ରରେ କିଏ କର୍ମଚାରୀ ନିଯୁକ୍ତି ହୋଇଛନ୍ତି, ତାହା ଗ୍ରାମବାସୀ ଜାଣିନାହାନ୍ତି। ଫଳରେ ପଞ୍ଚାୟତର ଗର୍ଭବତୀ, ମହିଳା ଏବଂ କୋମଳମତି ଶିଶୁମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହୋଇ ନ ଥିବାର କାରଣ ନେଇ ଗ୍ରାମବାସୀଙ୍କୁ ଯୋଗାଯୋଗ କରିବାରୁ କେହି ହେଲେ ଗ୍ରାମବାସୀ ଠିକ୍ ତଥ୍ୟ ଦେଇପାରି ନାହାନ୍ତି। ନିର୍ମାଣ କରିଥିବା ସଂସ୍ଥାକୁ ଯୋଗାଯୋଗ ହୋଇପାରିନାହିଁ। ଡୁରେକେଲା ସ୍ୱାସ୍ଥ୍ୟ ବିଭାଗ ଓ ବ୍ଲକ ପ୍ରଶାସନକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କେହି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସ୍ୱାସ୍ଥ୍ୟ ବିଭାଗ ଏହା ବ୍ଲକ ପ୍ରଶାସନ ନିର୍ମାଣ କରିଥିବା କହିଥିଲେ। କେବଳ ଏହି ଗୋଟିଏ ନୁହେଁ, ବ୍ଲକର କରୁଆଁମୁଣ୍ଡା, କୁଇବାହାଲ, ହିଆଁଲ, ଧାମନଡଙ୍ଗା, ଚଟୁଆନକା, ଖଗସା, କମେଇମୁଣ୍ଡା ଆଦି ଗ୍ରାମପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଟେଣ୍ଡର ମାଧ୍ୟମରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ କରାଯାଇଛି। ହେଲେ ସବୁଠି ନିର୍ମାଣ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ତାହା ଭୂତକୋଠି ଭଳି ପଡ଼ିରହିଛି। ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଯଥାଶୀଘ୍ର କାର୍ଯ୍ୟକ୍ଷମ ହେଲେ ଅବହେଳିତ ଆଦିବାସୀ ବହୁଳ ପଞ୍ଚାୟତବାସୀ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି।



କମେଇମୁଣ୍ଡା, କୁଇବାହାଲ, କରୁଆମୁଣ୍ଡା ପଞ୍ଚାୟତ ସଦର ଗ୍ରାମରେ ନିର୍ମିତ ଆୟୁଷ୍ମାନ୍ ଆରୋଗ୍ୟ କେନ୍ଦ୍ର ଭୂତକୋଠି ହୋଇ ପଡିରହିଛି।

**ଡୁରେକେଲା ବ୍ଲକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**

# ୫ ଦାଦନ ଶ୍ରମିକ ଉଦ୍ଧାର: ସର୍ଦ୍ଦାର ଗିରଫ



ଲାଠୋର ପୋଲିସ ଦ୍ୱାରା ଉଦ୍ଧାର ଦାଦନ ଶ୍ରମିକ।

**ଲାଠୋର, ୧।୧୨ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ପୋଲିସ ରବିବାର ରାତିରେ ହରିଶଙ୍କରରୋଡ଼ ରେଳଷ୍ଟେଶନ ନିକଟରୁ ୫ ମହିଳାପୁରୁଷ ଦାଦନ ଶ୍ରମିକ ସହ ୨ଶିଶୁଙ୍କୁ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ସର୍ଦ୍ଦାରଙ୍କୁ ଗିରଫ କରାଯାଇ ସୋମବାର ପାଟଣାଗଡ଼ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଖପ୍ରାଖୋଲ ଥାନା ଅଧୀନ କିନ୍ଦିରିଟାଲ ଗ୍ରାମର ସର୍ଦ୍ଦାର ନୃପ ବାଗ(୩୫) ରବିବାର ରାତିରେ ୫ ଦାଦନ ଶ୍ରମିକ ଏବଂ ୨ ଶିଶୁଙ୍କୁ ବେଆଇନ ଭାବେ ଟ୍ରେନ ଯୋଗେ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ପଠାଇଥିଲେ। ଶ୍ରମିକମାନେ ଟ୍ରେନରେ ଯିବା ପାଇଁ ଆସୁଥିବାବେଳେ ଲାଠୋର ପୋଲିସ କୌଣସି ସୂତ୍ରରୁ ଖବରପାଇ ଦାଦନ ଶ୍ରମିକମାନଙ୍କୁ ରେଳଷ୍ଟେଶନ ନିକଟରୁ ଉଦ୍ଧାର କରି ଥାନାକୁ ଆଣି ପଚରାଉଚରା କରିଥିଲେ। ପଚରାଉଚରାବେଳେ ଶ୍ରମିକମାନେ କିନ୍ଦିରିଟାଲ ଗ୍ରାମର ନୃପ ବାଗଙ୍କ ନାମ କହିଥିଲେ। ରାତାରାତି ପୋଲିସ ଉକ୍ତ ଗ୍ରାମକୁ ଯାଇ ଚଢ଼ାଉକରି ସର୍ଦ୍ଦାରଙ୍କୁ ଗିରଫ କରିଥିଲା। ତାଙ୍କ ବିରୋଧରେ ଲାଠୋର ଥାନାରେ ଏକ ମାମଲା (ନଂ. ୨୮୧/୨୦୨୫) ରୁଜୁ କରାଯାଇଛି। ଦାଦନ ଶ୍ରମିକମାନଙ୍କୁ ନିଜ ଗ୍ରାମ କିନ୍ଦିରିଟାଲକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି। ପୋଲିସ ଚଢ଼ାଉ କରି ଦାଦନ ଶ୍ରମିକ ଉଦ୍ଧାର କରୁଥିବାବେଳେ ଶ୍ରମ ବିଭାଗ ଲୋକ ଦେଖାଣିଆ ଲାଠୋର ଅଞ୍ଚଳ ପରିଦର୍ଶନରେ ଆସି ଫେରି ଯାଉଛି। ଫଳରେ ବେଆଇନ ଭାବେ ଟ୍ରେନରେ ଦାଦନ ଶ୍ରମିକ ଚାଲାଣ କରୁଥିବା ବଡବଡ଼ ସର୍ଦ୍ଦାର ଖସି ଯାଉଛନ୍ତି ବୋଲି ଲୋକେ ସମାଲୋଚନା କରୁଛନ୍ତି। ଏଦିଗରେ ପୋଲିସ ଦୃଢ଼ ପଦକ୍ଷେପ ଗ୍ରହଣ କଲେ ଦାଦନ ସମସ୍ୟା ସମାଧାନ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

# ପୌର କାର୍ଯ୍ୟାଳୟରେ ଗାଳିଗୁଲଜ, ଟାଉନ୍ ଥାନାରେ ମାମଲା

**ବଲାଙ୍ଗୀର, ୧।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପୌର କାର୍ଯ୍ୟାଳୟ ଭିତରକୁ ଆସି ଜଣେ ବ୍ୟକ୍ତି ଅଫିସ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ପରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

ଅଭିଯୋଗ ଅନୁଯାୟୀ, ଗତ ୧୮ ତାରିଖ ତନ୍ମୟ କୁମାର ହୋତା ନାମକ ଜଣେ ବ୍ୟକ୍ତି ବଲାଙ୍ଗୀର ପୌର କାର୍ଯ୍ୟାଳୟ ଅଫିସକୁ ଆସି ଅନ୍ୟ ଜଣେ ଠିକାଦାରଙ୍କ ବିଲ୍ କାହିଁକି ହେଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ସେ ଅଫିସ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ୨କର୍ମଚାରୀ ଦେବାଶିଷ ବାଗ ଓ ପ୍ରବୀଣ କୁମାର ରଥ ପୌର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଜଣାଇଥିଲେ। କର୍ମଚାରୀଙ୍କ ଠାରୁ ଏଭଳି ଅଭିଯୋଗ ପାଇବା ପରେ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ଏହି ଘଟଣାର ଉଚିତ୍ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ପାଇଁ ଟାଉନ୍ ଥାନା ଅଧିକାରୀଙ୍କୁ ଲିଖିତ ଜଣାଇଛନ୍ତି। ଏହି ଅଭିଯୋଗ ପରେ ଟାଉନ୍ ଥାନା ପୋଲିସ ଏକ ମାମଲା (ନଂ.୭୫୧/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ମରୁଡ଼ିସ୍ଥିତି ବୁଲି ଦେଖିଲେ ପ୍ରତିନିଧିଦଳ



ଲୁହାଖାନରେ ମରୁଡି ଅଞ୍ଚଳ ଅନୁଧ୍ୟାନ କରୁଛନ୍ତି ଚାଷୀ ପ୍ରତିନିଧି ମଣ୍ଡଳୀ କର୍ମକର୍ତ୍ତା।

**ଦେଓଗାଁ ବ୍ଲକ**

**ଦେଓଗାଁ, ୧।୧୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଞ୍ଚଳରେ ଦେଖାଦେଇଥିବା ମରୁଡି ପରିସ୍ଥିତିକୁ ସୋମବାର ବୁଲି ଦେଖିଛନ୍ତି ଚାଷୀ ପ୍ରତିନିଧିଦଳ। ଭାରତୀୟ କିଷାନ ୟୁନିୟନ ତରଫରୁ ରାଜ୍ୟ ସଭାପତି ସୌରୀ କୁମାର ସାହୁଙ୍କ ନେତୃତ୍ୱରେ ଏହି ପ୍ରତିନିଧିଦଳ ବ୍ଲକର ବିଭିନ୍ନ ଗ୍ରାମର ଚାଷଜମି ଦେଖିଥିଲେ। ବ୍ଲକର ରାମଚନ୍ଦ୍ରପୁର ପଞ୍ଚାୟତର ଲୁହାଖାନ, ଗଏଲପିଟା, ରାମଚନ୍ଦ୍ରପୁର ଏବଂ ସିଂହାମୁଣ୍ଡା ପଞ୍ଚାୟତର ଖଲିଆପାଲି, ଲଖନପୁର ତଥା ସିଂହାମୁଣ୍ଡା ଗାଁରେ ଦେଖାଦେଇଥିବା ମରୁଡି ପରିସ୍ଥିତିକୁ ଅନୁଧ୍ୟାନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ତଳିରୁଆ ସମୟରେ ବର୍ଷା ଅଭାବ ଫଳରେ ଅନେକ ଚାଷୀ ପହ୍ଲାପକାଇ ମଧ୍ଧ ବେଉଷଣ କରିପାରି ନ ଥିଲେ। ଏଣୁ ଉକ୍ତ ଅଞ୍ଚଳର ଅନେକ ଚାଷଜମି ପଡ଼ିଆ ପଡିରହିଛି। କେତେକ ହାତଗଣତି ଚାଷୀ ଗଭୀର ନଳକୂପରୁ ପାଣି ମଡ଼ାଇ ଚାଷକୁ ବଞ୍ଚାଇଥିଲେ ହେଁ ସ୍ୱାଭାବିକ ବର୍ଷା ନ ହେବାରୁ ରୋଗପୋକ ଯୋଗୁ ଅମଳ ହ୍ରାସ ପାଉଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଏଣୁ ଆସନ୍ତା ୩/୪ ଦିନ ମଧ୍ୟରେ ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କଲେ ସଙ୍ଗଠନ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ଅବସରରେ ଶ୍ୱେତ ଭାଟି, ଜୁଗୁନୁ ପଧାନ, ଭ୍ରମର ହାତୀ, ଦେଶାନ୍ତର ପଟେଲ, ଚିନ୍ତାମଣି ଭାଟୀ, ନାରାୟଣ ପଧାନ, ଲାଲୁ ପଧାନଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ।

# ଘରଡିହ ଦାବିରେ ତହସିଲଦାରଙ୍କୁ ଭେଟିଲେ କିନ୍ନର ଗୋଷ୍ଠୀ

**ଲୋଇସିଂହା, ୧।୧୨ (ସୁଶାନ୍ତ ବାରିକ)**

ସରକାରଙ୍କ ପକ୍ଷରୁ ରହିବା ପାଇଁ ଘରଡିହ ଯୋଗାଇ ଦେବାକୁ କିନ୍ନରମାନେ ଦାବି କରିଛନ୍ତି। ବଲାଙ୍ଗୀର ଜିଲା ଲୋଇସିଂହା ଜୋନ ଅଞ୍ଚଳରେ ଥିବା ଏକ କିନ୍ନରଗୋଷ୍ଠୀ ପକ୍ଷରୁ ସୋମବାର ଲୋଇସିଂହା ତହସିଲଦାର ଟିଙ୍କୁନୁ ପୁଟାଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତକରି ଏଥିପାଇଁ ଏକ ଦାବିପତ୍ର ଦିଆଯାଇଛି। ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ସୁରସଙ୍ଗମ ସଭାପତି ମଣ୍ଟୁଖାନ ଓ ସମ୍ପାଦକ ସରୋଜ ମହାକୁରଙ୍କ ନେତୃତ୍ୱରେ କିନ୍ନର ଅନୀତା, ବିଦ୍ୟା, ନେହା, ରେଣୁ ପ୍ରମୁଖ ତହସିଲଦାର ପୁଟାଙ୍କୁ ଭେଟି ସେମାନଙ୍କ ଦୁଃଖ ଜଣାଇଥିଲେ। ତହସିଲଦାର ପୁଟା ଦାବିପତ୍ର ଗ୍ରହଣ କରି ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣିଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶଯୋଗ୍ୟ, ନିକଟରେ ଲୋଇସିଂହା ଦୁର୍ଗାମଣ୍ଡପରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଲୋକ ନାଟକ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ କିନ୍ନର ଗୋଷ୍ଠୀ ପକ୍ଷରୁ ଭେଟି ଉପରୋକ୍ତ ଦାବି ଜଣାଇଥିଲେ। ସେତେବେଳେ କିନ୍ନର ଗୋଷ୍ଠୀର ଦାବିକୁ ସହମତି ପ୍ରକାଶ କରିଥିଲେ ମିଶ୍ର।



ତହସିଲଦାରଙ୍କୁ ଭେଟି କିନ୍ନରମାନେ ଦାବିପତ୍ର ଦେଉଛନ୍ତି।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

**ଖପ୍ରାଖୋଲ, ୧।୧୨ (ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଚଙ୍ଗରିଆଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସରପଞ୍ଚ ସୁଶିଲ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିସ୍କ ବିଭାର, ଯୋଗାଣ ନୀରିକ୍ଷକ ବିକାଶ ବରଲା, ସିଡିପିଓ ଅମିତା ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୨୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ଜଣାଯାଇଛି।

# ୧୧ ମାସରେ ୧୨ ଏଚ୍‌ଆଇଭି ପଜିଟିଭ ଚିହ୍ନଟ

**ଲୋଇସିଂହା, ୧।୧୨ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଥା ଆଖପାଖ ଅଞ୍ଚଳରେ ଉଦ୍‌ବେଗଜନକ ଭାବେ ଏଡ୍ସ ତାର କାୟା ବିସ୍ତାର କରିବାରେ ଲାଗିଛି। ଗତ ୧୧ ମାସ ମଧ୍ୟରେ ୧୨ଜଣ ଏଚ୍‌ଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ଯାହାକି ସବୁଠାରୁ ଉଦ୍‌ବେଗଜନକ ତଥା ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମନ୍ୱିତ ପରାମର୍ଶ କେନ୍ଦ୍ର ଓ ପରୀକ୍ଷା କେନ୍ଦ୍ର(ଆଇସିଟିସି)ରେ ୨୦୨୫ ଜାନୁୟାରୀରୁ ଅକ୍ଟୋବର ସୁଦ୍ଧା ୫ହଜାର ୨୮୭ ଜଣ ବ୍ୟକ୍ତିଙ୍କ ପରୀକ୍ଷା କରାଯାଇଛି। ସେଥିରୁ ୧୨ ଜଣ ପିଜିଟିଭ ଚିହ୍ନଟ ହୋଇଛନ୍ତି। ୧୨ ଚିହ୍ନଟ ମଧ୍ୟରୁ ୮ ଜଣ ପୁରୁଷ ଏବଂ ୪ ଜଣ ମହିଳା ରହିଥିବା ଆଇସିଟିସି କେନ୍ଦ୍ର ସୂତ୍ରରୁ ପ୍ରକାଶ। ୨୦୧୦ ମସିହାରୁ ଲୋଇସିଂହାରେ ଆଇସିଟିସି କେନ୍ଦ୍ର ସ୍ଥାପନ କରି ସେହିବର୍ଷ ଡିସେମ୍ବର ୧୫ରୁ ଏଚ୍‌ଆଇଭି ପରୀକ୍ଷଣ ଆରମ୍ଭ ହୋଇଥିଲା। ଅଦ୍ୟାବଧି ୯୯ଜଣ ଚିହ୍ନଟ ହେଲେଣି। ଚିହ୍ନଟ ମଧ୍ୟରେ ୬୬ ଜଣ ପୁରୁଷ, ୨୭ଜଣ ମହିଳା ଏବଂ ୬ଜଣ ଶିଶୁ ରହିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ବହୁ ସଂଖ୍ୟକ ଯୁବଗୋଷ୍ଠୀ ଚିହ୍ନଟ ଚିନ୍ତାରକାରଣ ସାଜିଛି। ପଜିଟିଭ ଆକ୍ରାନ୍ତଙ୍କୁ ସରକାର ମଧୁବାବୁ ପେନସନ ଓ ଆବାସ ଘର ଯୋଗାଇଥାନ୍ତି। କିନ୍ତୁ ପଜିଟିଭ ମଧ୍ୟରୁ କେତେଜଣଙ୍କୁ ଭତ୍ତା ଓ ଘର ମିଳିଛି ଏସଂକ୍ରାନ୍ତ ତଥ୍ୟ ଆଇସିଟିସି କେନ୍ଦ୍ରରେ ନାହିଁ। ଗ୍ରାମାଞ୍ଚଳରେ ଚିହ୍ନଟ ଭୟରେ ଏହି ସୁବିଧା ନେବାକୁ ପଛଘୁଞ୍ଚା ଦେଉଥିବା ଆଲୋଚନା ହେଉଛି। ଲୋଇସିଂହା ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଯୁବୋଦୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏଡ୍ସ ସଚେତନତା

**ବଲାଙ୍ଗୀର, ୧।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସକମା ସ୍ଥିତ ଯୁବୋଦୟ କଲେଜ ଅଫ୍ ଆଡଭାନ୍ସଡ ଟେକ୍ନୋଲୋଜି (ୱାଇସିଏଟି) ପକ୍ଷରୁ ସୋମବାର ଏଡ୍ସ ଦିବସ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ବ୍ଲକ ଅନ୍ତର୍ଗତ କିରାବାହାଲ ଓ ରାଣୀପାଲି ଗାଁକୁ ଯାଇ ଯୁବୋଦୟ ଛାତ୍ରୀଛାତ୍ରମାନେ ଏଡ୍ସ ସଚେତନତା ରାଲି ଆୟୋଜନ କରିଥିଲେ। ବିଭିନ୍ନ ଲୋକଙ୍କ ଘରକୁ ଯାଇ ସେମାନଙ୍କୁ ଏଡ୍ସ ରୋଗର କାରଣ ଏବଂ ନିରାକରଣ ବିଷୟରେ ବୁଝାଇଥିଲେ। ଏଡ୍ସ ସଂକ୍ରମିତ ରୋଗୀଙ୍କୁ ଘୃଣା ନ କରି ସମାଜରେ ସେମାନଙ୍କୁ କିଭଳି ସାମିଲ କରାଯିବ ସେସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। କଲେଜ ଅଧ୍ୟକ୍ଷ ସମାବେଶକୁ ସମ୍ବୋଧନ କରି ଏଡ୍ସ ରୋଗ ବିଷୟରେ ମୌଳିକ ସୂଚନା ଏବଂ ଏହାର ଲକ୍ଷଣ ସମ୍ପର୍କରେ ବୁଝାଇଥିଲେ। କଲେଜ ନିର୍ଦ୍ଦେଶକ ଅମ୍ବରୀଶ ଦାଶ ଏଡ୍ସ ମୁକ୍ତ ସମାଜ ଗଠନ ପାଇଁ ରୋଗ ସହିତ ଲଢ଼ିବା, ରୋଗୀଙ୍କ ସହ ନୁହେଁ ବୋଲି କହିଥିଲେ। ଏହି ଅବସରରେ ଉତ୍କୃଷ୍ଟ ସେବା ଯୋଗାଇଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କଲେଜର ମୁସ୍କାନ ପଟ୍ଟଯୋଶୀ, ମୌସୁମୀ ନାଏକ ଏବଂ ଦେବାଶିଷ ପ୍ରହରାଜଙ୍କୁ ସାର୍ଟିଫିକେଟ୍ ଦେଇ ସମ୍ମାନିତ କରାଯାଇଥିଲା।




ଯୁବୋଦୟ କଲେଜ ପକ୍ଷରୁ ଏଡ୍ସ ସଚେତନତା କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର।

# ଫସଲ ନଷ୍ଟକଲେ ୪୭ଟିକିଆ ହାତୀପଲ

- ଧାନ ସହ ପନିପରିବା ଚାଷ ନଷ୍ଟ
- ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ

**ସଇଁତଲା, ୧।୧୨ (ରାଖାଲ ପ୍ରସାଦ ଶତପଥି)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ଜନସାଧାରଣଙ୍କ ସହ ଚାଷୀମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ବ୍ଲକର କପାଟ ଜଙ୍ଗଲରେ ଏକ ହାତୀପଲ ଆସି ରହୁଛନ୍ତି। ଦିନବେଳା ସେମାନେ ଜଙ୍ଗଲ ମଧ୍ୟରେ ରହୁଥିବାବେଳେ ରାତିରେ ହାତୀପଲ ଚାଷ ଜମିକୁ ଆସି ଚାଷ ନଷ୍ଟ କରିବା ସହ ଧାନ ଖାଇ ଦେଉଛନ୍ତି। ରବିବାର ବିଳମ୍ବିତ ରାତ୍ରରେ ଏକ ୪୭ ଟିକିଆ ହାତୀପଲ ଢେ଼ଙ୍ଗ ପଞ୍ଚାୟତର ବୁର୍ଡ଼ା ଗ୍ରାମ ନିକଟରେ ଥିବା ଚାଷ ଜମିକୁ ଆସି ସେଠାରେ ଧାନଫସଲ ମାଡ଼ିଦଳି ନଷ୍ଟ କରିଦେବା ସହ ପନିପରିବା ଚାଷକୁ ଉଜାଡ଼ି ଦେଇଛନ୍ତି। ସକାଳୁ ଚାଷୀମାନେ ନିଜ ଜମିକୁ ଯାଇ ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ରାତ୍ରରେ ବନ ବିଭାଗର କର୍ମଚାରୀମାନେ ଆସି ହାତୀପଲଙ୍କୁ ଦେଖି ପଳାଇ ଯାଇଥିବା ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି। ବନ ବିଭାଗ ହାତୀ ଘଉଡ଼ାଇବା ପରିବର୍ତ୍ତେ ସେଠାରୁ ପଳାଇଯାଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବୁର୍ଡ଼ା ଗ୍ରାମର ମିତ୍ରଭାନୁ ସାହୁଙ୍କ ପ୍ରାୟ ଏକ ହେକ୍ଟର ଜମିରେ ମୁଗ, ପନିପରିବା ସହ ଆମ୍ବ ଚାରା ଲଗାଯାଇଥିବାବେଳେ ତାକୁ ହାତୀପଲ ମାଡ଼ି ଦଳି ନଷ୍ଟ କରିଦେଇଛନ୍ତି। ସେହିପରି ଗ୍ରାମର ବିରଞ୍ଚି ରଣା ଏବଂ ପୁରୋହିତ ସାହୁ ଧାନ ଅମଳ କରି ନିଜ ଖଳାରେ ରଖିଥିବାବେଳେ ରାତିରେ ପ୍ରାୟ ୬୦ ପ୍ୟାକେଟ ଧାନ ଖାଇଦେଇଛନ୍ତି। ଚାଷୀ ଉଦୟ ଚନ୍ଦ୍ର ପଧାନ, କାଳିନ୍ଦ୍ର ରଣାଙ୍କ ଏକ ଏକର ଜମିରେ ହୋଇଥିବା ପନିପରିବା ଚାଷକୁ ନଷ୍ଟ କରିବା ସହ ଦିର୍ଘ୍ୟ ଘିବେଲା ଓ ସୁଶାନ୍ତ ଭୋଇଙ୍କ ଜମିରେ ପାଚି ରହିଥିବା ଧାନକୁ ମାଡ଼ିଦଳି ନଷ୍ଟ କରିଦେଇଛନ୍ତି। ଗ୍ରାମର ନିଳାଞ୍ଚଳ ସାହୁଙ୍କ ଘର ସହ ବାଡ଼ ଭାଙ୍ଗି ଦେଇଛନ୍ତି। ହାତୀପଲଙ୍କୁ ସୁରକ୍ଷା ଦେବା ପାଇଁ ଢେ଼ଙ୍ଗ ପଞ୍ଚାୟତ ଅଞ୍ଚଳରେ ସନ୍ଧ୍ୟା ୫ଟାରୁ ବିଦ୍ୟୁତ୍ ସରବରାହ ବନ୍ଦ କରିଦିଆଯାଉଥିବାବେଳେ ପଞ୍ଚାୟତ ଅଞ୍ଚଳର ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ପ୍ରଶାସନ ତରଫରୁ କ୍ଷୟକ୍ଷତି ଆକଳନ କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀ ମହଲରେ ଦାବି ହେଉଛି। ଏ ବିଷୟରେ ସଇଁତଲା ରେଞ୍ଜର ସାଗର ରଞ୍ଜନ ନାଏକଙ୍କୁ ପଚାରିବାରୁ ଏକ ୪୭ଟିକିଆ ହାତୀପଲ ଆସିଛନ୍ତି। ସେମାନେ ରାତ୍ର ସମୟରେ ଜମିକୁ ଯାଇ ଫସଲ ନଷ୍ଟ କରୁଛନ୍ତି ବୋଲି କହିଥିଲେ।



ହାତୀପଲ ଧାନଫସଲ ମାଡ଼ି ନଷ୍ଟ କରିଛନ୍ତି।

# ଜଙ୍ଗଲରୁ ଦନ୍ତାହାତୀର ମୃତଦେହ ଜବତ

■ ଦାନ୍ତ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ

■ ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ: ଡିଏଫ୍ଓ

**ଅମରପାଲି, ୧।୧୨ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ବନଖଣ୍ଡ ବୀରମହାରାଜପୁର ରେଞ୍ଜ ହାତିଲିମୁଣ୍ଡା ଫରେଷ୍ଟ ବିଟ୍‌ର ବରଘାଟଦାଦର ଓ ବ୍ରାହ୍ମଣୀପାଲି ମଝିରେ ଥିବା ଜଙ୍ଗଲରେ ଏକ ଦନ୍ତାହାତୀର ମୃତଦେହ ସୋମବାର ଠାବ କରାଯାଇଛି। ଖବର ପାଇ ଭବାନୀପାଟଣା ସର୍କଲ ଆରସିସିଏଫ ସନ୍ତୋଷ ଯୋଶୀ, ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ସ୍ଥାନୀୟ ଲୋକେ ଦାନ୍ତ ପାଇଁ ହାତୀକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ହାତୀର ମୃତଦେହ ଯେଉଁଠାରେ ପଡ଼ିଛି ସେଠାରୁ ପ୍ରାୟ ଶହେ ମିଟର ଦୂରରେ ୧୧ କେଭି ବିଦ୍ୟୁତ୍ ତାର ଯାଇଛି। ସେଠାରୁ ଶିକାରୀମାନେ ବିଦ୍ୟୁତ୍ ତାର ଲଗାଇ ଜନ୍ତୁ ଶିକାର କରୁଥିବାରୁ ଦନ୍ତାର ମୃତ୍ୟୁ ଘଟିଥିବା ସେମାନେ କହିଛନ୍ତି। ଆରସିସିଏଫ ଯୋଶୀ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସୋମବାର ସନ୍ଧ୍ୟା ହୋଇଯିବାରୁ ହାତୀ ମୃତଦେହ ବ୍ୟବଚ୍ଛେଦ କରାଯାଇପାରିନାହିଁ। ମଙ୍ଗଳବାର ଭୁବନେଶ୍ୱରରୁ ଏକ ବୈଷୟିକ ଦଳ ଓ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ ଆସି ସ୍ଥିତି ନିରୀକ୍ଷଣ କରିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ବନବିଭାଗ ସୂଚନା ଦେଇଛି।

ବୀରମହାରାଜପୁର ରେଞ୍ଜ ଉପାନ୍ତ ଏହି ଅଞ୍ଚଳରେ ଅଧିକାଂଶ ସମୟର ଜନ୍ତୁ ଶିକାର ହୋଇଥାଏ। ଶିକାରୀମାନେ ଜଙ୍ଗଲରେ ବିଦ୍ୟୁତ୍ ତାର ଲଗାଇ ଜନ୍ତୁ ଶିକାର କରିଥାନ୍ତି। ପୂର୍ବରୁ ସୀମାରେ ଥିବା ସୁନାପାଲି ଜଙ୍ଗଲରେ ମଧ୍ୟ ଜନ୍ତୁ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଲାଗି ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ପରେ ସେହି ହାତୀର ଦାନ୍ତ ଶିକାରୀମାନେ କାଟି ନେଇଥିଲେ। ତେବେ ସୋମବାରର ଦନ୍ତା ହାତୀର ମୃତ୍ୟୁକୁ ନେଇ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା କହିଛନ୍ତି ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡିବ। ଘଟଣାସ୍ଥଳରେ ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ଏସିଏଫ ତଥା ଅତିରିକ୍ତ ରେଞ୍ଜ ଅଧିକାରୀ ଦାୟିତ୍ୱରେ ଥିବା ଅବିନାଶ ବରିହା, ଏସିଏଫ ଗିରିଧାରୀ ନାଗ, ଉଲୁଣ୍ଡା ରେଞ୍ଜ ଅଧିକାରୀ ଦେବରାଜ ଛତ୍ରିଆ, ବୀରମହାରାଜପୁର ଡେପୁଟି ରେଞ୍ଜର ଜଗବନ୍ଧୁ ବାରିକ, ହତିଲିମୁଣ୍ଡା ବାନପାଳ ଶଙ୍କର ବାଘ, ଯାଲୋଏ ବନପାଳ ପ୍ରଦୀପ କୁମାର ଜେନାଙ୍କ ସମେତ ବନବିଭାଗ କର୍ମଚାରୀ, ଠେଙ୍ଗୋ ଡ୍ୟାମ ଫାଣ୍ଡି ଅଧିକାରୀ ବିଭୁନ୍ଦ୍ର ବରାଳଙ୍କ ସହ ପୋଲିସ ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

ସୂଚନା ଅନୁସାରେ ଦୁଇଦିନ ପୂର୍ବରୁ ରେଢାଖୋଲ ବନଖଣ୍ଡ ଅଧିନ କୁଆଖୋଲ ସଂରକ୍ଷିତ ଜଙ୍ଗଲରୁ ୫ରୁ ୬ଟି ହାତୀଥିବା ଏକ ହାତୀପଲ ହାତିଲିମୁଣ୍ଡା ସଂରକ୍ଷିତ ଜଙ୍ଗଲ ଆସିଥିଲେ। ଏବେ ଧାନ ଅମଳର ସମୟ ହୋଇଥିବାରୁ ସନ୍ଧ୍ୟା ପରେ ହାତୀପଲ ଭାଲୁଡୁଙ୍ଗୁରି ଜଙ୍ଗଲ ଦେଇ ଅମରପାଲି ଓ ଗୁଦୁଗୁଦା ଅଞ୍ଚଳକୁ ଆସିଥିଲେ। ବୀରମହାରାଜପୁର ବନ ବିଭାଗ ଶନିବାର ରାତିସାରା ଡ୍ରୋନ ସାହାଯ୍ୟରେ ଏମାନଙ୍କ ଗତିବିଧି ଉପରେ ନଜର ରଖିଥିଲା। ତେବେ ଏହି ପଲରୁ ଗୋଟିଏ ଦନ୍ତା ଗୋଠ ଛଡ଼ା ହୋଇ ବଡ଼ମାଳ, କାଞ୍ଚନପାଲ ଜଙ୍ଗଲ ଦେଇ ବ୍ରାହ୍ମଣୀପାଲି ବରଘାଟଦାଦର ଜଙ୍ଗଲକୁ ଯାଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ବନ ବିଭାଗ ଏହି ଦନ୍ତାର ଟ୍ରାକିଙ୍ଗ କରୁଥିବା ବେଳେ ସୋମବାର ସକାଳୁ ଏହାର ମୃତଦେହ ଠାବ କରିଥିଲା।



ବରଘାଟଦାଦର ଜଙ୍ଗଲରେ ମୃତ ଦନ୍ତାହାତୀ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ବିନିକା, ୧।୧୨ ( ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଇଁନ୍ତିରା ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଏଇ ବିଜୟ କୁମାର ପୂର୍ତ୍ତି, ଜିପିଡିଓ ଶରତ କୁମାର ମିଶ୍ର, କନିଷ୍ଠ ଯନ୍ତ୍ରୀ ଗୋବିନ୍ଦ ମହାଣା, ଯୋଗାଣ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ଭାରପ୍ରାପ୍ତ ବିଏସଏସଓ ମନୋଜ ବିଭାର, ସିଆରସିସି ନୀଳାଞ୍ଚଳ ସା, ଫରେଷ୍ଟଗାର୍ଡ ପ୍ରଭାସିନୀ କୁମ୍ଭାର, ଏଚଓ ଅମିତା ମହାକୁର, ଏମପିଏଚଡବ୍ଲୁ (ଏଫଏମ) ପ୍ରିୟମ୍ବଦା ମିଶ୍ର, ଆଶା ଦମୟନ୍ତୀ ସା, ଏଡିଇଓ ହରିବୋଲ ବିଭାର, ଜେଏଫଟିଏ ବିଜୟ କିଶୋର ମହାଣା ଯୋଗଦେଇ ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ କାର୍ଡ, ଷ୍ଟ୍ରିଟ ଲାଇଟ, ନଳକୂଅ ଆଦି ବିଷୟରେ ୧୪ଟି ଅଭିଯୋଗ ଉପରେ ଆଲୋଚନା କରିଥିଲେ। ସରପଞ୍ଚ ଧର୍ମପଦ ଥପା ସଭା ପରିଚାଳନା କରିଥିଲେ। ପିଇଓ ବନବିହାରୀ ମହାକୁର ଧନ୍ୟବାଦ ଦେଇଥିଲେ ।

## ସମିତିସ୍ତରୀୟ ଧାନ କ୍ରୟ କମିଟି ବୈଠକ

**ବିନିକା, ୧।୧୨ ( ରାମ ଗୋପାଳ ବାଘ )**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ପ୍ରାଥମିକ ସେବା ସମବାୟ ସମିତିରେ ସମିତି ସ୍ତରୀୟ ଧାନ କ୍ରୟ କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ଧର୍ମରାଜ ପଣ୍ଡାଙ୍କ ଅଧକ୍ଷତା ଓ ସମ୍ପାଦକ ବୃନ୍ଦାବନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ପିଇଓ ବବିତା ଭୋଇ, ଆରଆଇ ବୁଲୁ ମେହେର, ଏଓ ରାଜେନ୍ଦ୍ର ମିଶ୍ର, ଏସଓଏଲପି ସଭ୍ୟ ପୀତବାସ କର୍ଣ୍ଣ, ଦାଶରଥି ନନ୍ଦ, ଅଶୋକ କୁମାର ପଣ୍ଡା, ସୂର୍ଯ୍ୟ ନାରାୟଣ ହୋତା, ନେତ୍ର ଗୁରୁ, ଚାଷୀ ପ୍ରଶାନ୍ତ ପଣ୍ଡା, ଅଶ୍ୱିନୀ ପଣ୍ଡା, ଦେବାଶିଷ ପଣ୍ଡା ଉପସ୍ଥିତ ଥିଲେ। ବୈଠକରେ ସେବା ସମବାୟ ଅଧିନ ନୂତନ ସବ ସେଣ୍ଟର୍ କୌଡ଼ିଆମୁଣ୍ଡାରେ ଗୋଦାମ ଗୃହ, ଚାଷୀଙ୍କ ପାଇଁ ବିଶ୍ରାମ ଘର, ଅଫିସ ସହ ଧାନ କ୍ରୟ ମେଶିନ ନଥିବାରୁ ଖୋଲା ଆକାଶ ତଳେ ଧାନ କିଣା ହେଲେ ନଷ୍ଟ ହେବାର ଆଶଙ୍କା ଥିବା ଆଲୋଚନା ହୋଇଥିଲା। ଏଣୁ ପୂର୍ବଭଳି କୌଡ଼ିଆମୁଣ୍ଡା ଓ ଶଙ୍କରାର ଚାଷୀ ମାନେ କଇନ୍ତିରା ମାର୍କେଟ ୟାର୍ଡରେ ଧାନ ବିକ୍ରୟ ପାଇଁ ଚାଷୀମାନେ ପ୍ରସ୍ତାବ ଆଗତ କରିଥିଲେ।

## ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ

**ବିନିକା, ୧।୧୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ଅଧକ୍ଷା ଡ଼ ରେଖା ପଧାନଙ୍କ ଅଧକ୍ଷତାରେ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ରେଡ଼କ୍ରସ ଅଧିକାରୀ ବିଶ୍ୱନାଥ ମିଶ୍ର, ମୁଖ୍ୟବକ୍ତା ଅଧାପକ ରୋହିତ ଧରୁଆ, ସମ୍ମାନୀତ ଅତିଥି ଅଧାପକ ନାରାୟଣ ଚୌଧୁରୀ ଯୋଗଦେଇ ଏଡ଼ସ ରୋଗର ଭୟାବହତା ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ । ରେଡ଼କ୍ରସ କାଉନସେଲର ଧନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ। ଡ଼ ନୀଳମାଧବ ଛତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧକ୍ଷା ଡ଼ ପଧାନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କ ସହ ଅଧାପିକା ତୁଳସୀ ରାୟ, ଅଧାପକ ଦେବେଶ ଗଡ଼ନାୟକ, ଜିତେନ୍ଦ୍ର ଦଣ୍ଡସେନା, ଆଶୁତୋଷ ପୁରୋହିତ, ଆଶୀର୍ବାଦ ପଧାନ, ଆଲୋକ କୁମାର ସେଠୀ, ଆକାଶ ପ୍ରଧାନୀ ସଚେତନତା ରାଲିରେ ସହର ପରିକ୍ରମା କରିଥିଲେ।

## ବାନ୍ଧକଳାରେ ଶ୍ରୀମଭଗବଦ୍ ଗୀତା ଲୋକାର୍ପିତ



ଜିଲାପାଳ ବାନ୍ଧକଳାରେ ଶ୍ରୀମଭଗବତ୍ ଗୀତା ଲୋକାର୍ପଣ କରୁଛନ୍ତି।

**ସୋନପୁର, ୧।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ଗୀତା ଜୟନ୍ତୀର ୫୧୬୨ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣପୁରରେ ସୋମବାର ଲୋକାର୍ପିତ ହୋଇଛି ବାନ୍ଧକଳାରେ ଶ୍ରୀମଭଗବଦ୍ ଗୀତା। ଜିଲାପାଳ ଡ. ନୃପରାଜ ସାହୁ ଏହାକୁ ଲୋକାର୍ପିତ କରି ଜାତୀୟସ୍ତରର ବାନ୍ଧଶିଳ୍ପୀ ପ୍ରଫୁଲ୍ଲ ମେହେରଙ୍କ ସୂକ୍ଷ୍ମ କାରିଗରୀକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି କୃତି ବିରଳ ଓ ଏକ ରେକର୍ଡ। ଏଭଳି କାର୍ଯ୍ୟ ଓ ଅଧ୍ୟବସାୟ ପାଇଁ ପ୍ରଫୁଲ୍ଲଙ୍କୁ ଯେତେ ପ୍ରଶଂସା କଲେ କମ୍ ହେବ ବୋଲି ଜିଲାପାଳ କହିଥିଲେ। ସୁବର୍ଣ୍ଣପୁର ସହର ଗୋକର୍ଣ୍ଣେଶ୍ୱର ପଡାର ବାନ୍ଧଶିଳ୍ପୀ ତଥା ବାନ୍ଧଗୁରୁ ପ୍ରଫୁଲ୍ଲ(୬୩) ବାନ୍ଧକଳାରେ ଶ୍ରୀମଭଗବଦ୍ ଗୀତା(କାନ୍ଥ ଝୁଲଣ) ପ୍ରସ୍ତୁତ କରିଛନ୍ତି। ସଂସ୍କୃତ ଭାଷାରେ ଭଗବଦ୍ ଗୀତାର ୧୮ଅଧ୍ୟାୟକୁ ନେଇ ପାଟ ଓ ସୂତାରେ ସେ ଲୁଗା ପ୍ରସ୍ତୁତ କରିଛନ୍ତି। ଯେଉଁଥିରେ ଛୋଟ ଅକ୍ଷରରେ ମୋଟ ୭୦୦ଶ୍ଳୋକ ରହିଛି। ଅତିସୂକ୍ଷ୍ମ କାରିଗରୀରେ ନିପୁଣ ଭାବେ ଲୁଗା ବୁଣାଯାଇଛି। ଏହି କାନ୍ଥ ଝୁଲଣର ଲମ୍ବ ସାଢେ ୧୪ ମିଟର ଓ ଓସାର ୩୦ଇଞ୍ଚ। ମୋଟ ୨୭ଜଣ ସହଯୋଗୀ ବୁଣାକାରଙ୍କ ସହାୟତାରେ ପ୍ରଫୁଲ୍ଲ ରବିବାର ଏହି କାମ ସମ୍ପୂର୍ଣ୍ଣ କରିଛନ୍ତି। ପ୍ରଫୁଲ୍ଲ ତାଙ୍କ ବାପା ସ୍ୱର୍ଗତ ଅନନ୍ତରାମଙ୍କ ପ୍ରେରଣାରୁ କଠିନ ପରିଶ୍ରମ କରି ଏହି କାମ କରିଛନ୍ତି। ବାନ୍ଧକାମ ଠାରୁ ଆରମ୍ଭ କରି ବାନ୍ଧ ବାନ୍ଧିବା, ସୂତା ରଙ୍ଗ କରିବା, ବାନ୍ଧ ଖୋଲିବା ଓ ତନ୍ତରେ ଲୁଗା ବୁଣି ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ସାଢେ ୪ବର୍ଷ ସମୟ ଲାଗିଛି। ଏଥିରେ ତାଙ୍କ ସ୍ତ୍ରୀ ଝରଣା ସହଯୋଗ କରିଛନ୍ତି। ଏହି ଅବସରରେ ପ୍ରଫୁଲ୍ଲଙ୍କ ବାସଭବନରେ ପୂଜାର୍ଚ୍ଚନା ସହିତ ଗୀତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପଣ୍ଡିତଙ୍କ ମନ୍ତ୍ରୋଚାରଣରେ ଅଞ୍ଚଳରେ ଧାର୍ମୀକ ପରିବେଶ ସୃଷ୍ଟି ହୋଇଥିଲା। ବାନ୍ଧକଳାରେ ସୂକ୍ଷ୍ମ କାରିଗରୀ ଦେଖିବା ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀଙ୍କ ଭିଡ ଲାଗିଥିଲା।

## ଏଡ୍ସ ଦିବସରେ ବାହାରିଲା ସଚେତନତା ଶୋଭାଯାତ୍ରା

**ଡୁଙ୍ଗୁରିପାଲି, ୧।୧୨ (ଦୀନବନ୍ଧୁ ସୁନା )**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସ୍ଥିତ ରାମପୁର ପଞ୍ଚାୟତ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଏଡ଼ସ ଦିବସ ସୋମବାର ପାଳିତ ହୋଇଯାଇଛି। ଅଧକ୍ଷା ସୁଶ୍ରୀ କଳ୍ପନା ଦାଶଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ରାମପୁର ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଅଜୟ କୁମାର ପୂଜାରୀ ଯୋଗଦେଇ ଏଡ଼ସ ବାବଦରେ ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ। ଏଡ଼ସରୁ ଦୂରେଇ ରହିବାକୁ ହେଲେ କେଉଁ ପ୍ରକାର ସଚେତନ ରହିବାକୁ ପଡିବ ବୁଝାଇଥିଲେ। ରେଡ଼କ୍ରସ କାଉନସେଲର ମଧୁମିତା ମିଶ୍ର ସଭା ପରିଚାଳନା କରିଥିଲେ। ପରେ ଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରି ରାମପୁରରୁ ଭବାନୀପାଲି ପର୍ଯ୍ୟନ୍ତ ଯାଇଥିଲେ।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଜିଲାପାଳ ଓ ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ସୋନପୁର, ୧।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାୟକ ଶିବିରରେ ଯୋଗଦାନ କରି ୬୬ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୫୮ଟି ବ୍ୟକ୍ତିଗତ ଓ ୮ଟି ସାମୂହିକ ଥିଲା। ୬ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅନ୍ୟ ସମସ୍ତ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋନପୁର ବିଡିଓ ସଞ୍ଜିବ୍ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ତହସିଲଦାର ଜି. ରଶ୍ମିରେଖା, ସିଡିଏମ୍‌ଏଣ୍ଡପିଏଚଓ ଉଷାରାଣୀ ଦାଶ, ଡେପୁଟି କଲେକ୍ଟର ସତ୍ୟ ସୁନ୍ଦର ରାଉତ, ଡିଆଇପିଆରଓ ଅର୍ଜୁନ ମାଝୀଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।

## ଅଚଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ତମାଖୁମୁକ୍ତ ଅଭିଯାନ

**ବୀରମହାରାଜପୁର, ୧।୧୨ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଚଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ତମାଖୁମୁକ୍ତ ସଚେତନତା କାର୍ଯ୍ୟକ୍ରମ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦଣ୍ଡଧରପାତ୍ର ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ଉପଖଣ୍ଡ ପିଏଚ୍‌ଇଓ ସ୍ୱର୍ଣ୍ଣପ୍ରଭା ଜୁଏଡ଼ କହିଥିଲେ, ତମାଖୁ ସେବନ ଦ୍ୱାରା ଶରୀର ଉପରେ କୁପ୍ରଭାବ ପକାଉଛି। ତମାଖୁ ସେବନ କର୍କଟ ରୋଗର ପ୍ରମୁଖ କାରଣ ସମ୍ପର୍କରେ ସେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ସହକାରୀ ଶିକ୍ଷକ ଶ୍ରୀରାମ ଚନ୍ଦ୍ର ମହାପାତ୍ର ତମାଖୁ ନିବାରଣ ପ୍ରଥମେ ନିଜଠାରୁ ଆରମ୍ଭ କରି ନିଜର ସମ୍ପର୍କୀୟମାନଙ୍କୁ ସଚେତନ କରାଇବାକୁ ଶପଥ ପାଠ କରାଇଥିଲେ। ସ୍ଥାନୀୟ ଆଶାଦିଦି ମୀରାବାଇ ନନ୍ଦ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ତମାଖୁମୁକ୍ତ ଉପରେ ଏକ ପ୍ରତିଯୋଗିତା ହୋଇଥିଲା । ଏଥିରେ ଜୟପ୍ରକାଶ ମହାକୁର ପ୍ରଥମ, ଦ୍ୱିତୀୟ ଅଲିଭା ନାଏକ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ଲୋଚନ ଖୁଣ୍ଟିଆ। କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପରେ ଅଚଣ୍ଡା ମହୁଲପାଲି ଗ୍ରାମରେ ଏକ ରାଲି କରାଯାଇଥିଲା। ନାରାୟଣ ନନ୍ଦ, ସଞ୍ଜନାରାଣୀ ଭୁଏ, ଦାମୋଦର ପଧାନ, ଜଟାଧାରୀ ଖୁରା , କ୍ଷୀରସିନ୍ଧୁ ପଧାନ ରାଲି ପରିଚାଳନାରେ ସହଯୋଗ କରିଥିଲେ।



ଅଚଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ତମାଖୁମୁକ୍ତ ଶପଥ ପାଠ କରାଯାଉଛି।

## ସଭା, ଶୋଭାଯାତ୍ରାରେ ଏଡ୍ସ ସଚେତନତା

**ବାଉଁଶୁଣୀ/ଘଣ୍ଟାପଡା, ୧।୧୨ (ଦେବାଶିଷ ନେପାକ/ ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା ମାଁ ମାହେଶ୍ୱରୀ ମହାବିଦ୍ୟାଳୟରେ ସୋମବାର ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ରେଡ୍‌କ୍ରସ ୟୁନିଟ୍ ଓ ଜାତୀୟ ସେବା ଯୋଜନା ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଅନିରୁଦ୍ଧ ମହାକୁଲଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ବକ୍ତାମାନେ ବିଶ୍ୱ ଏଡ୍ସ ଦିବସ ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏଡ୍‌ସର ଭୟାବହତା ଓ ଏହାର ନିରାକରଣ ପାଇଁ ବିବିଧ ଉପାୟ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଏହାକୁ ରୋକିବା ପାଇଁ ପ୍ରଚାର ପ୍ରସାରକୁ ବ୍ୟାପକ କରିବାକୁ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏହାପରେ ମହାବିଦ୍ୟାଳୟରୁ ଏକ ସଚେତନା ଶୋଭାଯାତ୍ରା ବାହାରି ବାଉଁଶୁଣୀ ବଜାର ସମେତ ମାଉଲିମୁଣ୍ଡା ପରିକ୍ରମା କରିଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧାପିକା ଅଧାପକ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଉଁଶୁଣୀ ଥାନା ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ବାବାରାମ ଦେହୁରୀ ଓ ଯୁବ ରେଡ୍‌କ୍ରସ୍ ୟୁନିଟ୍‌ର କାଉନସେଲର ଗୋକୁଳାନନ୍ଦ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାସହିତ ବାଉଁଶୁଣୀ ମାଁ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ମାନଭଞ୍ଜନ ତ୍ରିପାଠୀଙ୍କ ଅଧକ୍ଷତାରେ ମଧ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଡ. ଉମାକାନ୍ତ ବିଶ୍ୱାଳ ଏବଂ ଯୁବ ରେଡ୍‌କ୍ରସ୍ କାଉନସେଲର ରମେଶ ଚନ୍ଦ୍ର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କନ୍ଧମାଳ ବ୍ଲକ ଘଣ୍ଟାପଡ଼ାସ୍ଥିତ ଆଞ୍ଚଳିକ ଗ୍ରାମପଞ୍ଚାୟତ ଡିଗ୍ରୀ କଲେଜରେ ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ୍‌କ୍ରସ୍ ସଂଯୋଜକ ମାନସ ରଞ୍ଜନ ବକୁଲଙ୍କ ସଂଯୋଜନା ତଥା ଅଧକ୍ଷ ଗିରିଧର ବେହୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ କଲେଜର ପ୍ରତିଷ୍ଠାତା ସଦସ୍ୟ ପ୍ରଭାତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଡ୍ସ ବ୍ୟାଧିର ଦୂରୀକରଣ ଉପରେ ବକ୍ତବ୍ୟ ରଖିଥିଲେ। ଡା. କାହ୍ନା ପ୍ରକାଶ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଡ୍‌ସର ଉତ୍ପତ୍ତି, ନିରାକରଣ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ସୁନିଲ ଗୁରୁ, ହୃଷୀକେଶ ଭୋଇ, ଟଙ୍କଧର କମ୍ପ, ଅଧାପିକା କବିତା ସାହୁ, ସଙ୍ଗୀତା ଭୋଇ, ଶ୍ରୀକାନ୍ତ ରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧାପିକା ଗୀତାଞ୍ଜଳି ରଣା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ କଲେଜ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ୍ୟ ପରିକ୍ରମା କରିଥିଲେ।



ସଚେତନତା ସଭାରେ ଉପସ୍ଥିତ ଛାତ୍ରୀଛାତ୍ର।

## ଏଡ୍ସ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ

**ସୋନପୁର, ୧।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଜିଲାସ୍ତରୀୟ ବିଶ ଏଡ଼ସ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଜିଲାପାଳ ଡ଼ ନୃପରାଜ ସାହୁ ସବୁଜ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିବା ସହ ଏକ ରକ୍ତଦାନ ଶିବିରର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ବିଭିନ୍ନ ମହାବିଦ୍ୟାଳୟ, ନର୍ସିଂ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶଙ୍କ ସମେତ ଅନ୍ୟମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିଜୁ ପଟ୍ଟନାୟକ ଛକରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା । ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ ଗୃହଠାରେ ବିଶ୍ୱ ଏଡ଼ସ ଦିବସ ଅବସରରେ ଏକ ସଚେତନତା ସଭା ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡା. ଦୈତ୍ୟ ନାରାୟଣ ପାଢ଼ୀ, ଜିଲା ମେଡିକାଲ ଅଫିସର ତଥା

**୧୯ ବର୍ଷରେ ୩୩ ଜଣଙ୍କ ମୃତ୍ୟୁ**

ମେଡିକାଲ ଅଧିକ୍ଷକ ଡାକ୍ତର ଦୁର୍ଗାଦତ୍ତ ଦାସ, ଅତରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଯକ୍ଷ୍ମା ଡା. ପଦ୍ମହଂସା ଦୋରା, ଅତରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ କୁଷ୍ଠ ଡା. ତ୍ରିବିକ୍ରମ ପାଣ୍ଡିଆ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ରମେଶ ଚନ୍ଦ୍ର ସ୍ୱାଇଁ, ସ୍ତ୍ରୀ ଓ ପ୍ରସୂତି ବିଭାଗୀୟ ମୁଖ୍ୟ ମାନସ ରଞ୍ଜନ ଦଣ୍ଡପାଟ ଯୋଗଦେଇ ଏଡ଼ସର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ । ଗତ ୧୯ ବର୍ଷ ମଧ୍ୟରେ ଜିଲାର ୩୩ ଏଡ଼ସ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଥିଲା । ସଚେତନତା କାର୍ଯ୍ୟକ୍ରମ ଜାରି ରହିଲେ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ମତପ୍ରକାଶ ପାଇଥିଲା ।

## ଏଡ୍‌ସମୁକ୍ତ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବୀରମହାରାଜପୁର, ୧।୧୨ (ଯୁଗଳ କିଶୋର ମିଶ୍ର )**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ତରଫରୁ ସୋମବାର ପୂର୍ବାହ୍ନରେ ବିଶ୍ୱ ରେଡ଼କ୍ରସ ଦିବସରେ ସ୍ଥାନୀୟ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ଅଧକ୍ଷ ଡ଼. ହିମାଂଶୁ ଶେଖର ପାଢୀଙ୍କ ନେତୃତ୍ୱରେ ଏହି ରାଲି ଅନୁଷ୍ଠିତ ହୋଇଥିଲା। ରେଡ଼କ୍ରସ କାଉନସେଲର ସିଦ୍ଧେଶ୍ୱର ତ୍ରିପାଠୀ, ଅଧାପକ ମାଧବ ପଧାନ ରାଲି ପରିଚାଳନା କରିଥିଲେ। ଜଗଦୀଶ ସାହୁ, ବରୁଣ କଲତା, ଶ୍ରୀରାମ ଦେହେରୀ ଏଥିରେ ସହାୟତା କରିଥିଲେ । ଏକ ଏଡସମୁକ୍ତ ସମାଜ ଗଠନ କରିବାରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଲି ପ୍ରାରମ୍ଭରେ ବକ୍ତବ୍ୟ ରଖିଥିଲେ କଲେଜ ଅଧକ୍ଷ ଡ଼ ହିମାଂଶୁ ଶେଖର ପାଢୀ । ଏହି ସଚେତନତା ଶୋଭାଯାତ୍ରା ବୀରମହାରାଜପୁର କଲେଜରୁ ବାହାରି ତ୍ରିବେଣୀ ଛକ, ନନ୍ଦିଘୋଷ ଛକ, ମୁଖ୍ୟ ଛକ ଦେଇ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ।




ବୀରମହାରଜପୁରରେ ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି ।

# ଜିଆରପି କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ମିଳିଲା

ରାଉରକେଲା, ୧।୧୨ (ସଙ୍ଗୀତା ଜେନା)

ରାଉରକେଲା ଜିଆରପି ପୋଲିସରେ କାର୍ଯ୍ୟରତ ଜଣେ କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହକୁ ସୋମବାର ସକାଳ ୬ଟାରେ ତାଙ୍କ ଶୋଇବା ଘରୁ ଉଦ୍ଧାର କରାଯାଇଛି। ମୃତକ ହେଲେ ରେଲୱେ ଏସ୍‌ପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କନଷ୍ଟେବଲ ଶେଖ୍ ଅହମ୍ମଦ ହୁସେନ୍(୪୮)। ତାଙ୍କ ପତ୍ନୀ ନମିତା ମହତାବ ଏ ନେଇ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୫) ରୁଜୁ କରିଛି।

ସୂଚନା ଅନୁଯାୟୀ, ହୁସେନ୍ ଓ ତାଙ୍କ ପତ୍ନୀ ନମିତା ସପରିବାର ବାସନ୍ତୀ କଲୋନିର ଡିଏଲ୍ ବ୍ଲକରେ ରହୁଥିଲେ। ରବିବାର ରାତିରେ ଦୁହେଁ ଭିନ୍ନ ଭିନ୍ନ କୋଠରିରେ ଶୋଇବାକୁ ଯାଇଥିଲେ। ସୋମବାର ସକାଳ ୬ଟାରେ ସ୍ତ୍ରୀ କବାଟ ବାଡେଇବାରୁ ହୁସେନ୍ କବାଟ ଖୋଲି ନ ଥିଲେ। ପଡୋଶୀମାନଙ୍କ ସହଯୋଗରେ କବାଟ ଭଙ୍ଗାଯିବାରୁ ହୁସେନ ଏକ ଚୁନି ଦ୍ୱାରା ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ପୋଲିସ ଉପସ୍ଥିତିରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଝିଅ ଓ ଅନ୍ୟମାନେ ଆସିବା ପରେ ପରିବାରକୁ ମୃତଦେହ ହସ୍ତାନ୍ତର ହେବ ବୋଲି ଜଣାପଡ଼ିଛି। ମୃତ୍ୟୁର କାରଣ ଜଣାପଡିନାହିଁ ବୋଲି ପୋଲିସ କହିଛି।

# ତରକେରାକୁ ଉଠିଲା ବିପିୟୁଟି ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର

ରାଉରକେଲା, ୧।୧୨ (ଦିନେଶ ମିଶ୍ର)



ବାୟୋ ମାଇନିଂ ସ୍ଥଳରେ ଉପସ୍ଥିତ ଆର୍‌ଏମ୍‌ସି କମିଶନର ଏବଂ ଅନ୍ୟମାନେ।

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ଏକ ଐତିହାସିକ ପଦକ୍ଷେପ ସୋମବାର ନିଆଯାଇଛି। ଏହି କ୍ରମରେ ଦୀର୍ଘ ବର୍ଷ ଧରି ବିପିୟୁଟି ନିକଟରେ ଥିବା ବର୍ଜ୍ୟବସ୍ତୁ ପ୍ରକିୟାକରଣ କେନ୍ଦ୍ରର ସ୍ଥାନାନ୍ତର ପ୍ରକିୟା ସୋମବାର ଶେଷ ହୋଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୧୫ ତାରିଖରେ ରାଉରକେଲା ଗସ୍ତରେ ଆସି ତରକେରାରେ ନିର୍ମିତ ବର୍ଜ୍ୟବସ୍ତୁ ପ୍ରକିୟାକରଣ କେନ୍ଦ୍ରର ଉଦ୍‌ଘାଟନ କରିଥିବାବେଳେ ଏହା ସୋମବାର ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ରାଉରକେଲା ତରକେରାଠାରେ ନବନିର୍ମିତ ବର୍ଜ୍ୟବସ୍ତୁ ପ୍ରକିୟାକରଣ କେନ୍ଦ୍ରକୁ ଗତ ୨ ଦିନ ତଳେ ଆରଏମ୍‌ସିର କମିଶନର ତଥା ରାଉରକେଲା ଏଡିଏମ୍ ଦୀନା ଦସ୍ତଗୀରି ପରିଦର୍ଶନ କରିଥିଲେ। ତରକେରାଠାରେ ନବନିର୍ମିତ ବର୍ଜ୍ୟବସ୍ତୁ ପ୍ରକିୟାକରଣରେ ଅତ୍ୟାଧୁନିକ ମେଶିନ ବ୍ୟବହାର କରାଯାଇଛି। ଏଠାରେ ୨ଟି ଅଣୁ ଖତ ପ୍ରକିୟାକରଣ କେନ୍ଦ୍ର ରହିଥିବାବେଳେ ଗୋଟିଏ ବସ୍ତୁ ପୁନଃଲାଭ କେନ୍ଦ୍ର ରହିଛି। ଅଣୁ ଖତ ପ୍ରକିୟାକରଣ କେନ୍ଦ୍ରର ଦୈନିକ କ୍ଷମତା ୫ ମେଟ୍ରିକ ଟନ୍ ରହିଥିବାବେଳେ ବସ୍ତୁ ପୁନଃଲାଭ କେନ୍ଦ୍ରର ଦୈନିକ କ୍ଷମତା ୨୦ ଟନ୍ ରହିଛି।

ସୂଚନାଯୋଗ୍ୟ, ବର୍ଷ ବର୍ଷ ଧରି ବିପିୟୁଟିଠାରେ ଅଳିଆ ଆବର୍ଜନା ପଡିରହୁଥିବା ଯୋଗୁ ସେଠାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଥିଲା। ଫଳରେ ବିପିୟୁଟି ନିକଟରେ ଥିବା ବିମାନ ବନ୍ଦର, ଅନ୍ୱେଷା ହଷ୍ଟେଲ, ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକିଷ୍ଟାଡିୟମ, ମେ' ଫେୟାର ହକି ଭିଲେଜ ସମେତ କଳିଙ୍ଗ ବିହାର କଲୋନୀବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏ ନେଇ ଆର୍‌ଏମ୍‌ସି ପାଖରେ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିବା ସହ ଏହାକୁ ଉକ୍ତ ସ୍ଥାନରୁ ସ୍ଥାନାନ୍ତର କରିବା ପାଇଁ ଦାବି କରିଥିଲେ। ଏହି ଅଭିଯୋଗକୁ ଦୃଷ୍ଟିରେ ରଖି ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଆର୍‌ଏସ୍‌ପି ସହ ଆଲୋଚନା କରି ରାଉରକେଲା ତରକେରା ସ୍ଥିତ ଜନବସତିଠାରୁ ଦୂରରେ ଥିବା ଏକ ଖାଲି ଜାଗାରେ ଏହାକୁ ନିର୍ମାଣ କରିଥିଲେ। ଏଥିସହ ବହୁ ବର୍ଷ ଧରି ପଡିଥିବା ପୁରୁଣା ଅଳିଆ ଆବର୍ଜନା ତଥା ବର୍ଜ୍ୟବସ୍ତୁଗୁଡିକର ବାୟୋ ମାଇନିଂ ପ୍ରକ୍ରିୟା ଚାଲୁ ରହିଥିବାବେଳେ ତାହା ମଧ ଖୁବ୍ ଶୀଘ୍ର ଶେଷ ହେବ ବୋଲି ରାଉରକେଲା ମହାନଗର ନିଗମ ଆୟୁକ୍ତ ଦସ୍ତଗୀରି ସୂଚନା ଦେଇଛନ୍ତି। ବିପିୟୁଟି ନିକଟରେ କୌଣସି ସମୟରେ ଆଉ ଅଳିଆ ଆବର୍ଜନା ନ ପକାଇବାକୁ ଆର୍‌ଏମ୍‌ସି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି କ୍ଷେତ୍ରରେ ସଭିଙ୍କ ସହଯୋଗ କାମନା କରିବା ସହ ଏକ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ରାଉରକେଲା ଗଠନରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଏଥିରେ କୌଣସି ବ୍ୟକ୍ତି ଖିଲାପ କଲେ ତାଙ୍କଠାରୁ ଜରିମାନା ଆଦାୟ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦସ୍ତଗୀରି ସୂଚନା ଦେଇଛନ୍ତି।

# ସସ୍ମିତା ଦାସ ଖେଲୋ ଇଣ୍ଡିଆର ଟେକ୍ନିକାଲ ଅଫିସିଆଲ୍ ମନୋନୀତ

ରାଉରକେଲା, ୧।୧୨ (ସଙ୍ଗୀତା ଜେନା)



ସସ୍ମିତା ଦାସ।

ରାଉରକେଲା ଚନ୍ଦ୍ରଶେଖର କ୍ରୀଡା ସଙ୍ଗଠନର କାର୍ଯ୍ୟକାରୀ ସଦସ୍ୟା, ଜାତୀୟ ଖେଳାଳି ତଥା ରାଉରକେଲା ସେଣ୍ଟ ପଲ୍ ସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ସସ୍ମିତା ଦାସ ଚଳିତବର୍ଷ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ ଗେମ୍ସ ପାଇଁ ଟେକ୍ନିକାଲ ଅଫିସିଆଲ୍ ମନୋନୀତ ହୋଇଛନ୍ତି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ ଖେଳ ଡିସେମ୍ବର ୧ରୁ ସାୱାଇ ମାନସିଂହ ଷ୍ଟାଡିୟମ ଜୟପୁର ଠାରେ ଆରମ୍ଭ ହୋଇଛି। ଏହା ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଉରକେଲାରୁ ଏକମାତ୍ର ଜାତୀୟ କ୍ରୀଡାବିତ୍ ଖେଲୋ ଇଣ୍ଡିଆ ଟେକ୍ନିକାଲ ଅଫିସିଆଲ୍ ମନୋନୀତ ହୋଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଚନ୍ଦ୍ରଶେଖର କ୍ରୀଡା ସଙ୍ଗଠନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନା, ଜାତୀୟ ରେଫରୀ ନିରଞ୍ଜନ ନାୟକ, ପଞ୍ଚାନନ ଗନ୍ତାୟତ, ଗୋବିନ୍ଦ ମହାପାତ୍ର, ସତ୍ୟ ସାହୁ, ବଳରାମ ମାଝୀ, ଆନ୍ନ ଡୁଙ୍ଗଡୁଙ୍ଗ ଓ ବିରେନ ମହନ୍ତ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସସ୍ମିତା ଗତବର୍ଷ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଭଲିବଲ ରେଫରୀ ଭାବେ ମନୋନୀତ ହୋଇ ଚେନ୍ନାଇଠାରେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ।

# ସାହିତ୍ୟ ଆସରରେ ପୁରାଣ ପରମ୍ପରା ଆଲୋଚନାଚକ୍ର

ରାଉରକେଲା, ୧।୧୨ (ବିପ୍ଳବ ରଞ୍ଜନ ଦାଶ)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲା ମହାନଗର ସାର ନଗରୀ ଶାଖା ପକ୍ଷରୁ ସୋମବାର ମାସିକ ସାହିତ୍ୟ ଆସରରେ ପୁରାଣ ପରମ୍ପରା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ଶାଖାର ସହ ସମ୍ପାଦିକା ଶ୍ୱେତଲିନା ଶତପଥୀ ସଂଯୋଜନା କରିଥିଲେ। କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ ତ୍ରିନାଥ ଦାସ ମୋହିନୀ ସଭାପତିତ୍ୱ କରିଥିଲେ। କେଶବ ନଗର ଶାଖା ଉପସଭାପତି ପ୍ରବୀର କୁମାର ଦୁବେ ମୁଖ୍ୟ ଅତିଥି, କେଶବ ନଗର ଶାଖା ସଭାପତି ବିଜୟିନୀ ଜେନା, ପ୍ରାକ୍ତନ ଓଡ଼ିଆ ପ୍ରାଧାପିକା ଡ. ରକ୍ମିଣୀ ସାହୁ ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। ବିଷୟ ବିଶେଷଜ୍ଞ ଦ୍ୱୟ ଆଲୋଚ୍ୟ ବିଷୟ ସମ୍ପର୍କରେ ଆଲୋଚନା କରି କହିଲେ, ନାରୀବାଦର ପ୍ରବକ୍ତା ହେଉଛନ୍ତି ବଳରାମ ଦାଶ। ତତ୍କାଳୀନ ସମୟରେ ଜାତିଭେଦ ଉତ୍କଟ ଥିଲା। ଲକ୍ଷ୍ମୀପୁରାଣରେ ଏ ସମ୍ପର୍କରେ ତୀବ୍ର ସ୍ୱର ରହିଛି। ଲକ୍ଷ୍ମୀ ପୁରାଣ ଆମ ସଂସ୍କୃତିର ବିଭବ। ଲକ୍ଷ୍ମୀ ପୁରାଣ ଏବଂ ରାମାୟଣରେ ଜାତିପ୍ରଥା ଓ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରି ପାରିବାରିକ ବୁଝାମଣା ତଥା ସମ୍ପର୍କର କଥା ରହିଛି ବୋଲି ସେମାନେ କହିଥିଲେ। ପ୍ରାରମ୍ଭରେ ଆବାହକ ତଥା ସହ ସମ୍ପାଦକ ସରୋଜ କୁମାର ବେହେରା ଅତିଥି ପରିଚୟ ପ୍ରଦାନ ଏବଂ ଉପସଭାପତି ସୁଭାଷ ଚନ୍ଦ୍ର ପାତ୍ର ପ୍ରାକ୍ କଥନ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ସୁଚିସ୍ମିତା ପଣ୍ଡାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ସମ୍ପାଦକ ମନୋଜ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। କରୁଣାକର ପାଢ଼ୀଶାଣୀ, ଲକ୍ଷ୍ମୀ ପଣ୍ଡା, ମାଧୁରୀ ପ୍ରଧାନ, ଜାନକୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନର ସାଙ୍ଗଠନିକ ସମ୍ମିଳନୀ



ସମ୍ମିଳନୀରେ ମଞ୍ଚାସୀନ ଶ୍ରମିକ ନେତାଗଣ।

ରାଉରକେଲା, ୧।୧୨ (ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ (ସିଟୁ)ର ୧୧ଶ ସାଙ୍ଗଠନିକ ସମ୍ମିଳନୀ ସେକ୍ଟର-୧୬ସ୍ଥିତ ଶ୍ରମିକ ଭବନଠାରେ ସୋମବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ସିଆଇଟିୟୁ କେନ୍ଦ୍ରୀୟ ଉପାଧ୍ୟକ୍ଷ ତଥା ସିଟୁ ସଭାପତି ବିଷ୍ଣୁ ମହାନ୍ତି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ ରାଜନୈତିକ ଓ ସାଙ୍ଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ ଏବଂ ନୂତନ ଶ୍ରମ କୋର୍ଡର ଭୟାବହତା ସମ୍ପର୍କରେ ଶ୍ରମିକମାନଙ୍କୁ ଜଣାଇଥିଲେ। କୋଷାଧ୍ୟକ୍ଷ ଅଜିତ ଏକ୍କା ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ସମ୍ମିଳନୀର ଚିଠା ରିପୋର୍ଟ ଉପରେ ବିଭିନ୍ନ କଳ କାରଖାନାରୁ ପ୍ରାୟ ୧୦ ଜଣ ଆଲୋଚନା କରିଥିଲେ। ସିଆଇଟିୟୁ ଜିଲା ଉପସଭାପତି ଶ୍ରୀମନ୍ତ ବେହେରା, ଷ୍ଟିଲ ଏମ୍ପ୍ଲଇଜ ଟ୍ରେଡ୍ ୟୁନିୟନର ସାଧାରଣ ସମ୍ପାଦକ ବସନ୍ତ ନାୟକ, ରାଉରକେଲା ଠିକାଦାର ୱାର୍କର୍ସ ୟୁନିୟନର କୋଷାଧ୍ୟକ୍ଷ ବି. ପି. ମହାପାତ୍ର, ଆଇଏଫ୍‌ଜିଏଲ ରିଫ୍ରାକ୍ଟୋରିଜ୍ ୱାର୍କର୍ସ ୟୁନିୟନର କାର୍ଯ୍ୟକାରୀ ସଭାପତି ଅଜିତ କୁମାର ଦାଶ, ଏସିଆଟିକ୍ ଅକ୍ସିଜେନ ଏମ୍ପ୍ଲଇଜ ୟୁନିୟନ ସଭାପତି ସୁଧାଂଶୁ ଜେନା, ଆଶା ସଂଘ ଜିଲା ସଭାପତି ଏଚ୍. ଏନ୍. ଯାଦବ ଓ ରାଜ୍ୟ ସାଧାରଣ ସମ୍ପାଦକ ଶକୁନ୍ତଳା ମହାକୁଡ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ୧୧ଶ ସାଙ୍ଗଠନିକ ସମ୍ମିଳନୀରେ ଶ୍ରମ କୋର୍ଡ, ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟା, ମହିଳା ଶ୍ରମିକମାନଙ୍କ ରାତ୍ରିକାଳୀନ କାମ ଆଦି ବିରୋଧରେ ଆନ୍ଦୋଳନ ଗଢିତୋଳିବା ପାଇଁ ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା। ଶେଷରେ ଆଗାମୀ ୩ ବର୍ଷ ପାଇଁ ୩୭ ଜଣିଆ କର୍ମକର୍ତ୍ତା କମିଟି ନିର୍ବାଚନ ହୋଇଥିଲା। ସଭାପତି ଭାବେ ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ, କୋଷାଧ୍ୟକ୍ଷ ଅଜିତ ଏକ୍କା, କାର୍ଯ୍ୟକାରୀ ସଭାପତି ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବିମାନ ମାଇତି, ଉପସଭାପତି ପ୍ରମୋଦ ସାମଲ, ବିଜୟ ମଲ୍ଲିକ, ଅରିନ୍ଦମ ଦତ୍ତ, ସନ୍ଦିପ ସ୍ୱାଇଁ, କ୍ଷୀରୋଦ ବେହେରା, ସମ୍ପାଦକ ତାଜମୁନ ନେହାର, ଯଯାତୀ କେଶରୀ ସାହୁ, ରାଜକିଶୋର ପ୍ରଧାନ, ଦିଲେଶ୍ୱର ହଂସ, ମୁସ୍କୁ ତିର୍କୀ, ରଞ୍ଜନ ବେହେରା, ଯୁଗ୍ମ ସମ୍ପାଦକ ସରୋଜ ବାର୍ଲା, ଭବାନୀ ସାହୁ, ରଞ୍ଜନ ପତି ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଏହି ସମ୍ମିଳନୀରେ କଳୁଙ୍ଗା, କୁଆଁରମୁଣ୍ଡା, ବଣାଁଇ, ରାଜଗାଙ୍ଗପୁର ଅଞ୍ଚଳର ବିଭିନ୍ନ କଳ କାରଖାନାଗୁଡ଼ିକରୁ ବହୁ ଶ୍ରମିକ ପ୍ରତିନିଧି ଯୋଗ ଦେଇଥିଲେ।

# ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ମୃତିରେଖା

ରାଉରକେଲା, ୧।୧୨ (ବିପ୍ଳବ ରଞ୍ଜନ ଦାଶ)

## ଓଡ଼ିଆ ଅକ୍ଷରରେ ଜଗନ୍ନାଥଙ୍କ ପଟ୍ଟଚିତ୍ର ଆଙ୍କିଲେ



ରାଉରକେଲା ଛେଣ୍ଡର ସ୍ମୃତିରେଖା ନାୟକ ଏସିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିବା ବେଳେ ଗ୍ରାଣ୍ଡ ମାଷ୍ଟର ଉପାଧି ଲାଭ କରିଛନ୍ତି। ଓଡିଆ ବର୍ଣ୍ଣମାଳା ଅ ଠାରୁ ଳ ଯାଏ ୧୨ହଜାର ୯ଶହ ୭୬ଟି ଅକ୍ଷରରେ ଶ୍ରୀ ଜଗନ୍ନାଥଙ୍କ ପଟ୍ଟଚିତ୍ର ନିର୍ମାଣ କରି ସେ ଏହି ସଫଳତା ହାସଲ କରିଛନ୍ତି। ସ୍ମୃତିରେଖା ରାଉରକେଲା ଡିଏଭି ପବ୍ଲିକ ସ୍କୁଲରେ ଏକାଦଶ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ପିଲାଦିନରୁ ଜଗନ୍ନାଥଙ୍କ ପ୍ରତି ତାଙ୍କର ଭକ୍ତି ଶ୍ରଦ୍ଧା ଥିଲା। ସେ ସହରରେ ପୂଜା ପାର୍ବଣ ସମୟରେ ବିଭିନ୍ନ ପୂଜାମଣ୍ଡପକୁ ଯାଇ ଦେବା ଦେବୀଙ୍କ କଳାକୃତୀ ଦେଖି ଆଗକୁ ଜଗନ୍ନାଥଙ୍କ ପଟ୍ଟଚିତ୍ର ନିଜେ ନିର୍ମାଣ କରିବେ ବୋଲି ସଂକଳ୍ପ କରିଥିଲେ। ଏଥିରେ ତାଙ୍କ ମାଁ ସହଯୋଗ କରିବାରୁ ସେ ଖୁବ୍ କମ୍ ସମୟରେ ଅ ରୁ ଳ ମଧ୍ୟରେ ଶ୍ରୀ ଜଗନ୍ନାଥଙ୍କ ଅପୂର୍ବ ପଟ୍ଟଚିତ୍ର ନିର୍ମାଣ କରିବା ସହିତ ବହୁ ଛୋଟ ଛୋଟ ଆକର୍ଷଣୀୟ ପଟ୍ଟଚିତ୍ର ନିର୍ମାଣ କରିବାରେ ସଫଳ ହୋଇଥିଲେ। ଏହି ସଫଳତା ପାଇଁ ସ୍ମୃତିରେଖା ତାଙ୍କ ମାଁ ସ୍ୱର୍ଣ୍ଣପ୍ରଭା ନାୟକ ଓ ବାପା ଶିବ ପ୍ରସାଦ ନାୟକଙ୍କୁ ଶ୍ରେୟ ଦେଇଛନ୍ତି।

# ବିଷ୍ଣୁଶାନ୍ତି ମହାଯଜ୍ଞ ସମ୍ପନ୍ନ



ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଉଛି।

ରାଉରକେଲା, ୧।୧୨ (ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର-୨୦ ପମ୍ପ ହାଉସ୍ ନିକଟ ବାବା ଢୋଲେଶ୍ୱର ପୀଠ ଓ କୋଏଲ ଶ୍ରୀକ୍ଷେତ୍ର ପାଦଦେଶର ସଙ୍କଟମୋଚନ ମଣ୍ଡପରେ ବିଶ୍ୱର ମଙ୍ଗଳ ପାଇଁ ଚାଲିଥିବା ଦୁଇଦିନିଆ ଶ୍ରୀ ଶ୍ରୀ ବିଷ୍ଣୁଶାନ୍ତି ମହାଯଜ୍ଞ ସୋମବାର ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ରବିବାର ଭକ୍ତମାନେ କୋଏଲ ନଦୀରୁ ୧୦୮ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପ ପର୍ଯ୍ୟନ୍ତ ଆସିଥିଲେ। ସୋମବାର ପୂର୍ଣ୍ଣାହୁତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପୂଜକ ଭାବେ ପଣ୍ଡିତ ସୁରେନ୍ଦ୍ର ପତି ଏବଂ କର୍ତ୍ତା ଭାବେ କୃଷ୍ଣଚନ୍ଦ୍ର ସାହୁ ଓ ହେମଲତା ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ କୀର୍ତ୍ତନ କରାଯାଇଥିଲା।

# ଡକାୟତି ଯୋଜନା ବିଫଳ, ୩ ଗିରଫ

ରାଉରକେଲା, ୧।୧୨ (ସଙ୍ଗୀତା ଜେନା)

ଡକାୟତି ଯୋଜନା ବେଳେ ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ପୋଲିସ୍ ୩ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁପାଲିର ଚନ୍ଦନ ଯାଦବ(୨୭), ମାଲଗୋଦାମର ସମସେର ଖାଁ(୨୪) ଏବଂ ଗୋପବନ୍ଧୁପାଲିର ବିଲଲ ମାଂଶୁରୀ(୨୯)। ସେମାନଙ୍କଠାରୁ ଖଣ୍ଡା, ଭୁଜାଲି ଆଦି ମାରଣାସ୍ତ୍ର ଜବତ କରାଯାଇଛି। ଅନ୍ୟ ୨ ଦୁର୍ବୃତ୍ତ ଫେରାର ଅଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୬୫/୨୫) ରୁଜୁ କରି ୩ ଅଭିଯୁକ୍ତଙ୍କୁ ସୋମବାର ଅପରାହ୍ନ ୧ଟାରେ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ରବିବାର ରାତିରେ ଏହି ଦୁର୍ବୃତ୍ତମାନେ ବିଶ୍ରା ରୋଡ ଫଳ ମାର୍କେଟ ପଛପଟେ ଏକାଠି ହୋଇ ସହରର ଏକ ଦୋକାନରେ ଡକାୟତି ପାଇଁ ଯୋଜନା କରୁଥିଲେ। ଖବର ପାଇ ପୋଲିସ ସେଠାରେ ଚଢାଉ କରି ଦୁର୍ବୃତ୍ତଙ୍କୁ ଗିରଫ କରିଥିଲା। ବିଭିନ୍ନ ଥାନାରେ ଚନ୍ଦନଙ୍କ ନାଁରେ ୬ଟି ମାମଲା ରହିଥିବାବେଳେ ସମସେରଙ୍କ ନାଁରେ ୨ଟି ଓ ବିଲଲଙ୍କ ନାଁରେ ୨ଟି ଆପରାଧିକ ମାମଲା ରହିଥିବା ଜଣାପଡିଛି।



ଗିରଫ ଅଭିଯୁକ୍ତ ଏବଂ ଜବତ ମାରଣାସ୍ତ୍ର।

# ଏନ୍‌ଆଇଟିଆର୍ ପଶ୍ଚିମ ଆଞ୍ଚଳିକ ଏଆଇ ହାକାଥନ୍ ଆୟୋଜକ ମନୋନୀତ

ରାଉରକେଲା, ୧।୧୨ (ସଙ୍ଗୀତା ଜେନା)

ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ଼, ସମ୍ବଲପୁର, ବୌଦ୍ଧ, ଦେବଗଡ଼ ଓ ଝାରସୁଗୁଡ଼ା ଜିଲାକୁ ନେଇ ପଶ୍ଚିମ ଆଞ୍ଚଳିକ ଏଆଇ ହାକାଥନ୍-୨୦୨୫ ଆୟୋଜନ କରିବା ପାଇଁ ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନକୁ ନୋଡାଲ କେନ୍ଦ୍ର ଭାବେ ମନୋନୀତ କରାଯାଇଛି। ଓଏସ୍‌ଏ (ଦି ଓଡ଼ିଆ ସୋସାଇଟି ଅଫ୍ ଦି ଆମେରିକାନ) ଏବଂ ଓଡ଼ିଶା ଏଆଇର ପୃଷ୍ଠପୋଷକତାରେ ହେଉଥିବା ଏହି କାର୍ଯ୍ୟକ୍ରମ ଡିସେମ୍ବର ୯ ତାରିଖରେ ରାଉରକେଲା ଏନ୍‌ଆଇଟି କ୍ୟାମ୍ପସରେ ଆୟୋଜନ ହେବ। ଯାହାକି ଭୁବନେଶ୍ୱରରେ ଡିସେମ୍ବର ୧୮ତାରିଖରେ ହେବାକୁ ଥିବା ଓଡ଼ିଶା ଏଆଇ ସିମ୍ପୋଜିୟମ ଏକ ପ୍ରାକ୍ କାର୍ଯ୍ୟକ୍ରମ ଅଟେ। ଓଡ଼ିଶାକୁ ବିଶ୍ୱର ବୌଦ୍ଧିକ ଏଆଇ ରାଜଧାନୀ ଭାବେ ସ୍ଥାପନ କରିବାର ବୃହତ୍ ଉଦ୍ୟମର ଅଂଶ ହିସାବରେ ଓଡ଼ିଶା ଏଆଇ ନୀତି, ଓଡ଼ିଶା ଭିଜନ, ଭାରତ ଏଆଇ ମିଶନ ଓ ବିଶ୍ୱବ୍ୟାପୀ ଏଆଇ ଧାରା ସହ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ପାଇଁ ଏହି ହାକାଥନ ଆୟୋଜନ କରାଯାଉଛି। ଏହାର ଉଦ୍ଦେଶ୍ୟ ହେଉଛି ଏଆଇ ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ଆଞ୍ଚଳିକ ସମସ୍ୟାର ଏଆଇ ଆଧାରିତ ସମାଧାନ ଖୋଜିବା ଓ ଉଦ୍ଭାବନମୂଳକ ଧାରଣାକୁ ପୁରସ୍କୃତ କରିବା। ଏହି ହାକାଥନରେ ଡିପ୍ଲୋମା, ସ୍ନାତକ, ସ୍ନାତକୋତ୍ତର, ପିଏଚ୍‌ଡି ଛାତ୍ରୀଛାତ୍ର, ବ୍ୟକ୍ତିଗତ ଉଦ୍ଭାବକ ଏବଂ ପଞ୍ଜିକୃତ ଓ ଅଣପଞ୍ଜିକୃତ ଷ୍ଟାର୍ଟଅପ୍‌ମାନେ ଡିସେମ୍ବର ୫ ତାରିଖ ସୁଦ୍ଧା ଆବେଦନ କରିପାରିବେ। ୯ତାରିଖରେ ଏନ୍‌ଆଇଟି କ୍ୟାମ୍ପସରେ ଅନ୍ତିମ ପ୍ରୋଟୋଟାଇପ୍ ଡେମୋ ରହିଛି ଏବଂ ଶ୍ରେଷ୍ଠ ୩ ଟିମ୍ ସିଧାସଳଖ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆଞ୍ଚଳିକ ହାକାଥନ୍‌ରେ ପ୍ରଥମ ପୁରସ୍କାର ୧୨ ହଜାର, ଦ୍ୱିତୀୟ ପୁରସ୍କାର ୮ହଜାର ଓ ତୃତୀୟ ପୁରସ୍କାର ୫ହଜାର ଟଙ୍କା ରହିଛି। ଆଇଇଇଇ ୫ଜି/୬ଜି ଇନୋଭେଶନ ଟେଷ୍ଟ ବେଡ୍ ଦ୍ୱାରା ବିଜେତାମାନଙ୍କୁ ଏହା ଦିଆଯିବ। ହାକାଥନ ଆୟୋଜନ ପାଇଁ ଆଇଇଇଇ କମ୍ୟୁନିକେଶନ ସୋସାଇଟି ପକ୍ଷରୁ ବିଭିନ୍ନ ସହାୟତା ପ୍ରଦାନ କରାଯାଉଛି। ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ସହଯୋଗୀ ପ୍ରଫେସର ତଥା ଆଞ୍ଚଳିକ ନୋଡାଲ୍ ସଂଯୋଜକ ଡ. ସୁଚିସ୍ମିତା ଚିନରା ପଶ୍ଚିମ ଓଡ଼ିଶାର ସମସ୍ତ ଶିକ୍ଷାନୁଷ୍ଠାନକୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ପ୍ରତିଭାବାନ ଯୁବ ଉଦ୍ଭାବକମାନଙ୍କୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରିବାକୁ ଆହ୍ୱାନ ଦେଇଛନ୍ତି।

# ୮ ଦିନରେ ପହଞ୍ଚିଲା ଆୟୁଷ ଡାକ୍ତରଙ୍କ ଆନ୍ଦୋଳନ

ରାଉରକେଲା, ୧।୧୨ (ଦିନେଶ ମିଶ୍ର)




ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଆୟୁଷ ଡାକ୍ତର ଆନ୍ଦୋଳନ ସୋମବାର ୮ ଦିନରେ ପହଞ୍ଚିଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ଫଳରେ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରମାନେ ଦିବରାତ୍ର ଧାରଣା ସହ ହ୍ୱାଇଟ୍ କୋର୍ଟ ବର୍ଜନ କରିଛନ୍ତି। ଏଭଳି ଦୃଶ୍ୟ ସେକ୍ଟର-୨୧ସ୍ଥିତ ଉତ୍କଳମଣି ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଦେଖିବାକୁ ମିଳିଛି। ସୋମବାର ସନ୍ଧ୍ୟାରେ ଉତ୍କଳମଣି ହୋମିଓପାଥିକ ଭେଷଜ ମହାବିଦ୍ୟାଳୟର ସମସ୍ତ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର କଲେଜ ପରିସରରେ ପିନ୍ଧିଥିବା ହ୍ୱାଇଟ୍ କୋଟ୍ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯେ ପର୍ଯ୍ୟନ୍ତ ୮ ଦଫା ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଏଭଳି ଭାବେ ଆୟୁଷ ଡାକ୍ତରମାନେ ଅହୋରାତ୍ର ଆନ୍ଦୋଳନ ଜାରି ରଖିବେ ବୋଲି ରାଉରକେଲା ଆୟୁଷ ଡାକ୍ତର ସଂଘ ଉପସଭାପତି ହିତେଶ କୁମାର ଗିରି କହିଛନ୍ତି। ଆଗାମୀ ଦିନରେ ଦାବି ଗୁଡିକ ପୂରଣ କରା ନ ଗଲେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ କରି ସରକାରଙ୍କ ଉପରେ ଚାପ ପକାଯିବ ବୋଲି ରାଉରକେଲା ଆୟୁଷ ଡାକ୍ତର ସଂଘ ସଭାପତି ମୁକେଶ କୁମାର ମଲ୍ଲିକ ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ଡାକ୍ତର ବିନୀତା ପ୍ରଧାନ, ଅମିତ କୁମାର ବେହେରା, ସତ୍ୟମ୍ ଶ୍ୱେତାଂଶୁ ପୂଜାରୀଙ୍କ ସମେତ ବହୁ ଡାକ୍ତରୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ହୋମିଓପାଥି କଲେଜ ଛାତ୍ରୀଛାତ୍ରଙ୍କ ଆପ୍ରୋନ୍ ବର୍ଜନ

ସମ୍ବଲପୁର,୧।୧୨(ପ୍ରମୋଦ ବହିଦାର)

ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘର ଅନିର୍ଦ୍ଦିଷ୍ଟକାଳ ପାଇଁ ଆନ୍ଦୋଳନ ଜାରି ରହିଛି। ରାଜ୍ୟର ୭ ମହାବିଦ୍ୟାଳୟ ପରିସରରେ ଆନ୍ଦୋଳନ ଜାରି ରହିଥିବା ବେଳେ ସମ୍ବଲପୁର ସରକାରୀ ହୋମିଓପାଥି ଚିକିତ୍ସା ଓ ଗବେଷଣା ମହାବିଦ୍ୟାଳୟରେ ମଧ୍ୟ ଛାତ୍ରୀଛାତ୍ର ଅହୋରାତ୍ର ଆନ୍ଦୋଳନ ଜାରି ରଖିଛନ୍ତି। ସୋମବାର ପୂର୍ବାହ୍ନ ୧୧ଟାରେ ସେମାନେ ଏକ ରାଲିରେ ଯାଇ ପୀର ବାବାଛକସ୍ଥିତ ଜିଲା ମୁଖ୍ୟ ଡାକଘରେ ପହଞ୍ଚିଥିଲେ। ପୂର୍ବ ଘୋଷଣା ଅନୁସାରେ ସମସ୍ତ ଛାତ୍ରୀଛାତ୍ର ପିନ୍ଧିଥିବା ସେମାନଙ୍କ ପେଶାର ପ୍ରତୀକ ଧଳାକୋଟ(ଆପ୍ରୋନ୍) ତ୍ୟାଗକରି ସେଗୁଡ଼ିକୁ ଏକ ସଙ୍ଗେ ଡାକ ଯୋଗେ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିଛନ୍ତି। ଏଠାରୁ ଫେରି ଛାତ୍ରୀଛାତ୍ର ପୁନର୍ବାର ଆନ୍ଦୋଳନ ଜାରି ରଖିଥିବା ଦେଖିବାକୁ ମିଳିଛି।

ରାଜ୍ୟର ଆବଶ୍ୟକତା ଦୃଷ୍ଟିର ରଖି ହୋମିଓପାଥି ଓ ଆୟୁର୍ବେଦିକ ମହାବିଦ୍ୟାଳୟରେ ସ୍ନାତକ ସ୍ନାତକୋତ୍ତର ସିଟ୍ ସଂଖ୍ୟା ବୃଦ୍ଧି, ଡାଇନାମିକ ଭତ୍ତା(ଷ୍ଟାଇପେଣ୍ଡ) ପ୍ରଦାନ, କଲେଜଗୁଡିକରେ ପରିଚାଳନା କମିଟି ପୁନଃଗଠନ, ଆୟୁଷ ଶିକ୍ଷାନୁଷ୍ଠାନ ଗୁଡ଼ିକରେ କେନ୍ଦ୍ରୀୟ ଆୟୁଷ ମନ୍ତ୍ରାଳୟର ସମସ୍ତ ନିୟମାବଳୀ ପାଳନ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାରେ



ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟକୁ ଡାକରେ ପ୍ରେରଣ ପାଇଁ ମୁଖ୍ୟ ଡାକଘର ସମ୍ମୁଖରେ ହୋମିଓପାଥି ଡାକ୍ତରୀ ଛାତ୍ରୀଛାତ୍ର ଆପ୍ରୋନ୍ ଏକତ୍ରିତ କରୁଛନ୍ତି।

### ଡାକରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଆପ୍ରୋନ୍ ପଠାଇଲେ

ଆୟୁଷର ଅନ୍ତର୍ଭୁକ୍ତିକରଣ, ଆୟୁଷ ଚିକିତ୍ସା ପଦ୍ଧତିର ପ୍ରଚାର ପ୍ରସାର ପାଇଁ ଆବଶ୍ୟକ ପଦକ୍ଷେପ ଓ ସ୍ୱତନ୍ତ୍ର ଆୟୁଷ ବିଭାଗ ସ୍ଥାପନ ଆଦି ୮ ଦଫା ଦାବିରେ ଗତ ନଭେମ୍ବର ୬ରୁ ଆରମ୍ଭ ହୋଇଥିବା ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସୋମବାର ୨୬ ଦିନରେ ପହଞ୍ଚିଛି। ଏହାକୁ ସମର୍ଥନ ଜଣାଇ ବିଗତ ୨୬ଦିନ ହେଲା ସମ୍ବଲପୁର ହୋମିଓପାଥି କଲେଜର ଛାତ୍ରୀଛାତ୍ର ଆନ୍ଦୋଳନ ଜାରି ରଖିଛନ୍ତି। ପ୍ରଥମେ ସେମାନେ କଳାବ୍ୟାଜ ପରିଧାନ କରି ପ୍ରତିକାତ୍ମକ ଆନ୍ଦୋଳନ, ମହାବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଗତ ଗୁରୁବାର ଛାତ୍ରୀଛାତ୍ର ପଦଯାତ୍ରାରେ ଯାଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପୋର୍ଟାଲରେ ସାମୂହିକ ଦାବି ପଞ୍ଜିକରଣ ସତ୍ତ୍ୱେ ସେମାନଙ୍କ ସମସ୍ୟା ପ୍ରତି ସରକାର ଆଦୌ କର୍ଣ୍ଣପାତ କରି ନାହାନ୍ତି। ତେଣୁ ଏହାର ପ୍ରତିବାଦରେ ରବିବାର ସନ୍ଧ୍ୟାରୁ ସମ୍ବଲପୁର ସରକାରୀ ହୋମିଓପାଥି ଚିକିତ୍ସା ଓ ଗବେଷଣା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଆପ୍ରୋନ୍, ବ୍ୟାଜ ସହିତ ଅହୋରାତ୍ର ଆନ୍ଦୋଳନ ଜାରି ରଖିଛନ୍ତି।

ସମ୍ବଲପୁର ସରକାରୀ ହୋମିଓପାଥି କଲେଜ ଡାକ୍ତରୀ ଛାତ୍ର ସଂଘ ସଭାପତି ତଥା ନିଖିଳ ଓଡ଼ିଶା ଆୟୁଷ ଡାକ୍ତରୀ ଛାତ୍ର ସଂଘ ସହସମ୍ପାଦକ ପଲାସ ରଞ୍ଜନ ପାଉଲ କହିଛନ୍ତି, ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର ଏକ ନିର୍ଣ୍ଣାୟକ ଲଢ଼େଇରେ ଅବତୀର୍ଣ୍ଣ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କ ଦାବି ପୂରଣ ପାଇଁ କୌଣସି ବିଧିବଦ୍ଧ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ। ଏହାକୁ ଆହୁରି ତୀବ୍ର କରିବା ପାଇଁ ସୋମବାର ଆପ୍ରୋନ୍ ତ୍ୟାଗ କରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିଛନ୍ତି। ଆଗକୁ ଆହୁରି ଅଭିନବ ଢଙ୍ଗରେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

# ଯୁବପିଢ଼ି ସଚେତନ ହେଲେ ଏଡ୍ସ ପ୍ରତିରୋଧ ସମ୍ଭବ

### ବିକାଶ ନର୍ସିଂ କଲେଜରେ ଏଡ୍ସ ସଚେତନତା କାର୍ଯ୍ୟକ୍ରମ



ପାବପାଲିରେ ଆୟୋଜିତ ବିଶ୍ୱ ଏଡ୍ସ ଦିବସ ସଚେତନତା ଆଲୋଚନାଚକ୍ରରେ ଅତିଥି।

ସମ୍ବଲପୁର,୧।୧୨(ବି.ଶଙ୍କର)

ବିଶ୍ୱ ଏଡସ ଦିବସ ସଚେତନତା ଶୋଭାଯାତ୍ରା ଓ ଆଲୋଚନାଚକ୍ର ବିକାଶ ନର୍ସିଂ କଲେଜ ପକ୍ଷରୁ ସୋମବାର ସମ୍ବଲପୁର ଜିଲା ଶାସନ ଗ୍ରାମପଞ୍ଚାୟତ ଅଧିନ ପାବପାଲି ଗ୍ରାମରେ ଅନୁଷ୍ଠିତ ହୋଇଛି। କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିବିଧ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଦେଇପାଲି ଜନସ୍ୱାସ୍ଥ୍ୟ ଅଧିକାରୀ ରୁନି ପଟ୍ଟନାୟକ, ରେଙ୍ଗାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ମହାପାତ୍ରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମରେ କଲେଜର ଶିକ୍ଷୟିତ୍ରୀ ଶିକ୍ଷକ, ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଓ ଗ୍ରାମବାସୀ ଭାଗ ନେଇଥିଲେ। ଛାତ୍ରୀଛାତ୍ରମାନେ ସ୍ଲୋଗାନ ସହ ପ୍ଲାକାର୍ଡ଼ ଓ ବ୍ୟାନର ଧରି ଲୋକମାନଙ୍କୁ ସଚେତନ କରିଥିଲେ। ରାଲି ସମୟରେ ଛାତ୍ରୀଛାତ୍ରମାନେ ଏଡସ କିପରି ପ୍ରସାରିତ ହୁଏ, କିପରି ପ୍ରତିରୋଧ କରିହେବ ଓ କାହିଁକି ଠିକ୍ ତଥ୍ୟ ଜାଣିବା ଆବଶ୍ୟକ ବିଷୟରେ ସାଧାରଣ ଲୋକଙ୍କୁ ସହଜ ଭାଷାରେ ଅବଗତ କରାଇଥିଲେ। ଜନସ୍ୱାସ୍ଥ୍ୟ ଅଧିକାରୀ ପଟ୍ଟନାୟକ କହିଥିଲେ, ଏଡସ ସମ୍ପର୍କରେ ଭ୍ରାନ୍ତି ଓ ଅଜ୍ଞାନତା ହେଉଛି ସବୁଠାରୁ ବଡ ଚିନ୍ତାର ବିଷୟ। ସମାଜ ଯଦି ଠିକ ତଥ୍ୟ ପାଏ ଏବଂ ଯୁବପିଢ଼ି ଏପରି ପ୍ରଚାର ଅଭିଯାନରେ ସକ୍ରିୟ ହୁଅନ୍ତି, ତେବେ ଏଡସ ପ୍ରତିରୋଧ ଅଧିକ ପ୍ରଭାବଶାଳୀ ହେବା ନିଶ୍ଚିତ ସମ୍ଭବ। ନିୟମିତ ଏଚଆଇଭି ପରୀକ୍ଷା, ସୁରକ୍ଷିତ ବ୍ୟବହାର ଓ ସାମାଜିକ ଭ୍ରମ ଦୂର କରିବାର ଅବଶ୍ୟକତା ଉପରେ ମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିକାଶ ଅନୁଷ୍ଠାନ ସମୂହ ଚେୟାରମ୍ୟାନ ଜି. ଭାସ୍କର ରାଓ, ନିର୍ଦ୍ଦେଶକ ଜି. ରାମକୃଷ୍ଣ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ, ବିକାଶ ନର୍ସିଂ କଲେଜ ଅଧକ୍ଷ ପ୍ରଫେସର ଈଶ୍ୱର ନାଗ, ବିକାଶ ନର୍ସିଂ କଲେଜର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ଏଡସ ଉପରେ କ୍ଷୁଦ୍ର ପଥପ୍ରାନ୍ତ ନାଟକ ମଧ୍ୟ ପ୍ରସ୍ତୁତ କରିଥିଲେ। କାର୍ଯକ୍ରମକୁ ଶିକ୍ଷୟିତ୍ରୀ ସୁନିତା ଓରାମ ଓ କ୍ରିଷ୍ଟିୟାନା ବିଲ୍ଲିୟମ ପରିଚାଳନା କରିଥିଲେ ।

# ସଚେତନ ହେଲେ ଏଡ୍ସ କମିବ

ନାକଟିଦେଉଳ, ୧।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଉଚ୍ଚ ମାଧମିକ ବିଦ୍ୟାଳୟ ଯୁବ ରେଡ଼କ୍ରସ ୟୁନିଟ ପକ୍ଷରୁ ବିଶ୍ୱ ଏଡ୍ସ ଦିବସ ଓ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧକ୍ଷ ହେମାନନ୍ଦ ପ୍ରଧାନଙ୍କ ପରିଚାଳନା ଓ ଯୁବ ରେଡ଼କ୍ରସ ସଂଯୋଜକ ଅଧାପକ ସରୋଜ କୁମାର ଭୁଏଁଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଅଧାପକ ସଞ୍ଜୀବ ଦାଶ, ଅଧାପିକା ବିନୀତା ମୁର୍ମୁ ଓ ଜିତେନ୍ଦ୍ର କୁମାର ପଣ୍ଡା ବକ୍ତାଭାବେ ଯୋଗଦେଇ ଏଡ୍ସ ରୋଗର ଉତ୍ପତ୍ତି ଓ ସଜାଗତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପକ ବିଶ୍ୱଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, ପ୍ରବନ୍ଧ, ଡିବେଟ ଓ କୁଇଜ ପ୍ରତିଯୋଗିତା ହୋଇଥିଲା। ସେହିପରି ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ୟୁଥ ରେଡ଼କ୍ରସ ୟୁନିଟ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଅନୁଷ୍ଠାନ ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱ ଓ ଯୁବ ରେଡ଼କ୍ରସ ସଂଯୋଜକ ଅଧାପକ ଦେବେଶ କୁମାର ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡ଼ାକ୍ତର ଅଭିଷେକ ଦାଶ,

### ବିଶ୍ୱ ଏଡ୍ସ ଦିବସ ପାଳିତ

ସମ୍ମାନୀତ ଅତିଥିଭାବେ ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ବିଶ୍ୱାଳ, ରେଢ଼ାଖୋଲ ବ୍ଲଡବ୍ୟାଙ୍କ ଟେକ୍ନିସିଆନ ଇନ୍ଦ୍ରମଣି ବେହେରା, ସହାୟକ ନୃସିଂହ ଚରଣ ବିଶ୍ୱାଳ ଯୋଗଦେଇଥିଲେ। ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ତଥା ବ୍ଲଡବ୍ୟାଙ୍କ ସହଯୋଗରେ ପରିଚାଳିତ ଶିବିରରେ ୩୦ଜଣ ରକ୍ତଦାନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ନାକଟିଦେଉଳ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ଅନୁରୂପଭାବେ ନାକଟିଦେଉଳ ବ୍ଲକ କିସିଣ୍ଡା ଉଚ୍ଚ ମାଧମିକ ବିଦ୍ୟାଳୟ ଯୁବ ରେଡ଼କ୍ରସ ୟୁନିଟ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନ ଅଧକ୍ଷା ସୁଶ୍ରୀତା ଭୋଇ ପରିଚାଳନା କରିଥିଲେ। ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ ରେ ଯୁବରେଡ଼କ୍ରସ ୟୁନିଟ ଛାତ୍ରୀ ବିଭାଗ ପରାମର୍ଶଦାତା ଅଧାପିକା ସୁଶ୍ରୀ ସୱାଗତିକା ମୁଦୁଲି ଓ ରାଜନୀତି ବିଜ୍ଞାନ ବିଭାଗ ଅଧାପକ କୌଶିକ ପ୍ରଧାନ ସମ୍ମାନୀତ ବକ୍ତାଭାବେ ଯୋଗଦେଇ ଏଡସ୍ ସଂକ୍ରମଣ ରୋକିବାକୁ ହେଲେ ସଚେତନତାର ଆବଶ୍ୟକତା ରହିଥିବା କହିଥିଲେ। ଏହି ଅବସରରେ କୁଇଜ, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଓ ବୃତ୍ତଚିତ୍ର ପ୍ରଦର୍ଶନ ଆୟୋଜିତ ହୋଇଥିଲା ।





ନାକଟିଦେଉଳ ଉଚ୍ଚ ମାଧମିକ ବିଦ୍ୟାଳୟରୁ ବାହାରିଥିବା ଏଡ୍ସ ସଚେତନତା ଶୋଭାଯାତ୍ରା।

# ସରକାରୀ ମାନ୍ୟତା ଦାବିକଲେ ଆଶାକର୍ମୀ



ବିକ୍ଷୋଭ ପ୍ରଦର୍ଶନ ଅବସରରେ ପଶ୍ଚିମ ଓଡ଼ିଶା ଆଶା କର୍ମୀସଂଘ କର୍ମକର୍ତ୍ତା।

ସମ୍ବଲପୁର,୧।୧୨(ବି.ଶଙ୍କର)

ଆଶା କର୍ମୀଙ୍କୁ ସରକାରୀ ମାନ୍ୟତା ସହ ବିଭିନ୍ନ ଦାବି ପୂରଣ କରିବା ନେଇ ପଶ୍ଚିମ ଓଡ଼ିଶା ଆଶା କର୍ମୀ ସଂଘ ସୋମବାର ସମ୍ବଲପୁର ଜିଲାପାଳ ଓ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦାନ କରିଛନ୍ତି । ଏଥିସହ ଶ୍ରମ ସମିଳନୀରେ ହୋଇଥିବା ନିଷ୍ପତ୍ତି ଅନୁସାରେ ୨୬ ହଜାର ଦରମା, ଶ୍ରମକୋଡ୍ ଆଇନ୍ ଅନୁଯାୟୀ ସାମାଜିକ ନିରାପତ୍ତା ଯୋଜନାରେ ଭବିଷ୍ୟତ ନିଧି, ଇଏସଆଇ, ସ୍ୱାସ୍ଥ୍ୟବୀମା କାର୍ଯ୍ୟକାରୀ କରିବା, ସମାନ କାମକୁ ସମାନ ଦରମା ନୀତିକୁ କାର୍ଯ୍ୟକାରୀ କରିବା, ଧାରାବାହିକ ମାସର ପ୍ରଥମ ସପ୍ତାହରେ ଦରମା, ବକେୟା ଥିବା ସମସ୍ତ ପ୍ରୋସାହନ ରାଶି ବିନା ବିଳମ୍ବରେ ଯୋଗାଇଦେବା, ପେନସନ୍ ଗ୍ରାଚ୍ୟୁଇଟି ବ୍ୟବସ୍ଥା ଅବସରରେ ବାଧ୍ୟତାମୂଳକ ବ୍ୟବସ୍ଥା କରିବା, ସ୍ୱାସ୍ଥ୍ୟ ସମ୍ବନ୍ଧିୟ କାର୍ଯ୍ୟ ବ୍ୟତୀତ ଅନ୍ୟ କୌଣସି କାମ ଲଦା ନ ଯିବା, ଆବଶ୍ୟକ ଅନୁଯାୟୀ ବିଶ୍ରମାଗୃହ, ଗସ୍ତ ଖର୍ଚ୍ଚ ଯୋଗାଇଦେବା ଆଦି ଦାବି ନେଇ ଆନ୍ଦୋଳନକାରୀ ସ୍ଲୋଗାନ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ସମସ୍ୟା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି ।

ସୋମବାର ପୂର୍ବାହ୍ନ ୧୦ଟା୩୦ରେ ସମ୍ବଲପୁର ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲା । ସେଠାରୁ ଶୋଭାଯାତ୍ରାରେ ଆଶାକର୍ମୀମାନେ ସହର ପରିକ୍ରମା କରି ଅପରାହ୍ନ ପ୍ରାୟ ୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିକ୍ଷୋଭ ସମାବେଶ ହୋଇଥିଲା। ଏଥିରେ ବିଭିନ୍ନ ଜିଲାରୁ ବହୁସଂଖ୍ୟାରେ ଆଶାକର୍ମୀ ସାମିଲ ହୋଇଥିଲେ। ଉପଦେଷ୍ଟା ପ୍ରଶାନ୍ତ କୁମାର ପାଢ଼ୀ, ଆବାହକ ବାଳକୃଷ୍ଣ ଭୋଇ, ଲକ୍ଷ୍ମୀ ମହାରଣା, ଯାଜ୍ଞସେନୀ ପ୍ରଧାନ, ମମତା ଖଣ୍ଡାୟତ, ମୁକ୍ତା ପ୍ରଧାନ, ସଞ୍ଜିତା ସିଂହ, ହୀରା ମିର୍ଦ୍ଧା, ବବିତା ନାଥ, ସାବିତ୍ରୀ ବିଶ୍ୱାଳ, କୁମୁଦିନୀ ପ୍ରଧାନ, ଜୟନ୍ତୀ ପ୍ରଧାନ, ରୁକ୍ମିଣୀ ଶର୍ମା, ସୁନନ୍ଦନ ଭାଟି, ମଧୁମିତା ସିଂହ, ଲକ୍ଷ୍ମୀ ତାଣ୍ଡିଆ, ସୁକାନ୍ତି ମହାନ୍ତି, ସଂଯୁକ୍ତା ପ୍ରଧାନ, ସୌଦାମିନୀ ଦେହୁରୀ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ।

### ସାମିଲ ହେଲେ ବିଭିନ୍ନ ଜିଲାର ପ୍ରାୟ ୧ହଜାର କର୍ମୀ

# ତମାଖୁମୁକ୍ତ ସଚେତନତା ରାଲି

ପଡିଆବାହାଲ, ୧।୧୨
(ରାଧାମୋହନ ଷଡଙ୍ଗୀ)

ବିଶ୍ୱ ଏଡ଼ସ ଦିବସ ପାଳନ ଅବସରରେ ସମ୍ବଲପୁର ଜଲା ଯୁଯୁମୁରା ବ୍ଲକ ପଧାନପାଲି ଜୟ ଦୁର୍ଗା ଉଚ୍ଚ ମାଧମିକ ବିଦ୍ୟାଳୟରେ ଅଧକ୍ଷ ପ୍ରସନ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏଡ଼ସ ମୁକ୍ତ ଯୁବସମାଜ ଗଠନ ପାଇଁ ଏକ ରାଲି ଅନୁଷ୍ଠିତ ହୋଇଥିଲା। ଜୟ ଦୁର୍ଗା କଲେଜରୁ ବାହାରିଥିବା ରାଲି ପଡିଆବାହାଲ ବଜାର ଅଞ୍ଚଳ ପରିକ୍ରମା କରି ଜାଗରଣ ସୃଷ୍ଟି କରିଥିଲା। ତମାଖୁ ଏବଂ ସମସ୍ତ ପ୍ରକାର ନିଶା ସେବନରୁ ଦୂରେଇ ରହିବାକୁ ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। ଏଥିପୂର୍ବରୁ ଅଧକ୍ଷ ସାହୁଙ୍କ ଅଧକ୍ଷତାରେ ବକ୍ତୃତା, ପ୍ରବନ୍ଧ ଲିଖନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏଡ୍ସ ସଚେତନତା ରାଲି

ସମ୍ବଲପୁର,୧।୧୨(ବି.ଶଙ୍କର)

ବିଶ୍ୱ ଏଡସ ଦିବସ ସମ୍ବଲପୁର ଭୁତାପଡା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ ସୋମବାର ପାଳିତ ହୋଇଛି। କାର୍ଯ୍ୟକ୍ରମରେ ସମଲେଶ୍ୱରୀ ଛାତ୍ର ସଙ୍ଗଠନର ଛାତ୍ରୀଛାତ୍ରମାନେ ଯୋଗଦାନ କରିଥିଲେ। ଏଥିରେ ଏଡସ ରୋଗର କାରଣ ନିରାକରଣ ଉପରେ ଆଲୋଚନା କରାଯାଇଥିଲା । ଯୁବସମାଜ ଉପରେ କିପରି ଏହାର ପ୍ରଭାବ ପଡିଛି, ଅସୁରକ୍ଷିତ ଯୌନ ସମ୍ପର୍କ, ସଂକ୍ରମିତ ମା'ଙ୍କଠାରୁ ଗର୍ଭସ୍ଥ ଶିଶୁ, ସଂକ୍ରମିତ ରକ୍ତ ଓ ରକ୍ତ ପଦାର୍ଥ ବ୍ୟବହାର କରିବା, ସଂକ୍ରମିତ ଛୁଞ୍ଚି ବ୍ୟବହାର କରିବା ଦ୍ୱାରା କିପରି ଆମେ ସଂକ୍ରମିତ ହୋଇଥାଉଁ ସେ ବିଷୟରେ ଆଲୋଚନା କରାଯାଇଥିଲା । ସେହିପରି ଭୁତାପଡା ନିକଟସ୍ଥ ମଝାପଡ଼ାଠାରେ ମଧ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ଗୌରାଙ୍ଗ ମହିଳା ଆରୋଗ୍ୟ ସମିତି ପକ୍ଷରୁ ରୋଗର ଭୟାବହତା ଓ ସଚେତନତା ପାଇଁ କାର୍ଯ୍ୟକ୍ରମ ଓ ରାଲିର ଆୟୋଜନ କରାଯାଇଥିଲା। ଏଥିରେ ଏଡସ ରୋଗର କାରଣ ନିରାକରଣ ଓ ଚିକିତ୍ସା ଉପରେ ଆଲୋକପାତ କରାଯାଇଥିଲା। ଭୁତାପଡା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଠାରେ ଏହାର ରକ୍ତ ନମୁନା ପରୀକ୍ଷା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗର ଲାଭ ନେଇପାରିବେ ସେ ବିଷୟରେ ଅଞ୍ଚଳବାସୀଙ୍କୁ ସଚେତନ କରାଯାଇଥିଲ ।





ଭୁତପଡା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ ସୋମବାର ବିଶ୍ୱ ଏଡ୍ସ ଦିବସ ସଚେତନତା ରାଲି।

# ଗାୟତ୍ରୀ ମହାଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ସମ୍ବଲପୁର,୧।୧୨(ବି.ଶଙ୍କର)

ଅଖଣ୍ଡ ଜ୍ୟୋତି ଓ ମାତା ଭଗବତୀ ଦେବୀ ଶର୍ମାଙ୍କ ଜନ୍ମ ଶତାବ୍ଦୀ ଉପଲକ୍ଷେ ଗାୟତ୍ରୀ ପରିବାର ପକ୍ଷରୁ ସମଗ୍ର ଦେଶରେ ବିଭିନ୍ନ ଯଜ୍ଞ ଆୟୋଜନ କରାଯାଉଛି । ଏହିକ୍ରମରେ ଚଳିତ ମାସ ଡିସେମ୍ବର ୨୯ ରୁ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ କମଳିବଜାରସ୍ଥିତ ଗାୟତ୍ରୀ ଶକ୍ତିପୀଠଠାରେ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ । ଏଥିପାଇଁ ରବିବାର ଗୋଧୂଳି ଲଗ୍ନରେ ଶକ୍ତିପୀଠରେ ରୀତିନୀତିରେ ପୂଜାର୍ଚ୍ଚନା କରାଯିବା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ଏହାବ୍ୟତୀତ ଯଜ୍ଞର ସଫଳତା କାମନା କରି ୧ ଲକ୍ଷ ୨୫ ହଜାର ଗାୟତ୍ରୀ ମନ୍ତ୍ର ଜପ ଓ ୯ କୁଣ୍ଡୀୟ ଯଜ୍ଞ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭାଜପା ନେତ୍ରୀ ଶୁଭଶ୍ରୀ ମିଶ୍ର, ଭାଜପା ସମ୍ବଲପୁର କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁ, ଅନୀଲ ବେହେରା, ସୁଶାନ୍ତ ପୁରୋହିତ, ଖବରଦାତା ହେମନ୍ତ କୁମାର ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଯଜ୍ଞ ସମିତି ସଭାପତି ଦୀନଦୟାଲ ଅଗ୍ରୱାଲ, ସମ୍ବଲପୁର ଜୋନ୍ କୋ-କୋର୍ଡିନେଟର ବାନାମ୍ବର ସର, ମୃତ୍ୟୁଞ୍ଜୟ ବଡ଼ପଣ୍ଡା, କାର୍ତ୍ତିକେଶ୍ୱର ବଡ଼ପଣ୍ଡା, ଦିଲୀପ କୁମାର ସାନବଡ଼, ନଳିନୀକାନ୍ତ ନାଥ, ବସନ୍ତ କୁମାର ଦାଶ, ଅକ୍ଷୟ କୁମାର ବେହେରା, ତୁଷାର ରଞ୍ଜନ ପଟ୍ଟନାୟକ, କଳ୍ପନା ସାହୁ, ସୁଷମା ବାରିକ, ସନ୍ଧ୍ୟାରାଣୀ ଦୀକ୍ଷିତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।





୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସକାଶେ ଶୁଭ ସ୍ତମ୍ଭ ସ୍ଥାପନ କରାଯାଉଛି।

# ଅଟୋ ଚାଳକଙ୍କ ଜୀବନଜୀବିକାର ସୁରକ୍ଷା ଦିଅ

- ଅଟୋ ଚାଳକ ମହାସଂଘର ବିଶାଳ ବିକ୍ଷୋଭ
- ୧୧ ଦଫା ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ

ସମ୍ବଲପୁର,୧।୧୨(ବି.ଶଙ୍କର)

ସମ୍ବଲପୁର ଅଟୋ ଚାଳକ ମହାସଂଘ ୧୧ ଦଫା ଦାବି ପୂରଣ ନେଇ ଅଟୋ ଶୋଭାଯାତ୍ରା ଓ ବିକ୍ଷୋଭ ସମାବେଶ ସୋମବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଇଛି। ମହାସଂଘ ଉପଦେଷ୍ଟା ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଲକ୍ଷ୍ମୀ ଟକିଜ ଛକଠାରୁ ଶୋଭାଯାତ୍ରା ବାହାରି ଗୋଲ ବଜାର ଛକ, ପୀର ବାବା ଛକ, ମ୍ୟୁନିସିପାଲିଟି ଛକ ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। । ଏହି ଶୋଭାଯାତାରେ ହଜାରେରୁ ଉର୍ଦ୍ଧ୍ୱ ଅଟୋ ସାମିଲ ହୋଇଥିଲା । ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ବିକ୍ଷୋଭ ସମାବେଶ ହୋଇଥିଲା । ସମ୍ବଲପୁରରେ ଥିବା ୫ ହଜାର ଅଟୋ ଚାଳକଙ୍କ ଜୀବନ ଜୀବିକା ଓ ତାଙ୍କ ପରିବାରର ୨୦ହଜାର ସଦସ୍ୟଙ୍କ ସୁରକ୍ଷା, ଭବିଷ୍ୟତ ପାଇଁ ଓଡ଼ିଶା ସରକାର ଓ ଜିଲା ପ୍ରଶାସନ ପଦକ୍ଷେପ ନିଅନ୍ତୁ ବୋଲି ଉପଦେଷ୍ଟା ମହାନ୍ତି ବକ୍ତବ୍ୟରେ ପ୍ରକାଶ କରିବା ସହ ଅଟୋ ଚାଳକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ ।

ହିନ୍ଦ ମଜଦୁର ସଭା ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି କହିଥିଲେ, ଅଟୋ ଚାଳକମାନେ ଆଜି ଶକ୍ତି ପ୍ରଦର୍ଶନ କରି ନିଜ ଦାବି ଜଣାଇଛନ୍ତି । ଏହା ସହିତ ମହସଂଘର ସଂଗଠନକୁ ଶକ୍ତି ଶାଳୀ କରିବା ପାଇଁ ଆହ୍ୱାନ ଜଣାଇଥିଲେ । ଅଟୋ ଚାଳକମାନଙ୍କୁ ପରିଚୟ ପତ୍ର ପ୍ରଦାନ, ସାମାଜିକ ସୁରକ୍ଷା ଓ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା, ଚିକିତ୍ସା ସହାୟତା, ମୃତ୍ୟୁକାଳୀନ ଆର୍ଥିକ ସହାୟତା, ଭତ୍ତା ପ୍ରଦାନ, ସମ୍ବଲପୁରରେ ଥିବା ଅଟୋଷ୍ଟାଣ୍ଡର ଚିହ୍ନଟ ଜମି ପ୍ରଦାନ, ସରକାରୀ ଅନୁମୋଦନ ସହିତ ସହରର ବିଭିନ୍ନ ସ୍ଥାନରେ ଅଟୋ ଷ୍ଟାଣ୍ଡ ନିର୍ମାଣ, ଅଟୋ ଷ୍ଟାଣ୍ଡରେ ଚାଳକ ଓ ଯାତ୍ରୀମାନଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା, ଆମ ବସ ଓ ଇଭି ବସ୍ ଚଳାଚଳ ପୂର୍ବରୁ ବିଭିନ୍ନ ସ୍ଥାନରେ ରହଣିସ୍ଥଳ ନିର୍ମାଣ, ବସ ରୁଟ ଚାର୍ଟ ପ୍ରସ୍ତୁତ କରି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବା, ଚଳାଚଳରେ ବସଗୁଡିକ ମଧ୍ୟରେ ପାର୍ଥକ୍ୟ ସମୟ ନିର୍ଘଣ୍ଟ, ଇଣ୍ଟର ଡିଷ୍ଟ୍ରିକ୍ଟ ପାଇଁ ଆସିଥିବା ଇଭି ବସଗୁଡିକୁ କାହା ଚାପରେ କେବଳ ସହର ଭିତରେ ସୀମିତ ରଖା ନ ଯାଉ ବୋଲି ସମାବେଶରେ ନେତୃବୃନ୍ଦ ଦାବି କରିଛନ୍ତି। ଏଥିସହ ସମ୍ବଲପୁର ଜିଲାପାଳ, ଏସ୍ଏମ୍ସି କମିଶନର, ଆରଟିଓ, ଇଭି ବସ ପ୍ରଚଳନ ଦାୟିତ୍ୱରେ ଥିବା କମ୍ପାନୀ, ଆମ ବସ୍ ଅଧିକାରୀ ଓ ସମ୍ବଲପୁର ଅଟୋ ଚାଳକ ମହାସଂଘ କର୍ମକର୍ତ୍ତାଙ୍କ ମିଳିତ ବୈଠକ ଦାବି କରାଯାଇଛି। ଏଚ୍ଏମ୍ଏସ୍ ଉପସାଧାରଣ ସମ୍ପାଦକ ଗୋକୁଳ ମେହେର, ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ଏଆଇଟିୟୁସି ନେତା ରବୀନ୍ଦ୍ର ମହାନ୍ତି, ଭିଏସଏସ ସଂଘ ସମ୍ପାଦକ ପ୍ରେମାନନ୍ଦ ମିଶ୍ର, ସୌରୀ ପାଣିଗ୍ରାହୀ, ମିଳନ ହତା, ପ୍ରକାଶ ଡାଙ୍ଗ, ସୁମିତ ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ଏମ ମହାନ୍ତି, ଚୁମନ ପ୍ରଧାନ, ସଞ୍ଜୀବ ସାହୁ , ଆରୀୟନ ବହିଦାର, ମଞ୍ଜୁ ଓରାମ ଯୋଗଦେଇଥିଲେ । ସେହିପରି ବିଭିନ୍ନ ସଂଘର ସଭାପତି ମଧ୍ୟରେ ଦିଲ୍ଲୀପ କୁମାର ନାୟକ, ବୁଲୁ ବାରିକ, ସନ୍ତୋଷ କୁମାର ଦାସ, ନୀତେଶ କୁମାର ନନ୍ଦ, ଶ୍ରୀକାନ୍ତ ପାଣ୍ଡେ, ଶରତ ତାଣ୍ଡି, ପ୍ରଶାନ୍ତ ମୁଣ୍ଡା,ଏମବି ଉସମନ, ଏସକେ ମୁରୁଦ୍ଦିନ, ପପୁ ମହାପାତ୍ର, ବିନୋଦ ପୋଢ଼, ଏମଡି ସରିଫ, ଜଗନ୍ନାଥ ନାଥ ବିଭୀଷଣ କାଣ୍ଡ ପ୍ରମୁଖ ଙ୍କ ନେତୃତ୍ୱରେ ୧୧ ଦଫା ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ଏହାକୁ ଗ୍ରହଣ କରିଥିଲେ ।



ଅତିରିକ୍ତ ଜିଲାପାଳଙ୍କୁ ୧୧ ଦଫା ଦାବିପତ୍ର ପ୍ରଦାନ କରାଯାଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: .............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦେଢ଼ବର୍ଷରେ ଜେଲରୁ ୧୩ କଏଦୀ ଫେରାର

ଭୁବନେଶ୍ୱର,୧।୧୨
(ସତ୍ୟଜିତ ରାଉତ)

## ପୋଲିସ ହେପାଜତରୁ ଖସିପଳାଇଛନ୍ତି ୩୯ ଅଭିଯୁକ୍ତ

- ଏବେ ବି ୭ କଏଦୀଙ୍କ ପତ୍ତା ମିଳୁନାହିଁ
- ୮ କରିଛନ୍ତି ଆତ୍ମହତ୍ୟା

ରାଜ୍ୟରେ ଥିବା ଜେଲଗୁଡ଼ିକରେ ଢିଲା ସୁରକ୍ଷା ବ୍ୟବସ୍ଥା କାରଣରୁ କଏଦୀମାନେ ଏହାର ଫାଇଦା ଉଠାଉଛନ୍ତି। ଏପରିକି ସେମାନେ ଅନେକ ଜେଲ କର୍ମଚାରୀଙ୍କୁ ହାତରେ ରଖି ଫେରାର ହେବାକୁ ଯୋଜନା କରୁଛନ୍ତି। ଗତ ଦେଢ଼ବର୍ଷରେ ରାଜ୍ୟର ବିଭିନ୍ନ ଜେଲରୁ ୧୩ ଜଣ କଏଦୀ ଫେରାର ହୋଇଯାଇଛନ୍ତି। ଏମାନଙ୍କ ମଧ୍ୟରୁ ମାତ୍ର ୬ଜଣ ଧରାପଡ଼ିଥିବାବେଳେ ଏବେ ବି ପୋଲିସ ବିଭାଗ ୭ ଜଣଙ୍କ ପତ୍ତା ପାଇପାରିନାହିଁ। ସେହିପରି ବିଭିନ୍ନ ଥାନାରେ ପୋଲିସ ହେପାଜତରୁ ୩୯ ଜଣ ଅଭିଯୁକ୍ତ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ସୋମବାର ବିଧାନସଭାରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତାଙ୍କ ଅଣତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ଦେଇଛନ୍ତି।

୨୦୨୪ ଜୁଲାଇ ୧ରୁ ଏ ପର୍ଯ୍ୟନ୍ତ ଖସିପଳାଇଥିବା କଏଦୀଙ୍କ ମଧ୍ୟରୁ ଚୌଦ୍ୱାର ମଣ୍ଡଳ କାରାଗାରରୁ ୨, ସମ୍ବଲପୁର ମଣ୍ଡଳ କାରାଗାରରୁ ଜଣେ, କେନ୍ଦୁଝର ଜିଲା କାରାଗାରରୁ ଜଣେ, ବାଲେଶ୍ୱର ଜିଲା କାରାଗାରରୁ ଜଣେ, ଭବାନୀପାଟଣା ଜିଲା କାରାଗାରରୁ ୨, ରାଉରକେଲା ସ୍ୱତନ୍ତ୍ର କାରାଗାରରୁ ଜଣେ, ପଦ୍ମପୁର ଉପକାରାଗାରରୁ ୨, ସୋର ଉପକାରାଗାରରୁ ଜଣେ ଏବଂ ଜାମୁଝରୀ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମରୁ ୨ଜଣ କଏଦୀ ରହିଛନ୍ତି। ତେବେ ସମ୍ବଲପୁର, କେନ୍ଦୁଝର ଓ ବାଲେଶ୍ୱର ଜେଲରୁ ଖସିପଳାଇଥିବା ସମସ୍ତ ୩, ପଦ୍ମପୁର ସବ୍‌ଜେଲରୁ ୨ ଏବଂ ଭବାନୀପାଟଣା ଜେଲରୁ ଫେରାର ହୋଇଥିବା ୨ଜଣଙ୍କ ମଧ୍ୟରୁ ଜଣଙ୍କୁ ପୁଣି ଧରାଯାଇଛି। ଗତ ଦେଢ଼ବର୍ଷରେ ମୋଟ ୩୧ ଜଣ ବିଚାରାଧୀନ କଏଦୀ ମୃତ୍ୟୁବରଣ କରିଥିବା ବେଳେ ୭୪ ହଜାର ୨୩୬ ଜଣ କଏଦୀ କାରାଗାରରୁ ମୁକୁଳିଛନ୍ତି। ନଭେମ୍ବର ୨୪ ସୁଦ୍ଧା ରାଜ୍ୟର ଜେଲଗୁଡ଼ିକରେ ୧୮ ହଜାର ୬୫୯ ଜଣ କଏଦୀ ଥିବା ମୁଖ୍ୟମନ୍ତ୍ରୀ ବିଧାନସଭାରେ ତଥ୍ୟ ରଖିଛନ୍ତି। ଚୌଦ୍ୱାର ଜେଲରେ ୩, କୋରାପୁଟ ଜେଲରେ ଜଣେ, ପୁରୀ ଜିଲା ଜେଲରେ ଜଣେ, ବରଗଡ଼ ଜିଲା ଜେଲରେ ୨ ଏବଂ ବଡ଼ବିଲ ସବ୍‌ଜେଲରେ ଜଣେ କଏଦୀଙ୍କୁ ମିଶାଇ ମୋଟ୍ ୮ଜଣ ଆତ୍ମହତ୍ୟା କରିଛନ୍ତି। ଜେଲରେ ନିଶାଦ୍ରବ୍ୟ କାରବାର ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ମଦ ଓ ନିଶା ସାମଗ୍ରୀ ଆଦି ଜେଲ ଭିତରକୁ ପ୍ରବେଶ କରିବାକୁ କଠୋର ଭାବେ ନିଷେଧ କରାଯାଇଛି। ଏନେଇ ମିଳୁଥିବା ସୂଚନାକୁ ଗୁରୁତ୍ୱର ସହ ଯାଞ୍ଚ କରାଯିବା ସହ ନିଶା କାରବାର ରୋକିବାକୁ ଜେଲ ପ୍ରଶାସନ ଦ୍ୱାରା ନିୟମିତ ତଲାସି, ଚଢ଼ାଉ କରାଯିବା ସହ ସୁରକ୍ଷା ବୃଦ୍ଧି କରାଯାଇଛି। ଅନିୟମିତତା ଚିହ୍ନଟ ହେଲେ ତାହା ବିରୋଧରେ ନିୟମ ଅନୁଯାୟୀ ଜେଲ ପ୍ରଶାସନ ପକ୍ଷରୁ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଥାନାଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଢିଲା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଥାନା ହାଜତ ତଥା ପୋଲିସ ହେପାଜତରୁ ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ନନ୍ଦନକାନନ, ସାଲେପୁର, ବଡ଼ମ୍ବା, ଭଦ୍ରେଶ୍ୱର, ତିର୍ତ୍ତୋଲ, ଜଳେଶ୍ୱର, ପଦ୍ମପୁର, ବଲାଙ୍ଗୀର ଟାଉନ ଥାନା, ପଇଁତଲା, ମୁରିବାହାଲ, ମୋହନା, ଝରିଗାଁ, ତେନ୍ତୁଳିଖୁଣ୍ଟି, ମାଲକାନଗିରି, ମାଥିଲି, ଭବାନୀପାଟଣା ଟାଉନ, ବଡ଼ବିଲ, କେନ୍ଦୁଝର, ଆନନ୍ଦପୁର, ଉଦିତନଗର, ଖୋର୍ଦ୍ଧା ଆଦର୍ଶ ଥାନା ଓ ସହଦେବଖୁଣ୍ଟା ଆଦର୍ଶ ଥାନାର ଜଣେ ଲେଖାଏ ଅଭିଯୁକ୍ତ ରହିଥିବାବେଳେ ଗୋପ, ବାରିପଦା ଟାଉନ ଥାନା, ବରଗଡ଼ ଟାଉନ ଥାନା, ନବରଙ୍ଗପୁର, ରାଜଗାଙ୍ଗପୁରରୁ ୨ ଏବଂ ବୌଦ୍ଧ ଓ ଢେଙ୍କାନାଳ ଟାଉନ ଥାନାରୁ ୩ ଜଣ ଲେଖାଏ ଅଭିଯୁକ୍ତ ରହିଛନ୍ତି।

# ଟ୍ରକ୍ ଚାଳକଙ୍କୁ ଛୁରାମାଡ଼ କରି ଲୁଟ୍

ବଡ଼ବିଲ/ଯୋଡ଼ା,୧।୧୨
(ଜୟନ୍ତୀ ରଣା/ମାନସ ମହାନ୍ତି)

## ଜାତୀୟ ରାଜପଥରେ ଲୁଟେରାଙ୍କ ଆତଙ୍କ

କେନ୍ଦୁଝର ଜିଲା ବଡ଼ବିଲ ଥାନା ରୋଇଡ଼ା ଛକ ୫୨୦ ନମ୍ବର ଜାତୀୟ ରାଜପଥରେ ଲୁଟେରେ ଆତଙ୍କ ଖେଳାଇଛନ୍ତି। ସୋମବାର ଭଦ୍ରାସାହି-ଯୋଡ଼ା ରାସ୍ତାରେ ଜଣେ ଖଣିଜ ବୋଝେଇ ଟ୍ରକ୍ ଚାଳକଙ୍କୁ ଦୁର୍ବୃତ୍ତ ଛୁରାମାଡ଼ କରି ମୋବାଇଲ ଓ ଟଙ୍କା ନେଇଯାଇଛନ୍ତି। ଛୁରାମାଡ଼ରେ ଝାଡ଼ଖଣ୍ଡ ଅଞ୍ଚଳର ଡ୍ରାଇଭର ସତ୍ୟନାରାୟଣ ବିଶ୍ୱକର୍ମା ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଚାଳକ ଖଣିଜ ଖାଲି କରିବାକୁ ଟ୍ରକ୍(ଓଡି ୦୯ ସି ୯୪୩୫) ନେଇ ଗୁଆଲିରୁ ବିଲେଇପଦା ଆସୁଥିଲେ। ଭଦ୍ରାସାହି-ଯୋଡ଼ା ରାସ୍ତାର ରୋଇଡ଼ା ଛକ ନିକଟରେ ପହଞ୍ଚିବା ବେଳକୁ ୨ ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ଅଟକାଇ ଲୁଟ୍ ଉଦ୍ୟମ କରିଥିଲେ। ଡ୍ରାଇଭର ବିରୋଧ କରିବାରୁ ଦୁର୍ବୃତ୍ତମାନେ ଛୁରାମାଡ଼ କରି ମୋବାଇଲ, ଟଙ୍କା ନେଇଯାଇଥିଲେ। କୌଣସିମତେ ଚାଳକ ସେମାନଙ୍କ କବଳରୁ ମୁକୁଳି ଝାଡ଼ଗାଁରେ ପହଞ୍ଚିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସତ୍ୟନାରାୟଣଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାଜପଥରେ ପୂର୍ବରୁ ମଧ୍ୟ ଟ୍ରକ୍ ଚାଳକଙ୍କୁ ଆକ୍ରମଣ କରି ଲୁଟ୍‌ପାଟ ହୋଇଛି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।


BADRIPRASAD
Group of Institutions
Recognised by Govt. of Odisha
Approved by ONMRC Odisha, Affiliated to OUHS, Bhubaneswar
HURRY UP!
ADMISSION NOTICE FOR -2025-26
Opportunity for Admission Aspirants B.Sc. Nursing
for students who appeared in OJEE
(also zero percentile in OJEE)
BADRIPRASAD Institute of Medical Science SAMBALPUR
Mob-9937380097, 9238400140, 8908119285, At-Debaipali, Majhipali Chowk, Po. Sason, Dist. Sambalpur
BADRIPRASAD College of Nursing BARGARH
Mob-7504241329, 7978356289, 9668822600, At-Ambapali, Word No.17, Po/Ps/Dist. Bargarh


# ଖଣି ଅଧିକାରୀ, ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଘଣ୍ଟାଏ ଅଟକ ରଖିଲେ ଚାଲାଣକାରୀ

## ପଶ୍ଚିମବଙ୍ଗକୁ ବାଲି ଚାଲାଣ ବେଳେ ଚଢ଼ାଉ

ଭୋଗରାଇ, ୧।୧୨( ପ୍ରଦୀପ ଦାସ )

ବାଲେଶ୍ୱର ଜିଲାରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀରୁ ଚାଲାଣକାରୀମାନେ ବେଧଡକ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଶହ ଶହ ଟ୍ରକ ଚାଲାଣ କରି ମାଲାମାଲ ହେଉଛନ୍ତି। ନଦୀପାର୍ଶ୍ୱସ୍ଥ ଗାଁଗୁଡିକ ନଦୀଗର୍ଭକୁ ଚାଲିଯିବା ଅବସ୍ଥାରେ ରହିଛି। ଏଭଳି ସ୍ଥିତିରେ ଜିଲାପାଳ ତଥା ଜିଲା ଖଣି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଭୋଗରାଇ ଲକ୍, ଆରୁହାବୃତ୍ତି-୨ ଓ ଦହମୁଣ୍ଡାରେ ଜିଲା ଜୁନିୟର ଖଣି ଅଧିକାରୀଙ୍କ ସହିତ ଏନଫୋର୍ସମେଣ୍ଟ ଟିମ୍ ବାଲି ଚାଲାଣକାରୀଙ୍କ ଉପରେ ଅଚାନକ ଚଢ଼ାଉ କରିଥିଲେ। ଭୋଗରାଇ ଲକ, ଆରୁହାବୃତ୍ତି, ଦହମୁଣ୍ଡା ନିକଟରେ ବେଆଇନ ଭାବେ ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରି ଗଚ୍ଛିତ ରଖିଥିବା ସମସ୍ତ ବେଆଇନ ବାଲିକୁ ଖଣି ଅଧିକାରୀ ଜେସିବି ମାଧମରେ ତାଡ଼ି ନଦୀକୁ ଫିଙ୍ଗି ଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ଥାନୀୟ କେତେକ ଗ୍ରାମବାସୀ ଖଣିଅଧିକାରୀଙ୍କୁ ୧ଘଣ୍ଟା ଅଟକ ରଖି ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଖବରପାଇ କମର୍ଦ୍ଦା ଥାନା ପୋଲିସ ପହଞ୍ଚି ଖଣି ଅଧିକାରୀଙ୍କୁ ଉଦ୍ଧାର କରି ଆଣିଥିଲେ।



ଖଣି ଅଧିକାରୀଙ୍କୁ ଅଟକ ରଖିଛନ୍ତି ଚାଲାଣକାରୀ।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ଭୋଗରାଇ ଲକ୍ ନିକଟରେ ଦୀର୍ଘ ଦିନ ଧରି ସୁବର୍ଣ୍ଣରେଖା ନଦୀରୁ ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରିଆସୁଥିଲେ। ଖବରପାଇ ଜିଲା ଜୁନିଅର ଖଣି ଅଧିକାରୀ ତାପସ କୁମାର ବେହେରା, ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ଭୋଗରାଇ ଆଇଆଇସି ରୋହିତ ବଳ ତଥା ଏନଫୋର୍ସମେଣ୍ଟ ଟିମ୍ ସୋମବାର ଭୋଗରାଇ ଲକ୍‌ଠାରେ ପହଞ୍ଚିଥିଲେ। ଏହିସବୁ କାର୍ଯ୍ୟ ଦେଖି ବାଲି ଚୋରାଚାଲାଣକାରୀଙ୍କ ଛନକା ପଶିଥିଲା। ସେହିପରି ଅପରାହ୍ନରେ ଖଣି ଅଧିକାରୀ ତାପସ କୁମାର ବେହେରା ତାଙ୍କ ଟିମ୍ ଆରୁହାବୃତ୍ତି-୨ ଓ ଦହମୁଣ୍ଡାଠାରେ ବେଆଇନ ଗଚ୍ଛିତ ବାଲିକୁ ଜେସିବିରେ ବାଲି ତାଡି ଫିଙ୍ଗି ଦେବା ସମୟରେ ସ୍ଥାନୀୟ କିଛି ଗ୍ରାମବାସୀ ଏହାର ପ୍ରତିବାଦ କରିବା ସହ ଅଧିକାରୀଙ୍କୁ ଅଟକ ରଖିଥିଲେ। ଏ ସମ୍ପର୍କରେ ଖଣି ଅଧିକାରୀ ତାପସ କୁମାର ବେହେରା କହିଛନ୍ତି ଯେ, ବେଆଇନ ଗଚ୍ଛିତ ବାଲି ତାଡି ଦେବାରୁ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡିଲା। ସେମାନଙ୍କ ନାମରେ କମର୍ଦ୍ଦା ଥାନାରେ ଏତଲା ଦିଆଯାଇଛି।

# ଜେଲ ଗଲେ କଷ୍ଟମର ରିଲେଶନ୍ ଅଫିସର

## ଫାଇନାନ୍ସ କମ୍ପାନୀ କିସ୍ତି ଟଙ୍କା ହଡ଼ପ ମାମଲା

ବାଲେଶ୍ୱର, ୧।୧୨(ବାଞ୍ଛାନିଧି ଦେ)

ଏକ ଫାଇନାନ୍ସ କମ୍ପାନୀର ଋଣ କିସ୍ତି ଟଙ୍କା ହଡ଼ପ ମାମଲାରେ ବାଲେଶ୍ୱର ଜିଲା ରୂପସା ଥାନା ପୋଲିସ ଚଢ଼ାଉ କରି ସୋମବାର ଉକ୍ତ କମ୍ପାନୀର କଷ୍ଟମର ରିଲେଶନ୍ ଅଫିସରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିଆପାଳ ଥାନା ନାବଦା ଗ୍ରାମର ହରିନାରାୟଣ ସାହୁ (୨୬)। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯେ, ଆଇଆଇଏଫ୍ଏଲ୍ ସମସ୍ତା ଫାଇନାନ୍ସ କମ୍ପାନୀର ଏକ ବ୍ରାଞ୍ଚ ଅଫିସ ରୂପସା ପାଟପୁର ବଜାରରେ ଥିଲା। କମ୍ପାନୀ ତରଫରୁ ଗ୍ରାମାଞ୍ଚଳର ଗରିବ ମହିଳାମାନଙ୍କୁ ଋଣ ଦିଆଯାଇ ମାସିକ କିସ୍ତି ଆଦାୟ କରାଯାଉଥିଲା। ଅଭିଯୁକ୍ତ ଅଫିସର ଜଣକ ମହିଳାଙ୍କଠାରୁ ନିୟମିତ କିସ୍ତି ଆଦାୟ କରି ଅଫିସରେ ଜମା କରୁ ନ ଥିବା ନେଇ ବ୍ରାଞ୍ଚ ମ୍ୟାନେଜର ଥାନାରେ ଅଭିଯୋଗ କରିଥିଲେ।

# Classified Everyday 0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190.
D- 2685





All types of physiotherapy Contact number 9556924059/ 7656969134, Jharapada.
D-2686

AFFIDAVIT

By virtue of an affidavit sworn before Executive Magistrate, Aul, dated 18.11.25, I Basant Kumar Parida, Address At- Mahasahani, P.O.- Singiri, P.S.- Aul, Dist.- Kendrapara, PIN- 754215, Odisha declare that I have changed my name from Sameer Alam to Basant Kumar Parida. Henceforth, I shall be known as Basant Kumar Parida for all purposes.
Basant Kumar Parida
D-2730

By virtue of an affidavit sworn before the Notary Public, Titilagarh, Dtd.- 01.12.2025, I, Panchanan Dandasena, S/o.- Basudeb Dandasena, R/o. Village At- Nabjiban Chowk, P.O.- Saintala, P.S.- Saintala, Dist.- Balangir (Odisha), PIN- 767032, declare that now I have changed my daughter's name from Samia Shree Dandasena to Somyashree Dandasena. Henceforth, my daughter shall be known as Somyashree Dandasena for all purposes.
Panchanan Dandasena
D-2731

Before Executive Magistrate, Khallikote, Ganjam, I, Gangadhar Mallik (old name), S/o.- Somanath Behera, Kandara Bangala Sahi, Ward No.- 11, At/P.O./ P.S.- Rambha, Ganjam, Odisha vide affidavit No.- A/743/15.10.25, That now onwards I shall be known as Jahala Behera (new name), S/o.- Somanath Behera for all future purposes.
D-2732

By virtue of an affidavit before Notary Public, Kantabanji on 28.11.2025 that before my marriage and in my educational documents, Aadhaar Card, Bank Account of Bank of Baroda, Kantabanji my name is recorded as "ASTAMEE NAG", after marriage to Santosh Harijan I updated my Aadhaar Card and I known as Astamee Harijan, whereas Astamee Nag and Astamee Harijan, W/o.- Santosh Harijan of Village- Kenduguda, P.O.- Kendupati, P.S.- Khariar, Dist.- Nuapada, Odisha is same and one person.
D-2732

I, Minu Kaur, W/o.- Sandeep Singh, R/o. Flat No.- 305, Kanheiya Building, Brijdham Housing society, Near Church, P.S.- Town, P.O./Dist.- Sambalpur, PIN- 768001 declare by this affidavit No.- 1908, date- 03.09.2025 that now onwards I shall be known as Minu Kour for all purposes.
D-2733

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରବିନ୍ଦ୍ରନାଥ ପ୍ରତିହାରୀ
ଗାରେଡିପାଞ୍ଚଣ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୨୦।୧୧।୧୯୪୬
ତିରୋଧାନ: ୨୨।୧୧।୨୦୨୫

ଆପଣ ଥିଲେ ଆମର ପଥ ପ୍ରଦର୍ଶକ। ଆପଣଙ୍କ ବିନା ଆମେ ଦିଗହୀନ। ଆପଣଙ୍କ ନିଷ୍ଠାପର କର୍ମ, ସ୍ପଷ୍ଟବାଦିତା ଆପଣଙ୍କୁ ସର୍ବଦା ଅମର କରି ରଖିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ, ମା କଲ୍ୟାଣ ମଣ୍ଡପ
ପରିବାରବର୍ଗ।

## LEGAL NOTICE

Letter No.- 2015, dtd.- 13.11.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୭୨୦/ ୨୦୨୨
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀ ସମ୍ବିତ୍ ନନ୍ଦ ......ବାଦୀ/ଦରଖାସ୍ତକାରୀ

ବନାମ

ତ୍ରାହି ଜଗନ୍ନାଥ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ,
ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୧ - ତ୍ରାହି ଜଗନ୍ନାଥ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ, ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ପଣ୍ଡା, ପିତା- ଶ୍ରୀ ନିରାକର ପଣ୍ଡା, ପ୍ଲଟ୍ ନଂ.- ୭୨୬/ସି, ନୟାପଲ୍ଲୀ, ବେହେରା ସାହି, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୦୮।୧୨।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ.୧୭, ମୌଜା- ଗ୍ରାମଡ଼ିହି

ସାବକ

ଖାତା ନମ୍ବର- ୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ବାଜେ ଦୋ ଫସଲ- ୨, ରକବା- ମୋଟ ଏ୬.୦୨୧ରୁ ଏ୩.୬୧୨.୬ରୁ ଏ୧.୨୦୦ରୁ ଏ୦.୦୬୧.୯୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ, ଖାତା ନମ୍ବର- ୧୨୮, ପ୍ଲଟ୍ ନମ୍ବର- ୨୫୯, କିସମ- ବାଜେ ଦୋ ଫସଲ- ୨, ରକବା- ମୋଟ ଏ୨.୩୧୩ରୁ ଏ୨୬୨.୬ରୁ ଏ୦.୦୫୨.୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ହାଲ୍

ଖାତା ନମ୍ବର- ୯୬, ପ୍ଲଟ୍ ନମ୍ବର- ୬୭୪, କିସମ- ଶାରଦ ଅଣ ଜଳସେଚିତ ଦୁଇ, ରକବା- ମୋଟ ଏ୩.୮୪୭ରୁ ଏ୦.୦୬୧.୯୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ଖାତା ନମ୍ବର- ୯୬, ପ୍ଲଟ୍ ନମ୍ବର- ୬୭୨, କିସମ- ଶାରଦ ଅଣ ଜଳସେଚିତ ଦୁଇ, ରକବା- ମୋଟ ଏ୦.୧୫୨ରୁ ଏ୦.୦୫୨.୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା.- ୧୩।୧୧।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା- କୋର୍ଟ ଅଫିସର
ଧ-୨୬୯୪

# ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ଭାଇ

ପାତ୍ରପୁର,୧।୧୨(ଉମା ଚରଣ ନେପାକ)

## ମହିଳାଙ୍କ ମୃତଦେହ ଜବତ

ଗଞ୍ଜାମ ଜିଲା ଜରଡା ଥାନା ଅଧୀନ ପଦାଦିଗି ପଞ୍ଚାୟତ ଅନ୍ତର୍ଗତ ନରଣପୁର ଗ୍ରାମରୁ ସୋମବାର ସକାଳେ ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ସେ ହେଲେ ନରଣପୁର ଗ୍ରାମର କୃଷ୍ଣ ପ୍ରଧାନଙ୍କ ସ୍ତ୍ରୀ କୁମାରୀ(୫୦)। ତେବେ ତାଙ୍କୁ ହତ୍ୟା କରାଯାଇଥିବା କୁମାରୀଙ୍କ ଭାଇ ଅଭିଯୋଗ ଆଣିଛନ୍ତି।

ନରଣପୁର ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଜରଡା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସେଠାରେ ମୃତକ କୁମାରୀଙ୍କ ଭାଇ ଖରିଣିପଡା ଗ୍ରାମର ନିରଞ୍ଜନ ପ୍ରଧାନ ପହଞ୍ଚି ତାଙ୍କ ନାନୀଙ୍କୁ ସ୍ୱାମୀ କୃଷ୍ଣ ନିର୍ଯାତନା ଦେଇ ଆସୁଥିଲେ। ସେ ହିଁ ତାଙ୍କ ନାନୀଙ୍କୁ ହତ୍ୟା କରିଛନ୍ତି ବୋଲି ନିରଞ୍ଜନ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କୁମାରୀ ରବିବାର ବିଳମ୍ବିତ ରାତିରେ ନିଜ ଘରେ ରଶି ବାନ୍ଧି ଆତ୍ମହତ୍ୟା କରିଥିବା କୃଷ୍ଣ ଆଖପାଖ ସମ୍ପର୍କୀୟଙ୍କୁ ସୂଚନା ଦେଇଥିଲେ। କୁମାରୀଙ୍କ ଭାଇ ମଧ ସୂଚନା ପାଇ କୃଷ୍ଣଙ୍କ ଘରେ ପହଞ୍ଚିଥିଲେ। ଭାଇ ନିରଞ୍ଜନ ପହଞ୍ଚି ଦେଖିବା ବେଳକୁ ଭଉଣୀ କୁମାରୀଙ୍କ ଦେହରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା। ଏହା ଦେଖି ସେ ତାଙ୍କ ନାନୀଙ୍କୁ ହତ୍ୟା କରାଯାଇଥିବା ଜରଡା ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱ ଦେଇ ପୋଲିସ ନଂ. ୪୦୧/୨୫ରେ ଏକ ମାମଲା ରୁଜୁକରି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। କୃଷ୍ଣଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରୁ ଗୋଟିଏ ଲେଶୁଣି ଓ ପ୍ଲାଷ୍ଟିକ ଚେୟାର ଜବତ ହୋଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ମୀନାକ୍ଷୀ ଦଳବେହେରା କହିଛନ୍ତି।

# ଘର ଭିତରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ





ନାଲ୍‌କୋ କଲୋନିରେ ମହିଳାଙ୍କ ମୃତ୍ୟୁ ପରେ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

ବଣ୍ଟାରପାଳ,୧।୧୨ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋନଗର ଥାନା ଅନ୍ତର୍ଗତ ନାଲ୍‌କୋ କଲୋନୀ ପରିସରରେ ଥିବା ଏକ ୩ ମହଲା ଘର ଭିତରେ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଉଛନ୍ତି ନାଲ୍‌କୋରେ ଚାକିରି କରୁଥିବା ଜଣେ କର୍ମଚାରୀଙ୍କ ସ୍ତ୍ରୀ। ପୋଲିସର ସୂଚନା ଅନୁଯାୟୀ, ମହିଳାଙ୍କ ସ୍ୱାମୀ ପୂର୍ବାହ୍ନରେ ଅଫିସକୁ ଯାଇଥିଲେ। ମଧ୍ୟାହ୍ନରେ ସେ ଘରକୁ ଖାଇବାକୁ ଆସିଥିବା ବେଳେ ସ୍ତ୍ରୀ କବାଟ ଖୋଲି ନ ଥିଲେ। ସ୍ୱାମୀ ଘରର ପଛପଟ କବାଟ ଦେଇ ଘର ଭିତରକୁ ଯାଇଥିଲେ। ୱାଶିଂ ମେଶିନ ଚାଲିଥିବା ବେଳେ ସ୍ତ୍ରୀ ରୁମ୍ ମଝିରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ସମ୍ପୃକ୍ତ କର୍ମଚାରୀ ତୁରନ୍ତ ତାଙ୍କୁ ନାଲ୍‌କୋ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିବା ସହ ପୋଲିସକୁ ସୂଚନା ଦେଇଥିଲେ। ନାଲ୍‌କୋ ପୋଲିସ ଅଧିକାରୀ ଶ୍ୟାମଲାଲ ଓରାମ ଓ ଏସ୍‌ଡିପିଓ ରମାକାନ୍ତ ମହାଳିକ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଅନୁଗୋଳରୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘର ଭିତରେ ତଦନ୍ତ କରାଯାଇଛି।

# ନଭେମ୍ବରରେ ୧.୭୦ ଲକ୍ଷ କୋଟି ଜିଏସ୍‌ଟି ସଂଗ୍ରହ

ଭୁବନେଶ୍ୱର,୧।୧୨

୨୦୨୫ ନଭେମ୍ବରରେ ଭାରତର ମୋଟ ୧ ଲକ୍ଷ ୭୦ ହଜାର ୨୭୬ କୋଟି ଟଙ୍କା ସେବା ଓ ସାମଗ୍ରୀ କର (ଜିଏସ୍‌ଟି) ସଂଗ୍ରହ ହୋଇଛି। ଏହା ଗତବର୍ଷ ନଭେମ୍ବରରେ ୧.୬୯ ଲକ୍ଷ କୋଟି ସଂଗ୍ରହ ତୁଳନାରେ ୦.୭ ପ୍ରତିଶତ ଅଧିକ ହୋଇଥିବାବେଳେ ୨୦୨୫ ଅକ୍ଟୋବର ରେକର୍ଡ ୧.୯୬ ଲକ୍ଷ କୋଟି ତୁଳନାରେ ବହୁତ କମ୍। ଅକ୍ଟୋବରରେ ଦୀପାବଳି, ଦଶହରା ଆଦି ବଡ଼ ପର୍ବପର୍ବାଣି ଯୋଗୁ ଲୋକଙ୍କ ଖର୍ଚ୍ଚ ବଢ଼ିଥିବା ବେଳେ ନଭେମ୍ବରରେ ସେହି ଉତ୍ସାହ କମିଯିବାରୁ ସଂଗ୍ରହରେ ହ୍ରାସ ଦେଖାଯାଇଛି। ଏଥର




ସେଣ୍ଟ୍ରାଲ ଜିଏସ୍‌ଟି ୩୪,୮୪୩ କୋଟି, ରାଜ୍ୟ ଜିଏସ୍‌ଟି ୪୨,୫୨୨ କୋଟି ଏବଂ ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି ୪୬,୯୩୪ କୋଟି ଟଙ୍କା ରହିଛି। ଆମଦାନୀ ଉପରେ ଜିଏସ୍‌ଟି ୧୦.୨ ପ୍ରତିଶତ ବଢ଼ି ୪୫,୯୭୬ କୋଟି ଟଙ୍କା ହୋଇଥିବା ବେଳେ ରିଫଣ୍ଡ ପରେ ଘରୋଇ କାରବାରରୁ ନେଟ୍ ସଂଗ୍ରହ ୧.୫ ପ୍ରତିଶତ ହ୍ରାସ ପାଇଁ

### ଅକ୍ଟୋବର ତୁଳନାରେ ବଡ଼ ହ୍ରାସ

୧,୧୫,୫୫୮ କୋଟି ଟଙ୍କା ରହିଛି। ତଥାପି ଆମଦାନୀ-ରପ୍ତାନିକୁ ମିଶାଇ ନେଟ୍ ସଂଗ୍ରହ ୧୧.୬% ବଢ଼ି ୩୬,୫୨୧ କୋଟି ଟଙ୍କା ହୋଇଛି। ୨୦୨୫ ଏପ୍ରିଲରୁ ନଭେମ୍ବର ପର୍ଯ୍ୟନ୍ତ ମୋଟ ନେଟ୍ ଜିଏସ୍‌ଟି ସଂଗ୍ରହ ୭.୩% ବଢ଼ି ୧୨.୭୯ ଲକ୍ଷ କୋଟି ଟଙ୍କା ହୋଇସାରିଛି। ମାତ୍ର କମ୍ପେନସେଶନ ସେସ୍‌ରେ ବଡ଼ ଧରଣର ପତନ ଦେଖାଯାଇଛି। ଘରୋଇ ସେସ୍ ଗତବର୍ଷର ୧୨,୩୯୮ କୋଟିଠାରୁ ଖସି ମାତ୍ର ୪,୭୩୭ କୋଟି ଟଙ୍କା ରହିଛି ଏବଂ ନେଟ୍ ସେସ୍ ୪,୦୦୬ କୋଟି ଟଙ୍କାକୁ ଖସିଛି। ଏହା ରାଜ୍ୟଗୁଡ଼ିକର କ୍ଷତିପୂରଣ ପାଣ୍ଠି ଉପରେ ଅଧିକ ଚାପ ସୃଷ୍ଟି କରୁଛି। ରାଜ୍ୟଭିତ୍ତିକ ପ୍ରଦର୍ଶନରେ କେରଳ ସର୍ବାଧିକ ୭% ଏସ୍‌ଜିଏସ୍‌ଟି ବୃଦ୍ଧି ସହ ପ୍ରଥମ ସ୍ଥାନରେ ରହିଛି। ମହାରାଷ୍ଟ୍ର ୩ ପ୍ରତିଶତ ଏବଂ ବିହାର ୧ ପ୍ରତିଶତ ବୃଦ୍ଧି ସହ ପଛରେ ରହିଛନ୍ତି। ଅର୍ଥନୀତିବିତ୍‌ମାନେ ମତ ଦେଇଛନ୍ତି ଯେ ପର୍ବପର୍ବାଣି ପରେ ଖର୍ଚ୍ଚ ହ୍ରାସ ଏବଂ କିଛି ସାମଗ୍ରୀରେ ଜିଏସ୍‌ଟି ହାର କମାଇବା ଯୋଗୁ ନଭେମ୍ବରରେ ଏହି ପତନ ହୋଇଛି, ତଥାପି ବାର୍ଷିକ ହିସାବରେ ସଂଗ୍ରହ ସ୍ଥିର ରହିଛି।

## ଜାନୁଆରୀରେ ଭାରତ ପହଞ୍ଚିବ ୪୦ ଲକ୍ଷ ବ୍ୟାରେଲ ତେଲ

ଭୁବନେଶ୍ୱର,୧।୧୨

ରୁଷିଆର ତେଲ କମ୍ପାନୀ ରୋସନେଫ୍ଟ ଓ ଲୁକଅଏଲ ଉପରେ ଆମେରିକାର ଲଗାଇଥିବା ପ୍ରତିବନ୍ଧକ ଯୋଗୁଁ ଭାରତର ଡିସ୍କାଉଣ୍ଟରେ ରୁଷିଆ ତେଲ ଆମଦାନି ବାଧାପ୍ରାପ୍ତ ହୋଇଛି। ଭାରତ ଏବେ ଦକ୍ଷିଣ ଆମେରିକାର ଦୂରବର୍ତ୍ତୀ ଦେଶ ଗୁଇଆନାରୁ କ୍ରୁଡ ଅଏଲ ଆଣିବା ଆରମ୍ଭ କରିଛି। ବ୍ଲୁମ୍ବର୍ଗର ଶିପ-ଟ୍ରାକିଙ୍ଗ ଡାଟା ଅନୁଯାୟୀ, ନଭେମ୍ବର ଶେଷରେ ୨ ବଡ଼ ଟ୍ୟାଙ୍କର 'କୋବାଲ୍ଟ ନୋଭା' ଓ 'ଓଲିମ୍ପିକ ଲାଇନ' ଗୁଇଆନାରୁ ୟୁନିଟି ଓ ଲିଜା ଗ୍ରେଡର ପ୍ରାୟ ୪୦ ଲକ୍ଷ ବ୍ୟାରେଲ ତେଲ ନେଇ ଭାରତ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଟ୍ୟାଙ୍କରଗୁଡ଼ିକ ୧୭,୭୦୦ କିଲୋମିଟର ଦୂର ଅତିକ୍ରମ କରି ଜାନୁଆରିରେ ପାରାଦୀପ ଓ ମୁମ୍ବାଇ/ବିଶାଖାପାଟଣା ପହଞ୍ଚିବେ।

## ସିଜିୟୁରେ ଏଚ୍ଆର୍ କନ୍‌କ୍ଲେଭ୍ 'ବିମର୍ଶ'



ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ) ଏଚ୍ଆର୍ କନ୍‌କ୍ଲେଭ୍ ୨୦୨୫- ବିମର୍ଶ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଜେଏସ୍‌ଏଲ୍(ଅନୁଗୋଳ)ର ସଭାପତି ଏବଂ ସିଏଚ୍ଆର୍‌ଓ ଦିଲୀପ ସିହ୍ନା, ଫାଲ୍‌କନ୍ ମେରାଇନ୍ ଏକ୍ସପୋର୍ଟସ ଲିମିଟେଡ୍ ଗ୍ରୁପ୍ ହେଡ୍ (ଏଚ୍ଆର୍) ଅନିଲ ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ଡିଜିଟାଲ ରୂପାନ୍ତରଣ ଦ୍ୱାରା ଭବିଷ୍ୟତରେ କର୍ମକ୍ଷେତ୍ର କିପରି ଭାବେ ପରିଚାଳିତ ହେବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଅନିଲ ପ୍ରସାଦ ମହାନ୍ତି ସମାନ ଓ ଅନ୍ତର୍ଭୁକ୍ତ ସାଂଗଠନିକ ସଂସ୍କୃତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବଂଶୀଧର ମାଝୀ, ପ୍ରୋ ଭାଇସ୍ ଚାନ୍ସେଲର ପ୍ରଫେସର ଡ. ଜି. ଶ୍ରୀଦେବୀ ଉପଦେଷ୍ଟା ଅମୂଲ୍ୟ ମହାପାତ୍ର ଓ ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ଡ. ସଞ୍ଜିତା ଲେଙ୍କା କାର୍ଯ୍ୟ ଜଗତରେ ଦ୍ରୁତ ପରିବର୍ତ୍ତନ ପାଇଁ ଶିକ୍ଷା-ଶିଳ୍ପ ସଂଯୋଗକୁ ସୁଦୃଢ଼କରି କିପରି ଛାତ୍ରୀଛାତ୍ରମାନଙ୍କୁ ପ୍ରସ୍ତୁତ କରାଯିବ ସେ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ମ୍ୟାନେଜମେଣ୍ଟ ବିଭାଗର ଡ. ସସ୍ମିତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ହରମନପ୍ରୀତ କୌର ପିଏନ୍‌ବିର ପ୍ରଥମ ମହିଳା ବ୍ରାଣ୍ଡ ଆମ୍ବାସାଡର



ଭୁବନେଶ୍ୱର,୧।୧୨

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କୁ ନିଜର ପ୍ରଥମ ମହିଳା ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ସୋମବାର ନୂଆଦିଲ୍ଲୀସ୍ଥିତ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହରମନପ୍ରୀତ ସହ କେନ୍ଦ୍ର ଆର୍ଥିକ ସଚିବ ଏମ୍. ନାଗରାଜୁ ଓ ପିଏନ୍‌ବି ଏମ୍‌ଡି ଅଶୋକ ଚନ୍ଦ୍ର ବ୍ୟାଙ୍କର ୪ଟି ନୂଆ ଉତ୍ପାଦ 'ପିଏନ୍‌ବି ରୁପେ ମେଟାଲ କ୍ରେଡିଟ୍ କାର୍ଡ 'ଲକ୍ସୁରା', 'ପିଏନ୍‌ବିୱାନ୍ ୨.୦', 'ଡିଜି ସୂର୍ଯ୍ୟଘର' ଏବଂ 'ପିଏନ୍‌ବି ଅନ୍ ଦ ଆଇଆଇବିଏକ୍ସ ପୋର୍ଟାଲ'ର ଉନ୍ମୋଚନ କରିଛନ୍ତି। ହରମନପ୍ରୀତ ନିଜେ ୧୮ ବର୍ଷ ବୟସରୁ ପିଏନ୍‌ବି ଗ୍ରାହକ ଥିବା କହି ଲକ୍ସୁରା କାର୍ଡର ପ୍ରଥମ ଗ୍ରାହକ ହୋଇଥିବା କହିଛନ୍ତି। ଏହି ଐତିହାସିକ ଘୋଷଣା ପିଏନ୍‌ବିର ମହିଳା ସଶକ୍ତୀକରଣ ଓ ଡିଜିଟାଲ ନବୀକରଣ ପ୍ରତି ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି।

## ୧୬ ମାସରେ ନିଯୁକ୍ତି ପାଇଛନ୍ତି ୨୫୨୮

ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)

ରାଜ୍ୟରେ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ୧୬ ମାସ ମଧ୍ୟରେ ୩୩ଟି ନୂଆ କମ୍ପାନୀ ଓଡ଼ିଶାରେ ନିଜର ୟୁନିଟ୍ ସ୍ଥାପନ କରିଛନ୍ତି। ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ବର୍ତ୍ତମାନ ରାଜ୍ୟରେ ଅନ୍ୟୁନ ୩୫୦ରୁ ଅଧିକ କମ୍ପାନୀ ସେମାନଙ୍କର କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି ଏବଂ ୩୫ ହଜାରରୁ ଅଧିକ ଯୁବତୀଯୁବକ ସେହି କମ୍ପାନୀରେ

### ରାଜ୍ୟରେ ନୂଆ ୩୩ କମ୍ପାନୀର ୟୁନିଟ୍

କାର୍ଯ୍ୟରତ ଅଛନ୍ତି। ବିଧାନସଭାରେ ରାମଚନ୍ଦ୍ର କାଡାମ ୧୬ ମାସରେ କାର୍ଯ୍ୟକାରୀ ହୋଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ କେତେଜଣ ଓଡ଼ିଆ ଯୁବତୀଯୁବକ ନିଯୁକ୍ତି ପାଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏହି ତଥ୍ୟ ରଖିଛନ୍ତି। ୧୬ ମାସରେ ନିଯୁକ୍ତି ପାଇଥିବା ମୋଟ ୨୫୨୮ କର୍ମଚାରୀଙ୍କ ମଧ୍ୟରୁ ୧୭୩୦ ଜଣ ଯୁବକ ଥିବାବେଳେ ୭୯୮ ଜଣ ଯୁବତୀ ଅଛନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ କେତେଜଣ ଓଡ଼ିଆ ଯୁବତୀଯୁବକ ଅଛନ୍ତି ସେନେଇ ତଥ୍ୟ ମିଳିପାରି ନାହିଁ।

## ଫ୍ୟାଶନ ଫ୍ୟାକ୍ଟ୍ରିରେ ଫ୍ରି ଶପିଂ ଉଇକ୍

ଭୁବନେଶ୍ୱର,୧।୧୨




ରିଲାଏନ୍ସ ରିଟେଲର ପ୍ୟାନ୍-ଇଣ୍ଡିଆ ଡିସ୍କାଉଣ୍ଟ ଫ୍ୟାଶନ ଷ୍ଟୋର ଫ୍ୟାଶନ ଫ୍ୟାକ୍ଟ୍ରି 'ଫ୍ରି ଶପିଂ ଉଇକ' ଅଫର ଘୋଷଣା କରିଛି। ଏହି ଅଫର ଅନୁଯାୟୀ ଗ୍ରାହକମାନେ ମାତ୍ର ୨୦୦୦ ଟଙ୍କା ଦେଇ ୫୦୦୦ ଟଙ୍କା (ଏମ୍ଆର୍‌ପିର)ର ପୋଷାକ ନେଇପାରିବେ ଏବଂ ସେହି ୨୦୦୦ ଟଙ୍କା ମଧ୍ୟ ସମ୍ପୂର୍ଣ୍ଣ ଫେରିପାଇଯିବେ। ଅର୍ଥାତ୍ ଶୂନ୍ୟ ଖର୍ଚ୍ଚରେ ବ୍ରାଣ୍ଡେଡ୍ ପୋଷାକ ଘରକୁ ଆଣିପାରିବେ। ଏହି ସୀମିତ ସମୟର ଅଫର ଡିସେମ୍ବର ୩ରୁ ୭ ପର୍ଯ୍ୟନ୍ତ ଚାଲିବ। ଗ୍ରାହକମାନେ ୫୦୦୦ ଟଙ୍କାର ପୋଷାକ ବିଲ୍ କରି ମାତ୍ର ୨୦୦୦ ଟଙ୍କା ଦେବେ। ଅବଶିଷ୍ଟ ୨୦୦୦ ଟଙ୍କା ପାଇବା ପାଇଁ ୨ଟି ବିଶେଷ ଉପହାର ପାଇପାରିବେ। ୧୦୦୦ ଟଙ୍କାର ନିଶ୍ଚିତ ମାଗଣା ଉପହାର ସହ ୧୦୦୦ଟଙ୍କାର ଗିଫ୍ଟ ଭାଉଚର ମିଳିବ। ଏହି ଅଫର ମୁଖ୍ୟତଃ ବଜେଟ-ସଚେତନ ପରିବାର, ଯୁବପିଢ଼ି ଏବଂ ଫ୍ୟାଶନପ୍ରେମୀଙ୍କ ଉଦ୍ଦେଶ୍ୟରେ ଘୋଷଣା କରାଯାଇଛି। ଫ୍ୟାଶନ ଫ୍ୟାକ୍ଟ୍ରିରେ ବର୍ଷ ସାରା ୨୦%ରୁ ୭୦% ପର୍ଯ୍ୟନ୍ତ ରିହାତି ରହୁଛି। ଅଫର ଦେଶର ସବୁ ଫ୍ୟାଶନ ଫ୍ୟାକ୍ଟ୍ରିଷ୍ଟୋରରେ ଉପଲବ୍ଧ।

## ଓଡ଼ିଶାରେ ମୋବାଇଲ ଗ୍ରାହକ ସଂଖ୍ୟା ୩.୫୯ କୋଟିକୁ ବୃଦ୍ଧି

ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)

### ଜିଓର ସର୍ବାଧିକ ୧.୬୯ କୋଟି ଗ୍ରାହକ

**ଟ୍ରାଇ ତଥ୍ୟ**

ଅକ୍ଟୋବରରେ ଓଡ଼ିଶାରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୧.୫୯ ଲକ୍ଷ ବୃଦ୍ଧି ସହ ଅକ୍ଟୋବର ୩୧ ସୁଦ୍ଧା ୩.୫୯ କୋଟି ଅତିକ୍ରମ କରିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟରେ ଏହା ପ୍ରକାଶ କରାଯାଇଛି। ଏହା ମଧ୍ୟରେ ରିଲାଏନ୍ସ ଜିଓ ୨୦୨୫ ଅକ୍ଟୋବର ମାସରେ ଓଡ଼ିଶାରେ ସର୍ବାଧିକ ୧.୬୭ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଏବଂ ୨୭,୦୦୦ରୁ ଅଧିକ ନୂତନ ହୋମ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ଯୋଡ଼ିଛି। ଅକ୍ଟୋବରରେ ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ୧.୬୭ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଥିବାବେଳେ ଉଭୟ ଏୟାରଟେଲ ଏବଂ ବିଏସ୍‌ଏନ୍‌ଏଲ୍ ସେହି ସମାନ ସମୟରେ ରାଜ୍ୟରେ ହଜାର ହଜାର ମୋବାଇଲ ଗ୍ରାହକ ହରାଇଛନ୍ତି। ଜିଓ ୩୧ ଅକ୍ଟୋବର ୨୦୨୫ ସୁଦ୍ଧା ଓଡ଼ିଶାରେ ୧.୬୯ କୋଟିରୁ ଅଧିକ ମୋବାଇଲ ଗ୍ରାହକ ଏବଂ ୪୭ ପ୍ରତିଶତରୁ ଅଧିକ ମୋବାଇଲ ଗ୍ରାହକ ବଜାର ଅଂଶ ହାସଲ କରିଛି। ଜିଓର ସେବା ପ୍ରତି ଗ୍ରାହକଙ୍କ ଅତୁଳନୀୟ ବିଶ୍ୱାସ ଏବଂ ରାଜ୍ୟବ୍ୟାପୀ ଏହାର ଅତ୍ୟାଧୁନିକ ୪ଜି ଓ ୫ଜି ନେଟ୍‌ୱାର୍କ ପ୍ରଯୁକ୍ତିର ଶ୍ରେଷ୍ଠତା ଦ୍ୱାରା ଏହି ମାଇଲଖୁଣ୍ଟ ସମ୍ଭବ ହୋଇଛି। ଅତି ସୁଲଭ ଜିଓ ଭାରତ ୪ଜି ଫୋନ ବଳରେ ବିଶେଷକରି ସାରା ଓଡ଼ିଶାର ଗ୍ରାମୀଣ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ହଜାର ହଜାର ୨ଜି ଗ୍ରାହକ ୪ଜିକୁ ଅପ୍‌ଗ୍ରେଡ୍ କରିବାରେ ସକ୍ଷମ ହୋଇଛନ୍ତି। ସୂଚନା ଥାଉକି, ଜାତୀୟ ସ୍ତରରେ, ରିଲାଏନ୍ସ ଜିଓ ଅକ୍ଟୋବର ୨୦୨୫ରେ ଭାରତର ଟେଲିକମ୍ ଅଭିବୃଦ୍ଧିର ନେତୃତ୍ୱ ନେଇ ଏୟାରଟେଲ ଅପେକ୍ଷା ଦେଢ଼ ଗୁଣ ଅଧିକ ଗ୍ରାହକ ଯୋଡ଼ିବା ସହ ଏହାର ଗ୍ରାହକ ବଜାର ଅଂଶ ୪୧.୪ ପ୍ରତିଶତକୁ ବୃଦ୍ଧି ପାଇଛି।

## ଖେଳ ଖବର

# ଗମ୍ଭୀର, ଅଗରକରଙ୍କୁ ହଠାତ୍ ଡକାଇଲା ବିସିସିଆଇ



ଗୌତମ ଗମ୍ଭୀର ଓ ଅଜିତ ଅଗରକର।

ମୁମ୍ବାଇ,୧।୧୨

ଦକ୍ଷିଣ ଆଫ୍ରିକା ବିପକ୍ଷରେ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ସିଲେକ୍ସନ କମିଟି ମୁଖ୍ୟ ଅଜିତ ଅଗରକରଙ୍କୁ ଏକ ବୈଠକ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଡାକରା ଦିଆଯାଇଛି। ଏହି ବୈଠକରେ ଜରୁରିକାଳୀନ ଭିତ୍ତିରେ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯିବ। ଭାରତୀୟ ଦଳର ଦୁଇ ଭେଟେରାନ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଏହି ବୈଠକ ଡକା ଯାଇଛି। ଦୁଇ ସିନିୟର ଖେଳାଳି ଗତ କିଛି ମ୍ୟାଚ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି।

ଏକ ରିପୋର୍ଟ ମୁତାବକ, ଏହି ଆଲୋଚନାରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ, ଯୁଗ୍ମ ସମ୍ପାଦକ ପ୍ରଭତେଜ ସିଂ ଭାଟିଆଙ୍କ ସହ ଗମ୍ଭୀର ଓ ଅଗରକର ଯୋଗ ଦେବେ। ତେବେ ନୂଆ ବିସିସିଆଇ ସଭାପତି ମିଥୁନ ମନହାସ ଯୋଗ ଦେବେ କି ନାହିଁ, ତାହା ରିପୋର୍ଟରେ ସ୍ପଷ୍ଟ କରାଯାଇ ନାହିଁ। ମ୍ୟାଚ୍ ଦିନ ବୈଠକ ଥିବାରୁ ଏଥିରେ ରୋହିତ ଓ କୋହଲିଙ୍କ ଭଳି ସିନିୟର ଖେଳାଳିଙ୍କର ସାମିଲ ହେବାର ବିଶେଷ ସମ୍ଭାବନା ନାହିଁ। ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଘରୋଇ ଟେଷ୍ଟ ସିଜନ ବେଳେ ଫିଲ୍ଡ ଭିତରେ ଓ ବାହାରେ ଦଳର ଟାକ୍ଟିସକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ପରବର୍ତ୍ତୀ ଘରୋଇ ଟେଷ୍ଟ ସିରିଜ୍‌କୁ ୮ ମାସ ଥିବାରୁ ଆମେ ସ୍ପଷ୍ଟ ଯୋଜନା ସହ ଆଗକୁ ବଢ଼ିବାକୁ ଚାହୁଁ। ଆସନ୍ତା ବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳ ତା'ର ଟାଇଟଲ ଡିଫେଣ୍ଡ କରିବା ଲାଗି ଫେଭରାଇଟ୍ ଓ ୨୦୨୭ ବିଶ୍ୱକପ୍ ହାତେଇବା ଲାଗି ପ୍ରବଳ ଦାବିଦାର ଥିବାରୁ ଆମେ ଯଥା ଶୀଘ୍ର ଏ ସମସ୍ୟାର ସମାଧାନ କରିବାକୁ ଚାହୁଁ।



ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ସ୍କୁଲ ଗେମ୍ସ ସନ୍ତରଣର ବାଳକ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶାର ସୌରଭ ପୁଟେଲ।

## ଭାରତ ଆଜି ସୁଇଜରଲାଣ୍ଡକୁ ଭେଟିବ

ମଦୁରାଇ, ୧।୧୨ (ପି.ଟି.)

### ଏଫ୍ଆଇଏଚ୍ ଜୁନିୟର ହକି

ଚଳିତ ଏଫ୍ଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ପ୍ରତିଯୋଗିତାର ନକ୍ଆଉଟ ପର୍ଯ୍ୟାୟ ପୂର୍ବରୁ ପୁଲ୍ 'ବି'ରେ ଭାରତ ଓ ସୁଇଜରଲାଣ୍ଡ ମଙ୍ଗଳବାର ସେମାନଙ୍କ ଅନ୍ତିମ ଲିଗ୍ ମ୍ୟାଚରେ ପରସ୍ପରକୁ ଭେଟିବେ। ଉଭୟ ଭାରତ ଓ ସୁଇଜରଲାଣ୍ଡ ସେମାନଙ୍କ ଗ୍ରୁପ୍‌ରେ ଅପରାଜେୟ ରହିଛନ୍ତି। ଦୁଇଦଳ ଏପର୍ଯ୍ୟନ୍ତ ସୁଦ୍ଧା ଦୁଇଟି ଗେମ୍‌ରେ ବିଜୟ ଲାଭ କରିଛନ୍ତି। ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ଭାରତ ପୁଲ୍ 'ବି' ଟେବୁଲରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଭାରତ ଚେନ୍ନାଇଠାରେ ଖେଳିଥିବା ଏହାର ପ୍ରଥମ ଦୁଇଟି ଗେମ୍‌ରେ ଯଥାକ୍ରମେ ଚିଲିକୁ ୭-୦ ଏବଂ ଓମାନକୁ ୧୭-୦ ଗୋଲ୍‌ରେ ପରାସ୍ତ କରିଛି। ଅନ୍ୟପକ୍ଷରେ ଓମାନ ବିପକ୍ଷରେ ସୁଇଜରଲାଣ୍ଡ ୪-୦ ଗୋଲ୍‌ରେ ବିଜୟୀ ହୋଇଥିବା ବେଳେ ଚିଲିକୁ ସ୍ୱଳ୍ପ ବ୍ୟବଧାନରେ ୩-୨ ଗୋଲ୍‌ରେ ପରାସ୍ତ କରିଛି। ଏହି ଦୃଷ୍ଟିରୁ ମଙ୍ଗଳବାର ସୁଇଜରଲାଣ୍ଡ ବିପକ୍ଷ ମ୍ୟାଚରେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଦଳ ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ମାତ୍ର ନକ୍ଆଉଟ ପର୍ଯ୍ୟାୟ ପୂର୍ବରୁ ଭାରତୀୟ ଦଳ ପାଇଁ କିଛି ଚିନ୍ତା ରହିଛି। ଡିଫେନ୍ସ ବିଭାଗକୁ କ୍ୱଚିତ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଛି। ଗୋଲ୍‌କିପର ଦୀପ୍ ସିଂ ଓ ବିକ୍ରମଜିତ୍ ସିଂଙ୍କୁ ମଧ୍ୟ ଚାପର ସାମ୍ନା ହେବାକୁ ପଡ଼ିନାହିଁ। ପେନାଲ୍‌ଟି କର୍ନରରୁ ଡ୍ରାଗ୍ ଫ୍ଲିକ୍‌କୁ ଗୋଲରେ ପରିଣତ କରିବା ଆଉ ଏକ ସମସ୍ୟା। ଅଧିନାୟକ ରୋହିତ ହେଉଛନ୍ତି ଦଳର ପ୍ରମୁଖ ଡ୍ରାଗ୍‌ଫ୍ଲିକର। ତାଙ୍କୁ ପ୍ରଦର୍ଶନରେ ସୁଧାର ଆଣିବାକୁ ପଡ଼ିବ। ଏହାର ଅର୍ଥ ନୁହେଁ ଯେ, ଭାରତ ପେନାଲ୍ଟି କର୍ନରରୁ ସ୍କୋର କରିନାହିଁ, କିନ୍ତୁ ଅଧିକାଂଶ ଗୋଲ୍ ଇନ୍‌ଡାଇରେକ୍ଟ ଭାରିଏଶନ ଓ ରିବାଉଣ୍ଡରୁ ହୋଇଛି। ଫରୱାର୍ଡ ଲାଇନ୍ ଓ ମିଡ୍ ଫିଲ୍ଡରେ ଚମତ୍କାର ପ୍ରଦର୍ଶନ ଯୋଗୁ ଭାରତ ପ୍ରଥମ ଦୁଇଟି ଗେମ୍ ସହଜରେ ବିଜୟ ଲାଭ କରିଥିଲା। ଦିଲରାଜ ସିଂ ୬ଟି ଗୋଲ୍ ସହ ଟୁର୍ନାମେଣ୍ଟରେ ଯୁଗ୍ମ ଟପ୍ ସ୍କୋରର ହୋଇଛନ୍ତି। ତନ୍ମଧ୍ୟରେ ତାଙ୍କର ଓମାନ ବିପକ୍ଷରେ ହ୍ୟାଟ୍ରିକ୍ ଅନ୍ୟତମ। ମନମିତ୍ ସିଂ, ଅଜିତ ଯାଦବ ଓ ଇଙ୍ଗାଲେମ୍ବା ଲୁୱାଙ୍ଗ ଥେରାଓଜାମ ମଧ୍ୟ ଗୋଲ ସ୍କୋର କରିଛନ୍ତି। ଚେନ୍ନାଇରେ ଅବଶିଷ୍ଟ ମ୍ୟାଚ ଖେଳିବା ଲାଗି ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଭାରତ ମଦୁରାଇରେ ସୁଇଜରଲାଣ୍ଡ ବିପକ୍ଷରେ ଏକମାତ୍ର ଗେମ୍ ଖେଳିବ।

## କିଟ୍ ମହିଳା ହକି ଦଳ ଫାଇନାଲରେ

ଭୁବନେଶ୍ୱର, ୧।୧୨ (ବିଜୟ ରଣା)

### ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ

କିଟ୍ ବିଶ୍ୱବିଦ୍ୟାଳୟର ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ (କେଆଇୟୁଜି)ର ମହିଳା ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଭଲବଲ ଓ ଟେନିସରେ ମଧ୍ୟ ଏହି ବିଶ୍ୱବିଦ୍ୟାଳୟ ଭଲ ପ୍ରଦର୍ଶନ କରିଛି। ମହିଳା ହକିରେ କିଟ୍ ପେନାଲ୍‌ଟି ଶୁଟ୍‌ଆଉଟରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ୩-୨ରେ ବିଜୟ ଲାଭ କରି ଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। କିଟ୍ ବୁଧବାର ଫାଇନାଲ ମ୍ୟାଚରେ ଆଇଟିଏମ୍ ଗ୍ୱାଲିୟରକୁ ଭେଟିବ। ସେହିପରି ମହିଳା ଭଲିବଲ୍‌ରେ କିଟ୍ ୩-୧ (୨୫-୨୧, ୨୫-୧୯, ୨୧-୨୫, ୨୫-୧୯) କୋଟାୟମାସ୍ଥିତ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। କିଟ୍ ଏହାର ପରବର୍ତ୍ତୀ ମ୍ୟାଚ୍ ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟିକୁ ଭେଟିବ। ଅନ୍ୟପକ୍ଷରେ କିଟ୍ ପୁରୁଷ ଟେନିସ ଦଳ ଗୁଜରାଟ ୟୁନିଭର୍ସିଟିକୁ ପରାସ୍ତ କରି ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ସିଙ୍ଗଲ୍ସରେ ଦେବାଶିଷ ସାହୁ ୬-୧, ୬-୨ରେ ସୁରଜ ଡାଲଙ୍କୁ ଏବଂ କବୀର ହଂସ ୬-୦,୬-୨ରେ ବରୁଣ ମେହୁଲ ଧଣ୍ଡହୁଆକିୟାଙ୍କୁ ହରାଇ ଦେଇଛନ୍ତି। ସେହିପରି ପୁରୁଷ ଡବଲ୍ସରେ କବୀର ହଂସ ଓ ଅଂଶୁମାନ ସିଂ ଦେ ୬-୩, ୬-୪ରେ କନିଷ୍କ ଜେଟ୍‌ଲୀ ଓ ମାନବେନ୍ଦ୍ର ରାୱତଙ୍କୁ ୬-୩, ୬-୪ରେ ହରାଇ ଦେଇଛନ୍ତି।




ଫାଇନାଲରେ ପ୍ରବେଶ କରିଥିବା କିଟ୍ ମହିଳା ହକି ଦଳ।

## ଗିଲ୍‌ଙ୍କ ଫିଟ୍‌ନେସ ଆସେସ୍‌ମେଣ୍ଟ ଆରମ୍ଭ

ନୂଆଦିଲ୍ଲୀ,୧।୧୨(ପି.ଟି.)

ଭାରତର ଟେଷ୍ଟ ଅଧିନାୟକ ଶୁବମନ ଗିଲ ସୋମବାର ତାଙ୍କର ବାଧ୍ୟତାମୂଳକ ଫିଟନେସ ଆସେସ୍‌ମେଣ୍ଟ ଲାଗି ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ)ରେ ଯୋଗ ଦେଇଛନ୍ତି। ଏଥିରୁ ସେ ଆସନ୍ତା ୯ ତାରିଖରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଲାଗି ଉପଲବ୍ଧ ହେବେ କି ନାହିଁ, ତାହା ସ୍ପଷ୍ଟ ହେବ। ଗିଲ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ବେକଜନିତ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେବେଠାରୁ ସେ ପଡ଼ିଆରୁ ଦୂରେଇ ରହିଛନ୍ତି। ଆଗାମୀ ଟି୨୦ ସିରିଜ୍ ଲାଗି ଭାରତୀୟ ଦଳରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବାରୁ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ସିଲେକ୍ସନ କମିଟି ଗିଲ୍‌ଙ୍କ ଫିଟ୍‌ନେସ ରିପୋର୍ଟ ଅପେକ୍ଷା ରହିଛି।

"ଆହତ ସମସ୍ୟା କାରଣରୁ ଗିଲ୍ ମ୍ୟାଚ୍‌ରୁ ବାଦ୍ ପଡ଼ିବା ପରେ ତାଙ୍କୁ ଇଞ୍ଜେକ୍ସନ ଦିଆଯିବା ସହ ୨୧ ଦିନ ଲାଗି ବିଶ୍ରାମ ଓ ତାଙ୍କ ବେକର ମାଂସପେଶୀକୁ ସଶକ୍ତ କରିବା ପାଇଁ ନିର୍ଦ୍ଦିଷ୍ଟ କିଛି ଏକ୍ସରସାଇଜ କରିବାକୁ ପରାମର୍ଶ ଦିଆଯାଇଥିଲା। ସ୍କିଲ୍ସ ଟ୍ରେନିଂ ଆରମ୍ଭ କରିବା ପୂର୍ବରୁ ଗିଲଙ୍କୁ ବାଧ୍ୟତାମୂଳକ ଫିଟ୍‌ନେସ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ। ସ୍କିଲ୍ସ ଟ୍ରେନିଂ ବେଳେ ସ୍ପୋର୍ଟ୍ସ ସାଇନ୍ସ ଟିମ୍ ଦ୍ୱାରା ତାଙ୍କ ଗତିବିଧିର ମୂଲ୍ୟାଙ୍କନ ନ କରାଯିବା ପର୍ଯ୍ୟନ୍ତ କିଛି କୁହାଯାଇପାରିବ ନାହିଁ। ବର୍ତ୍ତମାନ ସୁଦ୍ଧା ତାଙ୍କର ଆଗାମୀ ଟି୨୦ ସିରିଜ୍‌ରେ ଖେଳିବାର ସମ୍ଭାବନା ୫୦-୫୦ ରହିଛି" ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।

### ହାର୍ଦ୍ଦିକ ସ୍ମାଟରେ ଖେଳିବେ

ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟି୨୦ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଅନୁମତି ମିଳିଛି। ସେ ଅଢ଼େଇ ମାସର ବ୍ୟବଧାନ ପରେ କ୍ରିକେଟ ପଡ଼ିଆକୁ ଫେରିବାକୁ ଯାଉଛନ୍ତି। ସେ ମଙ୍ଗଳବାର ବରୋଦା ପାଇଁ ପଞ୍ଜାବ ବିପକ୍ଷରେ ସୟଦ ମୁସ୍ତାକ ଅଲୀ (ସ୍ମାଟ) ଟି୨୦ ମ୍ୟାଚ୍ ଖେଳିଥିଲେ। ଏହାପରେ ୪ ତାରିଖରେ ଗୁଜରାଟ ବିପକ୍ଷ ମ୍ୟାଚ୍‌ରେ ଖେଳିବେ। ଉଭୟ ମ୍ୟାଚ୍‌ରେ ହାର୍ଦ୍ଦିକଙ୍କ ଫିଟ୍‌ନେସ ଯାଞ୍ଚ କରିବା ପାଇଁ ଜାତୀୟ ଚୟନକର୍ତ୍ତା ପ୍ରଜ୍ଞାନ ଓଝା ଉପସ୍ଥିତ ରହିବେ।

# ଓଭର ଫ୍ରେଣ୍ଡ୍ଲି

**ଫୁର୍‌ସତ୍ ମିଳିଲେ କିଛି ସମୟ କଥାବାର୍ତ୍ତା କରି ମନକୁ ହାଲୁକା କରିବାକୁ ଇଚ୍ଛା ହୁଏ। ହେଲେ ଏମିତି କେତେଜଣ ଓଭର ଫ୍ରେଣ୍ଡ୍ଲି ଥା'ନ୍ତି ଯେଉଁମାନଙ୍କ ପାଖ ଛାଡ଼ିବା କାଠିକର ପାଠ ହୋଇଯାଏ। ସେପରି ଲୋକଙ୍କ ସହ ମିଶିବା ସମୟରେ ନିଜ ଚାତୁରି ଦେଖାଇବାକୁ ଭୁଲନ୍ତୁ ନାହିଁ...**



ସମସ୍ତଙ୍କ ଜୀବନରେ ବନ୍ଧୁମାନଙ୍କର ଆବଶ୍ୟକତା ରହିଛି। ବନ୍ଧୁଙ୍କ ସହିତ ଦି'ପଦ ସୁଖ ଦୁଃଖ ହେଲେ ଅନେକ ସମସ୍ୟାର ସମାଧାନ ହୋଇଯାଏ। ଅଫିସ ହେଉ ବା ଘର ପାଖ ପଡ଼ୋଶୀଙ୍କ ସହ କିଛି ସମୟ କଥାବାର୍ତ୍ତା ହୋଇଗଲେ ମନ ହାଲୁକା ହୋଇଯାଏ। ହୃଦୟକୁ ଶାନ୍ତି ମିଳିଥାଏ। ହେଲେ ଅତ୍ୟଧିକ ବନ୍ଧୁପଣ ଦେଖାଇ କେତେଜଣ ନିଜ ବିଷୟରେ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ଏତେ ଅଧିକ ଗପନ୍ତି ଯାହା ଶୁଣିବା ପାଇଁ ବୋର୍ ଲାଗେ। ତାଙ୍କ ସହ କିଛି ସମୟ କଥାବାର୍ତ୍ତା ହେବା ପରେ ଆରମ୍ଭ ହୁଏ ମୁଣ୍ଡବିନ୍ଧା। ସେମାନେ ଏତେ ଗପନ୍ତି ଯେ ପାଖ ଛାଡ଼ି ଯିବା ପାଇଁ ବିଭିନ୍ନ ପ୍ରକାରର ବାହାନା ଖୋଜିବାକୁ ପଡ଼େ। ଆଉ ଏମିତି ସ୍ୱଭାବର ଲୋକମାନଙ୍କୁ କୁହାଯାଏ ଓଭର ଫ୍ରେଣ୍ଡ୍ଲି। ବେଳେବେଳେ ଏଭଳି ଲୋକଙ୍କ ସହିତ କଥାବାର୍ତ୍ତା ହେବା ଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ଅଫିସ ହେଉ କି ଘର ସବୁ ସ୍ଥାନରେ ଡିଷ୍ଟର୍ବ ହୋଇଥାଏ। ବେଳେବେଳେ କାମ ଭୁଲ୍‌ଭାଲ୍ ହୋଇଯାଏ। ତେଣୁ ସେମାନଙ୍କ ସହିତ କିଭଳି ମିଶିବେ ତାହା ଏକ ସମସ୍ୟା ଭଳି ହୋଇଥାଏ। ହେଲେ ବିଭିନ୍ନ କୌଶଳ ଆପଣାଇ ଏଭଳି ଲୋକଙ୍କ ସହିତ ଏକ ନିର୍ଦ୍ଦିଷ୍ଟ ଦୂରତା ରକ୍ଷା କରିହେବ।

**ସ୍ପଷ୍ଟ କୁହନ୍ତୁ:** ଓଭର ଫ୍ରେଣ୍ଡ୍ଲି କି ଏଭଳି କଥାବାର୍ତ୍ତା କରି ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରିବା ଠିକ୍ ନୁହେଁ। ଏମିତି ସ୍ପଷ୍ଟଭାବେ କହି ବିରୋଧ କରିବା ଦ୍ୱାରା ଯଦି ସେ ଆପଣଙ୍କ କଥାକୁ ଖରାପ ଭାବନ୍ତି ତେବେ ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ କି ଅଧିକ ଚିନ୍ତା କରନ୍ତୁ ନାହିଁ।

**ବ୍ୟସ୍ତ ଦେଖାନ୍ତୁ:** ଓଭର ଫ୍ରେଣ୍ଡ୍ଲି ବ୍ୟକ୍ତିଙ୍କ ସାମ୍ନାରେ ଆପଣ ଯଦି ସ୍ପଷ୍ଟଭାବେ କିଛି କହି ପାରୁନାହାନ୍ତି ତେବେ ଅନ୍ୟ ଉପାୟରେ ମଧ୍ୟ ଓଭର ଫ୍ରେଣ୍ଡ୍ଲି ବ୍ୟକ୍ତିଙ୍କ ପାଖ ଛଡ଼ାଇ ପାରିବେ। କଥାବାର୍ତ୍ତା ସମୟରେ ଯଦି ତାଙ୍କୁ କିଛି କହିପାରୁନାହାନ୍ତି ତେବେ ନିଜକୁ ଅଧିକ ବ୍ୟସ୍ତ ଥିବାର ଦେଖେଇ ହୁଅନ୍ତୁ। ଏହାପରେ କିଛି ନା କିଛି କାମର ବାହାନା କରି ତାଙ୍କ ପାଖରୁ ଚାଲି ଆସନ୍ତୁ। ବାରମ୍ବାର ଏପରି ବ୍ୟବହାର କରିବା ଫଳରେ ସେ ଆପେ ଆପେ ବୁଝିଯିବେ କି ଆପଣ ତାଙ୍କ ସହିତ ବେଶି ସମୟ କଥାବାର୍ତ୍ତା ହେବାକୁ ଚାହୁଁନାହାନ୍ତି।

**ସବୁ କଥାର ଉତ୍ତର ଦିଅନ୍ତୁ ନାହିଁ:** କଥାର କିଛି ଉତ୍ତର ମିଳିଲେ ହିଁ ଜଣେ ଅନ୍ୟଜଣଙ୍କ ସହିତ କଥା ହୋଇଥାନ୍ତି। ନଚେତ୍ କଥାବାର୍ତ୍ତାର ମଜା ଆସେନି। ତେଣୁ ଓଭର ଫ୍ରେଣ୍ଡ୍ଲି ଲୋକଙ୍କ ସହିତ କଥାବାର୍ତ୍ତା ହେବା ସମୟରେ ଆପଣ ଖୁବ୍ କମ୍ କଥାର ଉତ୍ତର ଦିଅନ୍ତୁ। ସବୁ କଥାର ଉତ୍ତର ଦିଅନ୍ତୁ ନାହିଁ। ଫଳରେ ଓଭର ଫ୍ରେଣ୍ଡ୍ଲି ବନ୍ଧୁଜଣକ ତାଙ୍କ କଥା କହିବାର ମଜା ପାଇପାରିବେ ନାହିଁ। ନିଜଆଡ଼ୁ ଅଧିକ ଗପିବାର ଚେଷ୍ଟା କରି ବିଫଳ ହେବେ ଓ ସେହି ସ୍ଥାନରୁ ଚାଲିଯିବେ।

**କମ୍ କଥା କୁହନ୍ତୁ:** ଏଭଳି ବ୍ୟକ୍ତିମାନଙ୍କ ସହିତ ବେଶି କଥାବାର୍ତ୍ତା କରନ୍ତୁ ନାହିଁ। କେବଳ ତାଙ୍କ କଥା ଶୁଣି ସେହି ଅନୁସାରେ ନିହାତି ଆବଶ୍ୟକ ହେଲେ କିଛି କୁହନ୍ତୁ। ବେଳେବେଳେ ଏଭଳି ବ୍ୟକ୍ତିମାନେ ଅଧିକ କଥା କହି ଆପଣଙ୍କଠାରୁ କିଛି ଶୁଣିବା ପାଇଁ ଚାହାନ୍ତି ଓ ପର ମୁହୂର୍ତ୍ତରେ ଆପଣଙ୍କ କଥାକୁ ଅନ୍ୟମାନଙ୍କ ଆଗରେ ଭୁଲ୍ ଉପସ୍ଥାପନା କରି ମଜା ନିଅନ୍ତି। ତେଣୁ କମ୍ କଥା ହେଲେ ତାଙ୍କୁ ସେଭଳି ମଉକା ମିଳିବ ନାହିଁ।





ଲୋକଙ୍କର ପ୍ରକୃତିକୁ ଆପଣ ବଦଳାଇ ପାରିବେ ନାହିଁ। ଏହା ବ୍ୟତୀତ ଆପଣ ମଧ୍ୟ ତାଙ୍କ ସହିତ ସମ୍ପର୍କକୁ ହଠାତ୍ ଭାଙ୍ଗିପାରିବେ ନାହିଁ। ତେଣୁ ସେଭଳି ଲୋକଙ୍କ ସହିତ ମିଶିବାକୁ ହେଲେ ସତର୍କ ରହିବାକୁ ହେବ। କଥାବାର୍ତ୍ତା ହେବା ସମୟରେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରନ୍ତୁ। କିଛି ସମୟ କଥାବାର୍ତ୍ତା ହେବା ପରେ ଯଦି ସେ ଆପଣଙ୍କ ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରି କିଛି ଅଧିକ କହିବାକୁ ଚେଷ୍ଟା କରନ୍ତି ତେବେ ତାଙ୍କୁ ସଙ୍ଗେ ସଙ୍ଗେ ବିରୋଧ କରନ୍ତୁ। ସ୍ପଷ୍ଟଭାବେ ନମ୍ରତାର ସହ ଜଣାଇ ଦିଅନ୍ତୁ





## ଏମାନେ କ'ଣ କରନ୍ତି



**ବାହାନା କରି ଚାଲିଆସେ:** ଆମ ଘର ପାଖରେ ଜଣେ ମାଉସୀ ଅଛନ୍ତି ଯଦି ତାଙ୍କ ସହ ଦେଖା ହୋଇଯାଏ ସେ ଏତେ ଗପନ୍ତି ଯେ ସେଠୁ ଆସିବା ପାଇଁ ମତେ ବାହାନା ଖୋଜିବାକୁ ପଡ଼େ। ମତେ ତ ଆଶ୍ଚର୍ଯ୍ୟ ଲାଗେ କି ସେ ଏତେ ପ୍ରସଙ୍ଗରେ ଏତେ ଶୀଘ୍ର ଶୀଘ୍ର କେମିତି ଗପି ପାରୁଛନ୍ତି। ନିଜେ ଗପି ସାରିବା ପରେ ସେ ଆମ ଘର କଥା ଶୁଣିବା ପାଇଁ ବିଭିନ୍ନ ପ୍ରକାରର କଥା ପଚାରନ୍ତି। ହେଲେ ମୁଁ ତାଙ୍କୁ କିଛି କହେନି। ଖାଲି ଖିଆପିଆ କି ଅନ୍ୟ କିଛି କଥା କହି ତାଙ୍କ ପାଖରୁ ଜଲ୍‌ଦି ଚାଲିଆସେ। ମୋର ଫାଙ୍କା ସମୟ ଥିଲେ ତାଙ୍କ ପାଖରେ ଅଧିକ ସମୟ ରହିଯାଏ।

– ***ରାଜଲକ୍ଷ୍ମୀ ପାଣି,*** *ଗୃହିଣୀ, ସମେଇଗାଡ଼ିଆ, ଭୁବନେଶ୍ୱର*



**ଗପିଲେ ଭଲ ଲାଗେ:** ଆମ ଅଫିସରେ ଜଣେ ଅଛନ୍ତି ତାଙ୍କର ଓଭର ଫ୍ରେଣ୍ଡ୍ଲି ଗୁଣ ଅଛି ସତ କିନ୍ତୁ ସେ ବହୁତ ଭଲ। କେବଳ ଅଧିକ ଗପିବା ତାଙ୍କ ଅଭ୍ୟାସ କିନ୍ତୁ କାହାକୁ ଅସୁବିଧାରେ ପକାଇବା ପାଇଁ ସେ କେବେ କିଛି କରନ୍ତି ନାହିଁ। ସେଥିପାଇଁ ତାଙ୍କୁ ଭଲ ଲାଗେ। ତାଙ୍କ ସହ ଗପିଲେ ସେ ବହୁତ ମଜା କରନ୍ତି। ବୋର୍ ନ ହେବା ପାଇଁ ଏଣୁତେଣୁ ଗପି ସମସ୍ତଙ୍କ ମନ ହାଲୁକା କରିଦିଅନ୍ତି। ନିଜ ବିଷୟରେ ସେ ସବୁ କଥା ଖୋଲି କୁହନ୍ତି। ତାଙ୍କ ଆଗରେ କିଛି କଥା କହିଲେ ଅନ୍ୟ ଆଗରେ ସେକଥା କହନ୍ତି ନାହିଁ। ବରଂ କିଛି ସମସ୍ୟା ଥିଲେ ସେ ସାହାଯ୍ୟ କରିବା ପାଇଁ ଆଉ କାହା ସହ କଥା ହେବାକୁ ଆବଶ୍ୟକ ଥିଲେ ତୁରନ୍ତ ସାହାଯ୍ୟ କରନ୍ତି। ସେଥିପାଇଁ ତାଙ୍କୁ ବହୁତ ଭଲ ଲାଗେ।

– ***ସ୍ମରଣୀକା ପଟ୍ଟନାୟକ,*** *କର୍ମଜୀବୀ, କିଟ୍, ଭୁବନେଶ୍ୱର*



**ଭଲ ବନ୍ଧୁ:** ଜଣେ କଲିଗ୍‌ଙ୍କ ସହ ସବୁଦିନ ଚା ପିଇବାକୁ ଯାଏ। ଟିକେ ସମୟ ବାହାରକୁ ଯାଇ ବୁଲି ଆସିଲେ ଫ୍ରେଶ ଲାଗେ ସତ, ହେଲେ ସବୁଦିନ ଯିବାକୁ ସମୟ ମିଳେନି। କିନ୍ତୁ ମୁଁ ନ ଯିବା ପର୍ଯ୍ୟନ୍ତ ସେ ପାଖରେ ରହି ଏତେ ଗପିବେ ଯେ ନ ଯାଇ ରହି ହବନି। ଅବଶ୍ୟ ସେ ତାଙ୍କ କାମ ସାରିବା ପରେ ହିଁ ଯାଆନ୍ତି। ତାଙ୍କର ଅଧିକ ଗପିବା ସ୍ୱଭାବ ପାଇଁ ଅଫିସ୍‌ର ବିଭିନ୍ନ ଖବର ବିଷୟରେ ଜାଣିପାରେ। ସେ କେବେ ଅନ୍ୟମାନଙ୍କ ନାଁରେ ଗପି କାହାର କୌଣସି ପ୍ରକାରର କ୍ଷତି କରନ୍ତିନି, ବରଂ ମଜା କଥା କହି ଖୁବ୍ ହସାନ୍ତି। ଆଉ ଅନେକ ସମୟରେ ସାହାଯ୍ୟ କରିବା ପାଇଁ ବିଭିନ୍ନ କଥା କୁହନ୍ତି। ତେଣୁ ତାଙ୍କୁ ଅଫିସରେ ଜଣେ ଭଲ ବନ୍ଧୁଭାବେ ଗ୍ରହଣ କରିଛି।

– ***ସ୍ୱର୍ଣ୍ଣପ୍ରଭା ପାଢ଼ୀ,*** *କର୍ମଜୀବୀ, ବକ୍ସିବଜାର, କଟକ*

# ଖାଦ୍ୟାଭ୍ୟାସରୁ ବୁଝନ୍ତୁ ମାନସିକତା

**ଖାଇବାକୁ ନେଇ ପିଲାମାନେ ଅନେକ ସମୟରେ ବହୁ ସମସ୍ୟା ସୃଷ୍ଟି କରନ୍ତି। ଏମିତିକି ତିଆରି ହୋଇଥିବା ଖାଦ୍ୟ ବଦଳରେ ଅନ୍ୟ ଖାଦ୍ୟ ବରାଦ କରନ୍ତି। ବେଳେବେଳେ ବରାଦ କରିବା ପରେ ବି କେତେକ ଖାଆନ୍ତି ନାହିଁ। ପିଲାମାନେ ଏଭଳି ବାରମ୍ବାର କହୁଥିଲେ କିପରି ବ୍ୟବହାର କରିବେ ଜାଣନ୍ତୁ...**

★ପ୍ରଥମ କଥା ହେଉଛି ପିଲାମାନେ ଭିନ ଭିନ ଖାଦ୍ୟ ପ୍ରତି ଆକୃଷ୍ଟ ହେବା ସେମାନଙ୍କ ମାନସିକ ବିକାଶର ଏକ ଲକ୍ଷଣ। ତେଣୁ ପିଲାଙ୍କର ଏପରି ବ୍ୟବହାରକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରନ୍ତୁ।

★ପିଲାଙ୍କ ମାନସିକତାକୁ ବୁଝି ଖାଇବାକୁ ଦିଅନ୍ତୁ। ଯଦି ସେମାନେ ଖାଦ୍ୟ ଖାଇବାରେ ଆଗ୍ରହ ଦେଖାଉ ନାହାନ୍ତି ତେବେ ଅନ୍ୟ କିଛି ଖାଦ୍ୟର ବିକଳ୍ପ ଦିଅନ୍ତୁ। କିନ୍ତୁ ରାଗନ୍ତୁ ନାହିଁ।

★ପୂର୍ବରୁ ପସନ୍ଦ ଥିବା ଖାଦ୍ୟ ହୁଏତ ଏବେ ପିଲାଙ୍କୁ ଭଲ ଲାଗି ନ ପାରେ। ତେଣୁ କୌଣସି ଖାଦ୍ୟ ପାଇଁ ବାଧ କରନ୍ତୁ ନାହିଁ।

★ଖାଇବା ପାଇଁ ମନା କରୁଥିଲେ ପିଲାଙ୍କୁ ବୁଝାଇ ପୁଣିଥରେ ସେହି ଖାଦ୍ୟ ଦିଅନ୍ତୁ।

★ବେଳେବେଳେ ପିଲାମାନେ



ମାତାପିତାଙ୍କ ଭଳି ଖାଇବାକୁ ପସନ୍ଦ କରନ୍ତି। ତେଣୁ କେବେ କେବେ ଏକାଠି ସମସ୍ତେ ଖାଆନ୍ତୁ।

★ପିଲାଙ୍କୁ ଖାଦ୍ୟ ଦେବାରେ ସମସ୍ୟା ହେଉଛି ବୋଲି ଜଣାନ୍ତୁ ନାହିଁ। ଖାଇବାକୁ ଦେବା ସମୟରେ ପିଲା ଯଦି ଚାହୁଁଛି ତେବେ ସୁବିଧା ଅନୁସାରେ ଖେଳିବାକୁ ଦିଅନ୍ତୁ।

# ଜଏଣ୍ଟ ପେନ୍ ହେଉଥିଲେ...

**ଶୀତଦିନେ ତାପମାତ୍ରା କମ୍ ଥିବାରୁ ଜଏଣ୍ଟ ପେନ୍ ସମସ୍ୟା ଦେଖାଦିଏ। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇଁ କ'ଣ କରିବେ ଜାଣନ୍ତୁ...**



➔ଆଣ୍ଠୁଗଣ୍ଠି ସମସ୍ୟାରୁ ମୁକ୍ତି ପାଇଁ ଶୀତଦିନେ ବିଭିନ୍ନ ଉପାୟ କରିପାରିବେ। ଖାଦ୍ୟପେୟରେ ସାବଧାନତା ସହିତ ଏକ୍ସରସାଇଜ୍ ଓ କିଛି ଘରୋଇ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିପାରିବେ।

➔ଜଏଣ୍ଟ ପେନ୍ ହେଉଥିବା ସମୟରେ ଉଷୁମ ସେକ ଦିଅନ୍ତୁ। ପାଣି ପଟି କିମ୍ବା ହଟ୍ ୱାଟର ବ୍ୟାଗ୍‌ରେ ସେକ ଦିଅନ୍ତୁ।

➔ଦରଜ ହେଉଥିବା ସ୍ଥାନରେ ତେଲ ଲଗାଇ ପ୍ରତିଦିନ ମାଲିସ କରନ୍ତୁ।

➔ପ୍ରତିଦିନ ସକାଳେ ୩୦-୪୦ ମିନିଟ୍ ପର୍ଯ୍ୟନ୍ତ ଯୋଗ, ବ୍ୟାୟାମ କରିବା ସହିତ କିଛି ସମୟ ଚାଲନ୍ତୁ।

➔ସକାଳୁ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସବୁଦିନ ଖରାରେ ବସନ୍ତୁ। କାରଣ ସକାଳ ଖରାରେ ଭିଟାମିନ୍ ଡି ରହିଛି ଯାହା ହାଡ଼ ମଜଭୁତ କରିବାରେ ସହାୟକ ହୋଇଥାଏ।

➔ଓମେଗା-୩ ଓ ଭିଟାମିନ୍ ସି ଥିବା ଖାଦ୍ୟ ଖାଆନ୍ତୁ। ଦିନକୁ ୭ ରୁ ୮ ଗ୍ଲାସ ପାଣି ପିଅନ୍ତୁ। ହଳଦୀ, ଅଦା, ରସୁଣ, ଡାଲଚିନି ଓ ଗୋଲମରିଚ ଭଳି ବିଭିନ୍ନ ଆଣ୍ଟିଇନ୍‌ଫ୍ଲାମେଟୋରି ଖାଦ୍ୟ ଖାଆନ୍ତୁ।

➔ବାସି ଖାଦ୍ୟ ଖାଆନ୍ତୁ ନାହିଁ। ହଠାତ୍ କୌଣସି ଭାରି ଜିନିଷ ଉଠାନ୍ତୁ ନାହିଁ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପେନ୍‌କିଲର ଖାଆନ୍ତୁ ନାହିଁ।

➔ବହୁତ ଲମ୍ବା ସମୟ ଗୋଟିଏ ସ୍ଥାନରେ ବସନ୍ତୁ ନାହିଁ। ରାତିରେ ଠିକ୍ ସମୟ ଭରପୂର ନିଦରେ ଶୁଅନ୍ତୁ।

➔ଏସବୁ କରିବା ପରେ ଯଦି ଦରଜ କମ୍ ହେଉ ନ ଥିବ ତାହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।

## ସୌନ୍ଦର୍ଯ୍ୟ

# ସୁନ୍ଦରତା ବଢ଼ାଇବ ଘିଅ

❖ଘିଅରେ ଭିଟାମିନ୍ ଏ, ଡି, ଇ, କେ ଏବଂ ଓମେଗା-୯ ଫ୍ୟାଟି ଏସିଡ୍ ଅଛି। ତେଣୁ ଏହାର ବ୍ୟବହାର କରି ତ୍ୱଚାର ବିଭିନ୍ନ ସମସ୍ୟା ସହଜରେ ଦୂର କରିହେବ।

❖ଘିଅକୁ ସିଧାସଳଖ କ୍ରିମ୍ ଭଳି ବ୍ୟବହାର କରିହେବ। ରାତିରେ ମୁହଁ ସଫା କରି ଘିଅକୁ ମସାଜ୍ କରିବା ଭଳି ଲଗାନ୍ତୁ। ବଜାରରେ ମିଳୁଥିବା କେମିକାଲ୍‌ଯୁକ୍ତ ମଶ୍ଚରାଇଜର ତୁଳନାରେ ଏହା ଅଧିକ ଫାଇଦା ଦେଇପାରିବ।

❖ଶୀତଦିନେ ଘିଅରେ ପୂରା ଶରୀରର ମସାଜ୍ ମଧ୍ୟ କରିପାରିବେ। ଏଥିପାଇଁ ଘିଅକୁ ଅଳ୍ପ ଉଷୁମ କରି ମାଲିସ କରନ୍ତୁ। ପିଲାମାନଙ୍କ ପାଇଁ ଏହି ଘିଅ ମସାଜ୍ ଅଧିକ ଫଳପ୍ରଦ।

❖ଶୀତଦିନେ ପାଦ ଫାଟିବା ସମସ୍ୟା ଅନେକଙ୍କର ଥାଏ। ତେଣୁ ରାତିରେ ଶୋଇବା ସମୟରେ ପାଦକୁ ଉଷୁମ ପାଣିରେ ସଫାକରି ଘିଅ ଲଗାନ୍ତୁ। କିଛି ଦିନ ପରେ ପାଦ ଅଧିକ କୋମଳ ହୋଇଯିବ।

❖ଆୟୁର୍ବେଦ ଅନୁସାରେ ଘିଅକୁ କେଶମୂଳରେ ମଧ୍ୟ ଲଗାଇ ହେବ। ଏହା କେଶକୁ ପୋଷଣ ଦେବା ସହିତ ଅଧିକ ମୁଲାୟମ କରିଥାଏ।

❖ଘିଅକୁ କେଶ ମୂଳରେ ଭଲଭାବରେ ଲଗାଇ ମସାଜ୍ କରନ୍ତୁ। ଏହା ଖରାପ ହୋଇଥିବା କେଶକୁ ମଧ୍ୟ ପ୍ରାକୃତିକ ଉପାୟରେ ଠିକ୍ କରିଥାଏ।

❖ଘିଅ କେଶ ମୂଳରେ କେରାଟିନ୍ ମଜଭୁତ କରିଥାଏ। ଫଳରେ କେଶ ଛିଣ୍ଡିବା, ଦୋମୁହାଁହେବା ସମସ୍ୟା ମଧ୍ୟ କମିଯାଇଥାଏ। ତେଣୁ ପ୍ରାକୃତିକଭାବେ ଏକ ଚମକ ମଧ୍ୟ ଆସିଥାଏ।

❖ସପ୍ତାହକୁ ଅତିକମ୍‌ରେ ଥରେ ରାତିରେ କେଶ ମୂଳରେ ଘିଅ ଭଲଭାବେ ମସାଜ୍ କରି ସକାଳୁ ସାମ୍ପୁ କରି ଦିଅନ୍ତୁ।



**ଶୀତଦିନେ ତ୍ୱଚାରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଯାଏ। ଏସବୁର ସମାଧାନ ପାଇଁ କ୍ରିମ୍ ଓ ମଶ୍ଚରାଇଜର ଦରକାର ହୋଇଥାଏ। କିନ୍ତୁ ଘରୋଇ ଉପାୟରେ ଦେଶୀ ଘିଅ ମାଧ୍ୟମରେ ଏହି ସମସ୍ୟାର ସମାଧାନ ମିଳିପାରିବ...**

## ରୋଷେଇ ଟିପ୍ସ

★ଦହିର କୌଣସି ତରକାରୀ କରୁଥିଲେ ଯଦି ତାହା ଛିଣ୍ଡିଯାଉଥାଏ ତାହେଲେ ପ୍ରଥମେ ଦହିକୁ ଅଳ୍ପ ଆଞ୍ଚରେ ଗୋଳାନ୍ତୁ। ଫୁଟିବା ପରେ ଲୁଣ ପକାନ୍ତୁ, ତରକାରୀ ସ୍ୱାଦିଷ୍ଟ ଲାଗିବ।

★ଲେମ୍ବୁ ବ୍ୟବହାର ପରେ ଚୋପାକୁ ଫୋପାଡ଼ନ୍ତୁ ନାହିଁ। ବରଂ ଏଥିରେ ଲୁଣ ପକାଇ ଖରାରେ ଶୁଖାଇ ଆଚାର ତିଆରି କରି ଖାଇପାରିବେ।

★ରୋଷେଇ ଘର ସ୍ଲାବ ସଫା କରିବାବେଳେ ସେଥିରେ କିଛି ଲୁଣ ପକାନ୍ତୁ। ଏହା ଦ୍ୱାରା ପୋକ ଆସିବେ ନାହିଁ ଓ ଘରେ ଏକ ସକାରାତ୍ମକ ବାତାବରଣ ସୃଷ୍ଟି ହେବ।

★ଚୁଡ଼ା ଉପମା ନିମନ୍ତେ ଯଦି ଚୁଡ଼ା ଧୋଇବା ପରେ ଅଧିକ ନରମ ହୋଇ ଯାଉଥାଏ ତାହେଲେ ସେଥିରେ କିଛି ଲେମ୍ବୁ ଚିପୁଡ଼ି ଦିଅନ୍ତୁ। ଖୋଲା ଖୋଲା ରହିବ।

★ବେଳେବେଳେ ରୁଟି ସେକିବା ବେଳକୁ ତାୱାରେ ଲାଗିଯାଏ। ଏହି ସମସ୍ୟା ଦୂର କରିବା ପାଇଁ ତାୱାରେ କିଛି ଲୁଣ ପକାଇ ପୋଛି ଦିଅନ୍ତୁ।

## ସାଗୁ ଖେଚୁଡ଼ି

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ–**

ସାଗୁ- ୧୦୦ ଗ୍ରାମ୍, ଆଳୁ- ୧ଟି, ଟମାଟୋ- ୨ଟି (ବଡ଼), ବାଦାମ- ୫୦ଗ୍ରାମ୍, ଜିରା- ୧ ଚାମଚ, କଞ୍ଚାଲଙ୍କା-୨ଟି, ଭୃସୁଙ୍ଗପତ୍ର- ଅଳ୍ପ, ଗୋଲମରିଚ ଗୁଣ୍ଡ- ୧ ଛୋଟ ଚାମଚ, ଲେମ୍ବୁ ରସ- ୧ ବଡ଼ ଚାମଚ, ଧନିଆପତ୍ର- ଅଳ୍ପ, ହଳଦୀ- ଅଳ୍ପ, ଆବଶ୍ୟକ ଅନୁସାରେ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–**

ପ୍ରଥମେ ସାଗୁକୁ ଧୋଇ ୪-୫ ଘଣ୍ଟା ଭିଜାଇ ରଖନ୍ତୁ। ସାଗୁ ବଢୁରି ଯିବା ପରେ ତାହାକୁ ଛାଣି ରଖନ୍ତୁ। ଆଳୁକୁ ସିଝାଇ ଚୋପା ଛଡ଼ାଇ ଛୋଟ ଛୋଟ ଖଣ୍ଡ କରି ରଖିଦିଅନ୍ତୁ। ଏବେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ କିମ୍ବା ଘିଅ ପକାନ୍ତୁ। ତେଲ ଗରମ ହେଲେ ସେଥିରେ ଜିରା ପକାଇ କଞ୍ଚାଲଙ୍କା ଓ ଭୃସଙ୍ଗପତ୍ର ପକାନ୍ତୁ। ଏହାପରେ ବାଦାମ ମଞ୍ଜି ପକାଇ କିଛି ସମୟ ଭାଜନ୍ତୁ। ଏହାପରେ ସେଥିରେ ସିଝାଆଳୁ ଓ ଟମାଟୋକୁ କାଟି ପକାନ୍ତୁ। ଯଦି ଚାହିଁବେ ଅନ୍ୟ ପରିବା ମଧ୍ୟ ପକାଇପାରିବେ। ତେବେ କିଛି ସମୟ ଗୋଳାଇବା ପରେ ସେଥିରେ ସାଗୁ ଦାନା ପକାନ୍ତୁ। ଏବେ ସୈନ୍ଧବ ଲୁଣ ଓ ଅଳ୍ପ ହଳଦୀ ପକାଇ ଗୋଳାନ୍ତୁ। କିଛି ସମୟ ପରେ ସେଥିରେ ଗୋଲମରିଚ ଗୁଣ୍ଡ ପକାନ୍ତୁ। ପରେ କଡ଼େଇ ତଳକୁ ଓହ୍ଲାଇ ଆଣି ସେଥିରେ ଲେମ୍ବୁ ରସ ଓ ଧନିଆପତ୍ର ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସାଗୁ ଖେଚୁଡ଼ି।



# ବିଶ୍ୱ ପାଇଁ ଆହ୍ୱାନ ପାଲଟିଛି ପ୍ରଦୂଷଣ

## ଆଜି ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ



**ଭୁବନେଶ୍ୱର, ୧।୧୨**

ସମଗ୍ର ବିଶ୍ୱ ପାଇଁ ପ୍ରଦୂଷଣ ଏକ ବଡ଼ ସମସ୍ୟା ପାଲଟିଛି। ଭାରତରେ ମଧ୍ୟ ଏହି ସମସ୍ୟା ଧୀରେ ଧୀରେ ଗମ୍ଭୀର ଆକାର ଧାରଣ କରୁଛି। ଦିଲ୍ଲୀ-ଏନ୍‌ସିଆର୍, ପାଟଣା, ଲକ୍ଷ୍ନୌ, ମୁମ୍ବାଇ ଭଳି ଅନେକ ବଡ଼ ବଡ଼ ସହରରେ ନିଃଶ୍ୱାସ ନେବା ପାଇଁ ସ୍ୱଚ୍ଛ ବାୟୁର ଅଭାବ ଦେଖାଦେଉଛି। ବିକାଶ ନାମରେ ଗଛ କାଟିବା ସହ ଅତ୍ୟଧିକ ଗାଡ଼ିମୋଟର ଚଳାଚଳ, କଳକାରଖାନା ସ୍ଥାପନ, ପ୍ଲାଷ୍ଟିକ୍ ବ୍ୟବହାର ଆଦି ପ୍ରଦୂଷଣକୁ ବଢ଼ାଇବାରେ ଲାଗିଛି। ପ୍ରଦୂଷଣ କାରଣରୁ ଲୋକେ ଆଲର୍ଜି, ଆଖି ପୋଡ଼ିବା, ନିଃଶ୍ୱାସ ନେଇ ନ ପାରିବା, କାଶ, ଗଳା ପୋଡ଼ିବା ଆଦି ସହ ଫୁସ୍‌ଫୁସ୍‌ଜନିତ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ପ୍ରଦୂଷଣକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୨କୁ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ଭାବେ ପାଳନ କରାଯାଉଛି। ୧୯୮୪ରେ ଭୋପାଳର ଗ୍ୟାସ୍ ବିସ୍ଫୋରଣ ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୨ରେ ଏହି ଦିବସ ପାଳନ କରାଯାଇଆସୁଛି। ବାୟୁ, ଜଳ, ମୃତ୍ତିକା, ଧ୍ୱନି ଆଦି ପ୍ରଦୂଷଣର ଖରାପ ପରିଣାମ ସମ୍ପର୍କରେ ଲୋକଙ୍କୁ ଜଣାଇବା ସହିତ ପ୍ରଦୂଷଣରୁ ହେଉଥିବା ବିପଦ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ଏହାକୁ ରୋକିବା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ସୂଚିତ କରିବା ଏହି ଦିବସର ମୂଳ ଲକ୍ଷ୍ୟ।

# ଆଦିତ୍ୟ ପ୍ରସାଦ ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷ ପୁରସ୍କାର'

## ୨୬ତମ ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଯାପିତ

**ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)**

ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କିଟ୍ ଅଡିଟୋରିୟମ୍‌ରେ ଚାଲିଥିବା ୨୬ତମ ଓଡ଼ିଶା ବିଜ୍ଞାନ ଏବଂ ପରିବେଶ କଂଗ୍ରେସ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ 'ନିରନ୍ତର ସବୁଜ ସୀମା' ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଇଏସ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ ଯୋଗଦେଇଥିଲେ। ଅତିଥିମାନେ ୨୦୩୦ ମସିହା ମଧ୍ୟରେ ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗବେଷଣା କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ନିମନ୍ତେ ପଦ୍ମଶ୍ରୀ ପ୍ରଫେସର ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏଥସହ ଗବେଷକମାନଙ୍କୁ ସର୍ବୋତ୍ତମ ନିବନ୍ଧ ଉପସ୍ଥାପନା ପୁରସ୍କାର ପ୍ରଦାନ କରାଯାଇଥିଲଶ। ଡିନ୍ ପ୍ର. ପ୍ରଶାନ୍ତ ରଥ, ସଂଯୋଜକ ପ୍ର. ସନ୍ଦୀପ ନାରାୟଣ କୁଣ୍ଡୁ ଉପସ୍ଥିତ ଥିବାବେଳେ ସହ ସଂଯୋଜକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।





**ଏକତା, କୋରାପୁଟ**

ଲୋକପ୍ରିୟ ଖବରକାଗଜ ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ପାଠକଙ୍କୁ ଆନ୍ତରିକ ଶୁଭକାମନା

ବର୍ତ୍ତମାନର ଆଧୁନିକ ଯୁଗରେ କୋରାପୁଟ ଜିଲ୍ଲାର ଆଦିବାସୀମାନେ ସେମାନଙ୍କର ପୂର୍ବଦିନର କଳା, ସଂସ୍କୃତି ଓ ପରମ୍ପରାକୁ ଭୁଲିଯାଇ ଆଧୁନିକ ଯୁଗର ପରମ୍ପରା ସବୁ ଆପଣେଇ ଆଦିବାସୀ କଳା ଓ ସଂସ୍କୃତିକୁ ଅନ୍ଧକାର ଆଡକୁ ମୁହାଁଉଛି । ଫଳରେ ସେମାନେ ସେମାନଙ୍କର ପାରମ୍ପରିକ ଚାଷ, ପାରମ୍ପରିକ ଖାଦ୍ୟ ଅଭ୍ୟାସ, ପାରମ୍ପରିକ ନାଚଗୀତ, ପାରମ୍ପରିକ ପର୍ବପର୍ବାଣି ଓ ସେମାନଙ୍କର ସ୍ଥାନୀୟ ଶାସନ ବ୍ୟବସ୍ଥା ଲୋପ ପାଇବାକୁ ବସିଲାଣି । ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକତା, କୋରାପୁଟ ଦଶମନ୍ତପୁର ବ୍ଲକର ୫୦ଟି ଗ୍ରାମରେ ମୁକ୍ତ ଆକାଶ ଶିକ୍ଷାକେନ୍ଦ୍ର ମାଧ୍ୟମରେ ଆଦିବାସୀ ଗୋଷ୍ଠୀର ତିନିସ୍ତର ପିଢ଼ିଙ୍କୁ ନେଇ ଯଥା- ବୃଦ୍ଧ ବୃଦ୍ଧା, ଯୁବକ ଯୁବତୀ ଓ ଶିଶୁମାନଙ୍କୁ ଏକତ୍ରିତ କରି ଗ୍ରାମର ଦକ୍ଷ ବ୍ୟକ୍ତିଙ୍କ ଦ୍ୱାରା ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତିକୁ ନୂତନ ପିଢ଼ିଙ୍କୁ ଶିକ୍ଷା ପ୍ରଦାନ କରି ସେମାନଙ୍କର କଳା ଓ ସଂସ୍କୃତି ଅଭ୍ୟାସ କରିବାରେ ପ୍ରୟାସ କରୁଛି ଯଥା ଦେଶୀ ବିହନ ସଂଗ୍ରହ ଓ ବ୍ୟବହାର, ଜୈବିକ ଖତ ପ୍ରସ୍ତୁତି ଓ ବ୍ୟବହାର, ଗୀତ ରଚନା ଓ ଗାଇବା ଅଭ୍ୟାସ, ହଳ ଲଙ୍ଗଳ ପ୍ରସ୍ତୁତି ଓ ମରାମତି, ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ ଓ ବ୍ୟବହାର, ଚେରମୂଳି ଔଷଧ ଚିହ୍ନଟ ଓ ବ୍ୟବହାର, ପୂଜାପାଠର ଅଭ୍ୟାସ ଓ ପାରମ୍ପରିକ ଖାଦ୍ୟ ଅଭ୍ୟାସ ଇତ୍ୟାଦି । ପରମ୍ପରାକୁ ବଜାୟ ରଖିବା ନିମନ୍ତେ ଏକତାର ଏକ ପ୍ରୟାସ ଆଗକୁ ମଧ୍ୟ ଜାରି ରହିବ ।







































ଧରିତ୍ରୀ 52 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨/୨୦୨୫ Bhubaneswar, Tuesday, December 2/ 2025




# ୪୫ ମିନିଟ୍‌ରେ ସରିଗଲା ଟିକେଟ

**ଭାରତ-ଦକ୍ଷିଣ ଆଫ୍ରିକା ଟି୨୦**

କଟକ,୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ୍‌ର ଅନ୍‌ଲାଇନ ଟିକେଟ ବୁକିଂ ଆରମ୍ଭର ମାତ୍ର ୪୫ ମିନିଟ୍‌ରେ ଟିକେଟ ବୁକିଂ ହୋଇଯାଇଛି। ଅନ୍‌ଲାଇନରେ ମାତ୍ର ୨ ହଜାର ଟିକେଟ ଉପଲବ୍ଧ ରହିଥିଲା। ସୋମବାର ଅପରାହ୍ନ ୨ଟାରେ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେଶନରେ ଏହି ଟିକେଟ ଉପଲବ୍ଧ ହୋଇଥିବା ବେଳେ ପ୍ରଥମ କିଛି କ୍ଷଣରେ ଗ୍ୟାଲେରି ଟିକେଟଗୁଡ଼ିକ ବୁକିଂ ଶେଷ ହୋଇଯାଇଥିଲା। ପରେ ଏସି ବକ୍ସ, ସ୍ପେଶିଆଲ ଏନକ୍ଲୋଜର ଭଳି ଦାମୀ ଟିକେଟଗୁଡ଼ିକ ବିଳମ୍ବରେ ସରିଥିଲା। ତେବେ ଗତ ମ୍ୟାଚ୍ ତୁଳନାରେ ଚଳିତଥର ଅନ୍‌ଲାଇନରେ କମ୍ ସଂଖ୍ୟକ ଟିକେଟ ଆଶାୟୀ ଆପ୍ଲିକେଶନ୍ ହିଟ୍ କରିଥିବା ଦେଖିବାକୁ ମିଳିଥିଲା। ଏଥର ମାତ୍ର ୨ ହଜାର ଟିକେଟ ଅନ୍‌ଲାଇନ ପ୍ଲାଟଫର୍ମରେ ଉପଲବ୍ଧ ଥିବାରୁ ଅନେକେ ଟିକେଟ ପାଇବା ଆଶା ଛାଡ଼ି ଦେଇଥିଲେ । ତେବେ ଅନ୍‌ଲାଇନ ଟିକେଟ ବୁକ୍ କରିଥିବା କ୍ରିକେଟପ୍ରେମୀମାନେ ଡିସେମ୍ବର ୮ ଓ ୯ରେ କେମ୍ବ୍ରିଜ ସ୍କୁଲର ସ୍ୱତନ୍ତ୍ର କାଉଣ୍ଟରରୁ ହାର୍ଡକପି ପାଇବେ।

ସୂଚନାନୁଯାୟୀ, ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ବାରବାଟୀରେ ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଛି। ଗତ ୨୦ ଦିନ ହେବ ପିଚ୍ ଏବଂ ଆଉଟ ଫିଲ୍ଡରେ କାମ ଚାଲିଥିବା ବେଳେ ପିଚ୍‌ର ଚୂଡ଼ାନ୍ତ ପ୍ରସ୍ତୁତି ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଅନ୍‌ଲାଇନ ଟିକେଟ ବୁକିଂ ଆରମ୍ଭ ହୋଇଥିଲା। ପରେ ୩ ଓ ୪ ତାରିଖରେ ଓସିଏ ଅନୁବନ୍ଧିତ ୟୁନିଟ୍‌କୁ ଟିକେଟ ବିକ୍ରି କରାଯିବ। ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, କ୍ଲବ, ଜିଲା ସଂଘ ଏବଂ ସଦସ୍ୟଙ୍କ ପାଇଁ ମୋଟ୍ ୧୧ ହଜାର ଟିକେଟ ବିକିବାକୁ ଓସିଏ ସ୍ଥିର କରିଛି। ଅବଶିଷ୍ଟ ୧୦ ହଜାର ଟିକେଟ କାଉଣ୍ଟରକୁ ପଠାଯିବ। ଅଫଲାଇନ୍ ଟିକେଟ ବିକ୍ରି ନିମନ୍ତେ ୫ ଏବଂ ୬ ତାରିଖ ଧାର୍ଯ୍ୟ ହୋଇଛି।

# ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଆରମ୍ଭ



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବ୍ୟାଡ୍‌ମିଣ୍ଟନ ଖେଳି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ୩୭ତମ ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ, ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ୍ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ‘‘୩୭ତମ ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଆୟୋଜନ ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କ୍ରୀଡ଼ାବିତ୍‌ମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସମସ୍ତ ଖେଳାଳି ଟୁର୍ନାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରିବେ ବୋଲି ମୁଁ ଆଶା କରୁଛି। ଜାତୀୟ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ ଓଡ଼ିଶାର ସମସ୍ତ ବ୍ୟାଡ୍‌ମିଣ୍ଟନ ପ୍ରତିଭାଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରେରିତ କରିବ’’ ବୋଲି କ୍ରୀଡ଼ାମନ୍ତ୍ରୀ ଏହି ଅବସରରେ ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୫ ଓ ୧୭ ବର୍ଷରୁ କମ୍ ବର୍ଗରେ ପ୍ରତିଯୋଗିତା ହେଉଛି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ କୋଚ୍ ଗାଙ୍ଗୁଲି ପ୍ରସାଦ, ଚୟନ କମିଟି ସଦସ୍ୟ ସଂଜୀବ ସଚଦେବା, ଇଣ୍ଡିଆନ ପାରା ବ୍ୟାଡ୍‌ମିଣ୍ଟନ କୋଚ ଭି. ମୁରଲୀ କ୍ରିଷ୍ଣା, ଇଣ୍ଡିଆନ ବ୍ୟାଡ୍‌ମିଣ୍ଟନ କୋଚ୍ ଗୋବର୍ଦ୍ଧନ ରେଡ୍ଡୀ, ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆର ଯୁଗ୍ମ ସଚିବ କେ.କେ. ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ୫ ପଦକ ସହ ପ୍ରତ୍ୟାଶାଙ୍କ ପ୍ରତ୍ୟାବର୍ତ୍ତନ

ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)

ରାଜସ୍ଥାନରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୫ ପଦକ ଜିତି ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି ଓଡ଼ିଶାର ସୁଇମିଂ ସେନ୍‌ସେଶନ ପ୍ରତ୍ୟାଶା ରାୟ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପ୍ରତ୍ୟାଶା ସନ୍ତରଣ ଇଭେଣ୍ଟରେ ୩ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହାକୁ ମିଶାଇ ୨୩ ବର୍ଷୀୟ ପ୍ରତ୍ୟାଶା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ନିଜର ପଦକ ସଂଖ୍ୟାକୁ ୧୮ରେ ପହଞ୍ଚାଇଛନ୍ତି। ଏହା ବ୍ୟତୀତ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପଦକର ମଧ୍ୟ ଅଧିକାରିଣୀ ହୋଇ ସାରିଛନ୍ତି ଏହି ତାରକା ସୁଇମର। ଗତବର୍ଷ ଗୁଆହାଟୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରି ୪ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମାତ୍ର ଏହାପରେ ସେ କାନ୍ଧରେ ଯନ୍ତ୍ରଣା ଅନୁଭବ କରିଥିଲେ। ଯଦିଓ ଅସ୍ତ୍ରୋପଚାର ଆବଶ୍ୟକ ପଡ଼ି ନ ଥିଲା ତେବେ ସେ ୨ ମାସ ରିହାବରେ ରହିଥିଲେ। ଏହାଫଳରେ ସେ ତାଙ୍କ ପ୍ରିୟ ଇଭେଣ୍ଟ ବ୍ୟାକ୍‌ଷ୍ଟ୍ରୋକ୍‌ରୁ ଦୂରେଇ ରହିଥିଲେ। ମାତ୍ର ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିବା ସାହସି ପ୍ରତ୍ୟାଶା ରେସିଂ ପ୍ରକ୍ରିୟା ଜାରି ରଖି ଫ୍ରିଷ୍ଟାଇଲ ସନ୍ତରଣ କରିଥିଲେ। ୨୦୦ ଓ ୪୦୦ ମିଟର ଇଭେଣ୍ଟରେ ମଧ୍ୟ ସେ ପ୍ରତିଦ୍ୱନ୍ଦ୍ୱିତା କରିବା ଆରମ୍ଭ କରିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଅନୁଷ୍ଠିତ ଜାତୀୟ ସିନିୟର ସୁଇମିଂ ପ୍ରତିଯୋଗିତା ବେଳକୁ ସେ ସୁସ୍ଥ ହୋଇ ରିଲେରେ ସ୍ୱର୍ଣ୍ଣ ଏବଂ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ଜିତିଥିଲେ। ଜାପାନରେ ହେବାକୁଥିବା ୨୦୨୬ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏହା ପୂର୍ବରୁ ସେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାଗନେଇ ଟାଇମିଂରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରତ୍ୟାଶାଙ୍କ କ୍ୟାରିୟର ଆରମ୍ଭ କୌଣସି ଚଳଚ୍ଚିତ୍ର କାହାଣୀଠାରୁ କମ୍ ନୁହେଁ। ତାଙ୍କ ପିଲାଦିନର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ମା ଚାରୁଶ୍ରୀ ଏବଂ ବାପା ରଜତ ରାୟ ଅନେକ ଡାକ୍ତରଖାନାର ଦ୍ୱାରସ୍ଥ ହୋଇଥିଲେ। ୱାଟର ଥେରାପି ତାଙ୍କ କ୍ଷେତ୍ରରେ କାମ କରିପାରେ ବୋଲି ଚାରୁଶ୍ରୀଙ୍କ ହୃଦ୍‌ବୋଧ ହୋଇଥିଲା। ସେହି ଥେରାପିରୁ ଆଜିର ପ୍ରତ୍ୟାଶା କେବଳ ଓଡ଼ିଶା ନୁହେଁ ଜାତୀୟ ସ୍ତରରେ ସନ୍ତରଣ ରାଣୀ ପାଲଟିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ବାପା ରଜତ ରାୟ ଏବେ ଓଡ଼ିଶା ପୋଲିସରେ ଜଣେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟରତ।



ମା’ ଚାରୁଶ୍ରୀ ଓ ବାପା ରଜତ ରାୟଙ୍କ ସହ ପ୍ରତ୍ୟାଶା ରାୟ। (ଫଟୋ: ବିକାଶ ନାୟକ)

# ଇଣ୍ଡିଆନ ପିକଲ ବଲ୍ ଲିଗ୍ ଆରମ୍ଭ

ନୂଆଦିଲ୍ଲୀ, ୧।୧୨ (ପି.ଟି.): ଇଣ୍ଡିଆନ ପିକଲ ବଲ୍ ଲିଗ୍ ଏଠାରେ ସୋମବାରଠାରୁ ଆରମ୍ଭ ହୋଇଛି। ଏଥିରେ ୬ଟି ଫ୍ରାଞ୍ଚାଇଜ୍ ଭାଗ ନେବେ। ସ୍ଥାନୀୟ ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ ପରିସରରେ ରହିଥିବା କେଡି ଯାଦବ ଇନ୍‌ଡୋର ହଲ୍‌ରେ ଟୁର୍ନାମେଣ୍ଟର ଆକର୍ଷଣୀୟ ଟ୍ରଫି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ଇଭେଣ୍ଟ ଡିସେମ୍ବର ୭ରେ ଶେଷ ହେବ।

# ମହିଳା ହକି ମୁଖ୍ୟ କୋଚ୍ ହରେନ୍ଦ୍ରଙ୍କ ଇସ୍ତଫା



ହରେନ୍ଦ୍ର ସିଂ

ନୂଆଦିଲ୍ଲୀ,୧।୧୨(ପି.ଟି.)

ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପଛରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି। ମିଳିଥିବା ସୂଚନା ମୁତାବକ, ହରେନ୍ଦ୍ର ତାଙ୍କ ଇସ୍ତଫା ପତ୍ର ହକି ଇଣ୍ଡିଆ (ଏଚ୍‌ଆଇ)କୁ ମେଲ କରିଛନ୍ତି। ତାଙ୍କ ପୂର୍ବରୁ ମୁଖ୍ୟ କୋଚ୍ ଦାୟିତ୍ୱରେ ଥିବା ନେଦରଲାଣ୍ଡ୍ସର ଜୋଏର୍ଡ ମାରିଜନେଙ୍କୁ ପୁନଃ ନିଯୁକ୍ତ କରାଯାଇପାରେ। ମାରିଜନେଙ୍କ ମାର୍ଗଦର୍ଶନରେ ଭାରତୀୟ ମହିଳା ହକି ଦଳ ୨୦୨୧ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଥିଲା। ସେ ୨୦୨୧ ଅଗଷ୍ଟରେ ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଥିଲେ। ଅନ୍ୟପକ୍ଷରେ ପୂର୍ବରୁ ଆମେରିକା ପୁରୁଷ ହକି ଦଳର କୋଚ୍ ଭାବେ କାର୍ଯ୍ୟ କରିଥିବା ହରେନ୍ଦ୍ର ୨୦୨୪ ଏପ୍ରିଲରେ ଭାରତୀୟ ଦଳର ମୁଖ୍ୟ କୋଚ୍ କାର୍ଯ୍ୟଭାର ସମ୍ଭାଳିଥିଲେ। ଏଥିପୂର୍ବରୁ ସେ ଭାରତୀୟ ଜୁନିୟର ପୁରୁଷ ଦଳର କୋଚ୍ ଥିଲେ। ତାଙ୍କ କାର୍ଯ୍ୟକାଳରେ ଭାରତୀୟ ଦଳ ୨୦୧୬ରେ ଜୁନିୟର ହକି ବିଶ୍ୱକପ୍ ଜିତିଥିଲା। ଗତ ଏକବର୍ଷ ହେଲା ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ରେ ଭାରତ ୧୬ ମ୍ୟାଚ୍ ଖେଳି ମାତ୍ର ଦୁଇଟି ମ୍ୟାଚ୍ ଜିତିଥିବା ବେଳେ ପରବର୍ତ୍ତୀ ସିଜନ ଲାଗି ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି।

# ଓଡ଼ିଶା ଏଚ୍‌ପିସି ଆଥ୍‌ଲେଟ୍‌ଙ୍କୁ ୨୦ ପଦକ



ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ପଦକ ବିଜୟୀ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଏଚ୍‌ପିସି ଜିମ୍ନାଷ୍ଟ ଓ ଅନ୍ୟମାନେ।

**ଲିସବନ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍**

ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)

ପର୍ତ୍ତୁଗାଲର ଲିସବନରେ ନଭେମ୍ବର ୨୧ ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ-ପରଫର୍ମାନ୍ସ ସେଣ୍ଟର (ଜିଏଚ୍‌ପିସି) ଆଥ୍‌ଲେଟମାନେ ଚମତ୍କାର ପ୍ରଦର୍ଶନ କରି ୨୦ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ସାମିଲ। ଏହି ସଫଳତା ବିଶ୍ୱସ୍ତରୀୟ ତାଲିମ ବ୍ୟବସ୍ଥା, ଭିତ୍ତିଭୂମି ଏବଂ କ୍ରୀଡ଼ାବିତ ବିକାଶ ମଡେଲରେ ରାଜ୍ୟର ନିରନ୍ତର ନିବେଶ ଦ୍ୱାରା ପରିଚାଳିତ ଉଚ୍ଚ-ପ୍ରଦର୍ଶିତ କ୍ରୀଡ଼ା ବିକାଶରେ ଓଡ଼ିଶାର ଅଗ୍ରଣୀ ଭୂମିକାର ଜ୍ୱଳନ୍ତ ପ୍ରମାଣ। ଏହା ଓଡ଼ିଶା-ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସହଭାଗିତାର ସଫଳତାକୁ ମଧ୍ୟ ପ୍ରତିଫଳିତ କରୁଛି।

ସିନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି-ସିନିୟର) ବର୍ଗରେ, ଜଗଦୀଶ ବାରିକ ଅଲ୍-ଆରାଉଣ୍ଡ, ରିଙ୍ଗସ୍ ଏବଂ ଭଲ୍ଟରେ ଚମତ୍କାର ପ୍ରଦର୍ଶନ କରି ୩ଟି ବ୍ରୋଞ୍ଜ ହାସଲ କରିଥିବାବେଳେ ମୃତ୍ୟୁଞ୍ଜୟ ପଟ୍ଟନାୟକ ପାରାଲାଲ୍ ବାର୍‌ସରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୁମିତ ଧଳଙ୍କ ସମେତ ଏହି ତିନି ଜଣ ମିଶି ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସିନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି-ସିନିୟର) ବର୍ଗରେ, ତନୁ ଅନଇଭେନ ବାର୍‌ସରେ ବ୍ରୋଞ୍ଜ ଏବଂ ପ୍ରିୟାଂଶୀ ବଂଶଲ ଭଲ୍ଟରେ ବ୍ରୋଞ୍ଜ ପାଇଛନ୍ତି। ତନୁ, ପ୍ରିୟାଂଶୀ, ଅଦିତି ଟୋଡି, ଅଦିତା ମଣ୍ଡଳ ଏବଂ ରଶ୍ମିତା ଦଳଗତ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତ।

ସେହିପରି ଜୁନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି-ଜୁନିଅର) ବର୍ଗରେ, ଅଂଶୁମାନ ସୁନ୍ଦରା ହାଇ ବାରରେ ସ୍ୱର୍ଣ୍ଣ, ବିରୁ ଚନ୍ଦ୍ର ରାଓ ଭଲ୍ଟସ ଏବଂ ଅଲ୍-ଆରାଉଣ୍ଡ ଜିମ୍ନାଷ୍ଟିକ୍ସରେ ୨ଟି ରୌପ୍ୟ ପଦକ ଜିତିବା ସହିତ ଫ୍ଲୋର, ପୋମେଲ ହର୍ସ ଏବଂ ରିଙ୍ଗ୍ସରେ ୩ଟି କାଂସ୍ୟ ପଦକ ପାଇଛନ୍ତି। ଦେବାଶିଷ ରେଡ୍ଡୀ ପୋମେଲ୍ ହର୍ଷ ଏବଂ ହାଇବାର୍ସରେ ୨ ରୌପ୍ୟ ପଦକ ସହିତ ଭଲ୍ଟ ଏବଂ ଅଲ୍- ଆରାଉଣ୍ଡ ବର୍ଗରେ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦଳଗତ ଇଭେଣ୍ଟରେ ଅଂଶୁମାନ, ଦେବାଶିଷ ଏବଂ ବିରୁ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଜୁନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି -ଜୁନିଅର) ବର୍ଗରେ ପ୍ରୀତି ଝାଙ୍କର ଭଲ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି।



କଲମ୍ବୋରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଚାମ୍ପିୟନ ଭାରତୀୟ ଦଳର ୪ ଓଡ଼ିଶା ଖେଳାଳି ସୋମବାର ପ୍ରତ୍ୟାବର୍ତ୍ତନ କରିବାପରେ ଭୁବନେଶ୍ୱରରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ବିକାଶ ନାୟକ)

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ